ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ମନ୍ମଥନାଥ ଘୋଷ | କାଳୀଚରଣ ଦେ |
| ଉମେଶଚନ୍ଦ୍ର ଘୋଷ | ଲକ୍ଷ୍ମଣ ଅଭୟ ଦାସ |
| ମଥୁରାନାଥ ବସୁ | ଅତୁଲଚନ୍ଦ୍ର ଘୋଷ |
| ସୁରେନ୍ଦ୍ର ନାଥ ନନ୍ଦୀ | ବିଷ୍ଣୁଚରଣ ପାଣ୍ଡେ |
| ନୃପେନ୍ଦ୍ରନାଥ ହାଜରା | ବୈଦ୍ୟନାଥ ବସୁ |
| ଦଶାନନ ଦାସ | ଗୀତରତ୍ନ ପଣ୍ଡା |

ତୃତୀୟ ବିଭାଗ ।

| | |
|---|---|
| ଶରଣାନନ୍ଦ ନନ୍ଦୀ | ହରେନ୍ଦ୍ରନାଥ ବାନାର୍ଜି |
| ପୂର୍ଣ୍ଣଚନ୍ଦ୍ର ଘୋଷ | ଚକ୍ରଧର ଧଳ |
| ପୂର୍ଣ୍ଣଚନ୍ଦ୍ର ମହାନ୍ତି | ବଂଶୀଧର ବଇଲ |
| ଗୌରହରି ମହାନ୍ତି | ସୁରେଶଚନ୍ଦ୍ର ସେନ |
| ଜଗମୋହନ ଦାସ | ସେଖ ଦଲବର ଅଲି |
| ହରିହର ମୁଖର୍ଜି | ଅଶ୍ୱିନୀଚନ୍ଦ୍ର ଦାସ |
| ଦେବେନ୍ଦ୍ରନାଥ ରାୟ | ମନମୋହନ ଦାସ |
| ଅନୁକୂଳ ବାନାର୍ଜି | ଉମେଶଚନ୍ଦ୍ର ଘୋଷ |
| କଳମଣି ମହାନ୍ତି | ସର୍ଯ୍ୟାନାମ ଦାସ |
| ରଘୁନାଥ ମିଶ୍ର | ସଦାନନ୍ଦ ମହାନ୍ତି |
| ଗୁ । ବୈକୁଣ୍ଠ ସାହୁ | ଭୁବନାନନ୍ଦ ମହାନ୍ତି |
| ଶ୍ରୀଚରଣ ହାଜରା | ବଳରାମ ପଟ୍ଟନାୟକ |
| ବିନୋଦବିହାରୀ ମହାନ୍ତି | ଭବାନନ୍ଦ ମହାନ୍ତି |
| ନରେନ୍ଦ୍ର ନାଥ ମୁଖର୍ଜି | ଶ୍ୟାମସୁନ୍ଦର ମିଶ୍ର |

ନିମ୍ନଲିଖିତ ବର୍ଣ୍ଣମ୍ୟୁଲାର ଛାତ୍ରମାନେ ଦଶ ଷ୍ଟାଣ୍ଡାର୍ଡରେ ପାସ୍‌ଲିଖିତ ବିଷୟମାନଙ୍କରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| ବାବୁ ବ୍ରଜକିଶୋର ଦାସ | ଅଙ୍କ |
| ମିଃ ଏ, ଜି, ଟେଲର | ଓଡ଼ିଆ |
| ବାବୁ ଚନ୍ଦ୍ରଭୂଷଣ ମଜୁମଦାର | ଅଙ୍କ |
| ମିଃ ଲର୍ଡ଼ଚର୍ଚ୍ଚ | ଓଡ଼ିଆ |
| ବାବୁ କୃଷ୍ଣଚନ୍ଦ୍ର ଘୋଷ | ଅଙ୍କ |
| ମୌଲବୀ ନଜିବୁଲ ହକ | ହିନ୍ଦୁସ୍ଥାନୀ |
| ମିଃ ଏଇଚ, ଇ, ବେଲ | ଅଙ୍କ |
| ବାବୁ ଉପେନ୍ଦ୍ରଚନ୍ଦ୍ର ବୋଷ | ଏଜନ |
| „ କାର୍ତ୍ତିକଚନ୍ଦ୍ର ରାୟ | ଓଡ଼ିଆ ଓ ହିନ୍ଦୁସ୍ଥାନୀ |
| „ ସଦାନନ୍ଦ ଦାସ | ଅଙ୍କ ଓ ଏଲଜବ୍ରା |
| „ ରମାଚରଣ ଦାସ | ହିନ୍ଦୁସ୍ଥାନୀ |
| „ ଭଗ୍ନମଣି ପଗଡ଼ି | ବଙ୍ଗଳା |

ଗତ ତା ୪ ରଖ ଶେଷହେବା ସପ୍ତାହରେ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଅଛି । କେବଳ ସମ୍ବଲପୁରରେ ଏକଟା ଭଲ ହୋଇଅଛି ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ସବୁ ଦିନ ମେଘ ଓ ଆକାଶ ପ୍ରାୟ ନିର୍ମଳ ଥିଲା । କେବେ କେବେ ମେଘ ବାହାରୁଥିଲେହେଁ ବର୍ଷା ନାମ ମାତ୍ର ହୋଇଥିଲା ।

ଏ ସପ୍ତାହରେ ଏ ନଗରରେ ସାଧାରଣ ସ୍ୱାସ୍ଥ୍ୟ ଭଲ । ଓଲାଉଠାରେ ୬୯ ଜଣ ଆକ୍ରାନ୍ତ ଏବଂ ୫୫ ଜଣର ମୃତ୍ୟୁ ହୋଇଅଛି ।

ଗତ ମଙ୍ଗଳବାର ସନ୍ଧ୍ୟାରେ ଏଠା ବାଲୁବଜାରର ଜଣେ ଲୋକ ଘରେ ଅଗ୍ନି ଲାଗି ୨ ଖଣ୍ଡ ଘର ଜଳି ଯାଇଅଛି ।

ଏଠାର ସେହି ଦେବାଳୟ ପତିତ ମୋକଦ୍ଦମାରେ ବଳଦେବ ବାବୁ ନାରାୟଣ ବେଣୀମାଧବ ଚକ୍ରବର୍ତ୍ତୀ ଓ ଡାକ୍ତର ସର ହେମଚନ୍ଦ୍ର ଘୋଷ ଓକିଲ ମହାଶୟମାନେ ଅଭିଯୁକ୍ତ ପକ୍ଷରେ ତାହାଙ୍କ ସବୁ ଜନ ସାହେବଙ୍କ ଗଡ଼ ସମ୍ବାଦ ପ୍ରକାଶ କରି ଅଭିଯୋଗ ଉଠାଇ ନେଇଅଛନ୍ତି । ମୁନସଫ ସାହେବଙ୍କ ବାବୁ ଉଠିଲେ ଏବଂ ଏଠା ପଣ୍ଡା ଛାଡ଼ିଲେ । ଅଦ୍ୟାବଧି ହାଇକୋର୍ଟରେ ଅପିଲ ହୋଇ ପୁଣି ଅନେକ ଅର୍ଥ ନାଶ ହେବ ।

ଢେଙ୍କାନାଳର ଭଗ୍ନମଣି ପଟ୍ଟନାୟକ ଏଠା ଭଉଥିବା ବଜାରରେ ଜଣେ ବଢ଼ଇ ବାବାଙ୍କର କେତେକ ଜିନିଷ ଚୋରି କରିବା ଅପରାଧରେ ଗତ ବୁଧବାର ତାଃ ମାଃ ବାଃ ଏକ ସପ୍ତାହ ବିଚାରରେ ମାସେ ସଶ୍ରମ କାରାଦଣ୍ଡ ପାଇଅଛି ।

ସାଲେପୁର ଥାନା ଗିରଗଣ ମାର୍କେଟ ପୋଥା ନ ୫ ଲୁଗା ଚୋରି କରିବା ହେତୁ । ଲୁଗା ଚୋରି କରିବା ଅପରାଧରେ ଗତ ସୋମବାର ପଟ୍ଟ ବିଚାରରେ ବ ୪ ଦିନ ସଶ୍ରମ ଦଣ୍ଡ ପାଇଅଛି ।

ବାଙ୍କି ଥାନା ଗଉଡ଼ଗାଁ ଲୋକ ସେଠା ଚୌକିଦାର କଲେକ୍ଟରଙ୍କ ନାମରେ ଦରଖାସ୍ତ କଲେକ୍ଟରଙ୍କ ସାହେବଙ୍କ ନିକଟରେ ଦେଇଅଛନ୍ତି । ଶୁଣାଯାଏ ଏହି ଦରଖାସ୍ତରେ କଣିଷ୍ଠର ଉଲପ ହୋଇଅଛି ଓ ଅନ୍ୟମାନଙ୍କ ବିଷୟରେ ନାଲିସ କରିବାର ହୁକୁମ ହୋଇଅଛି ।

ବର୍ଷା ହେଲେ ଧାନ ଭଲ ଯାଇ ପୁଣି ଅଧିକ ହୋଇଅଛି । ଆଳୁ ବୁଣା କାର୍ଯ୍ୟ ଶେଷ ହୋଇ ଯାଇ ଏଣିକି ବେହୁଣ ହେବ ଅଛି । ଗା ବାଃ

ଭାଲଚେରର ମାନନୀୟ ରାଜମାତା ଗତ ତା ୧୨ ରଖରେ ସମାଚ ଜନ୍ମାଷ୍ଟମୀ ଉପଲକ୍ଷରେ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଶତାଧିକ ଟଙ୍କାର ବହୁ ସାମଗ୍ରୀ ଭୋଗ କରାଇ ହାଜୀମ୍ ଅମଲ, ବ୍ରାହ୍ମଣ ଆଦି କଙ୍ଗାଳ ଓ ଦୀନ ଦରିଦ୍ରମାନଙ୍କୁ ଭୋଜନ ଦେଇ ସନ୍ତୁଷ୍ଟ କରି ଦେଇଥିଲେ । ଗାଃ ବାଃ

ତାଳଚେର ଜଣୋଡ଼ାଳ ମୌଜାର ଜଣେ ପାଠକଙ୍କ ତାହାର କେହି ବନ୍ଧୁ ଗୋଟିଏ ପାଠଶାଳା ପଣସ ଉପରେ ଦେଇଥିଲା । ପାଠକ ଦିନ ପଢ଼ିବାର ଏବଂ ଗ୍ରାମବାସୀ କେତେକ ଲୋକଙ୍କ ତାହା ବାଣ୍ଟି ଦେବାରେ ପ୍ରାୟ ୪୦ ଟଙ୍କା ସେହି ପଣସ ଖାଇ ଘୂଣ ଧନ ଅଜ୍ଞାନ ପଡ଼ି ହେବା ଉପରୁ ଚେତ ପାଇବାର କେବଳ ଡାକ୍ତର । ପରେ ଏଥିର ଅନୁସନ୍ଧାନ କରୁ-ଅଛନ୍ତି । ଗାଃ ବାଃ

ଗତ ବାହୁଡ଼ା ସମୟରେ ତାଳଚେର ଏବଂ ଗୁଣ୍ଡିବା ବାହୁଡ଼ା ସମୟରେ ପାଲଲହଡ଼ାରେ ସ୍ଥାନୀୟ ଦଳମାନେ ନାଟ୍ୟାଭିନୟ ଦେଖାଇଥିଲେ । ଗାଃ ବାଃ

ବହୁତ ଖେମୁଣ୍ଡିରେ ପାଠଶାଳା ଅନ୍ନ ଯଥେଷ୍ଟ ମିଳୁଅଛି । ବର୍ଷା ଯୋଗେ ଧାନ ବୁଣା କାର୍ଯ୍ୟ ପ୍ରାୟ ଶେଷ ହେଉଅଛି । ଗା' ଗୁଃ ଦାଃ

ଗତ ତା ୧୯ ରଖରେ କୁହୁଡ଼ିର ଥାନା ହଲରେ ପାର-ଲାଖେମୁଣ୍ଡି ନିବାସୀ ସ୍ୱର୍ଗୀୟ ଶ୍ୟାମସୁନ୍ଦର ସେନଗୁପ୍ତ ବି, ଏ, ଙ୍କ ଅକାଳ ମୃତ୍ୟୁରେ ଶୋକ ପ୍ରକାଶ କରି ମୃତ ଆତ୍ମାର କଲ୍ୟାଣ କାମନା ନେଇ ଏ ସଭା ହୋଇଥିଲା । ତାହାଙ୍କ ଜାହାଜ୍ଡ଼ାର ଉଙ୍ଗଳ ଗ୍ରାମ ହେବେ ଯେ କେତେ ସନ୍ତପ୍ତ ହୋଇଥିଲେ । ଶୋକ ପ୍ରକାଶ ଉପରୁ ତାହାଙ୍କ ସ୍ମୃତି ନିମନ୍ତେ 'ଉତ୍କଳ ଭବନ' ନିର୍ମାଣ ହେବା ଓ ତହିଁପାଇଁ କେତେହଜାର ଅର୍ଥ ସଂଗ୍ରହ କାରଣ ଗୋଟିଏ କମିଟି ଗଠିତ ହେବାର ପ୍ରସ୍ତାବମାନ ଧାର୍ଯ୍ୟ ହୋଇଅଛି । କମିଟିରେ ଶ୍ରୀ ସର୍ବସମ ଦାନ ପ୍ରଭୃତି ଜ ୯ ଜଣ ସଭ୍ୟ ମନୋନୀତ ହୋଇଅଛନ୍ତି । ଗଃ ଗୁ ଦାଃ

## ପୁରୀ ସମ୍ବାଦ ।

ଗତ ତା ୩ ରଖ ଶନିବାର ଦିନ କଟକ ସିଂହ ନାମକ ଜଣେ ପେନସନଭୋଗୀ କନେଷ୍ଟବଲ ପେନସନ ଟଙ୍କା ଉଠାଇବା ସକାଶେ ଧନଶାଳାକୁ ଯାଇ ବସିଥିବା ସମୟରେ ହଠାତ୍ କମକ ଜର ହଠାତ୍ ଟଳି ପଡ଼ିଲା । କିଛିକ୍ଷଣ ପରେ ଦେଖାଗଲା ଯେ ତାହାର ପ୍ରାଣବାୟୁ ନିଃଶେଷ ହୋଇଅଛି ।

ଆଗାମୀ ତା ୧୬ ରଖ ଶନିବାର ପୁରୀ ମିଉନିସିପାଲଟିର ନୂତନ କମିଶନର ନିର୍ବାଚନ ଦିନ ସ୍ଥିର ହୋଇଅଛି । ପ୍ରତ୍ୟେକ ଓ୍ୱାର୍ଡ ସକାଶେ ଅନେକ ଲୋକ ଦରଖାସ୍ତ କରି-ଅଛନ୍ତି । ଆଶା କରୁଁ ଭୋଟଦାତାମାନେ ବ୍ୟକ୍ତିଗତ ପ୍ରଲୋଭନରେ ନ ହୋଇ ରାଜ ଭକ୍ତ ଲୁଣିମୁହଁ ଉପଯୁକ୍ତ, କାର୍ଯ୍ୟକ୍ଷମ ଓ ନିଃସ୍ୱାର୍ଥ ବ୍ୟକ୍ତିଙ୍କୁ ଅପଣା ଓ୍ୱାର୍ଡରେ ମନୋନୀତ କରିବେ ।

ଏ ସପ୍ତାହରେ ୨ ୨ ଜ ଭଲ ବର୍ଷା ହୋଇଥିବା ବର୍ତ୍ତମାନ ଖରା ଏବଂ ସମୟେ ମେଘୁଆ ହେଉଅଛି ।

ଅନ୍ୟ ରାଜ ଅଞ୍ଚଳ ସେହିପରି ପାଣ୍ଡୁଆ ଓ ଶର୍ଦ୍ଦି ଏବଂ ସାମାନ୍ୟ ଜ୍ୱର ହେଉଅଛି ।

ଗତ ରଥଯାତ୍ରା ସମୟରେ ବହୁ ଯାତ୍ରୀ ସମାଗମ ହେବାରୁ ସ୍ଥାନୀୟ ମିଉନିସିପାଲିଟି ସହର ପରିଷ୍କାର ପରିଚ୍ଛନ୍ନ ରଖିବାରେ ବିଶେଷ ତତ୍ପର ହୋଇଥିଲେ । ପ୍ରତି ଗଳିମାନଙ୍କରେ ସର୍ବଦା ଜଣେ ଲେଖାଏଁ ମେହେନ୍ତର ନିଯୁକ୍ତ ଥିଲେ ଯେ କୌଣସି ସ୍ଥାନରେ ଅଳ୍ପ ମାତ୍ର ଆବର୍ଜ୍ଜନା ପଡ଼ିବା ମାତ୍ରେ ସେ ତତ୍କ୍ଷଣାତ ପରିଷ୍କାର କରି ଦେଉଥିଲେ । ଏହା ମିଉନିସିପାଲଟିର କାର୍ଯ୍ୟ ଦକ୍ଷ, ବାଇସଚେୟାରମ୍ୟାନ ଇନସ୍ପେକ୍ଟରଙ୍କ ନିଃ ମେହେନ୍ତରଙ୍କ ପ୍ରଶଂସାର ବିଷୟ ।

## ଅନୁଗୁଳ ସମ୍ବାଦ ।

ଏଠାର ସର୍ବଦା ମେଘାଚ୍ଛନ୍ନ, ସମୟେ ସାମାନ୍ୟ ବୃଷ୍ଟି ହେଉଅଛି; ଧାନ ବେହୁଣା ଏଣୁ ନାହିଁ ।

ତାଳମୂଳ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହମଠ ନାହାକ ନିବାସୀ ବେଣୁଧର ସାହୁ ଗୋଟିଏ ସରଂଗଡ଼ା ନଈ ପ୍ରସ୍ତୁତ କରୁଅଛନ୍ତି, ଗତ ତା ୨' ରଖରେ ସେହି ଆତସବାଜି ଗୋଟିଏ ଏସ ଦ୍ୱାର ହୋଇଥିଲା । ଗୋଟିଏ ଲୋକ, ଗୋଟିଏ ଘରଣ ଏବଂ ଗୋଟିଏ ଘୋଡ଼ା ।

ତାଳମୂଳ ପଟଣା ମୌଜା ନିବାସୀ ଧର୍ମ୍ମ ସାହୁ ହୁଦୋଲକୁ ବାଡ଼ ମେଘ ବର୍ଷିବାର ସମୟ ହୋଇ ଢୋଲଭୁଗର ଦିନ ସାହାଯ୍ୟରେ ତାହାକୁ ଅପମାନ ଦେଇ କୌଣସି ରଣ ନଳ ଖାଉଥିବା ଗାଈ ଚୋର କରିବାରୁ ଧର୍ମ୍ମସାହୁ ଅନୁଗୁଳରେ ନାଲିସ କରିଅଛି । ମୋକଦ୍ଦମା ବିଚାରାଧୀନ ।

ଗତ ସପ୍ତାହରେ ଦୁଇପଦ ବାତ୍ୟାବୃଷ୍ଟି ହୋଇଅଛି । ଟଙ୍କାକୁ ଧାନ ସେ ୩ । ୧୫ ମାଣ; ଚାଉଳ ସେ ୧୨ ମାଣ ମିଳୁଅଛି । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ଅଛି — ।

## ସାଧ ଭଣ ସମ୍ବାଦ ।

ପ୍ରତିମାସର ପ୍ରଥମ ସୋମବାର ଯେଉଁମାନେ ଆଣ୍ଟପୁର ଡାକ୍ତରଖାନା ଦେଖିବା ୨ ସିବେ ସେମାନେ କୌଣସି ପ୍ରକାର ଦର୍ଶନ ଫିସ ଦେବେ ନାହିଁ । ଏ ନିୟମ ଉତ୍ତମ ହୋଇଅଛି ।

ବଙ୍ଗଳା ହଟା ମାଣିକଗଡ଼ଠାରେ ବର୍ଷାନିକ ବୃଷ୍ଟି ହୋଇ ଖାଲ ବଲ ଜଳମଗ୍ନ ହୋଇ ଯାଇଅଛି ଏବଂ ଏଥିରୁ ନଦୀର ଫସଲ ନଷ୍ଟ ହୋଇ ଯାଇଥିବାର ଶୁଣା ଯାଏ । ଏ ସପ୍ତାହର ପାଳିକ ଏ ପର୍ଯ୍ୟନ୍ତ ଭଲ ଅଛି ।

---

## ପତ୍ରପ୍ରେରକଙ୍କ ପତ୍ର ।

ଶ୍ରୀ ନୃସିଂହଚରଣ ମହାନ୍ତି—ପ୍ରକାଶ ଯୋଗ୍ୟ ବିବେଚିତ ହେଲା ନାହିଁ ।

ଶ୍ରୀ ଶ୍ରୀ ପ୍ରଭାପନାଦରଣ ରାୟ — ଏ ନଗରର ଗୋବର୍ଦ୍ଧନ ମଠର ଦୁର୍ଦ୍ଦଶା କଥା ଯାହା ଲେଖିଅଛନ୍ତି ଅନେକ ମଠର ସେହିପରି ଦୁର୍ଦ୍ଦଶା । ମାତ୍ର ହିନ୍ଦୁମାନେ ଧର୍ମ୍ମ ମଠର ରକ୍ଷା ସକାଶେ ଅନନ୍ୟ ଆଗ୍ରହରେ ଅଦାଲତରେ ସାହାଯ୍ୟ ନ ନେଲେ ସଂସ୍କାର ହେବ କିପରି ନାହିଁ ସୁତରାଂ ପତ୍ର ପ୍ରକାଶ କରିବା ଉଚିତ ।

ଶ୍ରୀ ମଦନମୋହନ ଘୋଷ — ଜଣେ କାଯସ୍ଥ ଗୋଟିଏ ବାଳିକା ବୃଦ୍ଧ ବର ବିବାହ କରିବାର ଲେଖିଅଛନ୍ତି । କାଯସ୍ଥ ସମାଜ ବଦେତ୍ୟ ।

ତର୍କବାଚସ୍ପତିଙ୍କ ହେଡ଼ମାଷ୍ଟର ବଦଳି ହେବାର ଜଣେ ପତ୍ରପ୍ରେରକ ଦୁଃଖ ପ୍ରକାଶ କରୁଅଛନ୍ତି । ସରକାରୀ କାର୍ଯ୍ୟର ଅନୁରୋଧରେ ବଦଳି ହେବା କେତେ ଅନିବାର୍ଯ୍ୟ ହୁଏ । ତହିଁରେ ଆମର କିଛି ନାହିଁ ।

ଦୋଳଯାତ୍ରା ଉତ୍ସବ ଉପଲକ୍ଷେ ଗ୍ରାମ ସଭା ନିକଟ ଦେଶ ପାଟଣର ଉନ୍ନତି ଧର ପାଖରେ ଶ୍ରୀ ଜଗନ୍ନାଥ ଉତ୍ସବ ଶୀଘ୍ର ଆରମ୍ଭ ହେବା ଓ ବେଗିମାନେ ବଲ ହେବାର ପ୍ରସ୍ତାବ ହେବାରେ ଅନେକଙ୍କର ସେଠାରେ ଜମା ହେବା ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

Split by PDF Splitter

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

To
The Editor of Utkal Dipika
Cuttack

Sir,

A public meeting was held on the 4th 'July' 09 in the premises of "Bharat Sangit Samaj" Calcutta to consider the question of the widow-marriage in the Kayasta Community and to frame certain laws and regulations for strict guidance on the lines of late Iswar Ch Bidyasagar There was a large and influential gathering numbering more than 2000 Kayastas who were present in the meeting. Srijut Jitendra koomar Rai Choudhury Zamindar was in the chair. As soon as the President occupied the chair, some of the Kayasta Delegates who were not in the *favour* of "widow-marriage" having formed themselves into two rival parties and made rather serious disturbances in the meeting so as not to pass any unanimous resolution for the widow-marriage though major portion of the Kayastas have good opinion. Owing to this unavoidable disturbances, the Kayasta *meeting* was postponed for some Subsequent date.

It is rather insignificant and strange that the Indians who are so advanced in education and social reforms have not yet grasped the good effect of widow-marriage There is no doubt that very ideal of Raja Ram mohon Roy and Iswar Ch Bidyasagar the greatest Pioneers on "Social Reforms" in India will give Substantial effect in near future. This meeting was called for in *connection with a case in which an* eminent lawyer made widow-marriage without the notice of "Kayasta-Samaj."

5-7-1909
Calcutta

Yours Sincerely
Promotho nath Roy
Sham Bazar Street
Calcutta

---

ମାନ୍ୟବର ଉତ୍କଳଦୀପିକାର ସୁବିଜ୍ଞ ସମ୍ପାଦକ ପ୍ରବରେଷୁ

ମହାତ୍ମନ୍ !

ଯଦି ମୋ ସଙ୍ଗେ ଆପଣଙ୍କର ଏବଂ ଆପଣଙ୍କ ସହିତ ତଥା ଉତ୍କଳସାଧାରଣର ଦେଶ, କାଳ, ଜଳ—ବାୟୁ, ଭାଷା, ସୁଖ—ଦୁଃଖ, ପ୍ରଭୃତିର କୌଣସି ସମ୍ବନ୍ଧ ବା ସମ୍ପର୍କ ଥାଏ ତେବେ ଅଧା, ହେଲେ ମୋର ନିମ୍ନୋକ୍ତ ପଂକ୍ତି ଚତୁଷ୍ଟୟ ଅରଣ୍ୟ ରୋଦନ ତୁଲ୍ୟ ହେବ ନାହିଁ ।

ଉତ୍କଳଭୂମିରେ ଅମ୍ଭମାନଙ୍କର ସଭାଗାର ଏବଂ ମହାଶ୍ମଶାନ ସଦୃଶ ତାହାର ଦୁଃସ୍ଥ ଦୃଶ୍ୟରେ ଆମ୍ଭେମାନେ ସମ୍ପୂର୍ଣ୍ଣ ଭାଗୀ ଓ ଦାୟୀ । ସର୍ବପ୍ରଥମେ ଏହି ସମ୍ମିଳନୀକୁ 'ଉତ୍କଳସମ୍ମିଳନୀ' ଏହି ପବିତ୍ର ନାମ ସମ୍ଭୂତ ହୋଇ ମହାମହୋପଦେଷ୍ଟା ମିଃ ଦାସ ମହୋଦୟଙ୍କଦ୍ୱାରା ଯେତେବେଳେ ଉତ୍କଳଖଣ୍ଡରେ ସ୍ଥାପିତ ହୁଏ ସେତେବେଳେ ତହିଁର ଅନୁଷ୍ଠାନ ଆଉ କେତେକ ବର୍ଷ ବାହାରପଡନ୍ତା । ଉତ୍କଳର ମହାରାଜା-ରାଜାଙ୍କ ଠାରୁ ଆରମ୍ଭ କରି ଦରିଦ୍ର ପଲ୍ଲୀବାସୀ ପର୍ଯ୍ୟନ୍ତ ସମସ୍ତେ ଏହାର ଏକ ଧାରରେ ଦୃଢ଼ପ୍ରତିଜ୍ଞ ହୋଇଥିଲେ ଏବଂ ଭରସା ହେଲା ଅଚିରେ ଉତ୍କୃଷ୍ଟ ଶୁଭଙ୍କର ଉଦ୍ୟମ ଫଳବତୀ ହୋଇ ଉଠିବ ।

ଦେଶୀୟ ସ୍ଥାନେ ସ୍ଥାନୀୟସମିତିମାନ ସ୍ଥାପିତ ଓ ପରିଚାଳିତ ହେଲା ତହିଁର ବିବରଣୀ ମଧ୍ୟ ସମୟେ ସମୟେ ସ୍ଥାନୀୟ ପତ୍ରିକାମାନଙ୍କଦ୍ୱାରା ପ୍ରକାଶିତ ହେଲା । କିନ୍ତୁ, ହାୟ ! ସେ ଦିନ ସେ ଦୃଶ୍ୟ ସେ ସବୁ 'ଅତୀତଗର୍ଭରେ' ପଡ଼ି ଅଛି ବିଲୁପ୍ତ । ଏହାର ବିଶେଷ କାରଣରେ କେବଳ ଏତିକି କୁହାଯାଇ ପାରେ ଅମ୍ଭମାନଙ୍କର ପ୍ରିୟ—ଉତ୍କଳ-ସମ୍ମିଳନୀ କେତେମାନଙ୍କର ଅବହେଳା ମାତ୍ର ।

ସମ୍ମିଳନୀର ଶକ୍ତି ସମ୍ପ୍ରସାରିତ ହୋଇଥିବା ସ୍ଥଳେ ଆଉ ସେ ଶୈଶବ ନାହିଁ ଆଉ ସେ ଦୁର୍ଦ୍ଦଶା ନାହିଁ । ବର୍ତ୍ତମାନ ସମୟରେ ଯାହା ଦେଖିବାକୁ ମିଳୁଅଛି । ସ୍ଥାନୀୟ ସମିତିର ଉନ୍ନତି, ସ୍ଥିତି, ସଙ୍ଗେ ସମ୍ମିଳନୀର ଅଳଙ୍ଘ୍ୟ ସମ୍ବନ୍ଧ । ସମ୍ମିଳିତ ଚେଷ୍ଟା ବ୍ୟତିରେକେ କୌଣସି ଅସାଧ୍ୟ ସାଧନ ହୋଇ ନ ପାରେ । ଅଳମତି ବିସ୍ତରେଣ ।

ଶ୍ରୀ ବାସୁଦେବ ବିଦ୍ୟାଭୂଷଣ
ଜଗତ୍ପୁର କଟକ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଜୟଦେବ ପାତ୍ର | ନାକ୍ତିମାଳ | ୫ - |
| ,, କୃଷ୍ଣଚରଣ ପଧାନ | ଜଗନ୍ନାଥପୁର | ୫ ୪ |
| ,, ଡାଃ ଗୌରଶଙ୍କର ପଟ୍ଟନାୟକ କୋହିମା | | ୫ ୪ |
| ,, ଚୈତନ୍ୟଚରଣ ସାହୁ | କଟକ | ୫ ୨ |
| ,, ନୀଳାମ୍ବର ଦାସ | ସମ୍ବଲପୁର | ୫ - |
| ,, ପୁରୁଷୋତ୍ତମ ଚୌଧୁରୀ | ମହେଶପୁର | ୫ - |
| ,, ସୁଦର୍ଶନ ଦାସ | କନ୍ଦରା | ୫ - |
| ,, ଯୁଧିଷ୍ଠିର ମହାନ୍ତି | ଖଇରା | ୫ - |
| ମହନ୍ତ ତୁଳସୀପୁର ମଠ | କଟକ | ୫ - |
| ଶ୍ରୀ ବାବୁ ବୃନ୍ଦାବନ ମିଶ୍ର | ମୌଦା | ୫ ୩ |
| ଧନା । ତ । ଜାଲବିଦ | | ୫ ୨ |
| ଶ୍ରୀ ବାବୁ ବରଦାପ୍ରସାଦ ପାତ୍ର | ଉଦସ | ୫ - |
| ,, ପ୍ରାଣଚନ୍ଦ୍ର ସର୍ଦ୍ଦାର | କମ୍ପି | ୫ ୩ |
| ,, ହରେକୃଷ୍ଣ ଦାସ | ବାଲେଶ୍ୱର | ୫ - |
| ,, ପ୍ରାଣକୃଷ୍ଣ ଦେ | କେନ୍ଦୁଝର | ୫ - |
| ରାଜା ଷଣ୍ଡିଗୋଃ ଓ ଆଠଗଡ଼ | | ୫ ୩ |
| ଶ୍ରୀ ବାବୁ ହାଡ଼ିବନ୍ଧୁ ଦାସ | ସାଦପୁର | ୫ ୩ |
| ,, ଲକ୍ଷ୍ମୀକାନ୍ତ ଦାସ | କୋରେଇ | ୫ - |
| ,, ବନମାଳୀ ବେଦାନ୍ତାର୍ଥ | ଗୌହାଟି | ୫ - |
| ସେକ୍ରେଟେରି କଳିହିନ୍ଦୀ ମହତେଷ୍ଟା | | ୫ - |
| ଶ୍ରୀ ବାବୁ ନେତ୍ରାନନ୍ଦ ଦାସ | ଯୋର୍ଦ୍ଧା | ୫ - |
| କଲେକ୍ଟର ସାହେବ | କଟକ | ୫ - |

# ନିଲାମୀ ଇସ୍ତାହାର ।

ନଂ ୨୬୧୭ ମୂଳ ସନ ୧୯୦୭ ମସିହା ।

କେନ୍ଦ୍ରାପଡ଼ା ମୁନସଫି ଅଦାଲତ ।

ଧନେଶ୍ୱର ନାୟକ ଡିଃ
ବନାମ ।
ଯୋଗୀ ନାୟକ ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୮୬ଖ/୯ ଆଦାୟ ସକାଶ ଦେଣଦାର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସିହା ଜୁଲାଇ ମାସ ତା ୧୫ ରିଖରେ ଏହି ଅଦାଲତରେ ନିଲାମ ହେବ ।

୧ । କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ପୁଲିସ ଷ୍ଟେସନ ଉକ୍ତ ସବରେଜେଷ୍ଟ୍ରୀର ଇଲାକାର । ପ୍ର । ଅସୁରେଶ୍ୱର ମୌଜେ ଗୃହନମ୍ବର ଇଜବାରେ ଥିବା ପ୍ରତିବାଦୀର ହାସଲ ଥାନୀ ସାବକ ମା ୪। ଟଙ୍କିରୁ ଜମା ଟ ୧୬/୧୧ ଅଟେ ହାଲ ବନ୍ଦୋବସ୍ତ ମାପରେ ଏ୪—୬୯୧ ଡିଃ ହୋଇ ସାବକ ଜମା ହାଏମ ହୋଇଅଛି । ତହିଁ ମଧ୍ୟରୁ ପ୍ରତିବାଦୀର ଶ୍ରେଣୀଦଖଲ ଏ୦—୬୬୯ଡିଃ ଜମିରୁ ମଧ୍ୟୋଟ ଜମା ଟ ୧୩୯ ହେଉଅଛି ଉକ୍ତ ଏ୦—୬୬୯ ଡିଃ ଜମି ଅବନ୍ଧ ଅଛି । ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୩୪ ଙ୍କା ।

---

ନଂ ୨୧୯୧ ମୂଳ ସନ୍ଦେହଓ ସନ ୧୯୦୭ ମସିହା

। ଇ । ପ୍ରଥମ ମୁନସଫି କଟକ ।

ବାବୁ ଜଗବନ୍ଧୁ ଘୋଷ ଓଗେର । ସା । ହାଲ ଚୌଧୁରୀବଜାର । ସ । କଟକ ବାଦୀ ଡିକ୍ରୀଦାରମାନେ
ବନାମ ।
ବାବୁ କୃଷ୍ଣମୋହନ ବୋଷ ଓଗେର । ସା । ଶ୍ରୀକୃଷ୍ଣପୁର ଓଗେର । ପ୍ର । ମାରକଣ୍ଡପୁର ଓଗେର ପ୍ରତିବାଦୀ ଦେଣଦାରମାନେ

ଏ ମୋକଦ୍ଦମାରେ ଡିକ୍ରୀଦାରମାନଙ୍କର କର-ଡିକ୍ରୀ ଓଗେର । ମୂ । ଟ ଙ୍କା ଆଦାୟ ସକାଶେ ଦେଣଦାର ପ୍ରତିବାଦୀମାନଙ୍କର ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୯୦୯ ମସିହା ଜୁଲାଇ ମାସ ତା ୧୫ ରଖେ ଦିନ ଘ ୧୨ ଘ। ସମୟେ ନିଲାମ ହେବ ।

ତପସିଲ ସମ୍ପତ୍ତି ।

୧ । ପ୍ର । ମାରକଣ୍ଡପୁର । ମୌ । ଗଙ୍ଗାଧର ନଂ୧୧୯୬୪ମୂର । ଇ । ବା । ଲଷ୍କର ବାହେଲ ସିଟ୍ଟଲ ନଂ ୬ ମୂଳରେ ଏ ୩—୧୫ ଡିସିମିଲ ଏ ମୋକଦ୍ଦମାରେ ବନ୍ଧକ ଅଛି ନିଲାମ ହେବ ତହିଁର ଆଃ ମୂଲ୍ୟ ଟ ୪୬୫୧ ।

୨ । ପ୍ର । ଏଭଳ । ମୌ । ଚାଉଳିଆପୁର ଓଗେର ନଂ ୨୦୩୨୪ ମୂର । ଇ । ନଂ ୨୦ ମୂଳ ସିଟ୍ଟଲ । ବା । ଲଷ୍କର ବାହେଲି ଏ୨୩୦୦

Split by PDF Splitter
Digitized by srujanika@gmail.com

ଉପିମିଲ ଏ ମୋକଦ୍ଦମାରେ ବନ୍ଧକ ଅଛି । ନିଲାମ ହେବ ଯହିଁର ଅଃ ମୂଲ୍ୟ ୫ ୩୦୦ ଟଙ୍କା ।

୩ । ପ୍ର । ଏକନ । ମୌ । ବଣକଗରେ ଥିବା ନ ୨୪୧୦ ମ୍ବର ଇଲାକା ନ ୭୧ ମ୍ବର ହିଷ୍ଟ୍ର ସମସ୍ତ ଲାଖରାଜ ବାଦେଲ ଏ୫—୨୨୨ଡ଼ଃ ଏ ମୋକଦ୍ଦମାରେ ବନ୍ଧକ ଅଛି ନିଲାମ ହେବ ଯହିଁର ଅନୁମାନିକ ମୂଲ୍ୟ ଟ ୮୮୦ ଟଙ୍କା ।

୪ । ପ୍ର । ଏକନ ନ ୧୭୯୯ ମ୍ବର ତଉଜ । ତ । ମୌ । ପଣ୍ଡୁଲୁଣ୍ଡା ଜମିଦାରୀ ର ଯହିଁର ହାଲ ବନ୍ଦୋବସ୍ତ ସଦର ଜମା ୫ ୧୦୭ ଟଙ୍କା ଅଟେ ତନ୍ମଧ୍ୟରୁ ଏ ମୋକଦ୍ଦମାରେ ବନ୍ଧକୀ । ତ । ଟ ୦ /୧୨ ଗଣ୍ଡାକୁ ମଥୋଟ ସଦରଜମା ୫ ୧୦।୶/୧ ହେଉଅଛି ତାହା ଏ ମୋକଦ୍ଦମାରେ ନିଲାମ ହେବ ଯହିଁର ଆନୁମାନିକ ମୂଲ୍ୟ ୫ ୧୬୦ ଟଙ୍କା ।

---

ନ ୧୫୨୦ ମ୍ବର ସଃ ସନ ୧୯୦୭ ମସୀହା ।
। ଉ । କେନ୍ଦ୍ରାପଡ଼ା ମୁନସଫି ଅଦାଲତ ।

ବ୍ରଜକିଶୋର ମହାନ୍ତି — ବାଦୀ

ନବେଲ ପରିଡ଼ା — ପ୍ରତିବାଦୀ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୪୯୬୷/୭ ଅଦାୟ ସକାଶେ ଦେଣଦାରର ତଳଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଜୁଲାଇ ମାସ ତା ୧୫ ରଖରେ ନିଲାମ ହେବ ।

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ-ରେଜିଷ୍ଟ୍ରାର ଓ ପଟ୍ଟାମୁଣ୍ଡାଇ ପୁଲିସ ଷ୍ଟେସନ ଇଲାକାର । ପ୍ର । ଛତ୍ରଣ । ତା । ବଳଭଦ୍ରପୁର । ମୌ । କଟକମଲ ଇଲାକାରେ ଥିବା ନ ୧ ମ୍ବର ପ୍ରତିବାଦୀର ପେଷା କେଷନ ପରିଡ଼ା ନାମରେ ଗତ ବନ୍ଦୋବସ୍ତି ଥାନା ମିଆ ସହିତ ମା ୨୯। ୨୦।୷ କୁ ଜମା ଟ ୪୯୷/୨୷ ଅଟେ ତହିଁ ମଧ୍ୟରୁ ନ ୧ ମ୍ବର ପ୍ରତିବାଦୀର ଅଂଶ । ତ ୫ ୦ ୷/୪ ଗଣ୍ଡା କୁ ଅପୋମି ବଣ୍ଟ ଅସ ମତେ ମା ୫ । ୨୪/ ଯହିଁର ମଥୋଟ ଜମା ଟ ୯୷ ୯୷ ଅଟେ ନିଲାମ ହେବ ।

୨ । କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବରେଜିଷ୍ଟ୍ରାର ପଟ୍ଟାମୁଣ୍ଡାଇ ପୁଲିସ ଷ୍ଟେସନ ଇଲାକାର । ତା । ବଳଭଦ୍ରପୁର । ମୌ । କଟକମଲରେ ଥିବା ଯଦନ ପରିଡ଼ା ଓ ମଦନନ୍ ପରିଡ଼ା ଓ ଷଲୁ ପରିଡ଼ାଙ୍କ ନାମରେ ଗତ ବନ୍ଦୋବସ୍ତ ଥାନ ମିଆ ସହିତ ମା ୮୯ । ୫୷ କ ଯହିଁର ଜମା ୫ ୧୭।୧୦ ଅଟେ ତହିଁ ମଧ୍ୟରୁ ନ ୧ ମ୍ବର ପ୍ରତିବାଦୀର ଅଂଶ । ତ ଟ ୦୧୧୨କୁ ଅପୋମି ବଣ୍ଟ ଅସ ଅନୁସାରେ ମା ୩।୧୦୧ କୁ ମଥୋଟ ଜମା ଟ ୩୷ ଅଟେ ।

ଡ଼ ମୋଟ ପ୍ରଥମ ଓ ଦ୍ଵିତୀୟ । ଲା । ବା, ।

ଥାନ ମିଆ ମା ୯ । ୯୷ ର ଯାହା ହାଲ ବନ୍ଦୋବସ୍ତରେ ଏ ୫ । ୨୮—୮୩ ଜମିର ଜମା ଟ ୯୷/୭/ ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୧୫୦୧ ଟଙ୍କା ଅଟେ ।

---

ନ ୨୪୦୩ ମ୍ବର ଉଚ୍ଚାଦାଲତ ସନ ୧୯୦୭ ମସୀହା ।
କଟକ । ମୁ । ଦ୍ଵିତୀୟ ମୁନସଫି ଅଦାଲତ ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର । ସା । ଆନନ୍ଦପୁର । ପ୍ର । ସୁପଡ଼ା । ମୁ । ଜ । କଟକ — ବାଦୀ

ବନାମ

୧ ବାଳକୃଷ୍ଣ ପଣ୍ଡା ୨ ଗୋପଳପଣ୍ଡା । ସା । କୁଣେଶ୍ଵରଗାଙ୍ଗ । ପ୍ର । ସୁପଡ଼ା । ମୁ । ଜ । କଟକ — ପ୍ରତିବାଦୀ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଜଉଡିକ୍ରୀ ଓଗେର ଟ ୫୧୮ ଟଙ୍କା ପାଉଣା ଆଦାୟ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଜୁଲାଇମାସ ତା ୧୫ ରଖରେ ନିଲାମ ହେବ ।

ତପସିଲ ବନ୍ଧକୀ ସମ୍ପତ୍ତି ।

ସବଡିଭିଜନ ପୁଲିସ ଷ୍ଟେସନ ଶାଲେପୁର ଓ ସବରେଜିଷ୍ଟ୍ରାର । ମୁ । କଟକ ଇଲାକାଧୀନ । ପ୍ର । ଅଲତି ଶାମିଲ । ପ୍ର । ଜୟପୁର ନ ୮୪୩ ମ୍ବର ତଉଜ ଭୁକ୍ତ ଥାନେ ଅରଙ୍ଗାବାଦ ଜମିଦାରୀ ଅନ୍ତର୍ଗତ । ମୌ । ମିରଜାନଗର ମନ୍ଦନେ ତ ଯହିଁର ନୂତନ ବନ୍ଦୋବସ୍ତି ଅଦାୟ ଜମା ଟ ୧୦୯ ଟଙ୍କା ମଧ୍ୟରୁ ନ ୧ ମ୍ବର ପ୍ରତିବାଦ । ତ । ଗ ୧୦ଣ୍ଡାକୁ ମଥୋଟ ଅଦାୟ ଜମା ୫ ୩୷/୭ ବନ୍ଧକ ଅଛି ଯହିଁର ଅନୁମାନିକ ମୂଲ୍ୟ ୫ ୨୦ ଟଙ୍କା ନିଲାମ ହେବ ।

୨ । ସବଡିଭିଜନ ପୁଲିସ ସାଲେପୁର ସବରେଜିଷ୍ଟ୍ରାର । ମୁ । କଟକ ଇଲାକାଧୀନ । ପ୍ର । ଜୟପୁର । ତା । ମୌ । ଖଣ୍ଡପୁର ଓଗେର ସାମିଲ । ମୌ । ଅରଙ୍ଗ ଇଲାକାରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ବାବତ ନ ୧ ମ୍ବର ପ୍ରତିବାଦର ଦାଖିଲ ସମର୍ପଣ ବାବତ ଲାଖରାଜ ବାବତ ତଳଲିଖିତ ଖସଡ଼ା ନମ୍ବର ଦେହଦା ଅନୁଯାୟୀ ବୃତ୍ତି ଏ ୧—୧୭—୫ କୁ ମଥୋଟ ଅଦାୟ ଜମା ୫ ୧/୮୩ ବନ୍ଧକ ଅଛି ଯହିଁର ଅନୁମାନିକ ମୂଲ୍ୟ ଟ ୨୫ ଟଙ୍କା ।

ତପସିଲ ଖସଡ଼ା ନମ୍ବର ଓ ଦେହଦା

ନ ୫୮୪ ମ୍ବର ଖସଡ଼ା । ଉ । ମନରମଳକ ଓଗେର । ଦ । ଗସ୍ତା — ଏ ୧—୯୧

ନ ୧୬୫୬/୧୬୫୭ ମ୍ବର ଖସଡ଼ା । ଉ । କଚ । ଦ । ଗସ୍ତା — ଏ ୦—୨୦

ନ ୬୫୭ ମ୍ବର ଖସଡ଼ା । ଉ । ଜଚ । ଦ । ଗସ୍ତା — ଏ ୦—୦୧

ନ ୬୫୭ ମ୍ବର ଖସଡ଼ା । ଉ । ଗସ୍ତା । ଦ । ଦଣ୍ଡସେଠି — ଏ ୦—୦୯

ନ ୧୬୫୬/୧୬୫୭ ମ୍ବର ଖସଡ଼ା । ଉ । ଦରେକୃଷ୍ଣ ଆଗ୍ରହ୍ୟ । ଦ । ଗସ୍ତା — ଏ ୦—୧୪

ଡ଼ ଏ ୨—୩୫ ସମସ୍ତରୁ ଏ ୧—୧୭—୫

୩ । ସବଡିଭିଜନ ପୁଲିସ ଷ୍ଟେସନ ସାଲେପୁର ଓ ସବରେଜିଷ୍ଟ୍ରାର । ମୁ । କଟକ ଇଲାକାଧୀନ । ପ୍ର । କଡମୂଳ ନ ୧୨୫୧ ମ୍ବର ତଉଜି । ତା । ପୁରଣ ସାମିଲ । ମୌ । ନୂଆଗାଁ ଇଲାକାରେ ଥିବା ନ ୧।୨ ମ୍ବର ପ୍ରତିବାଦୀ ଖରିଦ । ବା । ତଳତପସିଲ ଖସଡ଼ା ନମ୍ବର ଓ ଦେହଦା ପ୍ରିଭିବାନ୍ ପାହି ଏ୦-୨୨ କୁ ଜମା ୫୦୷ ଅଟେ ଉକ୍ତ ଜମି ନ ୧ମ୍ବର ପ୍ରତିବାଦଙ୍କ ହିସାରେ ପାଇଥିବାରୁ ବନ୍ଧକ ଅଛି ଅନୁମାନିକ ମୂଲ୍ୟ ଟ ୮ ଟଙ୍କା ।

ତପସିଲ ଖସଡ଼ା ନମ୍ବର

ନ ୧୬୩୪ ମ୍ବର । ଉ । ମୂଳନ ସାମଲ । ଦ । ମୁସ୍ତରଙ୍କ ଝୁଦ ଜମି ଏ୦-୨୨

୪ । ସବଡିଭିଜନ ପୁଲିସ ଷ୍ଟେସନ ସାଲେପୁର ଓ ସବରେଜିଷ୍ଟ୍ରାର । ମୁ । କଟକ । ଇ । ଧୀନ । ପ୍ର । କଡମୂଳ ନ ୧୨୫୧ ମ୍ବର ତଉଜି ଭୁକ୍ତ । ତ । ତା । ପୁରଣ । ମୌ । ନୂଆଗାଁ ଇଲାକାରେ ଥିବା ନ ୧।୨ ମ୍ବର ପ୍ରତିବାଦଙ୍କ ଖରିଦ । ବା । ତଳଲିଖିତ ଖସଡ଼ା ନମ୍ବର ଅନୁଯାୟୀ ଥାନୀ ଏ୦-୧୮ ଡ଼ଃ ଜମା ଟ୷ ୩/୧୦ ଅଟେ ଉକ୍ତ ଦୋରବସ୍ତ ଏ୦-୧୮ ଜମି ନ୧ମ୍ବର ପ୍ରତିବାଦୀ ହିସାରେ ପାଇଥିବାରୁ ବନ୍ଧକ ଅଛି ଅନୁମାନିକ ମୂଲ୍ୟ ଟ ୮ ଟଙ୍କା ।

ଖସଡ଼ା ନମ୍ବର

| | |
|---|---|
| ନ ୭୪୭ | ଏ୦-୪ |
| ନ ୭୪୬ | ଏ୦-୩ |
| ନ ୭୫୧ | ଏ୦-୧୧ |
| ଡ଼ | |

୫ । ସବଡିଭିଜନ ପୁଲିସ ଷ୍ଟେସନ ସବରେଜିଷ୍ଟ୍ରାର । ମୁ । କଟକ ଇଲାକାଧୀନ । ପ୍ର । କଡମୂଳ ନ ୧୨୫୧ ମ୍ବର ତଉଜି । ତ । ତା । ପୁରଣ । ମୌ । ନୂଆଗାଁ ଇଲାକାରେ ଥିବା ନ ୧।୨ ମ୍ବର ପ୍ରତିବାଦଙ୍କ ଖରିଦ । ବା । ତଳ ତପସିଲ ଖସଡ଼ା ନମ୍ବର ପ୍ରିଭିବାନ୍ ପାହି ଏ୦-୨୨ କୁ ଜମା ଟ ୧ ଟଙ୍କା ତାହା ନ ୧ ମ୍ବର ପ୍ରତିବାଦୀ ହିସାରେ ଥିବାରୁ ବନ୍ଧକ ଅଛି ଅନୁମାନିକ ମୂଲ୍ୟ ଟ ୯ ଟଙ୍କା

ନ ୭୪୮।୭୫୯।୭୫୦ ମ୍ବର ଖସଡ଼ା ଏ୦-୨୨

—୦※୦—

Split by PDF Splitter



# ଉତ୍କଳ ଦୀପିକା ।

ଗତ ତା ୩ ରିଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୪୭୮ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ବମ୍ବେର ମୃତ୍ୟୁ ୮୭ ସଙ୍ଖ୍ୟା ଥିଲା । ତହିଁ ପୂର୍ବସପ୍ତାହର ମୃତ୍ୟୁ ୫୩୧ ଥିଲା । କ୍ରମେ ଊଣା ପଡ଼ିବା ସୁଲକ୍ଷଣ ଅଟେ ।

—※—

ଗତ ତା ୩ ରିଖରେ ଶେଷହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୪୧, ବଙ୍ଗରେ ୩୪,୧୫୭, ଯୁକ୍ତପ୍ରଦେଶରେ ୭୭୦୧୩, ମଧ୍ୟପ୍ରଦେଶରେ ୬୮ ଏବଂ ବମ୍ବେଇରେ ୧୭୫୯ ଗାଏ ୭୨୭୩୭ ଜଣ । ପୂର୍ବବଙ୍ଗ, ଯୁକ୍ତପ୍ରଦେଶ ଓ ବମ୍ବେଇରେ ବଢ଼ୁ ବୃଦ୍ଧି ଓ ଅନ୍ୟ ସମସ୍ତ ପ୍ରଦେଶରେ ଊଣା ହୋଇଥିଲା । ପୂର୍ବସପ୍ତାହର ଅଙ୍କ ୭୧୪୭୩ ଥିଲା ।

———

କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବଡିଭିଜନ ଜଗତସିଂହପୁର ସବରେଜିଷ୍ଟରଙ୍କ ସୀମା ସଲଗ୍ନରେ ଜଗତସିଂହପୁରଠାରେ ଛଅମାସସକାଶେ ପରୀକ୍ଷା ସ୍ୱରୂପ ଗୋଟିଏ ସବରେଜିଷ୍ଟ୍ରୀ ଅଫିସ ଖୋଲିବାର ଗବର୍ଣ୍ଣମେଣ୍ଟ ବାହାଦୁର ମଞ୍ଜୁର କରିଥିବାର ବିଷୟ କଲିକତା ଗେଜେଟରେ ବିଜ୍ଞାପନ ପ୍ରକାଶିତ ହୋଇଅଛି । ଏହି ବିଜ୍ଞାପନ ମତେ ଜୁଲାଇ ତା ୧୫ ରିଖରୁ କାର୍ଯ୍ୟ ଆରମ୍ଭ ହେବ ।

———

ଉପେଟୀ କାର୍ଯ୍ୟ କମିଟି ସନ ୧୯୦୮ ମସୀହାର ଏମ୍ ଏ ଏବଂ ୧୯୦୯ ମସୀହା ବି ଏ ଓ ବି ଏସ ସି ପରୀକ୍ଷା ସମ୍ମାନ ସହକାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କ ମଧ୍ୟରୁ ନ ୭ ଜଣଙ୍କର ନାମୋଲ୍ଲେଖ କରିବା କାରଣ ଆମ୍ଭମାନଙ୍କର ଛୋଟଲାଟ ମହୋଦୟ ବିଶ୍ୱବିଦ୍ୟାଳୟ ସମିତିକୁ ଲେଖିଅଛନ୍ତି । ଯେଉଁମାନେ ବଙ୍ଗଳାର ଅଧିବାସୀ ଅଟନ୍ତି କେବଳ ସେହିମାନଙ୍କର ନାମ ଲେଖାଯିବ ଏବଂ ଆଗାମୀ ଅକ୍ଟୋବରମାସର ପ୍ରଥମ ତାରିଖ ପୂର୍ବରୁ ପ୍ରାର୍ଥୀମାନେ ଆବେଦନ କରିବେ ।

———

ପଣ୍ଡିତା ରମାବାଈ ପୁନା ନିକଟରେ ଯେଉଁ ଅନାଥ ଓ ବିଧବାଶ୍ରମ ସ୍ଥାପନ କରିଅଛନ୍ତି ତହିଁର କାର୍ଯ୍ୟ ସୁନ୍ଦରରୂପେ ଚଳୁଥିବାର ଜଣାଯାଏ । ଘରମାନ ବାଟରୁ ଦେଖିବାକୁ କେମନ୍ତ ମନୋହର ନ ହେଲେହେଁ ତଥାପି ପ୍ରସ୍ତରରେ ଦେଶୀୟ ରୀତିରେ ନିର୍ମିତ । ଏହି ସବୁ ସଲଗ୍ନ ୬୪୦ ଏକର ଭୂମି ଅଛି ଯେ ତହିଁକି ଜଳ ଯୋଗାଇବା କାରଣ ଗୋ ୧୦ ଟି କୂପ ଖୋଳା ହୋଇଅଛି ଓ ଗୋ ୮୦ ଟି ହୃଷ୍ଟପୁଷ୍ଟ ବଳଦହାର ତହିଁରୁ ପାଣି ଉଠା ହୋଇ ବିଲକୁ ଯାଏ । ଶ୍ରମ ବିଭାଗରେ ଗୋ ୧୦୦ ଟି ଯନ୍ତ୍ର ଅଛି ଯେ ତହିଁରେ ବାଳିକାମାନେ ଲୁଗା ବୁଣନ୍ତି । ଗୋଟିଏ ଛାପାଖାନା ମଧ୍ୟ ଅଛି । ତହିଁରେ ବାଳିକାମାନେ ମରହଟ୍ଟି, ଇଂରାଜୀ, ଗୁଜ. ଓ ହିନ୍ଦୀ ଭାଷାରେ ଅକ୍ଷର ଯୋଡ଼ନ୍ତି । ତାଙ୍କର କନ୍ୟା ମନୋରମା ବାଈଙ୍କ ସାହାଯ୍ୟରେ ସେ ପ୍ରତିଦିନ ସମୁଦାୟ କାର୍ଯ୍ୟ ସ୍ୱୟଂ ପର୍ଯ୍ୟବେକ୍ଷଣ କରନ୍ତି । ଏହି ଆଶ୍ରମର ମାସିକ ବ୍ୟୟ ଦଶହଜାର ଟଙ୍କା ଅଟେ ଏବଂ ଏଥିରେ ଦେଢ଼ହଜାର ବାଳିକା ବାସ କରନ୍ତି । ରମାବାଈ ଖ୍ରୀଷ୍ଟୀୟାନ ଧର୍ମ ଅବଲମ୍ବନ କରିଥିବାରୁ ଏହି ଆଶ୍ରମ ସଙ୍ଗେ ଗୋଟିଏ ଗିର୍ଜାଘର ଅଛି ଏବଂ ତହିଁରେ ଧର୍ମୋପଦେଶ ସମୟରେ ଏକ ସହସ୍ର ଶ୍ରୋତାଙ୍କ ସମୁପସ୍ଥିତି ହେବ, ଏହା ଦର୍ଶନୀୟ ଏଥିରେ ସନ୍ଦେହ ନାହିଁ ।

———

ବଙ୍ଗବାସୀରେ ଶ୍ରୀଯୁକ୍ତ ଇନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଜାତି ବିଷୟକ ଏକ ପ୍ରବନ୍ଧରେ ପଖାଳ ଭାତର ଅପକାରିତା ଏହିପରି ଲେଖିଅଛନ୍ତି ଯଥା;

“ଭାତ ରନ୍ଧା ହେବାର ଏକ ପ୍ରହର ପରେ ଅନ୍ନର ରସ ଶୁଖି ଯାଏ । ଅନ୍ନରେ ଜଳ ଦେଇ ରଖିଲେ ତହିଁରେ ଅନ୍ନ ରସର ସଞ୍ଚାର ହୋଇ ମାଦକତା ଜନ୍ମେ । ସେହି ଅନ୍ନ ପଚି ଗଲେ ସେଥିରୁ ମଦ ହୁଏ । ସହଜରେ ଓ ଶୀଘ୍ର ପଚିବା ସକାଶେ ଏ ଦେଶର ଶୁଣ୍ଢିମାନେ ପଖାଳ ଭାତରେ ‘ବାଖର’ ଦଅନ୍ତି । କେତେଗୁଡ଼ିଏ ଗଛର ଛାଲ ଓ ଚେର ଏକତ୍ର ବାଟି ବାଖର ପ୍ରସ୍ତୁତ କରାଯାଏ । ଏହି ବାଖର ଦେବାରେ ଅନ୍ନ ସମସ୍ତ ମଧ୍ୟରେ ଅନ୍ନରସ ପଚି ଯାଇ ମଦରେ ପରିଣତ ହୁଏ । ଏହି କାରଣରୁ ଅନ୍ନ ରନ୍ଧା ହେବା ଏକ ପ୍ରହର ପରେ, ପଚା ଓ ପଖାଳ ଭାତ ବ୍ରାହ୍ମଣର ଭୋଜନ ପକ୍ଷରେ ନିଷେଧ । ଏହି ଦୂଷିତ ଅନ୍ନରେ ତମୋଗୁଣ, ଆଳସ୍ୟ ଏବଂ ଅଜ୍ଞାନ ବୃଦ୍ଧି ହୋଇ ବ୍ରାହ୍ମଣର ବ୍ରହ୍ମତ୍ୱ ହାନି କରେ । ଟଟ୍କା ଅନ୍ନ ଖାଇବାହିଁ ବ୍ରାହ୍ମଣର ଉଚିତ । ମଦ ଖାଇଲେ ବ୍ରାହ୍ମଣର ଜାତି ଯାଏ ।” ଉତ୍କଳରେ ପଖାଳ ଭାତ ଖାଇବା ବିଶେଷ ପ୍ରଚଳିତ । ବିଶେଷତଃ ନିମ୍ନ ଶ୍ରେଣୀରେ । ଏଥି ସଙ୍ଗେ ସେମାନଙ୍କର ଆଳସ୍ୟ ଓ ନିର୍ବୁଦ୍ଧିତାର ସମ୍ପର୍କ ଅଛି କି ନା ପାଠକମାନେ ବିବେଚନା କରିବେ । ଭୋଗଣି ଯେବେ ପୁରୁଣା ଓ ଅମ୍ଳ ହୁଏ ତହିଁର ମାଦକ ଗୁଣ ବେଶ ବଢ଼େ ଏଥିରେ ସନ୍ଦେହ ନାହିଁ । ପଚୁଇ ଓ ଦେଶୀ ମଦ ଉଭୟ ମାଦକର ମୂଳ ପଚା ଅମ୍ଳ ପଖାଳ ଭାତ । ଅତଏବ ଏହା ବ୍ରାହ୍ମଣ କାହିଁକି କୌଣସି ଜାତି ପ୍ରତି ଭଲ ନୁହେ ।

———

ବଙ୍ଗଳାର ବଗୁଡ଼ା ଗ୍ରାମରେ ବିଗତ ଜ୍ୟେଷ୍ଠ ମାସରେ ନ ୪୦ ଜଣ କାୟସ୍ଥ ଉପନୟନ ଗ୍ରହଣ କରିଥିଲେ । ଉକ୍ତ ନଗରର ପାଲିଘାଟର ଜଣେକ ବ୍ରାହ୍ମଣ ପଣ୍ଡିତ ପୌରୋହିତ୍ୟ କରିବାକୁ ଯାଇଥିଲେ ଡାକ୍ତର ଶ୍ରୀ ଯୁକ୍ତ ରାମଚନ୍ଦ୍ର ମଜୁମଦାରଙ୍କ କଲିକତାସ୍ଥ ଚଡ଼ପୁର ବସାଗୃହରେ ଗୋଟିଏ ଉପନୟନ କେନ୍ଦ୍ର ହୋଇଥିଲା । ବିଗତ ଆଷାଢ଼ ତା ୧୪ ରିଖରେ ପାବନାଜିଲ୍ଲା ପୋଟଜସ୍ନା ଗ୍ରାମନିବାସୀ ଶ୍ରୀ ଯୁକ୍ତ ରାମଚନ୍ଦ୍ର ମଜୁମଦାର ଅଭିଷ୍ଟାଙ୍କ ସର୍ଜନ ଉନ୍ନତସ୍ତବକ ଓ ଉକ୍ତ ଗ୍ରାମନିବାସୀ ହରେନ୍ଦ୍ରନାଥ ମଜୁମଦାର ପ୍ରଭୃତି ପଦ୍ୟ ଏ୨ଜଣ ଗ୍ରାମବାସୀ ସହ ବ୍ରାତ୍ୟ ପ୍ରାୟଶ୍ଚିତ୍ତ କରି ଉପବୀତ ଗ୍ରହଣ କରିଥିଲେ । ପୋଟଜସ୍ନା ଗ୍ରାମବାସୀ ଜଣେକ ବ୍ରାହ୍ମଣ ଆଚାର୍ଯ୍ୟର କାର୍ଯ୍ୟ ସମ୍ପନ୍ନ କରିଥିଲେ । ପାବନାରେ ଓକିଲ ଜମିଦାର ଚରଣପୁର ଏପରି ନ ୧୫ ଜଣ କାୟସ୍ଥ ଉପନୟନ ଗ୍ରହଣ କରିଥିଲେ ।

କଲିକତାର ଅନୁଷ୍ଠାନ କାୟସ୍ଥ ସଭାରେ ବିଗତ ଜ୍ୟେଷ୍ଠମାସରେ ନ ୩୧ ଜଣ କାୟସ୍ଥ ଉପନୟନ ସଂସ୍କାର ଗ୍ରହଣ କରିଥିଲେ । ଯଶୋହର ଅନ୍ତର୍ଗତ ଭଣ୍ଡାରିଗ୍ରାମ କେନ୍ଦ୍ରରେ ନ ୨୦ ଜଣ ଯଜ୍ଞୋପବୀତ ପ୍ରଦତ୍ତ ହୋଇଥିଲା । ଏଥିରୁ ଦେଖାଯାଉଅଛି ଯେ କାୟସ୍ଥୋପନୟନ କାର୍ଯ୍ୟ ଧୀରେ ଚାଲିଅଛି । କିନ୍ତୁ ଆଗାମୀ ସେନ୍ସସ ସମୟ ଯେପରି ସନ୍ନିକଟ ସେପରିସ୍ଥଳେ ଅତି ଚଞ୍ଚଳ ହେବା ଉଚିତ ।

—※—

ବାବୁ ବିଶ୍ୱନାଥ କରଙ୍କ କନ୍ୟା କୁମାରୀ ନର୍ମଦା କର ଏଠା ରେଭେନ୍ସା ବାଳିକା ବିଦ୍ୟାଳୟରୁ କୁମାରୀ ଶୈଳବାଳା ଦାସଙ୍କ ବିଶେଷ ତତ୍ତ୍ୱାବଧାନରେ ଗତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇଥିବା ବିଷୟ ପାଠକମାନଙ୍କ ଜଣା ଅଛି । ବିଶ୍ୱନାଥ ବାବୁଙ୍କ ଅବସ୍ଥାର ଲୋକ ଆପଣା କନ୍ୟାକୁ କଲିକତାରେ ରଖି ଉଚ୍ଚ ଶିକ୍ଷା ଦେବା ଏକାନ୍ତ ଅସମ୍ଭବ ଦେଖି କୁମାରୀ ଶୈଳବାଳା ଦାସ ବିଶେଷ ଦୟାର୍ଦ୍ର ଚିତ୍ତରେ ମାସିକ ଟ ୧୫ ଙ୍କା ବୃତ୍ତି ଦେବା କାରଣ ଅଙ୍ଗୀକାର କରିବାରୁ କୁମାରୀ ନର୍ମଦା କର କଲିକତା ବାଳିକା କଲେଜରେ ପାଠ ପଢ଼ିବା କାରଣ ଯାଇଅଛନ୍ତି ରେଭେନ୍ସା ବାଳିକା ବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ସଂଶ୍ଳିଷ୍ଟ ହୋଇଥିବାରୁ କୁମାରୀ ନର୍ମଦା ତାହାର ଛାତ୍ରୀ ସ୍ୱରୂପେ ଉପସ୍ଥିତ ହୋଇଥିଲେ । ଆମ୍ଭେମାନେ ଅତ୍ର ଅବଗତ ହେଲୁଁ ଯେ ବାବୁ ଉଦୟନାଥ ଦାସଙ୍କ କନ୍ୟା ଇଣ୍ଟରମିଡିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇ ବିଏ ପଢ଼ିବା କାରଣ କଲିକତାକୁ ଯାଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ଉତ୍କଳର ସ୍ତ୍ରୀ ଶିକ୍ଷାରେ ନିତାନ୍ତ ଅନୁନ୍ନତ ଅବସ୍ଥା ସୁତରାଂ ଉକ୍ତ ଶିକ୍ଷା ଲାଭ କରିବା ବିଷୟରେ ଉତ୍ସାହ ଦେବା କାରଣ ବିଶେଷ ବୃତ୍ତି ସ୍ଥାପିତ ହେବା ଏକାନ୍ତ ବାଞ୍ଛନୀୟ । ଆମ୍ଭେମାନେ ବିବେଚନା କରୁଁ ଏ ବିଷୟରେ ରେଭେନସା ବାଳିକା ବିଦ୍ୟାଳୟ ଏବଂ ଉତ୍କଳ ସଭାରୁ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା ହେଲେ ଗବର୍ଣ୍ଣମେଣ୍ଟ ଅବଶ୍ୟ ତହିଁର ବିବେଚନା କରିବେ । ଏଣୁ ଏ ବିଷୟରେ ଯତ୍ନଶୀଳ ହେବା କାରଣ ଆମ୍ଭେମାନେ ବାଳିକା ବିଦ୍ୟାଳୟର କମେଟି ଓ ଉତ୍କଳ ସଭାକୁ ଅନୁରୋଧ କରୁଅଛୁଁ ।

———

ଗତ ସଂଖ୍ୟକ ଗଞ୍ଜାମ ଗୁଣଦର୍ପଣରୁ ବିଦିତ ହେଲା ଶେରଗଡ଼ ରାଜଧାନୀସ୍ଥ ଚୈତନପୁର ଶାସନରେ ଶ୍ରୀଯୁକ୍ତ ବୈଷ୍ଣବ କବିଚନ୍ଦ୍ର ରାଜଗୁରୁ ପ୍ରଭୃତିଙ୍କ ଯତ୍ନରେ ଗୋଟିଏ ପାଠାଗାର ସ୍ଥାପିତ ହୋଇଥିବାର ଅବଗତ ହୋଇ ଆମ୍ଭେମାନେ ଅତୀବ ଆନନ୍ଦିତ ହୋଇଅଛୁ । ରାଜାଙ୍କ ରାଜଧାନୀ ଛଡ଼ା ଓଡ଼ିଶାର ନାନା ସ୍ଥାନରେ ଏହିପରି ପାଠାଗାରମାନ ହେଲେ ବିଶେଷ ଉପକାର ହେବ । ଆମ୍ଭମାନଙ୍କର ବିଶ୍ୱାସ ଯେ ପ୍ରତ୍ୟେକ ଗ୍ରାମର ଭାଗବତଘର ପାଠାଗାରରୂପେ ବ୍ୟବହୃତ ହେଲେ ଦେଶଲୋକଙ୍କ ମଧ୍ୟରେ ଶିକ୍ଷାବିସ୍ତାରର ପ୍ରକୃଷ୍ଟ ଉପାୟ ହୋଇ ପାରିବ । ଲୋକେ ଉପାୟ ଜାଣି ନ ଥିବାରୁ ଅଜ୍ଞତା ଦୋଷରେ ଅନ୍ଧକାରରେ ପଡ଼ି ରହିଅଛନ୍ତି । ଉତ୍କଳ ସମ୍ମିଳନୀ ଓ ଶାଖା ବା ଗ୍ରାମସମିତିମାନ ଏ ବିଷୟରେ ଯତ୍ନ କଲେ ଅଚିରେ ଶୁଭଫଳ ଲାଭ ହେବ । ଗ୍ରାମଲୋକେ ନାନାପ୍ରକାର ଯାତ୍ରା ବା କ୍ରୀଡ଼ା କୌତୁକ କର୍ମ୍ମରୁ ସମସ୍ତେ ସାହା ଘୃଣା କରନ୍ତୁ ତତ୍ପରସ୍ତ ପାଠାଗାର ସ୍ଥାପନରେ ବ୍ୟୟ କଲେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଚତୁର୍ବର୍ଗ ଲାଭ ହେବ । ଯାହା ଖର୍ଚ୍ଚ ଅର୍ଥ ଏବଂ ସମୟର ଅପବ୍ୟୟ ପୂର୍ବକ ଲୋକେ ଦିନକୁଦିନ ଆପଣାର ଅଧୋଗତି ସାଧନ କରିବାର ଦେଖି କେଉଁ ଚିନ୍ତାଶୀଳ ବ୍ୟକ୍ତି ଦୁଃଖିତ ନ ହେବେ ? ଆମ୍ଭେମାନେ ସର୍ବାନ୍ତଃକରଣରେ ଉକ୍ତ ପାଠାଗାରର ପ୍ରତିଷ୍ଠାତା ଓ ସହାୟକାରଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁ ।

—○※○—

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ଖରସୁଆ ନଦୀର ଦକ୍ଷିଣପାଖ କଣ୍ଟେପୁର ମୌଜାରେ ଗତବର୍ଷ ନଦୀ ବଢ଼ି ସମୟରେ ଏକ ନୂତନ ଘାଇ ହୋଇଥିବା ଓ ଉକ୍ତ ଘାଇର ମୁହଁ ଶୀଘ୍ର ବନ୍ଦକରିବା ପ୍ରାର୍ଥନାରେ ଏଠା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କଠାରେ କେତେକ ଜଣ ପ୍ରଜା ଦରଖାସ୍ତ କରିଥିବାରୁ ସେ ଉକ୍ତ ଦରଖାସ୍ତକୁ ପବ୍ଲିକଓ୍ୟାର୍କସ ଇଞ୍ଜିନିୟର ସବଡିଃ ଓଭରସିୟରଙ୍କଠାକୁ ପଠାଇ ଦେଇଥିଲେ ତହିଁର କୌଣସି ପ୍ରତିକାର ନ ହେବା ଓ ଏଥିମଧ୍ୟରେ ଖରସୁଆ ନଦୀରେ ଜଳ ଆସିବାରୁ କଣ୍ଟେପୁର ରଣପୁରଆଦି ମୌଜାର ପ୍ରଜାମାନେ ଆପଣା ଫସଲ ରକ୍ଷାକରିବା କାରଣ ସରକାରଙ୍କ ଅନୁମତି ଅପେକ୍ଷା ନ କରି ଘାଇ ମୁହଁରେ ମାଟି-ପକାଇ ବନ୍ଦ କରିଦେବାପରେ ବାଉନସିଙ୍ଗି ଇଲାକାର କଣ୍ଟେପୁର ମୌଜାର ଜମିଦାର ମହନ୍ତ ବଳଭଦ୍ର ଦାସ ଓ ଅନ୍ୟ କେତେକ ପ୍ରଜାମାନଙ୍କ ନାମରେ ଏହି ମର୍ମରେ ନୋଟିସ ଜାରିହୋଇ ଅଛି କି ତୁମ୍ଭେମାନେ "ଖରସୁଆ ନଦୀର ଦକ୍ଷିଣ ତରଫ କଣ୍ଟେପୁର ମୌଜା ଘାଇ ମୁହଁ ବନ୍ଦକର ହେବାରୁ ନଦୀର ଉତ୍ତର ତରଫ ସମଲପୁର ମୌଜାରେ ଥିବା ସରକାରୀ ବନ୍ଧପ୍ରତି ଅନିଷ୍ଟ ହେବାର ସମ୍ଭାବନା ଏଣୁକରି ଅଦ୍ୟତାରିଖଠାରୁ ସାତଦିନ ମଧ୍ୟରେ ଉକ୍ତ ଘାଇମୁହଁ ଖୋଲିଦେବ ନଚେତ୍ ତୁମ୍ଭମାନଙ୍କୁ ଫୌଜଦାରୀ ସୁପର୍ଦ୍ଦ କରି ଯାଇ ସରକାରରୁ ଉକ୍ତ ଘାଇ ମୁହଁ ଖୋଲି ଦିଆଯିବ ପ୍ରକୃତରେ ଉକ୍ତ ଘାଇ ମୁହଁ ଖୋଲିଦେଲେ ତାହା ଏକ ବିଶାଳ ଘାଇ ହୋଇ ପ୍ରଜାମାନଙ୍କର ବିଶେଷ ଅନିଷ୍ଟ ହେବାର ସମ୍ଭବ ।

———

ଗତ ଶନିବାର ସନ୍ଧ୍ୟା ସମୟରେ ଉତ୍କଳ ସଭାର ଗୋଟିଏ ଅଧିବେଶନ ହୋଇଥିଲା । ଓଡ଼ିଶାରୁ ଏ ବର୍ଷ ପ୍ରବେଶିକା ପରୀକ୍ଷାରେ ଜ ୨୧୫ ଣ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କର କଲେଜରେ ପଢ଼ିବା ସମ୍ବନ୍ଧରେ ନାନା ପ୍ରକାର ଅସୁବିଧା ହୋଇଅଛି ଏବଂ ଇତିହାସ ପଢ଼ିବାର ବନ୍ଦୋବସ୍ତ କଲେଜରେ ହେଲେ ତାହା ଅନେକ ପରିମାଣରେ ନିବାରଣ ହେବାର ଜାଣି ସେହି ବିଷୟ ଆଲୋଚନା କରିବା ସେ ଦିନର ସଭାର ଉଦ୍ଦେଶ୍ୟ ଥିଲା । ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି ଆଇ ଇଙ୍କ ନିକଟରେ କେତେକ ବାଳକ ଗୁହାରୀ କରିବାରୁ ସେ ଉକ୍ତ ବିଷୟରେ କମିଶନର ସାହେବଙ୍କ ସଙ୍ଗେ ପରାମର୍ଶ କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଥିବା ବିଷୟ ସଭାରେ ନେହି ବ୍ୟକ୍ତ କଲେ ମଧ୍ୟ କଲେଜର ନୂତନ ପ୍ରିନ୍ସିପାଲ ସାହେବ ଇତିହାସ ପାଠର ବନ୍ଦୋବସ୍ତ ହେବା କାରଣ କର୍ତ୍ତୃପକ୍ଷଙ୍କୁ ଲେଖିଥିବାର ସଭାରେ ପ୍ରକାଶ ପାଇଲା । ଭୂତପୂର୍ବ ଡାଇରେକ୍ଟର ସାହେବ ମହୋଦୟ ଏଠାକୁ ଆସିଥିବା ସମୟରେ ଉତ୍କଳ ସଭାର କେତେକ ସଭ୍ୟ ଏ କଥା ପକାଇବାରୁ ପ୍ରିନ୍ସିପାଲ ସାହେବ ମହୋଦୟ ଇତିହାସ ଶ୍ରେଣୀ ନିଶ୍ଚୟ ଅଳ୍ପକାଳ ମଧ୍ୟରେ ଖୋଲା ହେବାର ଭରସା ଦେଇଥିଲେ । ବର୍ତ୍ତମାନ ତାହା ନିତାନ୍ତ ପ୍ରୟୋଜନୀୟ ହୋଇଅଛି ଏବଂ ଆମ୍ଭେମାନେ ଭରସା କରୁଁ କର୍ତ୍ତୃପକ୍ଷମାନେ ଶୀଘ୍ର ଏଥିର ବିଚାର କରିବେ । ରେଭେନ୍‌ସା କଲେଜ ଓଡ଼ିଶାରେ ଏକମାତ୍ର କଲେଜ ଥିବାରୁ ଏଠା ପିଲା-ମାନେ ଯେପରି ପାଠରୁ ବଞ୍ଚିତ ନ ହୁଅନ୍ତି ତହିଁର ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ କରିବାକୁ ବାଧ୍ୟ ଅଟନ୍ତି । ଉତ୍କଳ ସଭାରେ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟର ପତ୍ର ଲେଖାଯିବାର ଧାର୍ଯ୍ୟ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଲେଖା ଯାଇଥିବାର ଆମ୍ଭେମାନେ ଅବଗତ ହୋଇଥିଲୁଁ ମାତ୍ର ବର୍ତ୍ତମାନ ଦୁଃଖର ସହିତ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ତାହା ଯେନା କଲେ ନାହିଁ । ଦୁଃଖିର ଦୁଃଖ ନ ଦେଖିବା କାଠିନ୍ୟର ପାଠ ।

———

ଏ ନଗରର ଜନୈକ ବେଶ୍ୟା ମଇନାବାଈ ତିନଗୋଟି ବାଳିକାଙ୍କୁ ବେଶ୍ୟାବୃତ୍ତି କରାଇବା କାରଣ ରଖିଥିବା ମର୍ମରେ ଦଣ୍ଡବିଧି ଆଇନର ଦ ୩୭୩ ଧାରାରେ ପୁଲିସ କର୍ତ୍ତୃକ ଚାଲାଣ ହୋଇଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ଆମ୍ଭମାନଙ୍କ ସହଯୋଗୀ ଷ୍ଟାର ଅଫ ଉତ୍କଳ ଉକ୍ତ ମୋକଦମାରେ ବାବୁ ସମଶଙ୍କର ରାୟ ଓକିଲ ଅସାମୀ ପକ୍ଷରୁ ଉପସ୍ଥିତ ହୋଇଥିବାର ଗତ ପୂର୍ବ ସଂଖ୍ୟାରେ ପ୍ରକାଶ କରିଥିଲେ । ସମଶଙ୍କର ବାବୁ ବହୁକାଳର ସୁପ୍ରତିଷ୍ଠିତ ଓକିଲ ଥାଇ ଅନେକ ଫୌଜଦାରୀ ମୋକଦ୍ଦମାରେ କୃତକାର୍ଯ୍ୟତା ସହିତରେ ଉପସ୍ଥିତ ହୋଇଥିବା-ସ୍ଥଳେ କେବେ ତାଙ୍କର ନାମ ଆମ୍ଭମାନଙ୍କ ସହଯୋଗୀ ଉଲ୍ଲେଖ କରିନାହାନ୍ତି । ବର୍ତ୍ତ-ମାନ କି ଉଦ୍ଦେଶ୍ୟରେ ସେ ଏକଥା ପ୍ରକାଶ କଲେ ଆମ୍ଭେମାନେ କହି ନ ପାରୁଁ । ସେ ଯାହାହେଉ ସହଯୋଗୀ ଶୁଣି ଆନନ୍ଦିତ ହେବେ ଯେ ଉକ୍ତ ମୋକଦ୍ଦମାରେ ଅସାମୀ ନିର୍ଦ୍ଦୋଷୀ ସାବ୍ୟସ୍ତ ହୋଇ ମୁକ୍ତିଲାଭ କରିଅଛି । ବିଚାରପତି ଶ୍ରୀଯୁତ ବି ଏନ ରାୟ ମହୋଦୟ ନିରପେକ୍ଷଭାବରେ ଉକ୍ତ ମୋକଦ୍ଦମାର ବିଚାର କରି ସର୍ବଜନ ପ୍ରଶଂସନୀୟ ହୋଇଅଛନ୍ତି । ମୁଦ୍ଦେଇ ସେହିଣୀ ବେଶ୍ୟା ଗୋଟିଏ ପେଟ ଏବଂ ଗୋଟିଏ ପ୍ରାପ୍ତ ଯୌବନା କନ୍ୟା ସହିତ ତିନଗୋଟି କନ୍ୟା ଯେଉଁଥିରି ଅନ୍ୟ ଏକ ବେଶ୍ୟାଘରେ ଦେଢ଼ମାସକାଳ ବସାକରି ରହି ପୁଣି ମଇନାବାଈ ଘରେ ବସାକରି ରହିଥିବାର ପ୍ରଥମ ଏଜାହାରରେ ସ୍ୱୀକାର କରିଥିବା ପ୍ରତ୍ୟକ୍ଷେ ପୁଲିସ ତଦନ୍ତ ଚଳାଏ ହେଲେ ବୁଝିବା କଠିନ । ଏ ମୋକଦ୍ଦମାରେ ପ୍ରମାଣ ମଧ୍ୟ ଏମନ୍ତ ବାହାରିଲା ଯେ ବନ୍ଦୀ

Digitized by srujanika@gmail.com

ଛନ୍ତି ଏଠାରୁ ମଲକାବାଦ୍ ସଙ୍ଗେ କଲିକତାକୁ ଯାଇ ସେଠାରେ ସ୍ୱତନ୍ତ୍ର ବସାକରି ରହିଥିଲା। ଟିକିଏ ବୁଦ୍ଧି ଖର୍ଚ୍ଚ କରିଥିଲେ ପୁଲିଶ କଦାପି ଏପରି ମୋକଦ୍ଦମା ଚଲାଣ କରି ନ ଥାନ୍ତେ ବା ସରକାର ତରଫରୁ ଅକାରଣ କେତେଗୁଡ଼ାଏ ଅର୍ଥ ବ୍ୟୟ ହୋଇ ନ ଥାନ୍ତା ଏବଂ ନିର୍ଦ୍ଦୋଷୀ ଅସାମୀ ବୃଥାରେ ହାଜତରେ ରହି କ୍ଲେଶ ପାଇ ନ ଥାନ୍ତା। ଆମ୍ଭେମାନେ ଆଶାକରୁଁ ପୁଲିଶ ଏଥିରୁ ସତର୍କ ହେବାକୁ ଶିକ୍ଷାଲାଭ କରିବେ।

———

ଭାରତର ଭୂତପୂର୍ବ ବଡ଼ଲାଟ ଲର୍ଡ ରିପନ ମହୋଦୟ ବିଲାତଠାରେ ଗତମାସ ତା ୧୦ ରିଖରେ ଇହଲୀଳା ସମ୍ବରଣ କରିଥିବାର ଶୋକାବହ ସମ୍ବାଦ ଆମ୍ଭେମାନେ ଅତୀବ ଦୁଃଖସହକାରେ ପାଠକମାନଙ୍କୁ ଜଣାଉଅଛୁଁ। ପୂର୍ଣ୍ଣ ୮୨ ବର୍ଷ ବୟସରେ ଏ ମହାତ୍ମା କାଳକବଳରେ ପଡ଼ିଥିଲେହେଁ ବିଲାତପକ୍ଷେ ତାହା କିଛି ବିଶେଷ ଦୀର୍ଘଜୀବନ ନୁହଇ। ଏହାଙ୍କଦ୍ୱାରା ଭାରତରେ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତିତ ହୋଇଥିଲା ଏବଂ ଏହା ସେହି କାରଣରୁ ଭାରତବାସୀ ଏ ମହାତ୍ମା ନିକଟରେ ଋଣୀ ଅଟନ୍ତି। ସେହି ଶାସନପ୍ରଣାଳୀ ପ୍ରଚଳନ ସମୟରେ ଭାରତୀୟ ଇଂରେଜମାନେ ତାଙ୍କର ବିପକ୍ଷଭାବ ଧାରଣ କରିଥିଲେହେଁ ପର୍ଯ୍ୟନ୍ତ ଶେଷରେ ସେ ତହିଁରୁ ତିଳେ ମାତ୍ର ବିଚଳିତ ହୋଇ ନ ଥିଲେ। ସେହି ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତନ କରିବା ସମୟରେ ସେ ସରକାରୀ କର୍ମ୍ମଚାରୀରେ ଯେଉଁ ଅଭିଜ୍ଞତା ଓ ଦୂରଦର୍ଶିତା ଦେଖାଇଥିଲେ ତାହା ଅନୁପମ। କାରଣ ଆମ୍ଭମାନଙ୍କର ବର୍ତ୍ତମାନ ଷ୍ଟେଟ ସେକ୍ରେଟରୀ ତହିଁରେ ବାଧାହୂତ ହୋଇଥିବା କଥାରୁ ଅଧିକ କିଛି କହି ପାରନ୍ତେ ନାହିଁ। ଭାରତକୁ ଆସିବା ପୂର୍ବେ ଏ ମହୋଦୟ କେତେ କାଳ ଭାରତର ଷ୍ଟେଟସେକ୍ରେଟରୀ ମଧ୍ୟ ହୋଇଥିଲେ। ଦେଶୀୟସମ୍ବାଦପତ୍ର ବିରୁଦ୍ଧରେ ଯେଉଁ ଆଇନ ବିଧିବଦ୍ଧ ହୋଇଥିଲା ତାହା ଏ ମହାତ୍ମା ରହିତ କରିଥିଲେ। ଏବମ୍ଭୂତ ସହାନୁଭୂତିପୂର୍ଣ୍ଣ ଶାସନକର୍ତ୍ତା ପାଇବା ବିରଳ। ଏ ମହୋଦୟ ସନ ୧୮୬୩ ମସୀହାରୁ ବିଲାତର ମନ୍ତ୍ରିବର୍ଗଙ୍କ ମଧ୍ୟରେ ଆସନ ପାଇ ଦେଶ ସକାଶେ ପୂର୍ଣ୍ଣ ୪୬ ବର୍ଷ କାଳ ବିଶେଷ ପରିଶ୍ରମ କରିଥିଲେ ଏବଂ ଯେଉଁ ପଦରେ ପ୍ରତିଷ୍ଠିତ ହୋଇଥିଲେ ସେଠାରେ ତାଙ୍କର ସହାନୁଭୂତି ଓ ବହୁ ଦୂରଦର୍ଶିତାର ପରିଚୟ ଦେଇଅଛନ୍ତି, ଫଳତଃ ପ୍ରସ୍ତାବେ ଭାରତବାସୀଙ୍କ ହୃଦୟରେ ଏହାଙ୍କଠାରୁ ଅଧିକତର ଦୃଢ଼ଭାବରେ କୌଣସି ଶାସନକର୍ତ୍ତା ସ୍ଥାନ ପାଇ ନାହାନ୍ତି। ଇଂରେଜମାନଙ୍କ ସଙ୍ଗେ ସେହି କାରଣରୁ ଅମେଳ ହେବାଯୋଗେ ଯଦ୍ୟପି ଏହାଙ୍କ ସ୍ଥାୟୀ ଚିହ୍ନସ୍ୱରୂପ କୌଣସି ପ୍ରତିମୂର୍ତ୍ତି ଇତ୍ୟାଦି ଏ ଦେଶରେ ପ୍ରତିଷ୍ଠିତ ହୋଇ ନାହିଁ ତଥାପି ପ୍ରତି ଭାରତବାସୀଙ୍କ ହୃଦୟରେ ସେ ଯେଉଁ ଛବି ଅଙ୍କିତ କରି ଯାଇଅଛନ୍ତି ତାହା ଚିରକାଳ ଦେଶବାସୀ ସ୍ମରଣ ରଖିବେ ଏବଂ ସେଠାରୁ ବଳ ଅକ୍ଷୟ କୀର୍ତ୍ତି ଆଉ କଣ ହୋଇ ପାରେ? ଈଶ୍ୱର ତାଙ୍କର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।

—o—

## ବିଧବା ବିବାହ ଓ କାୟସ୍ଥ ସମାଜ।

କଲିକତାର ଅବସରପ୍ରାପ୍ତ ସରକାରୀ ଉକୀଲ ଶ୍ରୀଯୁତ ଦେବେନ୍ଦ୍ର ଚନ୍ଦ୍ର ଘୋଷ ମହାଶୟ ଆପଣାର ବିଧବା କନ୍ୟାର ଡାକ୍ତର ଏସ, କେ, ବସୁଙ୍କ ସହିତ ବିବାହ ଦେଇଥିବାରୁ କାୟସ୍ଥ ସମାଜର କେତେକ ଲୋକେ ତାଙ୍କର ବିପକ୍ଷଭାବ ଧାରଣ କରିଥିଲେ। ତାଙ୍କର ପୁତ୍ର ଶ୍ରୀଯୁତ ସ, ଚି, ଘୋଷ ମହାଶୟ କଲିକତାରେ ବାରିଷ୍ଟରୀ କାର୍ଯ୍ୟ କରନ୍ତି। ଗତ ମାସ ତା ୮ ରିଖରେ ବାରିଷ୍ଟର ମହୋଦୟଙ୍କ କନ୍ୟାର ଡାକ୍ତର ଚୁନିଲାଲ ବୋଷଙ୍କ ପୁତ୍ର ଶ୍ରୀଯୁତ ଅନଳ ପ୍ରକାଶ ବସୁଙ୍କ ସହିତ ପାଣି ଗ୍ରହଣର ଦିନ ଧାର୍ଯ୍ୟ ହୋଇଥିବା ହେତୁ କନ୍ୟାକର୍ତ୍ତାଙ୍କ ଘରଠାରୁ କାୟସ୍ଥମାନେ ଶୁଭ ବିବାହରେ ଯୋଗ ଦେବା କାରଣ ଯିବେ କି ନାହିଁ ଏ ବିଷୟରେ କଲିକତାର ସଙ୍ଗୀତ ସମାଜ ଗୃହରେ ଯେଉଁ ସଭା ହୋଇଥିଲା ତାହା ଗଣ୍ଡଗୋଳରେ ଭାଙ୍ଗି ଯାଇଥିବା ବିଷୟ ପାଠକମାନଙ୍କୁ ଜଣାଇଅଛୁଁ। ତା ୭ ରିଖ ବୁଧବାର ଦିନ କଲିକତାର ବନ୍ଧୁଳସ୍ଥାନରେ ବିଧବା ବିବାହର ବିପକ୍ଷ ଦଳର କୋହିନୂର ଥିଏଟର ଗୃହରେ ସଭା ହେବାର ବିଜ୍ଞାପନ ମଧ୍ୟ ହୋଇ ଯେଉଁ ସଭା ହୋଇଥିଲା ତହିଁରେ ପ୍ରାୟ ଅନେକ ଶ୍ରେଣୀର ଲୋକ ଉପସ୍ଥିତ ହୋଇଥିଲେ ଏବଂ ଗୋଳମାଳ ମଧ୍ୟରେ ବିଧବା ବିବାହ ନିଷିଦ୍ଧ ଏବଂ ଯେଉଁମାନେ ତହିଁରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୋଗ ଦେବେ ସେମାନଙ୍କୁ ସମାଜଚ୍ୟୁତ କରିବା ମର୍ମରେ ପ୍ରସ୍ତାବ ଧାର୍ଯ୍ୟ ହେଲା। ସୁଖର ବିଷୟ ଯେ ଦେବେନ୍ଦ୍ର ବାବୁଙ୍କ ନାତୁଣୀର ବିବାହ ନିର୍ବ୍ବିଘ୍ନରେ ସମ୍ପନ୍ନ ହୋଇଯାଇଅଛି ଏବଂ ବର କନ୍ୟା ଉଭୟଙ୍କ ଘରେ କାୟସ୍ଥ ସମାଜର ଅନେକ ମାନ୍ୟଗଣ୍ୟ ଲୋକେ ଥିଲେ। ବରଯାତ୍ରୀଙ୍କ ମଧ୍ୟରେ ରାଜା ବିନୟକୃଷ୍ଣ ଦେବ, ବାବୁ ଭୁପେନ୍ଦ୍ରନାଥ ବସୁ, କୁମାର ମନ୍ମଥନାଥ ମିତ୍ର, ବାବୁ ଯୋଗେନ୍ଦ୍ରନାଥ ବସୁ, ବାବୁ ନରେନ୍ଦ୍ରନାଥ ସେନ, ରାୟ ପ୍ରମଥନାଥ ମିତ୍ର ବାହାଦୁର, ବାବୁ ଅକ୍ଷୟକୁମାର ଘୋଷ ପ୍ରଭୃତି ଅନେକ ବିଖ୍ୟାତ କାୟସ୍ଥ ଏବଂ ଗଣ୍ୟମାନ୍ୟ ବ୍ରାହ୍ମଣମାନଙ୍କ ନାମ ଦେଖି ଆମ୍ଭେମାନେ ପରମାହ୍ଲାଦିତ ହୋଇଅଛୁଁ। ବିଧବା ବିବାହ ସମାଜର ବିଶେଷ ଉପକାରୀ ଏବଂ କାଳାନ୍ତ ଆବଶ୍ୟକୀୟ ଥିବା ବିଷୟ ଅନେକ ଶିକ୍ଷିତ କାୟସ୍ଥ ବୁଝିଥିବା ସ୍ଥଳେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ନ ହୋଇ ବରଂ ଅଗ୍ରସର ହେବା ଲୋକଙ୍କ ବିରୁଦ୍ଧରେ ନାନା ପ୍ରକାର ବିଘ୍ନକାରକ ଉପାୟ ଅବଲମ୍ବନ କରିବା ଅତୀବ ଦୁଃଖର ବିଷୟ। ଏହି ଭାବ ଏବଂ ଉକ୍ତରୂପ ବିରୋଧୀ କାର୍ଯ୍ୟଦ୍ୱାରା କାୟସ୍ଥ ସମାଜର ବଳ ଦିନକୁଦିନ ହ୍ରାସ ହେଉଅଛି। ସୁରାପାନ, ଅଖାଦ୍ୟ ଭୋଜନ, ବିବାହରେ ବରପଣ ଗ୍ରହଣ ପ୍ରଭୃତି ନାନା ପ୍ରକାର ଅନ୍ୟାୟ କାର୍ଯ୍ୟ ଅବାଧରେ ଚଳି ଯାଉଅଛି ଏବଂ ତାହା ରହିତ କରିବାକୁ ମୁଖରେ ଅନେକଙ୍କଠାରୁ କଥା ଶୁଣା ଗଲେ ସୁଦ୍ଧା କାର୍ଯ୍ୟରେ କିଛିହିଁ ନ ହୋଇ ବରଂ ସେମାନେ ପ୍ରଶ୍ରୟ ପାଉଅଛନ୍ତି ଅଥଚ ସମାଜ ହିତକର କିଛି କାର୍ଯ୍ୟ କଲେ ଅନେକେ ଅଯଥା ତାହାର ବିରୁଦ୍ଧାଚରଣ କରିବାକୁ ଛିଡ଼ା ହେବାର ଦେଖାଯାଏ। ଯେଉଁମାନେ ଏପରି ଲୋକଙ୍କ କଥାକୁ ଖାତିର ନ କରି ସମାଜ ସଂସ୍କାରରେ ଦୃଢ଼ସଙ୍କଳ୍ପ ସେମାନେ ସର୍ବଥା ଆମ୍ଭମାନଙ୍କର ଧନ୍ୟବାଦାର୍ହ ଏବଂ ଆମ୍ଭେମାନେ ସର୍ବାନ୍ତଃକରଣରେ ଏ ବିବାହରେ ଯୋଗ ଦେଇଥିବା ଉଦ୍ୟୋଗୀ ଲୋକମାନଙ୍କୁ ଅଭିବାଦନ କରୁଅଛୁଁ।

---

## ଦାର୍ଜିଲିଂ ଲୋଇସ ଜୁବିଲି ସ୍ୱାସ୍ଥ୍ୟାଶ୍ରମ।

ଦାର୍ଜିଲିଂ ସହରରେ ଏହି ଆଶ୍ରମ ଦେଶୀୟ ଲୋକଙ୍କର ସ୍ୱାସ୍ଥ୍ୟ ବିଧାନ ନିମନ୍ତେ ୨୨ ବର୍ଷ ହେଲା ସ୍ଥାପିତ ହୋଇଅଛି। ସନ ୧୯୦୮ ସାଲର ବାର୍ଷିକ ରିପୋର୍ଟ ଆମ୍ଭେମାନେ କୃତଜ୍ଞତା ସହିତ ପ୍ରାପ୍ତି ସ୍ୱୀକାର କରୁଅଛୁଁ। ତହିଁରୁ ଦେଖାଯାଏ ଯେ ଏହି ଆଶ୍ରମର ଉପକାରିତା କ୍ରମଶଃ ବୃଦ୍ଧି ହେଉଅଛି। ବର୍ଣ୍ଣିତ ବର୍ଷରେ ୭୩୨ ଜଣ ଏହି ଆଶ୍ରମରେ ଭରତି ହୋଇଥିଲେ ଯେ ସେମାନଙ୍କ ମଧ୍ୟରେ ୬୬୯ ପୁରୁଷ ୨୬ ସ୍ତ୍ରୀ ଏବଂ ୩୭ ପିଲା ଥିଲେ। ଏଥି ପୂର୍ବ ବର୍ଷ ୬୨୬ ଜଣ ଭରତି ହୋଇଥିଲେ। ଉପର ଲିଖିତ ୭୩୨ ଜଣ ମଧ୍ୟରେ ୧୯ ମୁସଲମାନ ୨୪ ଦେଶୀ ଖ୍ରୀଷ୍ଟିୟାନ ୨ ପାରସୀ ଓ ଅନ୍ୟ ସମସ୍ତ ହିନ୍ଦୁ ଥିଲେ ପୁଣି ହିନ୍ଦୁଙ୍କ ମଧ୍ୟରେ ବ୍ରାହ୍ମଣ ଓ କାୟସ୍ଥ ସଂଖ୍ୟା ଅଧିକ ଥିଲା। ଏମାନେ ପ୍ରାୟ ସମସ୍ତେ ଉଭୟ ବଙ୍ଗପ୍ରଦେଶର ଲୋକ ଓ ପ୍ରାୟ ଅର୍ଦ୍ଧେ ଏକମାତ୍ର କଲିକତାବାସୀ। ଓଡ଼ିଶାର ଲୋକ ଗତବର୍ଷ ନ ୧୦ ଜଣ ଏ ବର୍ଷ ନ ୮ ଜଣ ଭରତି ହୋଇଥିଲେ। ନାନା ରୋଗରେ ପୀଡ଼ିତ ଥିବା ୭୨୪ ମଧ୍ୟରୁ ୪୭୫ ଆରୋଗ୍ୟ ଏବଂ ୧୦୭ ବହୁ

Split by PDF Splitter

Digitized by srujanika@gmail.com

ପରୀକ୍ଷଣରେ ସୁସ୍ଥ ହୋଇଥିଲେ । ଅଧିକାଂଶର ରୋଗ ସାଧାରଣ ଦୁର୍ବଳତା ଏବଂ ରକ୍ତହୀନତା ଥିଲା ଏବଂ ଏମାନେ ବିଶେଷ ଉପକାର ପାଇ ଥିଲେ । ବୋଲିବା ବାହୁଲ୍ୟ ଯେ ଯେଉଁମାନେ ଘରେ ଚିକିତ୍ସା କରି ଭଲ ହୁଅନ୍ତି ନାହିଁ ଅଧିକାଂଶ ସେହି ପ୍ରକାର ରୋଗୀ ଦାରିଜିଲିଂ ଆଶ୍ରମର ଆଶ୍ରୟ ନେଉନ୍ତି । ସେଠାରେ ବାୟୁ ପରିବର୍ତ୍ତନ ଓ ଚିକିତ୍ସାଦ୍ୱାରା ସୁଫଳ ଲାଭ ହୁଅଇ । ସୁତରାଂ ଏତଦ୍ୱାରା ବିଶେଷ ଉପକାର ହେବାର ସ୍ପଷ୍ଟ ଜଣାଯାଉଅଛି । ଏଠାରେ ଚିକିତ୍ସାର ଯଥୋଚିତ ସୁବନ୍ଦୋବସ୍ତ ଅଛି ଏବଂ ତହିଁ ପାଇଁ ପୃଥକ୍ ଦେୟ ହେବାରୁ ହୁଏ ନାହିଁ ତାହା ଓ ଖାଇବା ଖରଚ ଦୈନିକ ଘରଭଡ଼ାର ଅନ୍ତର୍ଗତ ଅଟେ । ପରିବାର ନେଇ ରହିବାର ନିମନ୍ତେ ସ୍ଥାନ ଅଛି । ବିଗତ ବର୍ଷରେ ଏହି ଆଶ୍ରମର ଆୟ ଟ ୨୫୪୨୦ ଓ ବ୍ୟୟ ଟ ୨୪୧୭।୯ ଙ୍କା ହୋଇଥିଲା । ମାତ୍ର ସୁଦ ଓ ଦ୍ରବ୍ୟାଦିର କ୍ଷୟର ମୂଲ୍ୟ ଟ ୪୫୮୫ ଙ୍କା ଦେଲେ ମୋଟ ବ୍ୟୟ ଟ ୨୯୭୪୭ ହେବାରୁ ଟ ୪୩୨୭ ଙ୍କା ତ୍ରୁଟି ପଡ଼ିବାର ଜଣାଯାଏ । ସେହି କ୍ଷୟର ହିସାବ ଛାଡ଼ିଦେଲେ ଟ ୨୫୭ ଙ୍କା ଉଦ୍ବର୍ତ୍ତ ହେବାର ଦେଖାଯାଏ । ପୂର୍ବ ବର୍ଷାପେକ୍ଷା ଏ ବର୍ଷ ଅଧିକ ଲୋକ ଆଶ୍ରମରେ ରହିବା ହେତୁ ଆୟ ଯାହା ବୃଦ୍ଧି ହୋଇ ଥିଲା ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟତା ତାହା ଟାଣି ନେଲା । ଖାଦ୍ୟର ବ୍ୟୟ ଗତବର୍ଷ ଟ ୧୨୨୦ ରୁ ଏ ବର୍ଷ ଟ ୧୭୭୯ ଙ୍କା ହୋଇଥିଲା । ଯାହା ତ୍ରୁଟି ପଡ଼ିଥିଲା ତାହା ପ୍ରିମିସର ନୋଟର ସୁଦ ଏବଂ ସାଧାରଣ ଦାନର ଅର୍ଥରୁ ନିର୍ବାହ ହୋଇଥିଲା । ପ୍ରାୟ ଦୁଇଲକ୍ଷ ଟଙ୍କାର ପ୍ରମିସରି ନୋଟ ଜମା ଅଛି ଏବଂ ଜନସାଧାରଣଙ୍କର ସହାନୁଭୂତି ଓ ସାହାଯ୍ୟ ମଧ୍ୟ ଅଛି । ଏଥି ପାଇଁ ଏହାର ଅବସ୍ଥା ଭଲ ଅଛି । ସନ୍ତୋଷ ନିବାସୀ ଶ୍ରୀମତୀ ଦିନମଣି ଚୌଧୁରାଣୀ ଯଦୁନାଥ ରୋଗୀଙ୍କର ଘର ନିର୍ମାଣ ସକାଶେ ଟ ୧୫୦୦୦ ଙ୍କା ଦାନ କରିଥିଲେ । ମାତ୍ର ୨୪ ହଜାର ଟଙ୍କା ଖରଚ ହେବାରୁ ଅବଶିଷ୍ଟ ଟଙ୍କା ପ୍ରାର୍ଥନାମାନେ ଦାନ କରୁଅଛନ୍ତି । ସାଧାରଣ ଅବାସ ଗୃହ ବଢ଼ାଇବାର ଆବଶ୍ୟକ, ସ୍ଥାନାଭାବ ହେତୁ ଅନେକ ଲୋକର ଭର୍ତ୍ତି ହେବାର ପ୍ରାର୍ଥନା ଅଗ୍ରାହ୍ୟ କରନାକୁ ହୋଇଥିଲା । ଏଥିରୁ ପାଠକମାନେ ଏହି ଆଶ୍ରମର ଉପକାରିତା ଅନୁଭବ କରି ପାରିବେ ଏବଂ ଯେ କେହି ଏହାକୁ ଯାହା ସାହାଯ୍ୟ କରିବେ ତାହା ପ୍ରକୃତ ଦାନ ହେବ ।

———

ପରତାଲ ସଙ୍କଟ ।

ବଙ୍ଗପ୍ରଦେଶର ସର୍ଭେ ଓ ସେଟେଲମେଣ୍ଟ ବିଭାଗର ଗତ ବାର୍ଷିକ ବିବରଣୀରେ ଓଡ଼ିଶାରେ ବର୍ତ୍ତମାନ୍ ଲଗିଥିବା ପରତାଲ ବନ୍ଦୋବସ୍ତ ସମ୍ବନ୍ଧରେ ଜମିଦାର ଏବଂ ପ୍ରଜାଙ୍କ ସମ୍ପର୍କରେ ତିନୋଟି ପ୍ରଧାନ ସଙ୍କଟ ବା କଠିନ କଥାର ବିଚାର କରିବା ଗବର୍ଣ୍ଣମେଣ୍ଟର କର୍ତ୍ତବ୍ୟ ବୋଲି ବନ୍ଦୋବସ୍ତ କର୍ମଚାରୀ ଲେଖିଅଛନ୍ତି । ଯଥା (୧) ନୂଆ ଅବାଦୀ ଜମିରେ ଜମିଦାର ଓ ପ୍ରଜାର ସତ୍ୱ (୨) ରୟତୀ ଜମିର ହସ୍ତାନ୍ତର ଓ ତହିଁର ଦାଖଲ ଖାରିଜ ନିମନ୍ତେ ଜମିଦାରର ଫିସ ଏବଂ (୩) ରୟତୀସତ୍ୱ ରହିତ କରିବା ପକ୍ଷରେ ଜମିଦାରର ଅଧିକାର । ନୂଆ ଅବାଦ ଜମି ସମ୍ବନ୍ଧରେ ବନ୍ଦୋବସ୍ତ କର୍ମଚାରୀ ଲେଖିଅଛନ୍ତି ଯେ ଯେ ସମସ୍ତ ନୂଆ ଅବାଦୀ ଜମି ରୟତମାନେ ଜମିଦାରର ଅନୁମତି ବା ଉକ୍ତପ୍ରକାର ଚାଷ କରୁଅଛନ୍ତି ସେ ସମସ୍ତ ସ୍ୱୀକାର ପ୍ରଚଳିତ ଦରରେ ଖଜଣା ଦେଲେ ଚାଷ କରିବାର ଅଧିକାରୀ ବୋଲି ଦାବୀ କରନ୍ତି । ଜମିଦାରମାନଙ୍କର ମତ ଯେ ନୂଆ ଅବାଦ କରିବା ଜମିର ରୟତମାନେ ଜମିଦାରଙ୍କର ନିର୍ଦ୍ଦିଷ୍ଟ ନିୟମରେ ସମ୍ମତ ନ ହେଲେ ସେମାନଙ୍କୁ ଅନଧିକାର ପ୍ରବେଶକାରୀ ଜ୍ଞାନ କରାଯିବ । ପୁଣି ଅନେକ ଜମିଦାର ମନେ କରନ୍ତି ଯେ ନୂଆ ଅବାଦ ଜମି ସେମାନଙ୍କର ନିଜର ଜମି ଓ ତାହା ଚାଷକରିବା ପ୍ରଜା ଫସଲର ଭାଗ ଦେବା ଇଚ୍ଛାଧୀନ ରୟତ ବୋଲି ଲେଖାଯିବା ଉଚିତ ।

୨ୟ ସମ୍ବନ୍ଧରେ ସେ ଲେଖିଅଛନ୍ତି ଯେ ରୟତିସତ୍ୱର ହସ୍ତାନ୍ତର ସମ୍ବନ୍ଧେ ପ୍ରଥା ପ୍ରଚଳିତ ହୋଇଅଛି । ପ୍ରଜା ପକ୍ଷରେ ଏହା ହିତକର କି ଅନିଷ୍ଟକର ଏ ବିଷୟରେ ତର୍କ ହୋଇପାରେ ମାତ୍ର ଯେ ସ୍ଥଳେ ଜମିଦାରମାନେ ଏ ପ୍ରଥାକୁ ଗ୍ରହଣ କରୁଅଛନ୍ତି ସେ ସ୍ଥଳେ ଦାଖଲ ଖାରିଜ ଫିସ ଜମିଦାର ନେଇ ପାଇବା ଉଚିତ ଏବଂ ନିର୍ଦ୍ଦିଷ୍ଟ କରିବା ଆବଶ୍ୟକ । ସାଧାରଣତଃ ଶତକଡ଼ା ଟ ୨୫ ଟଙ୍କା ଫିସ ନିଆଯାଏ ମାତ୍ର କେହି ଜମିଦାରମାନର ଅଧା ବା ସ୍ଥାନ ଦାବୀ କରିବାର ଶୁଣାଯାଏ । ଏଥିପାଇଁ କେତେ ରୟତ ଯଥାର୍ଥ ଦରସମନ ଲୁଚାନ୍ତି ଅଥବା ଦସ୍ତାବେଜଦ୍ୱାରା ପଟ୍ଟା ବା ବନ୍ଧକ ହେବାର ଛଳ କରନ୍ତି । ଅତଏବ ଦାଖଲ ଖାରିଜ ଫିସର ଊର୍ଦ୍ଧ୍ୱସୀମା ନିରୂପଣ କରିବା ସରକାରଙ୍କର ଉଚିତ ।

୩ୟ ଅର୍ଥାତ୍ ରୟତି ସତ୍ୱ କଥା ରହିତହେବା ପ୍ରସଙ୍ଗ ଯେମନ୍ତ ନୟା ଅବାଦୀ ଜମି ସଙ୍ଗେ ତେମନ୍ତ ଜମିଦାରର ନିଜ ଚାଷ ଅଥବା ଖୁଦାନ୍ତରେ ଲିଖିତ 'ବଜାପ୍ତେ ରୟତ' ଜମି ସଙ୍ଗେ ସମ୍ପର୍କ ରଖେ । ପ୍ରଜାସତ୍ୱ ଆଇନର ଧା୧୨୮ ସ ଓଡ଼ିଶାରେ ଜାରି ହୋଇ ନ ଥିବା ଏବଂ ଧା ୨୦ ଓ ୨୧ ସମାନ ଜାରିହେବାଦ୍ୱାରା ସନ ୧୮୯୧ ସାଲର ୧୦ ଆଇନର ଧା ୭ ସ ରହିତ ହୋଇ ନ ଥିବା ହେତୁରେ ଜମିଦାରମାନେ ରୟତଙ୍କଠାରୁ ସେ ସମସ୍ତ ଜମିର କବୁଲିୟତ ନେଇ ରୟତି ସତ୍ୱ ରହିତ କରୁଅଛନ୍ତି । ସେଟେଲମେଣ୍ଟ ଅଫିସର ଏ ଯୁକ୍ତି ଗ୍ରହଣ କରୁ ନାହାନ୍ତି । ଯେବେ ଦେବାନୀ ଅଦାଲତ ଏହା ଗ୍ରହଣ କରିବେ ତେବେ 'ଆଇନ କରିବା ଆବଶ୍ୟକ ମାତ୍ର ଏ ବିଷୟରେ ଶ୍ରୀଯୁକ୍ତ ଗାରେଟ ସାହେବ ଉତ୍ଥାପନ କରିଥିବା ବିଷୟରେ ଶ୍ରୀଯୁକ୍ତ ମାଡ୍‌ଭସ ସାହେବଙ୍କର ରିପୋର୍ଟ ଆସିବା ପରେ ସ୍ଥିର ହେବାନ୍ତ ହେବ । ଏଥି ମଧ୍ୟରେ ଜମିଦାରମାନେ ଆପେ ଚାଷ କରିବା ଜମିର ପରିମାଣ ବଢ଼ାଇବାରେ ତତ୍ପର ଅଛନ୍ତି । ପରତାଲରେ ଯେଉଁ ଅଙ୍କ ସଂଗ୍ରହ ହୋଇଅଛି ତହିଁରୁ ପ୍ରକାଶ ଯେ ନିଜ ଯୋତ ଜମିର ପରିମାଣ ଠିକ୍ ପୂର୍ବପରି ରହିଅଛି ମାତ୍ର ନିଜ ଚାଷ ଜମିର ପରିମାଣ ୧୪୨୮୭ ରୁ ୧୭୬୩୯କୁ ଅର୍ଥାତ୍ ଶତକଡ଼ା ପ୍ରାୟ ୨୦ ବଢ଼ିଅଛି । ଅତଏବ ଜମିଦାରମାନେ ଯେ ଗୁହାରୀ କରନ୍ତି ପରତାଲ ବନ୍ଦୋବସ୍ତ ସେମାନଙ୍କର ନିଜ ଯୋତ ଓ ନିଜଚାଷ ସତ୍ୱକୁ ନ ମାନିବା ହେତୁ ସେମାନେ ଉତ୍ପୀଡ଼ିତ ହେଉଅଛନ୍ତି ତାହା ଯୁକ୍ତି ସଙ୍ଗତ ନୁହେ । ଏଥିରୁ ପାଠକମାନେ ଦେଖିବେ ଯେ ବନ୍ଦୋବସ୍ତ କର୍ମଚାରୀମାନେ ଗୋଟାପଣେ ପ୍ରଜା ସପକ୍ଷେ ବ୍ୟସ୍ତ । ଜମିଦାର ମାଲିକ ହେଉଥିବାସ୍ଥଳେ ପଡ଼ିଆ ଜମି ଅବାଦ କଲେ ବା କରାଇଲେ ତହିଁର ଫଳଭୋଗ ହେବ ନାହିଁ ଏବଂ ରୟତିଜମି ସମ୍ବନ୍ଧରେ ତାହାର ସମ୍ପୂର୍ଣ୍ଣ ଅଧିକାର ଥିଲେହେଁ ଦାଖଲ ଫିସ ଅବସ୍ଥା ବୁଝିନେଇ ପାଇବ ନାହିଁ ଏହା ଯେବେ ଜମିଦାର ସତ୍ୱ କରିବା ନୁହେ ତେବେ କ'ଣ ବୋଲାଯିବ ?

—❋—

କୃତଜ୍ଞତା ।

କର୍ଜନ ଉଇଲ୍ସ ସାହେବ ଓ ଡାକ୍ତର ଲାଲ ତାହାଙ୍କ ହତ୍ୟାକାଣ୍ଡ ଦିଲ୍ଲୀଠାରୁ ଏପର୍ଯ୍ୟନ୍ତ ଆଜକାଲି ଲୋକଙ୍କର ପ୍ରଧାନ ଚର୍ଚ୍ଚା ହୋଇଅଛି ଏବଂ ଲୋକେ ଏମାନଙ୍କ ମୃତ୍ୟୁରେ ଯେମନ୍ତ ଦୁଃଖିତ ଅଲ୍ପବୟସ୍କ ଘାତକର ଘୃଣିତ ପାପକାର୍ଯ୍ୟ ଦେଖି ତେମନ୍ତ ମର୍ମାହତ ହୋଇଅଛନ୍ତି । କର୍ଜନ ଉଇଲ୍ସ ମହୋଦୟଙ୍କ ପ୍ରତି ଗୁଳି ଦଗାହେବାବେଳେ ତାଙ୍କ ପତ୍ନୀ ସେଠାରେ ନ ଥିଲେ । ତହିଁର ଶବ୍ଦ ଶୁଣି ସେଠାକୁ କି ହେଲା ଦେଖିବାକୁ ଯାଇ ମୃତବ୍ୟକ୍ତି ଆପଣାର ସଦାଶୟ ସ୍ୱାମୀ ଥିବାର ଦେଖି ତାଙ୍କର ମୃତଶରୀରର ମସ୍ତକ ଆପଣାର ଜାନୁଉପରେ ରଖି ବାନ୍ଧୁଥିବାର ଦୃଶ୍ୟ ପାଷାଣ ହୃଦୟକୁ ମଧ୍ୟ ବିଗଳିତ କରିବ । ତହିଁନିକଟରେ ଗୁଳିବିଦ୍ଧ

Split by PDF Splitter

Digitized by srujanika@gmail.com

ମୁମୂର୍ଷୁ ଡାକ୍ତର ଲାଲକାଡ଼ୀ ମହାଶୟ ଘାତା-
ତକ ଯନ୍ତ୍ରଣାରେ ଛଟପଟ ହେଉଥିବା କଥା
ମନରେ ପଡ଼ିଲେ ହୃଦୟ ବିଦୀର୍ଣ୍ଣ ହୁଏ । ଇଂରେ-
ଜମାନେ ଏପର୍ଯ୍ୟନ୍ତ ଅମ୍ଭମାନଙ୍କର ବନ୍ଧୁସ୍ୱରୂପରେ
କାର୍ଯ୍ୟକରି ଆସୁଅଛନ୍ତି । ସେମ ବୃଟିଶସମୟରେ
ଡାକ୍ତର ବଥଆ ଦ.ଶଦେବାଦ୍ୱାର ସେଗୋପ-
ଣମର ପ୍ରଧାନ କାରଣ ସେମାନଙ୍କର ଶାସନ-
କାର୍ଯ୍ୟର ଦୋଷ ତଥା ଅମ୍ଭମାନଙ୍କ ମନରୁ
ନ ଅପସରିବା ତାହ ଯେ ଅମ୍ଭମାନଙ୍କର
ମଙ୍ଗଳକାମିତ୍ୱ ଏଥିରେ ସନ୍ଦେହ ନାହିଁ ।
ଅବଶ୍ୟ ବେଳେ ବେଳେ ସେମାନେ କୌଣସି କଥାରେ
କିଛି ଭ୍ରମକଲେ ତାହା ସମସ୍ତ ବା ଗୌରବରେ
ସହିବା ଉଚିତ ନ ହେଲେହେଁ ମନୁଷ୍ୟଚରି-
ତ୍ରରେ ତାହା ଅପରିହାର୍ଯ୍ୟ ଥିବାରୁ ବୁଝାଇ
ଦେଲେ ନିଶ୍ଚୟ କାର୍ଯ୍ୟକର ହେବ ମାତ୍ର ଏହି-
ସମୟରେ ମହା ପାପଜନକ ଅସ୍ୱଜନ କାଣ୍ଡର
ଅଭିନୟ କରିବା ନିତାନ୍ତ ଗର୍ହିତ । ସେରୂପ
କାର୍ଯ୍ୟରେ ଦେଶ ଉନ୍ନତିପଥରେ କଦାପି ଅଗ୍ର-
ସର ହୋଇ ନ ପାରେ । ଅମ୍ଭେମାନେ ଅବିଦ୍ୟା
ଅନ୍ଧକାରରେ ନିତାନ୍ତ ଦୁର୍ଦ୍ଦଶାଗ୍ରସ୍ତ ଥିବା ସମ-
ୟରେ ଇଂରାଜମାନେ ଅମ୍ଭମାନଙ୍କର ଜ୍ଞାନୋଦୟ
ନିମନ୍ତେ ନାନା ପ୍ରକାର ଉପାୟ ଉଦ୍ଭାବନ କରି-
ଅଛନ୍ତି ଏବଂ ସେହିମାନଙ୍କ ଯୋଗୁଁ ଯେ ଅମ୍ଭେ-
ମାନେ କୂପମଣ୍ଡୂକ ସଦୃଶ ସମୁଦାୟ ପୃଥିବୀର
ପ୍ରଭୃତିର କାର୍ଯ୍ୟାବଳୀ ଅବଗତ ହୋଇ ଜ୍ଞାନ-
ମାର୍ଗ ତଥା ଉନ୍ନତି ପଥରେ ଅଗ୍ରସର ହେଉଅଛୁ
ଏଥିରେ ସନ୍ଦେହ ନାହିଁ । ସେ ଯୋଗୁଁ ଅମ୍ଭେ-
ମାନେ ଯେ କୃତଜ୍ଞ ଅଟୁଁ ଏହା ସାହେବ
ମହୋଦୟଙ୍କ ମୃତ୍ୟୁବାର୍ତ୍ତା ଭାରତରେ ପ୍ରଚାରିତ
ହେବା ସଙ୍ଗେ ସଙ୍ଗେ ନାନା ସମ୍ବାଦପତ୍ରରୁ ସହାନୁଭୂ-
ତିସୂଚକ ପ୍ରସ୍ତାବ ଓ ଶ୍ରୀମତୀ ଉଇଲିଙ୍କ ନିକଟ
ବାର୍ତ୍ତା ପ୍ରେରଣାଦ୍ୱାରା ଭାରତରେ ଦେଖାଯାଉ-
ଅଛି । ଯେଉଁ ଡାକ୍ତର ଲାଲକାକା ଉଇ-
ଲି ମହୋଦୟଙ୍କୁ ରକ୍ଷା କରିବାକୁ ଯାଇ ଅସୀମ
ସାହସିକତାର ପରିଚୟ ଦେଇ ମୃତ୍ୟୁମୁଖରେ
ପତିତ ହୋଇଥିବାରୁ ଇଂରାଜ ଜାତି ତାଙ୍କଠାରେ
କୃତଜ୍ଞ ଅଛନ୍ତି ଏବଂ ତାହା ଡାକ୍ତର ଲାଲ
କାକାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ମୃତ ଶରୀରର
ଉପରେ ପୁଷ୍ପମାଲ ଲମ୍ବମାନ ହେବାଦ୍ୱାରା
ଦେଖାଗଲା । ଅସହ୍ୟ ସ୍ୱାମୀ ଶୋକପୀଡ଼ିତା
ମହିଳା ଶ୍ରୀମତୀ ଉଇଲି ଏ ଦାରୁଣ ଶୋକ
ସମୟରେ ମୃତ ସ୍ୱାମିର ଉପକାରକଙ୍କ ପ୍ରତି
କୃତଜ୍ଞତା ଦେଖାଇବାକୁ ଭୁଲ କାହାନ୍ତି । ମୃତ-
ଶବ ଉପରେ ଅନେକଗୁଡ଼ିଏ ଫୁଲମାଳ ଲମ୍ବିତ
ହୋଇଥିଲା ଏବଂ ତହିଁ ମଧ୍ୟରେ ଶ୍ରୀମତୀ ଉଇ-
ଲିଙ୍କ ପୁଷ୍ପମାଳରେ ତାଙ୍କର ସ୍ୱାମିଙ୍କର ପ୍ରାଣ-
ରକ୍ଷାର୍ଥ ଅସମସାହସିକତା ଦେଖାଇଥିବାହେତୁ
ତାହାଙ୍କ କୃତଜ୍ଞତାର ନିଦର୍ଶନ ସ୍ୱରୂପ ତାହା
ପ୍ରଦତ୍ତ ହୋଇଥିବାର ଲେଖାଥିଲା । ଡାକ୍ତର
ଲାଲକାକାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଉପଲକ୍ଷରେ
ଅନେକ ଇଂରାଜଙ୍କ ସଙ୍ଗେ ଅମ୍ଭମାନଙ୍କର
ଷ୍ଟେଟ ସେକ୍ରେଟେରୀ ଲର୍ଡ ମର୍ଲି ମହୋଦୟ ମଧ
ପ୍ରତିନିଧିଦ୍ୱାରା ଉପସ୍ଥିତ ହୋଇଥିଲେ । ଉକ୍ତ
ହତ୍ୟାକାଣ୍ଡ ଯେମନ୍ତ ହୃଦୟ ବିଦାରକ ଉଭୟ
ମୃତବ୍ୟକ୍ତିଙ୍କର ଅନ୍ତ୍ୟେଷ୍ଟି କ୍ରିୟା ମଧ୍ୟ ସେମନ୍ତ
ଶୋକୋଦ୍ଦୀପକ ଅଟଇ । ଏକଦିଗରେ ସଦାଶୟ
ହିତୈଷୀ ବ୍ୟକ୍ତିଙ୍କୁ ଶତ୍ରୁ ଜ୍ଞାନରେ ହତ୍ୟା କରି
କୃତଘ୍ନତାର ପରାକାଷ୍ଠା ଦେଖାଇବା ସଙ୍ଗେ
ଅନ୍ୟଦିଗରେ ବିଜାତୀୟ ପରୋପକାରୀ ପ୍ରତି ସ୍ୱାମୀ
ବିରହଜନିତ ଅସହ୍ୟ ଶୋକ ତାପ ଭୁଲି କୃତ-
ଜ୍ଞତାର ନିଦର୍ଶନ ଦେଖାଇବା ଉଭୟ ପାଠକମାନେ
ଏହିସ୍ଥାନରେ ଦେଖନ୍ତୁ । ଏଥିରୁ ମୃତା ମନୁଷ୍ୟତା
ଶିକ୍ଷା କରିବାକୁ ଅନେକ ଉପକରଣ ମିଳିବ
ଏବଂ ପ୍ରଗାଢ଼ ଚେଷ୍ଟାରେ ତାହା ଶିଖିବାକାରଣ
ଅମ୍ଭେମାନେ ଦେଶ ଲୋକଙ୍କୁ ଅନୁରୋଧ କରୁ-
ଅଛୁଁ । ଦୁରାତ୍ମା ମଦନଲାଲ ଧିଙ୍ଗ୍ରା ସାହେବ
ମହୋଦୟଙ୍କୁ ହତ୍ୟା କରିବାକୁ ଚାଲିବେଳେ
ଆତ୍ମହତ୍ୟା କରିବାକାରଣ ନାନାପ୍ରକାର ଅସ୍ତ୍ର
ସଙ୍ଗେ ରଖିଥିଲା ମାତ୍ର ତହିଁ ତାହାର କାର୍ଯ୍ୟରେ
ଲାଗିଲା ନାହିଁ । ଏ ମହା ପାପର ପ୍ରାୟଶ୍ଚିତ୍ତ
ସ୍ୱରୂପ ତାହାକୁ କେତେ ଯନ୍ତ୍ରଣା ଯେ ଭୋଗ
କରିବାକୁ ଅଛି ତାହାର କଳନା କରିବ ?

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବଙ୍ଗଳା ଦପ୍ତରର ଏସିଷ୍ଟେଣ୍ଟ ପ୍ରଧାନ ସେକ୍ରେଟରୀ ମାନ୍ୟବର ଶ୍ରୀଯୁକ୍ତ ଏଫ୍, ଡବଲ୍ୟୁ, ଡ୍ୟୁକ ଙ୍କ କାର୍ଯ୍ୟରେ ବାହାଲ ହେଲେ ।

କଲିକତା ମିଉନିସିପାଲିଟିର ଚେୟାରମ୍ୟାନ ମାନ୍ୟବର ଶ୍ରୀଯୁକ୍ତ ସାର ଗୁର୍ଲିସ ଏଲେନ ଶ୍ରୀଯୁକ୍ତ ଡ୍ୟୁକ ସାହେବଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟ ଆଦେଶ ପର୍ଯ୍ୟନ୍ତ ବଙ୍ଗଳ ଦପ୍ତରର ପ୍ରଧାନ ସେକ୍ରେଟରୀ କାର୍ଯ୍ୟରେ ନିଯୁକ୍ତ ହେଲେ ।

କଟକର ଏସିଷ୍ଟାଣ୍ଟ ମା। ଓ କଲେକ୍ଟର ମି। ଏଲ୍ ଇ, ବିଲ ସନ ୧୯୦୮ ମସିହା ଜୁଲାଇ ମାସ ତା ୫ ରିଖରୁ ତିନ ସପ୍ତାହର ଛୁଟୀ ପାଇଲେ ।

କଟକର ଏସିଷ୍ଟାଣ୍ଟ ମା। ଓ କଲେକ୍ଟର ମ, ଘେ, ଡ ଭୁଇଁଣ ଟ୍ରେଜରୀ ଅଫିସରଙ୍କ କ୍ଷମତା ପାଇଲେ ।

ଜଗମାଲର ସବଡିଭିଜନାଲ ଅଫିସର ମି। ଏ, ଘେ, ଓରେ-ଲ୍ଡ୍ କଗମାଲର ଓ ଅନଗୁଳ ଡେ। ମାଜିଷ୍ଟ୍ରେଟ ମି। ବ, ରଳ ଅନଗୁଳ ସଦରର ସବ-ରେଜିଷ୍ଟ୍ରାର ହେଲେ ।

ବାବୁ ସୋମନାଥ ମଲ୍ଲିକ ୧୦ ବର୍ଷ ସକାଶେ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ହୋଇ କେନ୍ଦ୍ରାପଡ଼ାର ସ୍ୱାଧୀନ ବେଞ୍ଚର ସଭ୍ୟ ହେଲେ ଓ ଫୌଜଦାରୀ ମୋକଦ୍ଦମାରେ ଏକଲା ବସିବାରେ ସାକ୍ଷ୍ୟ ନେବାର କ୍ଷମତା ପାଇଲେ ।

ବାବୁ ଉପେନ୍ଦ୍ର ଘୋଷ ଓ ବାବୁ କୃପାସିନ୍ଧୁ ଦାସ ଦଶବର୍ଷ ସକାଶେ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ପୁନର୍ନିଯୁକ୍ତ ହୋଇ ପୁରୀର ସ୍ୱାଧୀନ ବେଞ୍ଚର ସଭ୍ୟ ହେଲେ ।

ଅକ୍ଷୟପଦା-ଯାଜପୁର ଡିଭିଜନ ଏସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ଆଶୁତୋଷ ବସୁ ଓ ଭୁବନେଶ୍ୱର ସେକ୍ସନ ସବଓଭରସିୟର ବାବୁ ମୋହିନୀମୋହନ ଗାଙ୍ଗୁଲି ଯଥାକ୍ରମେ ସନ ୧୯୦୯ ମସିହା ଜୁଲାଇ ମାସ ତା ୧ ରିଖରୁ ଓ ଜୁନ ମାସ ତା ୨୭ ରିଖରୁ ୨ ମାସର ଛୁଟୀ ପାଇଲେ ।

ସବଡେପୁଟୀ କଲେକ୍ଟର ବାବୁ ହରେକୃଷ୍ଣ ନାୟକ ତିନ ମାସର ଛୁଟୀ ପାଇଲେ ।

ବାବୁ ହରଚରଣ ନାୟକ ବି, ଏ, ସମ୍ବଲପୁର ହାଇସ୍କୁଲର ସହକାରୀ ଶିକ୍ଷକ ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡମାଷ୍ଟର ବାବୁ ଉପେନ୍ଦ୍ରନାଥ ଦତ୍ତ ଗୁପ୍ତ ଦୁଇମାସର ଛୁଟୀ ପାଇଲେ । ବାବୁ ଦାଶରଥି ପାଣିଗ୍ରାହୀ ସହକାରୀ ହେଡ ମାଷ୍ଟର, ହେଡମାଷ୍ଟର କାର୍ଯ୍ୟରେ ଓ ବାବୁ ହାରାଣଚନ୍ଦ୍ର ଗୁପ୍ତ ସହକାରୀ ହେଡ ମାଷ୍ଟର କାର୍ଯ୍ୟରେ ନିଯୁକ୍ତ ହେଲେ । ମୌଲବୀ ଏବ୍ଦୁଲ ମଜିଦ ସହକାରୀ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ସନ ୧୯୦୯ ମସିହାରେ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

୧ ମ ଶ୍ରେଣୀ ବୃତ୍ତି ଟ ୨୦ ଟା ।

ପ୍ରାଣକୃଷ୍ଣ ପଢ଼ୀ ରେଭେନସା କଲେଜିଏଟ ସ୍କୁଲ

୨ ୟ ଶ୍ରେଣୀ ବୃତ୍ତି ଟ ୧୫ ଟା ।

ମୃତ୍ୟୁଞ୍ଜୟ ବସୁ ରେ। କ। ସ୍କୁଲ
ବାଞ୍ଛାନିଧି ପଟ୍ଟନାୟକ ରେ। କ। ସ୍କୁଲ
ଶୈଳେନ୍ଦ୍ରନାଥ ଘୋଷ ପି। ଏମ ଏକାଡେମୀ ସ୍କୁଲ
ସୁଧାଂଶୁଚନ୍ଦ୍ର ବସୁ ରେ। କ। ସ୍କୁଲ

୩ ୟ ଶ୍ରେଣୀ ବୃତ୍ତି ଟ ୧୦ ଟା ।

ହରପ୍ରସାଦ ପଟ୍ଟନାୟକ ରେ। କ। ସ୍କୁଲ
ପ୍ରମୋଦକୁମାର ଦେ ,, ,, ,,
ଜିତେନ୍ଦ୍ରନାଥ ମହାନ୍ତି ,, ,, ,,
ରମାନାଥ ବାନାର୍ଜି ମୟୂରଭଞ୍ଜ ହାଇ ସ୍କୁଲ
ଗଣେଶପ୍ରସାଦ ଦାସ ବାଲେଶ୍ୱର ଜିଲ୍ଲା ସ୍କୁଲ
ଧର୍ମାନନ୍ଦ ତ୍ରିପାଠି ପୁରୀ ଜିଲ୍ଲା ସ୍କୁଲ
କ୍ଷିତୀଶଚନ୍ଦ୍ର ସେନ ସମ୍ବଲପୁର ହାଇ ସ୍କୁଲ
ମଦନମୋହନ ପ୍ରଧାନ ,, ,, ,,

ଗତ ତା ୮ ରିଖ ଶେଷହେବା ସପ୍ତାହରେ ଓଡ଼ିଶାର ଦୁଇ ଜିଲ୍ଲାରେ ଚାଉଳର ଦର ପୂର୍ବ ପ୍ରାୟ ଥିଲା ।

ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ବାଲେଶ୍ୱର ଜିଲ୍ଲା ବୋର୍ଡର ସଭ୍ୟ ନିଯୁକ୍ତ ହେଲେ । ଯଥା;—

ବାବୁ ଦେବେନ୍ଦ୍ରନାଥ ଘୋଷ
,, ହେମଚନ୍ଦ୍ର ଦେ
,, ଲଳିତମୋହନ ସରକାର
,, ରାଧାଗୋବିନ୍ଦ ଦାସ
ମୌଲବୀ ମହମ୍ମଦ ଏନାଏତ ହୁସେନ
ସବଡିଭିଜନାଲ ଅଫିସର ଭଦ୍ରକ
ବାବୁ ଜଗନ୍ନାଥପ୍ରସାଦ ମହାପାତ୍ର
,, ରାଧାଚରଣ ଦାସ

—:o:—

Split by PDF Splitter
Digitized by srujanika@gmail.com

Split by PDF Splitter



## ସ୍ଥାନୀୟ ସମ୍ବାଦ ।

ଅସ୍ମମାନଙ୍କର ମା କଲାସ୍ କମିଶନର ଗତ ଶନିବାର ପୁରୀ ଗମନ କରିଅଛନ୍ତି । ଆଜ ପ୍ରତ୍ୟାଗମନ କରିବେ । ବୋର୍ଡର ମେମ୍ବର ମାନ୍ୟବର ଶ୍ରୀଯୁକ୍ତ ଗ୍ଲାଡ ସାହେବ ପୁରୀ ଅଡ଼ିଷ ପରିଦର୍ଶନ କରିବାକୁ ଯାଇ ଥିବାରୁ ତାଙ୍କର ଏ ଗମନ ହୋଇଥିଲା ।

ଗତ ସପ୍ତାହରେ ଉତ୍ତମ ବର୍ଷା ହୋଇଅଛି । ବର୍ତ୍ତମାନ ବୃଷ୍ଟିରେ କୃଷି ବେହୁଡ଼ା କାର୍ଯ୍ୟ ଉତ୍ତମରୂପେ ଚାଲିଅଛି ।

କାଇଜଙ୍ଗ ବାରବାଟି ତଙ୍ଗାଏତର ମଉଥିବା ଲୋକ ପୁଣ୍ଡ-ରିସ ଶେଷଥାନା ଲ: ଅମୂଲ୍ୟରତ୍ନା ମୌଜାର ବାମପାଣି ଖଣ୍ଡାଏତ ବୋଲି ପ୍ରକାଶ ପାଇଅଛି । ଖଣ୍ଡାଏତ ମଧ୍ୟରୁ ଯେଉଁ ସେଇ ମାରିଥିଲା ସେ ବର୍ତ୍ତମାନ ଧୃତ ହୋଇ ନାହିଁ । ଅନ୍ୟ ଯେଉଁମାନେ ଗ୍ରେପ୍ତାର ହୋଇ ହାକିମଙ୍କ ଅଧୀନରେ ଅଛନ୍ତି ସେମାନଙ୍କ ବିଚାର ନିମନ୍ତେ ଜୁଲାଇମାସ ତା ୨୩ ରଖ ଦିନ ଧାର୍ଯ୍ୟ ହୋଇଅଛି ।

ସତ୍ୟବାଦୀ ଭାଗବତ ଶାଳାର ଶ ଗୁରୁ ବାବୁ ଶ୍ରୀ ବାସୁଦେବ ରଥ ମହାଶୟଙ୍କ ବର୍ତ୍ତମାନ ଶାରୀରିକ ଓ ମାନସିକ ପରୀକ୍ଷା-ଦ୍ୱାରା ଲଥଯାତ୍ରାରେ ଅଧିବା ନ ୪୫ ଣ ଛାତ୍ରସେବୀ ମଧ୍ୟରୁ ନ ୧୪ ଣ ଅପ୍ରେଣ୍ଟ ହୋଇଥିଲେ ।

## ଯାଜପୁର ସମ୍ବାଦ ।

ଯାଜପୁର ବାଲିଗାଡ଼ି ମୌଜାର ଏକ ବ୍ରାହ୍ମଣର ଏକ ପୁତ୍ରର ଅଳଙ୍କାର ଓ ଅର୍ଥ ଏକ ସୁନାର ଦ୍ୱାରା ହୋଇଥିବା ହେତୁ ଉକ୍ତ ଯାଜପୁରଥାନାର ଅଠଦିନ ପରେ ନପଟୋଲରେ କଲସ-ଅର ଜଳରେ ଠେକାଇ ଦେଇଥିବାରୁ ନାହୁଣୀ ଅପଣାର ନନ ବଧିବାର ଉନ୍ମତ୍ତ ଭାବ ନେଇ ସେ ଓ ତାହାର ଏକ ଭଉଣୀ ଏକ-ଦିନକଣ ସ୍ୱୀ ବୈତରଣୀ ନଦୀକୁ ଗଲେ ସେମାନେ ଅଳ୍ପ କଳର ଛଡ଼ାହୋଇ ନଦୀକୁ ଝିଏ ଅଧିକ କଳକୁ ଜଳସ୍ନାନ କରିଦେବାକୁ ବହୁଜାମାନେ ସେ ଅଗକୁ ଯିବାମାନେ ତାହାର ଗୋଡ଼ ଖସିଯାଇ ସେ ଜଳମଗ୍ନ ହେଲା ଧାଇ ଓ ନଣନ୍ଦମାନେ ତାକୁ ଧରିବାକୁ ଯାଇ ସମସ୍ତ ଜଳମଗ୍ନ ହେଲେ । ଜଣେ ପୁରୁଷ ଦେଖିବାରୁ ସେ ଘଟଣା ଦେଖି ଦୁଇଜଣଙ୍କୁ ମୃତ୍ୟୁମୁଖରୁ ରକ୍ଷାକଲା ମାତ୍ର ନବ-ବଧୂର ସନ୍ଧାନ ମିଳିଲା ନାହିଁ ।

ଥାନା ଅନ୍ତର୍ଗତ ବରୁଆନ ମୌଜାର ଏକ ଦେଖା ପୁତ୍ର ଗତ ସନବାର ଶେଷ ଦିନରେ ଉଠି ବାଡ଼ିଅଡ଼କୁ ଗ୍ରାମକୁର ଅସିବା ସମୟେ ତାର ମୋଡ଼ର ଏଣ୍ଡିରେ ଏକ ବିଷାକ୍ତ ସର୍ପ ଦଂଶନ କରିବାରୁ ସେ ଦଣ୍ଡାକରେ ମୃତ୍ୟୁ ମୁଖରେ ପତିତ ହେଲା ।

ସରଗଡ଼ା ପ୍ରଗଣା ଧନସର ମୌଜାର ଏକ ବୃଦ୍ଧ ସରେ ଜଣେ ଶୁଧାର୍ତ୍ତ ବ୍ରାହ୍ମଣ ଅସି ରାତ୍ର ଜଳପାନ ମାଗିବାରୁ ବୃଦ୍ଧ-ଙ୍କର୍ମୀ ଘାର ସର ସଉଡ଼ଲେରେ ଥିବା ମୁଡ଼ିକଲସିରୁ କଣ ମୁଢ଼ି ଅଣି ଉକ୍ତ ବ୍ରାହ୍ମଣକୁ ଦେଇ ଦେଖାଇ ହେବାକୁ ସୁନାର ସଉ-ଡଲରୁ ମୁଢ଼ିକଲସି କାଢ଼ିଥିଲା ସମୟେ ତହିଁ ତଳରୁ ଏକ ଗୋଖସାପ ବାହାରି ତାହା ହାତରେ ଦଂଶନ କରିବାରୁ ସେ ପଞ୍ଚତ୍ୱ ପ୍ରାପ୍ତ ହେଲା ।

ଗତ ଜୁଲାଇମାସ ତା ୧୨ ରଖ ସୋମବାରଠାରୁ ଏ ଅଞ୍ଚଳରେ ଲଗାଣଲଳ ବରଷା ଅରମ୍ଭ ହୋଇ ସୋମବାର ରାତି ଅଠଘଣ୍ଟାଠାରୁ ମଙ୍ଗଳବାର ରାତି ଅଠଘଣ୍ଟାର ଏଠା ଜଳମାପ ଯନ୍ତ୍ରରେ ତୁଇଇଞ୍ଚ ଓ ମଙ୍ଗଳବାର ଅଠଟି, ସତେ ଦଶ ଘଣ୍ଟା ମଧ୍ୟରେ ପ୍ରାୟ ସାଢ଼େ ସାତ-ଇଞ୍ଚ ଜଳ ବରଷା ହୋଇ ଯାଇଅଛି ।

## ଧବଳେଶ୍ୱର ସମ୍ବାଦ ।

ଶ୍ରୀମାନ୍ ରାଜା ମହୋଦୟ ଶାରୀରିକ ପୂର୍ଣ୍ଣ ସାଦର ଅନୁଭବରେ ପ୍ରତ୍ୟାବର୍ତ୍ତନ କରିଅଛନ୍ତି ।

ଶ୍ରୀମାନ୍ ରାଜା ମହୋଦୟ ପ୍ରତ୍ୟହ ସ ୧୦ ଘଣ୍ଟା ସମୟେ ଏବଂ ଅପରାହ୍ନ ସ ୬ ଘଣ୍ଟା ସମୟେ ଶ୍ରୀ ପୁଷ୍ପଜନଙ୍କ ସହ ପ୍ରତ୍ୟହ ସାଗର ଅତି ସୁନ୍ଦର ଓ ବାହୁଡ଼ା ଯାତ୍ରା ସୁନ୍ଦରରୂପେ ନିର୍ବାହିତ କରିଥିଲେ । ଅନେକ ଯାତ୍ରିଙ୍କ ସମାଗମ ହେତୁ ସଜନଙ୍କ ପକ୍ଷରେ ଅତି ମନୋହର ହୋଇଥିଲା । ବାହୁଡ଼ା ଉପଲକ୍ଷେ ଏକାଦଶୀ ଦିନ ପ୍ରାୟ ୭୦ହଜାର ଯାତ୍ରିଙ୍କ ସମାଗମ ହୋଇଥିଲା । ଏପର୍ଯ୍ୟନ୍ତ କେହିଁ ବର୍ଷ ହେଇ ନାହିଁ ।

ଏପର୍ଯ୍ୟନ୍ତ ଶ୍ରୀମାନ୍ ରାଜା ମହୋଦୟ ଶତାଧିକ ବ୍ୟାଘ୍ର ବଧ କରିଅଛନ୍ତି । ରାଜାମାନଙ୍କ ପକ୍ଷେ ହିଂସ୍ରଜନ୍ତୁ ବଧ ସୁପ୍ରଶଂସନୀୟ କାର୍ଯ୍ୟ ନୁହେ କି ?

୧ଠା ରାଜାଙ୍କ ସେବାର ପ୍ରେରଣାର ସ୍କୁଲର କାର୍ଯ୍ୟ ନିଲ ହେବା ଯୋଗୁଁ ଛାତ୍ର ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛନ୍ତି ।

୫ଠା ପଣ୍ଡିତର ସ୍କୁଲ ସ୍କୁଲର କାର୍ଯ୍ୟ ନିଲରୂପେ ଚଳୁଅଛି । ଛାତ୍ର ସଂଖ୍ୟା କମ ନହେ । ଏଥିପ୍ରତି ସରକାର ଶିକ୍ଷା ବୃଦ୍ଧି ପଡ଼ିବା ଯୋଗୁଁ ସ୍କୁଲଟି ଦିନେ ଖୁବ ଉନ୍ନତ ଲଭିବାର ସମ୍ଭାବନା । ସଦ୍ଗତ ଶିକ୍ଷାର ଅଭାବ ହେଲେ ଝିଅ ଧର୍ମର ଅବନତି ଅବଶ୍ୟମ୍ଭାବୀ ।

ପ୍ରତ୍ୟହ ବର୍ଷା ହେଉଅଛି ।

## ସାଧାରଣ ସମ୍ବାଦ ।

ଗତ ଜୁନମାସରେ କଲିକତାର ଯାଦୁଘର ଦେଖିବାକୁ ୩୪୫୦୧ ଜଣ ଯାତ୍ରୀ ହୋଇଥିଲେ ଯେ ସେମାନଙ୍କ ମଧ୍ୟରୁ ନ ୪୫୦ ଣ ମୁସଲମାନ୍ ଥିଲେ । ସେ ମାସରେ ଯାଦୁଘର ୫ ୨୨ ଦିନ ଖୋଲା ଥିବାରୁ ଦୈନିକ ଦର୍ଶକ ହାରାହାରି ୧୬୧୩ ହୋଇଥିଲା । ଯାଦୁଘରେ ନାନା ଦେଶର ତଥା ନିଜ ଦେଶର ଅପୂର୍ବ ଦ୍ରବ୍ୟମାନ ଦେଖିବା ଯେମନ୍ତ କୌତୂହଳଜନକ ସେମନ୍ତ ଶିକ୍ଷାପ୍ରଦ ଏବଂ ଏଥିସକାଶେ ସେଠାରେ ଅଧିକ ଯାତ୍ରୀ ଦୃଷ୍ଟ ହେଉଥିଲେ ।

ସର ବାହାଦୁର ସୃଜନ ପ୍ରବନ୍ଧ ହେତୁ ଏଥି ସ୍ୱର ସୁରେନ୍ଦ୍ର-ନାଥ ଅର୍ଯ୍ୟ ମହାଶୟ କାରବାର ପାଇ କାରଖାନାର କେତେ ସବୁ ନ ପାଇ ଅଦ୍ୟବଧି ଆଉ ଲୋକ କରୁଥିବା ଅପରାଧରେ ଅନ୍ୟ-ଦିନ ପୂର୍ବେ ବଙ୍ଗର ଅଦାଲତରୁ ଅଲଗ ହୋଇଥିଲେ । ବଙ୍ଗଳର ତାଙ୍କ ପ୍ରତି ସେହି ଅପରାଧରେ ମାସ ଜରିମାନାର ଆଦେଶ କରିଅଛନ୍ତି ଏବଂ ତାହା ବର୍ତ୍ତମାନ ଭୋଗ ହେଉଥିବା କାରାବାସ ପରେ ଭୁକ୍ତ ହେବ ।

ଗତମାସ ତା ୪ ରଖର ସମ୍ବାଦରୁ ପ୍ରକାଶ ଯେ ମାନ୍ଦାଲେ ଓ ପୁନା ନାନା ସ୍ଥାନରେ ପ୍ଲେଗ ଅନେକ ହୋଇଅଛି । ମଣିପୁର ପ୍ରଳୟ ନିର୍ବାଣ ହୋଇଅଛି କି ?

କୃଷିସ୍ଥାନ ସ୍ୱରଠାରେ ସୁବର୍ଣ୍ଣପୁର ଲେକ ମହାଶୟଙ୍କ ଯତ୍ନାଶାନା ଗତମାସ ତା ୭ ରଖରେ ପୁଲିସ ଅନୁସନ୍ଧାନ କରିବାରୁ ତାର କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିବାର ଉପ-କରଣ ଧରିଅଛନ୍ତି । ଏଥି ସେଠାର ସମ୍ବାଦ ପ୍ରମାଣ ବର୍ତ୍ତନ ହୋଇଥିବାର କଥିତ ହୁଏ ।

ଗତମାସ ତା ୮ ରଖରେ ମିଦ୍ନା ପୁର ଓ ସହୋଦରଠାରେ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳିଲା । ଅବଲା ବାବଠାରେ ହେଉଛି ସରଳ ଖାଉ ଘା ଯାଇଅଛି ।

ମୃତ ମହାତ୍ମା ସମମୋହନ ରାୟଙ୍କର ଜଣେ ବନ୍ଧୁ ଅପଣାର ନାମ ଗୋପନ କରି କଲିକତା ରାମମୋହନ ରାୟ ପୁସ୍ତକାଳ-ୟକୁ ୫୦୦୦ ଟଙ୍କା ଦାନ କରିଅଛନ୍ତି । ଏ ଦାନ ସତ ପ୍ରଶଂ-ସାର ପରଶସ୍ତ ।

କାନପୁରର ଦ୍ୱାରକାଳ ଗତ ବର୍ଷ ପ୍ରମାଦ ଅପଣା ମୃତ୍ୟୁ ପୂର୍ବେ ସାହସପୂର୍ବକ ମନ୍ତ୍ରୀଙ୍କ ସେବକୁ କେଉଁ କଲେ କେ[illegible] କାଳ ବ୍ୟକ୍ତିର ସଚ୍ଚର ଓ ପ୍ରଶଂସା ପାଇ ନୁହାଇ କରିବା କାରଣ ଗୋଟିଏ ସାର୍ବ ସ୍ଥାପନ କରାଣେ ୨୦ହଜାର ଟଙ୍କା ଦାନ ଦେଇ ଯାଇ ଅଛନ୍ତି । ସେହି ପାଣ୍ଠି କାନପୁରଠାରେ ସ୍ଥାପିତ ହେବ ଏବଂ ସେଠା ମଣ୍ଡଳ ଓ ବୋର୍ଡର ମେମ୍ବର ଦ୍ୱାରା ସରକାରୀ ରକ୍ଷାଦାର ହେବେ । ଧନ୍ୟ ଏ ଦାତା !

ଏକ ଦାଗୀ ଲେଭେଲର ମୋକଦ୍ଦମା ତଦନ୍ତ ହେଉଥିବା ସମୟରେ ମଜେଇ ପ୍ରକାଶ କଲା ଯେ ସେ ଜଣେ ରକ୍ଷକ । ଜଣେ ପୁଲିସର ଗୋଏନ୍ଦା ବାଟରେ ତାକୁ ଧରି-ନେଇ ତାହାକୁ ଗୋଟିଏ ଟୁଣ୍ଡି ଓ ରୁମାଲରେ ବନ୍ଧାହୋଇ-ଥିବା ଗୋଟିଏ ଟଙ୍କା ଓ ପାଞ୍ଚ ପଇସା ଏବଂ ଛଟାଏ ଦେଇ ଅବଦୁଲଗନି ନାମକ ଜଣେ ଦାଗୀ ଲେଭେଲ ଓ ତାଙ୍କ ଅଭି ତାହା ନାମରେ ପକେଟରେ ହାତ ପୂରାଇ ଲେଖ କରୁଥିବ ବସ୍ତିରେ ଥାନାରେ ଦେବା ଲାଗି ବଳାହାର ଦେବା କାରଣ କହିବାରୁ ସେ ସେପରି କରିଥିଲା । ପୁଲିସ କମିଶନର ଅସାମୀକୁ ଛାଡ଼ି-ଦେଇ ସେହି ରକ୍ଷକ ଓ ପୁଲିସର ଗୋଏନ୍ଦା ନାମରେ ମିଥ୍ୟା ମୋକଦ୍ଦମା ଅଣାଇ କରିଥିବା ହେତୁ ମୋକଦ୍ଦମା ଚଳାଇବାର ଆଦେଶ ଦେଇଅଛନ୍ତି ।— ଯେମନ୍ତ ପୁଲିସ ସେମନ୍ତ ଗୋଏନ୍ଦା ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

### "ଘରଜଳେ ଅଦମ ।"

ଶ୍ରୀଲଶ୍ରୀଯୁକ୍ତ ଉତ୍କଳ ଦୀପିକାର ସମ୍ପାଦକ

ମହୋଦୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ ବିଷୟକୁ ଆପଣଙ୍କର ପତ୍ରିକାରେ ପ୍ରକାଶ କଲେ ଉପକୃତ ହେବୁ ।

ଆମ୍ଭର ଜଣେ ବିଶ୍ୱସ୍ତ ମୁସଲମାନ ସୂତ୍ର, ଯେତେ କଟକର ବଡ଼ବଡ଼ ଚର୍ମ ବ୍ୟବସାୟୀଙ୍କ ନିକଟରେ ଦେହୁଡ଼ାଲ ଗୁମାସ୍ତା କାର୍ଯ୍ୟ କରି ଅସୁ ଥିଲେ, ଅମ୍ଭକୁ କହିଲେ କି ସଉଦାଗରମାନେ ଯେଉଁ ଗୁମାସ୍ତା ମାନଙ୍କୁ ଚର୍ମ ସଂଗ୍ରହ କରିବା ନିମନ୍ତେ ଗଡ଼ଜାତ ମାନଙ୍କୁ ପଠାନ୍ତି ସେମାନେ ବହୁ ପରିମାଣରେ ଚର୍ମ ସଂଗ୍ରହ କରି ନ ପାରିଲେ ତାହାଙ୍କର ମୁନିବମାନେ ସେମାନଙ୍କୁ (ଗୁମାସ୍ତା-ମାନଙ୍କୁ) କାର୍ଯ୍ୟରୁ ବରଖାସ୍ତ କରିବାର ଭୟ ଦେ-ଖାନ୍ତି; ସୁତରାଂ ଗୁମାସ୍ତାମାନେ ସ୍ୱସ୍ୱ ଚାକର ରକ୍ଷାର୍ଥ ଲକ୍ଷିବା କାରଣ ମେହେନ୍ତର ମାନଙ୍କୁ କେଶିପର-ମାଣରେ ଚମଡ଼ା ଅଣିବା କାରଣ ଟଙ୍କା ଦାଦନ ଦେଇଥାନ୍ତି । ସେମାନେ ଉକ୍ତ ଟଙ୍କା ଅଗ୍ରୀମ ପାଇଲେ ବିଷ ଉପାୟ ପ୍ରୟୋଗ କରିବାଦ୍ୱାରା ନାନାଦି ଜୀବଙ୍କ ପ୍ରାଣ ବଧ କରି ଚର୍ମ ଯୋଗାଇ ଥାନ୍ତି ।

ବିଷ ପ୍ରୟୋଗଲବ୍ଧ ଚର୍ମ ଓ ସ୍ୱାଭାବିକ ମୃତ୍ୟୁଲବ୍ଧ ଚର୍ମ ମଧ୍ୟରେ ବିଶେଷ ପାରତମ୍ୟ ଲକ୍ଷିତ ହୁଏ । ବିଷ ପ୍ରୟୋଗଲବ୍ଧ ଚର୍ମ କୋମଳ ଦାଗଶୂନ୍ୟ ଅଟେ, ଏବଂ ସ୍ୱାଭାବିକ ମୃତ୍ୟୁଲବ୍ଧ ଚର୍ମ ମଇଳା ଓ ଦାଗୀ ଅଟେ ।

ଏହିପରି ନୃଶଂସ ମେହେନ୍ତର ଓ ପାଣମାନେ ବିଷ ପ୍ରୟୋଗ କରି ପ୍ରଜାମାନଙ୍କର ବହୁତ ଗୋ ମହିଷାଦି ନଷ୍ଟ କରୁଅଛନ୍ତି । ଯେଉଁ ବ୍ୟକ୍ତିର ଗୋରୁ କିମ୍ବା ମହିଷ ବିଷ ପ୍ରୟୋଗଦ୍ୱାରା ମରେ, ସେ ଯେବେ ରାଜାଙ୍କ ନିକଟରେ ଏ ବିଷୟର

Digitized by srujanika@gmail.com

ରହନ୍ତୁ ନିମନ୍ତେ ପ୍ରାର୍ଥୀ ହୁଅନ୍ତି, ରାଜା ମହୋଦୟ ଉକ୍ତ ବିଷୟର ରହନ୍ତି ସ୍ଥଳ ଘୋଷଣା ଉପରେ ଦୃଷ୍ଟି ନରଖିଲେ ଭୁଲ ହୋଇ ବସନ୍ତି । ଘୋଷଣା ମକଦ୍ଦମା ଉଠନ୍ତି କରିବା କାରଣ ଅନୁଷ୍ଠାନ କର ସେବେ ଧର୍ମକୁ ଅଟକ କରନ୍ତି । ପଣ୍ଡାମାନଙ୍କର ଗୁମାସ୍ତାମାନେ ଅନର୍ଥକ ଟଙ୍କା ଲମ୍ଫା ଜଟ କାଇବାଦ୍ବାରା ଯେ କ୍ଷତି ହେବ ତହିଁର କ୍ଷତିପୂରଣ ମନ୍ଦିରର ଭଣ୍ଡାରରୁ ହେବା କାରଣ ଧର୍ମ ବେଳେ ମନ୍ଦିର ସେ ବିଷୟରେ ମାମଲା ଚଳାଇବା ନିମନ୍ତେ ବାଧ୍ୟ ହୋଇ ପଶ୍ଚାତ୍ ପଦ ହୁଏ । ସୁତରାଂ ଘୋଷଣା ଯେ କୌଣସିରୂପେ ଗୋଟିଏ ନୋଟିସ ଜାରି କରିବାର ମଜୁରି ଦାବିରେ ଦଖଲ କର ଭୂଲ ହୁଅନ୍ତି । ରାଜା ସମସ୍ତ ବିଷୟ ପ୍ରତ୍ୟକ୍ଷରେ ଜାଣି ମଧ୍ୟ ଭୂଲ ହୋଇ ରହନ୍ତି । ଯେବେ କେହି ଜିଜ୍ଞାସା କରନ୍ତି ଯେ ରାଜା କାହିଁପାଇଁ ସ୍ୱୟଂ ରହନ୍ତି ଦଖଲ ଭୂଲ ହୋଇ ରହନ୍ତି, ତାହାର ମର୍ମ ଏହି ଯେ ମନ୍ଦିର ପଣ୍ଡାଙ୍କ ଦ୍ୱାରା ରାଜାଙ୍କର ବିଶେଷ ଅର୍ଥଲାଭ ହୋଇଥାଏ, ସୁତରାଂ ଏହିପରି ବିଶେଷ ଅନୁଷ୍ଠାନ କଲେ ତାହାଙ୍କର ଅର୍ଥର କ୍ଷତି ହେବ ସେହି କାରଣରୁ ତାହା ଭୂଲ ହୋଇ ରହନ୍ତି ।

ଆମ୍ଭର ଧାରଣା ଥିଲା ଯେ ମୁସଲମାନମାନେ ମାଂସ ଓ ଧର୍ମ ଲୋଭରେ ଗୋବଧ କରନ୍ତି; କିନ୍ତୁ ବର୍ତ୍ତମାନ ଦେଖାଯାଉଅଛି ଯେ ହିନ୍ଦୁମାନେ ସାମାନ୍ୟ ଅର୍ଥ ଲୋଭରେ ମୁସଲମାନଙ୍କ ସଦୃଶ ପ୍ରକାଶ୍ୟରେ ଗୋବଧ କରୁଅଛନ୍ତି । ମାରୁଆଡ଼ି ଲୋକମାନେ ଧର୍ମ ବ୍ୟବସାୟୀମାନଙ୍କୁ ଟଙ୍କାର ସାହାଯ୍ୟ ଦେଇ ଏହି ପାପ ବ୍ୟବସାୟରେ ଉତ୍ସାହ ଦେଉଅଛନ୍ତି । ମଧ୍ୟ ଗୋଶାଳାର ମଲା ଗୋରୁଙ୍କର ଚମଡ଼ା ବିକ୍ରୟ କରୁଅଛନ୍ତି । ସେମାନେ ଅର୍ଥଲୋଭରେ ଚମଡ଼ାର ପଟ୍ଟା ଦେଇ ଗୋବଧ ପାପ କ୍ରୟ କରୁଅଛନ୍ତି । ଏପରିସ୍ଥଳେ ଆମ୍ଭେ ହିନ୍ଦୁ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଏବଂ ଉତ୍କଳର ସମସ୍ତ ପତ୍ରିକାର ସମ୍ପାଦକମାନଙ୍କୁ ଜିଜ୍ଞାସା କରୁଅଛୁଁ ଯେ ହିନ୍ଦୁ ଶାସ୍ତ୍ରାନୁଯାୟୀ ଧର୍ମବ୍ୟବସାୟୀ ପଣ୍ଡାମାନେ ଏବଂ ଟଙ୍କା ଦେଇ ଚମଡ଼ା ସାହାଯ୍ୟ ଦାତା ଶାସ୍ତ୍ରହୀନ, ମାରୁଆଡ଼ି ଲୋକମାନେ କାହିଁକି ଗୋବଧ ଜନିତ ପାପରେ ଲିପ୍ତ ନ ହେବେ ଏବଂ ସେମାନେ କାହିଁକି ପ୍ରାୟଶ୍ଚିତ୍ତୀ ନ ହେବେ ଏଥିର ବ୍ୟବସ୍ଥା ଶୀଘ୍ର ପ୍ରକାଶ କଲେ ସର୍ବସାଧାରଣଙ୍କର ମନରୁ ସନ୍ଦେହ ଦୂର ହେବ ।

ପ୍ରକାଶ ଥାଉ କି ଆମ୍ଭେ କ୍ରମଶଃ ଗଡ଼ଜାତ ଭ୍ରମଣ କରି ସମସ୍ତ ରହସ୍ୟ ପତ୍ରିକାସ୍ଥ କରିବା-ଦ୍ୱାରା ଏହି ଉତ୍କଟ ପାପକାରୀଙ୍କୁ ସର୍ବସାଧାରଣଙ୍କର ଗୋଚରକୁ ଆଣିବୁଁ । ଇତି ।

ଖଡକନେଷ ଉତ୍ଧାଳପ୍ତ
ଷାଦ୍‌ହେବଜାଦାଜାଡି କଠ
୨୯।୬।୦୯

ବଶମ୍ବଦ
ହରମ ସେଥ ଓ ...
ସେନାପତି ସ୍ୱ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

## ପ୍ରଜା ଅର୍ଥର ଦୁର୍ଦ୍ଦଶା ।

୧ । ଓଡ଼ିଶାର ଜନସାଧାରଣ ଅନ୍ୟାନ୍ୟ ପ୍ରଦେଶର ପ୍ରଜାମାନଙ୍କ ଅପେକ୍ଷା ବିଶେଷ କଷ୍ଟସହିଷ୍ଣୁ ଓ କ୍ଷମାଶୀଳ ଅଟନ୍ତି ବୋଲି ସେମାନଙ୍କର ବହୁ କଷ୍ଟରେ ଉପାର୍ଜ୍ଜିତ ଓ ସଞ୍ଚିତ କଷ୍ଟରେ ନ ଖାଇ ନ ପିଇ ସଞ୍ଚିତ ଅର୍ଥର ଯେ ଶୋଚନୀୟ ପରିଣାମ ଅହରହ ହେଉ-ଥିବାର ଦେଖାଯାଉଅଛି ତାହା ଜାଣିଲେ ଦୟାଳୁ ପରଦୁଃଖ ଓ ସହୃଦୟ ଚିନ୍ତାଶୀଳ ବ୍ୟକ୍ତିମାନେ ଏକାନ୍ତ ବ୍ୟଥିତ ନ ହୋଇ ରହି ପାରିବେ ନାହିଁ । ଉଦାହରଣ ସ୍ୱରୂପ ନିମ୍ନରେ କେତେକ ଗୋଟି ବିଷୟର ବର୍ଣ୍ଣନା କରାଯାଉଅଛି ଯେ ତହିଁ ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଅଚିରେ ଆକୃଷ୍ଟ ହେବ । ଯଥା—ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନର ଯେଉଁ ଧାରାମାନଙ୍କରେ ଜମିଦାର ଓ ପ୍ରଜାର ସହିତ ଖଜଣା ହିସାବର ବିଷୟ ନିର୍ଦ୍ଦେଶ କରାଯାଇଅଛି ସେହି ଧାରାମାନ ଓଡ଼ିଶାରେ ଅନେକ ବର୍ଷ ହେଲା ଜାରି ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ଅଧିକାଂଶ ସ୍ଥଳରେ କାର୍ଯ୍ୟରେ ପରିଣତ ହୋଇ ନାହିଁ । ଆମ୍ଭମାନଙ୍କ ଦୟାମୟ ଗବର୍ଣ୍ଣ-ମେଣ୍ଟ ନାନା ଶ୍ରେଣୀର କର୍ମଚାରୀ ନିଯୁକ୍ତ କରି ଦେଶର ଆବଶ୍ୟକୀୟ ଅଭ୍ୟନ୍ତରୀଣ ଅବସ୍ଥା ଅବ-ଗତ ହେଉଥିବା ସ୍ଥଳେ ଜମିଦାରମାନେ ପ୍ରଜାଠାରୁ ଖଜଣା ନେଇ ଗୋଳମାଳ କରୁ-ଥିବା ବିଷୟ ତାହାଙ୍କୁ ଯେ ଜଣା ନ ଥିବ ଏହା କଦାପି କୁହାଯାଇ ନ ପାରେ । ଏ କଥା ଅବଶ୍ୟ ନିଶ୍ଚୟ ଯେ ପ୍ରଜାମାନେ ଯେଉଁ ସ୍ଥଳରେ ଜମିଦାରମାନଙ୍କର ରସିଦ ସମ୍ବନ୍ଧୀୟ ଗୋଳମାଳ ବିଷୟ ନେଇ ପ୍ରକାଶ୍ୟ ଅଦାଲତରେ ଅଭିଯୋଗ କରୁଅଛନ୍ତି ସେ ସ୍ଥଳରେ ସେମାନେ ଅତ୍ୟଧିକ ପରିମାଣରେ ଅବଶ୍ୟ ପ୍ରତୀକାର ପାଉଅଛନ୍ତି ସତ୍ୟ କିନ୍ତୁ ଗବର୍ଣ୍ଣମେଣ୍ଟ ଏହା ନିଶ୍ଚୟ ଜାଣନ୍ତି ଯେ ଓଡ଼ିଶାର ପ୍ରଜାମାନେ ସ୍ୱଭାବତଃ ଅତ୍ୟନ୍ତ ନିରୀହ, ନିର୍ବଳ, ଏବଂ ଭୟାତୁର ଥିବାରୁ ସର୍ବପ୍ରକାର ଅତ୍ୟାଚାରର ପ୍ରତିବାଦ କରିବାକୁ ସାହସୀ ହୁଅନ୍ତି ନାହିଁ । କେଣ୍ଡନର ସେମାନଙ୍କ ପ୍ରତି ଯେ କୌଣସି ପ୍ରକାର ଅତ୍ୟାଚାର କରା ହେଉ ନାହିଁ ଏବଂ ସେମାନେ ଶାନ୍ତିରେ କାଳ କାଟଉ ଅଛନ୍ତି ଏ କଥା ଅନୁମାନ କରାଯାଇ ନ ପାରେ ।

୨ । ଜମିଦାର ଓ ବଡ଼ ୨ ମାଲଗୁଜାରୀ-ମାନେ ନିର୍ଦ୍ଦିଷ୍ଟ ଖଜଣା ଓ ବେଆଇନୀ ଖର୍ଚ୍ଚା ଆଦାୟ କରି ପ୍ରଜାମାନଙ୍କୁ ରସିଦ ଦଅନ୍ତି ନାହିଁ । ଅଧିକାଂଶ ସ୍ଥଳରେ ତାଲପତ୍ରରେ ଓ କେହି ୨ ଛିଣ୍ଡା ଟିକସ କାଗଜରେ ରସିଦ ଦେଇ ଥାଆନ୍ତି । ଆଉ ଯେଉଁମାନେ ଛାପା ରସିଦ ଦେଇଥାଆନ୍ତି ସେମାନେ ତହିଁରେ ଥିବା ଜମି ଓ ଜମାର ପରିମାଣ ଏବଂ ଅଭିପ୍ରେତ ଖଜଣା ଆଦାୟର ତପସିଲମାନ ପୂରଣ କରୁ ନ ଥିବାରୁ ତାହା ସାଦା କାଗଜ ଟିପା ଓ ତାଲପତ୍ର ରସିଦ ସାଙ୍ଗରେ ସମାନ ବୋଲି କହିଲେ ଚଳିପାରେ । ଏହି କାରଣରୁ କିସ୍ତି ରସିଦମାନ ଦ ଦେଉଥିବାର ଫୌଜଦାରୀ ଅଦ ବିଶେଷତଃ ଚଳତ ରେଭେନ୍ୟୁ ବନ୍ଦୋବସ୍ତ ଅଫିସରମାନଙ୍କ ପ୍ରମାଣ ସ୍ୱରୂପ ଗୃହୀତ ହୋଇ ପାରୁ ନାହିଁ । ସେଥିଯୋଗୁଁ ଗରିବ ପ୍ରଜାମାନଙ୍କର ଯେ ପରିମାଣରେ କ୍ଷତି ହେଉଅଛି ତାହା ଭାବିଲେ ଅଶ୍ରୁ ସମ୍ବରଣ କରି ରହି ହେବ ନାହିଁ । ସ୍ଥାନୀୟ ରାଜ କର୍ମଚାରୀମାନଙ୍କର ଏ ବିଷୟରେ ତୀବ୍ର ଦୃଷ୍ଟି ରହିବାର ଦରକାର । ଗବର୍ଣ୍ଣମେଣ୍ଟ କରିଥିଲେ ଓ ସେହି ବିଷୟର ତ୍ରୈମାସିକ ବା ଷାଣ୍ମାସିକ ରିପୋର୍ଟ ନିଆଯିବାର ବ୍ୟବସ୍ଥା ହୋଇଥିଲେ ଏପ୍ରକାର ଅତ୍ୟାଚାର ଏକବାରେ ବନ୍ଦ ନ ହେଲେ ମଧ୍ୟ ଅନେକ ପରିମାଣରେ ପ୍ରଜାମାନଙ୍କର ପ୍ରକୃତ ଉପକାରରେ ଆସୁଥାଆନ୍ତା । କିନ୍ତୁ ବଡ଼ ଦୁଃଖର ବିଷୟ ଯେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଏ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ ଥିଲା ପରି ବୋଧ ହେଉଅଛି ।

୩ । ଆଉ ଗୋଟିଏ ଅତ୍ୟନ୍ତ ପରିତାପର ବିଷୟ ଯେ ଗବର୍ଣ୍ଣମେଣ୍ଟଙ୍କ କେତେକ ବନ୍ଦୋବସ୍ତରେ କାଲକ୍ଟର ଖଜଣା ନେଇ ପ୍ରଜାମାନେ ଯେଉଁ ରସିଦ ପାଉଅଛନ୍ତି ତହିଁରେ ମଧ୍ୟ ଜମିର ପରିମାଣ ଓ ଜମାର ପାର୍ଶ୍ୱରେ ବନ୍ଦୋବସ୍ତ ଖସଡ଼ା ନମ୍ବର ନ ଥିବାରୁ ତାହା କୌଣସି ଅଦାଲତରେ ପ୍ରମାଣ ସ୍ୱରୂପ ଗ୍ରହଣ କରାଯାଉ ନ ଥିବା ବିଷୟ ଅନେକ ହାକିମମାନଙ୍କ ରାୟରୁ ପ୍ରକାଶ ପାଉଅଛି ସୁତରାଂ କାଲକ୍ଟର ପର୍ଚ୍ଚା ଓ ରସିଦରେ ବନ୍ଦୋବସ୍ତ କାଗଜ ଅନୁସାରୀ ଜ୍ଞାତବ୍ୟ ବିଷୟମାନ ସନ୍ନିବେଶ କରା ନ ଗଲେ ସେ ସମସ୍ତ ଜମିଦାରମାନଙ୍କ ଛିଣ୍ଡା କାଗଜ ଓ ତାଲପତ୍ର ରସିଦ ସଙ୍ଗରେ ଗଣନା କରାଯାଇ ପାରିବ । ଏଥି ନିମନ୍ତେ କର୍ତ୍ତୃପକ୍ଷମା-ନଙ୍କର ସୁବ୍ୟବସ୍ଥା ଏକାନ୍ତ ପ୍ରୟୋଜନ ଅଟେ ।

ଇତି । ତା ୬।୭।୦୯ ମସିହା

ଉତ୍କଳର ଜଣେ ଦରିଦ୍ର ପ୍ରଜା ।

☞ ପ୍ରଜାର ମର୍ଯ୍ୟାଦା ଏବଂ ଅଧିକାର ରହିବ ପ୍ରତି-କାର ନ ହେଲେ ଆଇନ ଅଥବା କମିଶନ ବସାଇବାଦ୍ୱାରା ସେମାନଙ୍କର ଦୁଃଖ ଦୂର ହେବ ନାହିଁ । ପଚାରିବା ଦରକାର ଯେ ଏତେ ଚାକିରି ମୋକଦ୍ଦମାରେ ଲୁଟୁଥିବା ସଂଖ୍ୟାରେ ପ୍ରଜାମାନେ ଅନ୍ୟାୟ ଅତ୍ୟାଚାରରୁ ରକ୍ଷା ପାଇଲେ କି? ଅନେକ ଜମିଦାର ଛାପା ରସିଦ ଦେଉଅଛନ୍ତି କେବଳ ଯେତେ ୨ ଜମିଦାର ଓ ମାଲଗୁଜାରୀ କଲେକ୍ଟର ... ଜାଣିବା ଅଥବା ... ସଙ୍ଗତ ନ ହେବ ... ହେଲେ ତାହା ... ଯୋଗ ... ସ ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ରଘୁନାଥ ଦତ୍ତ | କଟକ | ୫ ‧ |
| ମହନ୍ତ ଗୋପାଳଦାସ ମଠ | କଟକ | ୫ ‧ |
| ଡ଼ମିଷନର ସାହେବ | କଟକ | ୫ ‧ |
| ମହନ୍ତ ଶ୍ରୀ ହରେକୃଷ୍ଣ ଦାସ | ଗୋପ | ୫ ‧ |
| ଶ୍ରୀ ବାବୁ ନୀଳମଣି ମିଶ୍ର | ମହାସମୁଦ | ୫ ୬ |
| „ ଜଗଦୀଶ ସାହୁ | ପଦମୂଳ | ୫ ‧ |
| „ ସଦାନନ୍ଦ ମହାନ୍ତି | ବଡ଼ଲଡ଼ା | ୫ ‧ |
| „ ବୈଦ୍ୟନାଥ ପଣ୍ଡା | କଲେକ୍ଟର | ୫ ‧ |
| „ ଶ୍ୟାମସୁନ୍ଦର ଦାସ | କଟକ | ୫ ୬ |
| „ ମହେଶ୍ୱର ମାଜୀ ମାଝି | ମୟୂରଭଞ୍ଜ | ୫ ‧ |
| ସେକ୍ରେଟରି ଲାଇବ୍ରେରି କ୍ଳବ | | ୫ ‧ |
| ଶ୍ରୀ ବାବୁ ଗୋବିନ୍ଦ ଚୌଧୁରୀ | ଜଜା | ୫ ‧ |
| „ ତ୍ରିପୁରାରି ଚମ୍ପତି | କଟକ | ୫ ‧ |
| „ ଶ୍ରୀନାଥ ଦାସ | ଚନ୍ଦନପୁର | ୫ ‧ |
| „ ଜଗନ୍ନାଥ ଦାସ | ବାଲିଆ | ୫ ‧ |
| „ ହରେକୃଷ୍ଣ ଭଞ୍ଜ ଦେବ | ସାତବାଟିଆ | ୫ ‧ |
| „ ସାନବନ୍ଧୁ ଶତପଥୀ | ସତ୍ୟବାଦୀ | ୫ ‧ |
| „ ଚକ୍ରମଣି ସେନା | ମଟୁସ | ୫ ‧ |
| „ ଗୋପାଳାନନ୍ଦ ଚୌଧୁରୀ | କଟକ | ୫ ‧ |

## ନିଲାମୀଇସ୍ତାହାର ।

ନ ୧୨୪ ନମ୍ବର ଡିକ୍ରୀଜାରୀ
ସନ ୧୯୦୯ ମସୀହା

କଟକ । ମୁଲ୍ଲାମ ୨ୟ ମୁନ୍‌ସଫି ଅଦାଲତ ।

ରାମକୃଷ୍ଣ ପରିଯା — ବାଦୀ

ବନାମ ।

ଗେଟେନ୍ଦ୍ର ଦେଓ୍ୱା — ପ୍ରତିବାଦୀ

ଜରଡିକ୍ରୀ ଓଗେର ପାଉଣା ଟ ୭୩।• ଅଦାୟ ନିମନ୍ତେ ଖୋରଦ । ମୁ । ର ସ୍ତ୍ରିଭବାଡ ଯାହ ସ: ତ: ଓ ସବ ରେ: । ମୁ । ଜଗତ୍‌ସିଂହପୁର । ପ । ବେଣାହାର ନ ୨୮୦୨ ନମ୍ବର ତଉଜ । ତା । ଭାଗଧର କୋଠମୂଳ । ମୌ । ଦୁରଥଙ୍କ ରକବାରେ ଥିବା ଦ ୧୪୪ ନମ୍ବର । ସି: । ବାବତ ଏ୦—୨୦ ରୁ ଜମା ଟ • ୯୬ ଦ ୧୪୨ ନମ୍ବର ସି: ବା । ୧୦—୬୯ ମଧ୍ୟରୁ ୧୦—୪• ରୁ ଜମା ଟ ୧।୷ ଏରୂପ ଉଭୟ ସିକୁଲ ବା: ଏ୦-୬° ରୁ ଜମା ୫୨୷୯ ଏ ମୋକଦ୍ଦମାରେ ନିଲାମ ହେବ । ଦ ୪୪• ନମ୍ବର ଖେସଡା ଏ°—୨• ଭୁ: ମାଜନା· ଗିର । ବ: ଜଉଷାଜ୍ ଗୃଷ ଦ୨୭୧ନମ୍ବର ଖେସଡ଼ା ଏ•—୭୯ ମଧ୍ୟରୁ ଶିବଚରଣ ପରିଯାଙ୍କ ଖରଦ ଦଖଲ ଏ•—୩୯ ବାଦ ବାକି ଏ•—୪୦ ଭୁ: ଦଉ ସାହୁ ଗୃଷ । ଦ: ଦଣ୍ଡ ସାହୁ ଗୃଷ ସନ ୧୯୦୯ ମସୀହା ଅଗଷ୍ଟମାସ ତା ୧୭ ରଖେ ନିଲାମ ହେବ ।

———

ଦ.୬୬୪ନମ୍ବର ଜାରି । ସନ ୧୯୦୯ ମସୀହା ।
ଶିବଚରଣ ମିଶ୍ର । ସା । ରଡ଼ିଆ । ପ୍ର । ଯାଜପୁର
ଡ:

ବନାମ ।

ହର ଦାସ ଓଗେର । ସା । ହରଚନ୍ଦନପୁର । ତ । ଦଖାଲପୁର । ପ୍ର । ସରଗଡ଼ା — ଦେ:

ଡିକ୍ରୀଦାରର ପାଉଣା ଟ ୧୭୭।୷୬

କଟକ ଜିଲ୍ଲା କଲେକ୍ଟରୀ ଯାଜପୁର । ମୁ । ସବରେଜିଷ୍ଟ୍ରୀ ଧର୍ମଶାଳା ଥାନା ଅନ୍ତର୍ଗତ । ପ୍ର । ସରଗଡ଼ା । ମୌ । ହରଚନ୍ଦନପୁରରେ ଥିବା ଦ ୧୬୬୨ ନମ୍ବର ଚ: ମଧ୍ୟରୁ ଖୋଲଗଳ ବାଯ୍ୟାପ୍ତି ଏ ୮——୩୯—୮ ରୁ ଜମା ଟ ୧୯/ ମଧ୍ୟରୁ । ତ । ୫ ୦ ୨ ଅଂଶର ଏ ୪—୧୯—୯ ରୁ ଜମା ଟ ° ୯୷୬ ନିଲାମ ହେବ ।

———

ଦ ୩୧୫ ନମ୍ବର ଡିକ୍ରୀଜାରୀ । ସନ ୧୯୦୯ ମସୀହା
କଟକ ପ୍ରଥମ ମୁନ୍‌ସଫଙ୍କ ଅଦାଲତ ।

କପିଳଚରଣ ନାୟକ । ସା । ସିଆରସାହି । ପ୍ର । ଅଠିଲି — ବାଦୀ

ବନାମ

ଦଣ୍ଡୀ ମହାନ୍ତି ଓଗେର — ପ୍ରତିବାଦୀ

ଏ ମୋକଦ୍ଦମାରେ ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଅଗଷ୍ଟ ମାସ ତା ୧୭ ରଖେ ନିଲାମ ହେବ ।

ସବରେଜିଷ୍ଟ୍ରର ହରିହରପୁର । ପ୍ର । ଖଣ୍ଡି । ମୌ । ଗଜଲେ ଥାନା ହିରୋଲ ଦ୨୪୦୯ନମ୍ବର ଖେରଦା ଜମାବନ୍ଦୀ ମଧ୍ୟସ୍ୱତ୍ୱାଧିକାରୀ ଏ୧.୩୩୯ଡ: ଜମିକୁ ଜମା ଟ ୨।୬ ନିଲାମ ହେବ । ଅ: ମୂ: ଟ ୨° ୧ଟା ।

—※—

ନ ୪୫୯ ନମ୍ବର ଜାରି
ସନ ୧୯୦୯ ମସୀହା

ଯାଜପୁର । ମୁ । ମୁନ୍‌ସଫଙ୍କ ଅଦାଲତ

ଗୁବାଣୀ ଦେଇ । ସା । ଦୋଟବସନ୍ତପୁର । ପ୍ର ଯାଜପୁର — ଡ

ବନାମ ।

ହର ଦାସ ଓଗେର । ସା । ପୁରୁଷୋତ୍ତମପୁର । ପ୍ର । ଯାଜପୁର — ଦେ:

ଡିକ୍ରୀଦାରର ପାଉଣା ୫ ୨୨୭।୩

୧ । ପ୍ର । ଯାଜପୁର ନ ୯୪ ନମ୍ବର ତ: ଖା: । ମୌ । ପୁରୁଷୋତ୍ତମପୁର ଜମିଦାରୀର ଚହ୍ଲିର ସଦର ଜମା ଟ ୨୪୮୨୷୧୦୨ ଅଟେ ତହିଁ ମଧ୍ୟରୁ । ତ । ଟ • ୧୨୨୧୨ରୁ ସଦର ଜମା ୫ ୨। ଜମିଦାରୀ ପ୍ରତି ଓଟେ ନଜ ପୁରୁଷୋତ୍ତମପୁର ମୌଜା ମଧ୍ୟରୁ । ତ । ଟ ° ୧୧୮।୧୨୷ ନିଲାମ ହେବ ।

୨ । ପ୍ର । ଯାଜପୁର । ମୌ । ପୁରୁଷୋତ୍ତମପୁରରେ ଥିବା ଖେରଦା ଜମାବନ୍ଦୀ ମା ୩।୮।୷ ମଧ୍ୟରୁ । ତ । ଟ ° ।୷ରୁ ମା ୧।୭।୩ ୧୧୨ ମଧ୍ୟରୁ ଦେଣଦାରର ଖରଦା ଦଖଲ । ତ । ଟ • / ରୁ ମା •।୫୷୭୧ ୨ରୁ ଜମା ଟ •୷୩ ୨୷୧୨୧ ମଯ୍ୟେ ବୃକ୍ଷାଦି ଚତୁଃସୀମାଧ ନିଲାମ ହେବ ।

୩ । ପ୍ର । ଯାଜପୁର । ମୌ । ପୁରୁଷୋତ୍ତମପୁରରେ ଥିବା ଲାଖରାଜ ବାଯ୍ୟାପ୍ତି ମା ୮।୨୨୷ ମଧ୍ୟରୁ । ତ । ଟ ° ।୷ ଅଂଶର ମା ୩।୮।୧୫ ମଧ୍ୟରୁ ଦେଣଦାରର । ତ । ଟ ° / ରୁ ମା ° ।୧୩- ୨୷୨୨ ରୁ ମୋଟ ଜମା ଟ •।୧.୧୨୷, ମଯ୍ୟେ ତହିଁସ୍ଥିତ ବୃକ୍ଷାଦି ନିଲାମ ହେବ ।

———

ଦ ୨୫୭ ନମ୍ବର ଜାରି ସନ ୧୯୦୯ ମସୀହା ।

ଗୋବିନ୍ଦପ୍ରସାଦ ସିଂହ । ସା । ରାମନଗର । ପ୍ର । ଢାଙ୍କିଆ — ଡ:

ବନାମ ।

ବଳଗୋବିନ୍ଦ ଦାସ । ସା । ସାମଲପୁର । ପ୍ର । ଭଷାଣିଆ — ଦେ:

ଜରଡିକ୍ରୀ ଓଗେର ଡିକ୍ରୀଦାରର ପାଉଣା ଟ ୧୩୮୨୷୯ ।

୧ । ପ୍ର । ଭଷାଣିଆ ନ ୫୦୧ ନମ୍ବର ତ: ବା,: । ଖ । ମୌ । ସାମଲପୁର ଜମିଦାରୀ ରକବା ମଧ୍ୟରେ ଥିବା ଦେଣଦାରଙ୍କର ଖେରଦା ଜମାବନ୍ଦୀ ଦ ୧୩ ନମ୍ବର ସି: ଏ ୦—୧୨ରୁ ଜମା ଟ°୷୯ ମଧ୍ୟରୁ । ତ । ଟ ୦୨ରୁ ଏ ୦—୦୬ ଜମିର ଜମା ଟ ୦/୧°୨ ନିଲାମ ହେବ ।

୨ । ପ୍ର । ଭଷାଣିଆ ଦ ୫୮୧ ନମ୍ବର ତ: ବା, ପଟଣେ ବଂଶୀପୁର ସାମିଲ । ମୌ । ସାମଲପୁର ରକବା ମଧ୍ୟରେ ଥିବା ଦ ୪୨, ନମ୍ବର ସି: ଜମି ବାଯ୍ୟାପ୍ତି ଏ ୨—୨୦ ରୁ ଜମା ଟ ୧୨୷ ତହିଁ ମଧ୍ୟରୁ ଏ ୧—୧୦ ଡି: ମଧ୍ୟରୁ । ତ । ଟ •୨ରୁ ଏ ୦—୫୫ ଜମା ଟ ୦ ।୷୬ ନିଲାମ ହେବ ।

୩ । ପ୍ର । ଭଷାଣିଆ ଦ ୫୮୧ ନମ୍ବର ତ: ବା, । ପ୍ର । ବଂଶୀପୁର ସାମିଲ ସାମଲପୁର ରକବାରେ ଥିବା ଦ ୪୨ ନମ୍ବର ସି: ବା, । ଜମି ବାଯ୍ୟାପ୍ତି ମଧ୍ୟସ୍ୱତ୍ୱାଧିକାରୀ ଏ •—୯୧ ରୁ ଜମା ଟ ° ୨୷ ମଧ୍ୟରୁ । ତ । ଟ °୷୧୪ ରୁ ଏ ୦।୧୫।୩୨ ରୁ ଜମା ଟ •/୨ ନିଲାମ ହେବ ।

୪ । ପ୍ର । ଭଷାଣିଆ ଦ ୫୮୧ ନମ୍ବର ତ: । ପ୍ର ବଂଶୀପୁର ସାମିଲ ସାମଲପୁର ରକବାରେ ଥିବା ଦ ୮୪୨ ନମ୍ବର ସି: ଜମି ବାଯ୍ୟାପ୍ତି ଦ ୧୫୬ ନମ୍ବର ଖେସଡ଼ା ଏ •—୪ ଜମିରୁ ଜମା ଟ •୧ ଦେଣଦାରର । ତ । ୫ ° । ରୁ ଏ •— ନିଲାମ ହେବ ।

———

# ବିବିଧ ।

The Star of Utkal in its last issue in commenting on the speech made by Mr. Das in the Bengal Legislative Council on the 13th of this month refers to evas and their ghost stories. We confess our inability to understand the cloudy allusions. It is strange that in quoting the Honorable the president's reply it omits the first portion of that reply. We give here from the Calcutta Gazette the first portion of His Honor's reply:—

"Gentlemen, the words which have fallen from Mr. Das this morning on the subject of the recent murders in London, will, I trust, find an echo in the hearts of all right-thinking men in Bengal. I will not detract from their impressiveness by adding any remarks of my own. Not only in this province, but also in many other parts of India, the press and public speakers alike hastened to denounce this outrage as well as others which preceded it. Some of these may have been less prominent in the public eye, but I doubt whether they were less insidious in their effects or less dangerous in the long run to public tranquility."

---

ମାଙ୍ଗାଲୋରଠାରେ ପ୍ଳେଗ ହେଉ ଥିବାରୁ ସେଠାରୁ କୌଣସି ଜାହାଜ ଓଡ଼ିଶାକୁ ଅସିବାର ନଷେଧାଜ୍ଞା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ।

---

ଗତ ତା ୧୦ ଋଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତରେ ପେଳେଗ ରୋଗରେ ୪୬୨ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରୁ ଯୁକ୍ତପ୍ରଦେଶର ମୃତ୍ୟୁ ୧୪ ସଂଖ୍ୟା ଥିଲା । ତହିଁପୂର୍ବ ସପ୍ତାହର ମୃତ୍ୟୁ ୪୬୮ ଥିଲା । କମେ ଉଣା ପଡ଼ୁଅଛି ।

—※—

ଗତ ତା ୧୦ ଋଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୧୯, ବଙ୍ଗରେ ୩୧,୫୬୨, ଯୁକ୍ତପ୍ରଦେଶରେ ୨୧, ୪୨୧ ଏବଂ ବମ୍ବେରେ ୧୦୪୨ ମୋଟ ୫୬, ୯୮୪ ଜଣ । ପୂର୍ବ ସପ୍ତାହର ଅଙ୍କ ୭୨, ୭୩୨ ଥିଲା । ସବୁସ୍ଥ ପ୍ରଦେଶରେ ଉଣା ହୋଇଅଛି ।

—※—

ଚଳିତ ଅଷାଢ଼ ମାସରେ ବଙ୍ଗଳା ବାୟୁସ୍ଥ ମାନେ ସାଧାରଣ ପ୍ରାପ୍ତି ସ୍ଥିରର ଉପଦେଶ୍ ଗ୍ରହଣ କରିଅଛନ୍ତି । କେତୁସ୍ଥାନରେ ଅଙ୍କର ଗ୍ରହଣ ପ୍ରାପ୍ତି ପଣ୍ଡିତ ଉଦ୍ଧୃତ ଥିଲେ । ନ ୪୨ ଜଣ ବାୟୁସ୍ଥ ସମ୍ପ୍ରଦାୟରେ ଉପଗତ ହୋଇଅଛନ୍ତି । ସେହିପରି ପରିପୂର୍ବ ପୋତା ନ୍ୟାଦରେ ନ ୩୦ ଜଣ ଓ ଲୁହ୍ରିଆରେ ନ ୮ ଜଣ ବାୟୁସ୍ଥ ଉପନୟନ ଗ୍ରହଣ କରିଅଛନ୍ତି । ଏହି ବାୟୁସ୍ଥମାନଙ୍କର ଅଧିକାଂଶ ଦକ୍ଷିଣରାଢ଼ୀୟ ଅଟନ୍ତି ।

---

ଗତ ସପ୍ତାହର ହନୁସ୍ତାନ ଋବ୍ୟୁର ପ୍ରକାଶ ହୋଇଅଛି ଯେ ଶଯୁକ୍ତ ଜ୍ୟୋତିର୍ବ୍ବଦାସ୍ମ୍ବରଣ ମହାଶୟ ବଙ୍ଗଳର ବାୟସ୍କୋପ ଗ୍ରନ୍ଥରେ ଉତ୍ତୀର୍ଣ୍ଣ ହୋଇ ଅଣେ ଟଇରୁ ଫେରି ଅସିଅଛନ୍ତି । ଏ ମହାଶୟ ସେଠାରେ ଅଛି ଅଙ୍କ-ଟାରେ ଥାଇ ଧରେ ଉଡ଼ୁଥିଲେ ସେହିଦିନ ଅନେକ ବାୟୁସ୍ଥ ତାଙ୍କ ସଙ୍ଗେ ଖିଆ ପିଆରେ ବିଶେଷ ବଦ୍ଧଥିଲେ ଏମନ୍ତ କି ପ୍ରାୟଶ୍ଚିତ୍ତର ପ୍ରସଙ୍ଗ ମଧ୍ୟ କେହି ଉଠାଇଲେ ନାହିଁ । ସମାଜ ସଂସ୍କାରାର୍ଥୀମାନେ ଏ ସମ୍ବାଦରେ ଅବଶ୍ୟ ଆନନ୍ଦିତ ହେବେ ।

—※—

କଲିକତା ହାଇକୋର୍ଟରେ ଅନେକ ମୋକଦ୍ଦମା ବାକି ପଡ଼ିବାରୁ ଗତ ଛୁଟିବାରଠାରୁ ହାଇକୋର୍ଟର ବିଚାରପତିମାନେ କାର୍ଯ୍ୟ କରିବାକୁ ସ୍ଥିର କରିଅଛନ୍ତି । ଏହାପୂର୍ବରୁ ଛୁଟିବାରଦିନ ହାଇକୋର୍ଟ ଏପ୍ରକାର ବନ୍ଦ ହୋଇ ରହୁଥିଲା । କେବଳ କେମବ୍ରିଜ ବାର୍ଷିକଗୁଡ଼ିମାନ ଯେପରି ବନ୍ଦ ହେଉଥିଲା । ବର୍ତ୍ତମାନ ଶନିବାରଦିନ ବିଚାର ହେବାକୁ ଓ ସୋମବାରଦିନ ଅପିଲ ଓ ମୋସନମାନ ବିଚାରିତ ହେବାର ଗତ ଶନିବାରଠାରୁ ଅରମ୍ଭ ହୋଇଥିବା ସ୍ତଳରେ ବିଷୟ । ଏଥିରେ ବାକି ପଡ଼ିଥିବା ଅନେକ ମୋକଦ୍ଦମାମାନ ଯେ ଶୀଘ୍ର ଫଇସଲ ହେବାଦ୍ୱାରା ଲୋକଙ୍କର ଅସୁବିଧା ଦୂର ହେବ ଏଥିରେ ସନ୍ଦେହ ନାହିଁ ।

—O—

ଡାଇରେକ୍ଟର ମହୋଦୟ ଏ ମାସରେ ପଦାର୍ପଣ କରି ଏଠାର କଲେଜ ଏବଂ ସମସ୍ତ ବିଦ୍ୟାଳୟମାନ ପରିଦର୍ଶନ କରିଅଛନ୍ତି । ରେଭେନ୍ସା କଲେଜରେ ଇତିହାସ ପଢ଼ାଇବାର ବନ୍ଦୋବସ୍ତ ନ ହେବାରୁ ଏଠା ଲୋକେ ଅଭାବ ଚଳ୍ଚିତ ହୋଇଅଛନ୍ତି ଏବଂ ଗୁରୁଅଭ୍ରେ ସେଥିର ଚର୍ଚ୍ଚା କରିଅଛି । କଲେଜରୁ ଯାଇ କେତେ ଛାତ୍ର ଇତିହାସ ପଢ଼ିବାକୁ ପ୍ରସ୍ତୁତ ଅଛନ୍ତି ତାହା ସାହେବ ମହୋଦୟ ଚିନ୍ତା କରନ୍ତେ ଏବଂ ନୂତନ ଅବାସରେ ଯେ ଅନେକ ଲୋକଙ୍କ ସଙ୍ଗେ ସେ ବିଷୟର କଥୋପକଥନ କରିଥିଲେ । ସାହେବ ମହୋଦୟଙ୍କ କର୍ତ୍ତୃକ ଏ ବିଷୟରେ କିଛି ଉତ୍ତର ହେବାର ଅମ୍ଭମାନଙ୍କର ଅଶା ନାହିଁ ଅଛି ମାତ୍ର ଫଳ ଜଣା ନ ଯିବାମାତ୍ର କିଛିହିଁ କୋଣାଯାଇ ନ ପାରେ ।

---

ଏ ନଗରର ନାନାସ୍ଥାନରେ ଚୋରମାନଙ୍କର ଚାଲ ଗଙ୍ଗ ସମୟରେ ଲୋକମାନେ ଶୋଷ କରିବାର ଦେଖାଯାଉଅଛି । କେତେ ସ୍ଥାନରେ ଦରଜାକୁ ଭାଙ୍ଗିଯାଇ ଅନ୍ୟ ଚାଲ ଖୋଲି ବ ପାର ଲୋକମାନେ ପଳାଇ ଯାଉଅଛନ୍ତି । ସହରର ନାନା ସ୍ଥାନରେ ବଡ଼ ହୋଇ ପୁଲିସ ଚୌକିଦାରଦ୍ୱାରା ପହରା ଦେବାର ବନ୍ଦୋବସ୍ତ ହେଉଥିଲେହେଁ ଏପରି ଘଟଣା ଘଟେ ହେବାର କାରଣ କଣ ବୁଝାଯାଉ ନାହିଁ । ବୋଧହୁଏ ସହରରେ ବୁଝି ଦେଲୁ ଚୌକିଦାରମାନେ କୌଣସି ଘରର ଅବସ୍ଥା ଯେଉଁ ଶୋଇ ପଡ଼ିବାରୁ ଅବା କାର୍ଯ୍ୟରେ ଉପସ୍ଥିତ ନ ହେବାରୁ ଏ ଭଳି ଶୋଷ ଦେଖାଯାଉଅଛି । ଅତଏବ କର୍ତ୍ତୃ ପୁଲିସ କର୍ତ୍ତୃପକ୍ଷମାନେ ଚୌକିଦାରମାନେ ଉପଯୁକ୍ତରୂପେ ପହରା ଦେଉଥିବା ଯେପରି ସେଥିର ବନ୍ଦୋବସ୍ତ କରିବେ ।

---

ବାଲେଶ୍ୱର ଜିଲ୍ଲା ବୋର୍ଡ଼ର ଭାଇସଚେୟାରମେନ ନିଯୁକ୍ତ ହେବା କାରଣ ଯେଉଁମାନେ ପ୍ରାର୍ଥୀ ହୋଇଅଛନ୍ତି ସେମାନଙ୍କ ମଧ୍ୟରୁ ଅମ୍ଭେମାନେ ବାବୁ ରାଧା ଚରଣ ଦାସ ସେଠା ବୋର୍ଡ଼ର ମେମ୍ବର ଓ ଚେୟାରମ୍ୟାନଙ୍କ ସର୍ବାପେକ୍ଷା ଯୋଗ୍ୟ ଲୋକ ଚଳାଇଥିଲେ ତହିଁର ପ୍ରତିକାର ଯାଉଅଛି । କେତେ ବ୍ୟକ୍ତିମାନେ ଉକ୍ତ ପଦର ପ୍ରାର୍ଥୀ ହୋଇଅଛନ୍ତି ଅମ୍ଭମାନଙ୍କୁ ଜଣା ନାହିଁ ମାତ୍ର ସାଧାରଣ ବାବୁ ଯେ ସେ ପଦ ଲାଭର ଯୋଗ୍ୟ ତାହା ସେ ଉଚ୍ଚପଦ ଯୋଗ୍ୟତା ସହିତ ଉକ୍ତ ପଦରେ କାର୍ଯ୍ୟ କରିଥିବାଦ୍ୱାର ଉତ୍ତମରୂପେ ବିଦିତ ଅଛି । ଅମ୍ଭେମାନେ ଭରସା କରୁ ଜିଲ୍ଲା ବୋର୍ଡ଼ର ମେମ୍ବରମାନେ ତାହାର ଅନୁରୋଧ ଉପରୋଧ ନ ଶୁଣି ପକ୍ଷପାତ ନ କରି ଉନ୍ନଲକ୍ଷ୍ୟ ଭାବ ସ୍ୱାଧୀନ ଭାବରେ ଉପଯୁକ୍ତ ଲୋକ ବାଛି ଉକ୍ତ ପଦରେ ମନୋନୀତ କରିବେ ଯେମନ୍ତ ସେମାନଙ୍କର ନିଯୁକ୍ତି ସବାଜନ ସମ୍ମତ ହେବା ସଙ୍ଗେ ଜିଲ୍ଲା ବୋର୍ଡ଼ର କାର୍ଯ୍ୟ ଦୃଢ଼ଭାବରେ ଚଳେ ।

---

ବଙ୍ଗଦେଶୀୟ ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ ଗତ ସୋମବାରଦିନ ଏଠାରେ ପହଞ୍ଚିଥିବା ଉପଲକ୍ଷେ ଅମ୍ଭମାନଙ୍କର ଜବାବିଦ ମାନ୍ୟବର ମଧୁସୂଦନ ଦାସ ମହୋଦୟ ତାଙ୍କ ସହିତ ଶିକ୍ଷା ବିଷୟରେ ଚେଷ୍ଟିତ ଥିବା ଭଦ୍ରଲୋକମାନଙ୍କୁ ମିଳାଇବା ଉଦ୍ଦେଶ୍ୟରେ ଗତ ବୁଧବାର ଅପରାହ୍ନକାଳରେ ଅପଣାର ଅବାସଗୃହକୁ ଅନେକ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିଥିଲେ । କର୍ଷା ହୋଇଥିଲେ ମଧ୍ୟ ଅଧିକାଂଶ ଲୋକେ ନିମନ୍ତ୍ରଣର ରକ୍ଷା କରିବା ସୁଖର

କରୟ । ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ସହିତ ଛାତ୍ର ରେକ୍ଟର ମହୋଦୟ ମେଳାମେଶା ନାନା ବିଷୟର କଥା ବାର୍ତ୍ତା କରିଥିଲେ ଏବଂ ସାହେବ ମହୋଦୟଙ୍କ ସାଧୁସ୍ୱଭାବ ଓ ଶିଷ୍ଟାଚାର ଦେଖି ସମସ୍ତେ ପ୍ରୀତ ହୋଇ ଅଛନ୍ତି । ଏ ସମୟରେ ସମବେତ ଭଦ୍ରଲୋକଙ୍କର ଅଣ୍ଟାଳାପ କେବଳମାତ୍ର ଦୃଷ୍ଟ ହୋଇ ନାହିଁ । ଏବଂ ଦାସ ମହାଶୟ ଆନ୍ତରିକ ହିତଯୋଗ ଉଦ୍ଦେଶ୍ୟରେ ଏ ମିଳନ ସଙ୍ଘଟନ କରିଥିବା ହେତୁ ତାଙ୍କୁ ଆମ୍ଭେମାନେ ସହାନ୍ତ୍ୟ କରଣରେ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

—*—

କଟକ ରେଭେନ୍ସା କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବି ଏଲ ପଢ଼ିବା ସକାଶେ ବୃତ୍ତି ପାଇଅଛନ୍ତି ।

ନୀଳକଣ୍ଠ ଦାସ
ଜୀବାନନ୍ଦ ଦାସ
ନୀଳାମ୍ବର ମହାନ୍ତି
ଭରତଚନ୍ଦ୍ର ନାୟକ
ଗୌରକିଶୋର ରାୟ
ବିଦ୍ୟାଧର ମହାପାତ୍ର

ପ୍ରଥମ ତିନିଜଣ ଓଡ଼ିଆ ଛାତ୍ର ଏତଦ୍ଦେଶୀୟ ବଙ୍ଗାଳି ଓ ଓଡ଼ିଆଙ୍କ ମଧ୍ୟରେ ପାରଦର୍ଶିତାନୁସାରେ ବୃତ୍ତି ପାଇଅଛନ୍ତି । ବାକି ତିନିଜଣ ଓଡ଼ିଆ ହେବାର କଥା ସୁତରାଂ ଏ ବର୍ଷ ଛଅଗୋଟି ବୃତ୍ତି ଓଡ଼ିଆଙ୍କୁ ପ୍ରଦତ୍ତ ହେଲା । ଅନ୍ୟ କାହାରି ଭାଗ୍ୟରେ ଘଟିଲା ନାହିଁ ।

ଏହି ଛାତ୍ରମାନେ ବୃତ୍ତି ଘେନି କଲିକତା ଅଥବା ପାଟନା କଲେଜରେ ଅଧ୍ୟୟନ ଶେଷ କରିପାରିବେ ।

———

ଆର୍ଯ୍ୟସମାଜ ଜଣେ ସାହେବଙ୍କୁ ପ୍ରାୟଶ୍ଚିତ୍ତ କରାଇ ହିନ୍ଦୁଧର୍ମରେ ଗ୍ରହଣ କରିଥିବାରୁ ଆମ୍ଭମାନଙ୍କର ସହଯୋଗୀ ନୀଳାଚଳ ସମାଚାର ତାହା ସମର୍ଥନ କରି ନ ପାରି ସ୍ପଷ୍ଟ କହୁଅଛନ୍ତି ଯେ ଧର୍ମାନ୍ତର ଗ୍ରହଣ କରିବା ଅନ୍ୟାୟ ଅଟେ ଏବଂ ନିଜର ସ୍ୱରୂପ ଭଗବଦ୍ଗୀତାର 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ' ଶ୍ଲୋକ ଉଦ୍ଧୃତ କରିଅଛନ୍ତି । ଆମ୍ଭେମାନେ ଏକ ଉପଧର୍ମକୁ ଅନ୍ୟ ଉପଧର୍ମର ଗ୍ରହଣର ପକ୍ଷପାତୀ ନ ହେଲେହେଁ ଆର୍ଯ୍ୟ ସମାଜର କାର୍ଯ୍ୟ ସମ୍ପୂର୍ଣ୍ଣ ବେଦ ସମ୍ମତ ଥିବା ଏବଂ ବେଦହିଁ ଆମ୍ଭମାନଙ୍କର ସର୍ବ ପ୍ରଧାନ ଧର୍ମଗ୍ରନ୍ଥ ଥିବାରୁ ଅନ୍ୟ ଧର୍ମର ଲୋକଙ୍କ ହୋମାଦ୍ୱାରା ଶୁଦ୍ଧ କରିବା ବିଷୟରୁ ବାଟକୁ ଆଣିବା ସର୍ବଥା ଅନୁମୋଦନୀୟ । ପରନ୍ତୁ ଭଗବଦ୍ଗୀତାର ଉପରୋକ୍ତ ଶ୍ଲୋକର ପ୍ରକୃତ ଅର୍ଥ ଭିନ୍ନ ପ୍ରକାର । ହିନ୍ଦୁସମାଜ ସଙ୍କୀର୍ଣ୍ଣ ମତ ହେତୁ ଦିନ ଦୁର୍ବଳ ହୋଇ ପଡ଼ୁଅଛି । ବର୍ତ୍ତମାନ ଏପରି ଏବଂ ଉନ୍ନତର ସମୟ ଥିବାରୁ ଉଦାରମତ ଅବଲମ୍ବନ ପୂର୍ବକ ବେଦର ପନ୍ଥା ଅନୁସରଣ କରି ହିନ୍ଦୁସମାଜର ପ୍ରସାରଣ ତଥା ବଳ ବୃଦ୍ଧି କରିବା ଚିନ୍ତାଶୀଳ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ।

———

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଗତମାସ ତା ୨୦ ରିଖ ସନ୍ଧ୍ୟା ସ ୭ ଘଣ୍ଟା ସମୟରେ ଖଲିକୋଟର ରାଜା ମହୋଦୟ ଇହଲୀଳା ସମ୍ବରଣ କରିଅଛନ୍ତି । ସାଧାରଣ ହିତ କାର୍ଯ୍ୟରେ ମୃତ ମହାରାଜାଙ୍କ ଉତ୍ସାହ ଦୃଷ୍ଟିପଥରୁ ଏ ପର୍ଯ୍ୟନ୍ତ ସାହୁଲ୍ଲାମ ହୋଇ ରହିଅଛି । ଅଳ୍ପଦିନ ପୂର୍ବେ ଏଠାରେ ଇଡେନ୍ଷ୍ଟା ବାଳିକା ବିଦ୍ୟାଳୟକୁ ସେ ଯେଉଁ ସୁନ୍ଦର ଗାଡ଼ି ଓ ବଡ଼ ବଡ଼ ଘୋଡ଼ା ଯୋଗାଇ ଦେଇଅଛନ୍ତି ତାହା ଏଠାରେ ଚିରକାଳ ମନେ ରହିବ । ଏତେ ଶୀଘ୍ର ଏ ମହାତ୍ମା ଇହଧାମରୁ ବିଦାୟ ହୋଇଯିବେ ବୋଲି ଆମ୍ଭେମାନେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲୁଁ । ମାତ୍ର କାଳର ଗତି ଅପ୍ରତିହତ । ରାଜା ମହୋଦୟ ବହୁମୂତ୍ର ରୋଗରେ ହଠାତ୍ ମୃତ୍ୟୁ ମୁଖରେ ନିପତିତ ହେଲେ । ଈଶ୍ୱର ତାଙ୍କର ଆତ୍ମାର ସଦ୍‌ଗତି ଓ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ପ୍ରଦାନ କରନ୍ତୁ ଏହିକି ପ୍ରାର୍ଥନା ।

———

ଗତ ଶନିବାର ଅପରାହ୍ନ କାଳରେ ଏଠାରେ ଟାଉନ ଲାଇବ୍ରେରୀ ହଲରେ ଉତ୍କଳ ସଭାର ଗୋଟିଏ ଅଧିବେଶନ ହୋଇଥିଲା । ବିଲାତର ସର ଉଇଲିୟମ କର୍ଜନ ୱାଇଲି ସାହେବଙ୍କ ଜଘନ୍ୟ ହତ୍ୟାକାଣ୍ଡ ହେତୁ ଘୃଣା ପ୍ରକାଶ କରିବା ସଭାର ଉଦ୍ଦେଶ୍ୟ ଥିବାରୁ ସମ୍ପାଦକଙ୍କ ଆହ୍ୱାନ ମତେ ସର୍ବସାଧାରଣ ଅନେକ ଲୋକେ ସମୁପସ୍ଥିତ ହୋଇଥିଲେ । ସଭାପତି ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି. ଆଇ. ଇ. ମହୋଦୟ ପ୍ରକାଶ କଲେ ଯେ କର୍ଜନ ୱାଇଲି ସାହେବ ମହୋଦୟ ସାଧୁ ପ୍ରକୃତିର ଲୋକ ଥିଲେ ଏବଂ ସେ ସର୍ବଦା ଭାରତର କଲ୍ୟାଣ ବାଞ୍ଛା କରୁଥିଲେ । ଏପରି ମହତ ଲୋକଙ୍କୁ ଯେଉଁ ଲୋକ ବନ୍ଧୁସ୍ଥଳରେ କଥାବାର୍ତ୍ତା କରୁଁ କରୁଁ ମାରିଲେ ତାହାଠାରୁ ପାମର ସଂସାରରେ ନାହିଁ । ପାତକ ମଦନ ଲାଲ ଧିଙ୍ଗ୍ରା ଏ ହତ୍ୟାକାଣ୍ଡ ସଂଘଟନ କରି ସାରିଲା ପରେ ତାହାର ପୁଣାର ଗାର ବନ୍ଧା ଚଷମା ହେଉଁଠାରେ ପଡ଼ି ଯିବାରୁ ତାହା ଖୋଜିବାରେ ବ୍ୟସ୍ତ ଥିଲା । ଶ୍ରୀମତୀ ୱାଇଲି ମହୋଦୟା ବନ୍ଧୁକର ଶବ୍ଦ ଶୁଣି ଆସି ଆପଣା ସ୍ୱାମୀ ମରି ପଡ଼ିଥିବାର ଦେଖିବା କଥା ଭାବିଲେ ହୃଦୟ ବିଦୀର୍ଣ୍ଣ ହୁଏ । ଜଣେ 'ଭାରତୀୟ ଦ୍ୱାରା ଏ ଘଟଣା ଘଟିଥିବାରୁ ଭାରତବାସୀ ମାତ୍ର ଲଜ୍ଜିତ ଅଛନ୍ତି ଏବଂ ଏପରି ଜଘନ୍ୟ କାର୍ଯ୍ୟ ନିମିତ୍ତ ଘୃଣା ପ୍ରକାଶପୂର୍ବକ ଶ୍ରୀମତୀ ୱାଇଲି ମହୋଦୟାଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବା ବାଞ୍ଛନୀୟ । ଅତଃପର ବାବୁ ପ୍ରିୟନାଥ ଚାଟାର୍ଜ୍ଜୀ ମହୋଦୟ ତାହା ସମର୍ଥନ କଲାରୁ ସଭାପତିଙ୍କ ଉଦ୍ଦେଶ୍ୟାନୁଯାୟୀ ସମସ୍ତେ ଅବନତମସ୍ତକରେ ଦଣ୍ଡାୟମାନ ହୋଇ ସେ ପ୍ରସ୍ତାବ ଧାର୍ଯ୍ୟ କଲେ । ଏଥି ଉତ୍ତାରୁ ବାବୁ ଚନ୍ଦ୍ରଶେଖର ପାଲିତ ମହାଶୟ ପ୍ରସ୍ତାବ କଲେ ଯେ ଡାକ୍ତର ଲାଲକାକା ମହୋଦୟ ଆପଣାର ଜୀବନ ରକ୍ଷା ବିଷୟ ନ ଭାବି ସର କର୍ଜନ ୱାଇଲିଙ୍କ ଜୀବନ ରକ୍ଷା କରିବାକୁ ଅଗ୍ରସର ହୋଇ ଯେଉଁ ଉଦାର ମନ ଏବଂ ସାହସର ପରିଚୟ ଦେଇଅଛନ୍ତି ତାହା ଅତୀବ ପ୍ରଶଂସନୀୟ ସୁତରାଂ ତାଙ୍କ ବିଧବା ପତ୍ନୀଙ୍କ ସମୀପକୁ ସହାନୁଭୂତି ସୂଚକ ବାର୍ତ୍ତା ପଠାଇବା କର୍ତ୍ତବ୍ୟ । ବାବୁ ବୈକୁଣ୍ଠନାଥ ଦତ୍ତ ଏ ପ୍ରସ୍ତାବକୁ ଅନୁମୋଦନ ଏବଂ ବାବୁ ପ୍ରିୟନାଥ ଚାଟାର୍ଜ୍ଜୀ ସମର୍ଥନ କଲାରୁ ସମସ୍ତେ ପୂର୍ବବତ୍ ଦଣ୍ଡାୟମାନ ହୋଇ ତାହା ଧାର୍ଯ୍ୟ କଲେ । ସଭାପତି ମହାଶୟ ଆପଣା ବକ୍ତୃତାରେ ଷ୍ଟେଟଲାଟ ମହୋଦୟଙ୍କ ବଡ଼ ବ୍ୟବସ୍ଥାପକ ସଭାର ଉକ୍ତିର ଲକ୍ଷ୍ୟ କରି ଅରାଜକ କାଣ୍ଡ ଦମନ କରିବା କାରଣ ସମସ୍ତ ଲୋକଙ୍କୁ ଗଭର୍ଣ୍ଣମେଣ୍ଟ ସହିତ ଏକ ଯୋଗରେ କାର୍ଯ୍ୟ କରିବା ଉଚିତ ବୋଲି ଉପଦେଶ ଦେଲେ ।

———

ବଙ୍ଗଳା ଦପ୍ତରରେ ହତ୍ୟାକାଣ୍ଡର ଚର୍ଚ୍ଚା ।

ବଙ୍ଗଳା ଦପ୍ତରର ଗତମାସର ତା ୧୩ ରିଖର ସନ୍ଧ୍ୟାରେ ବିଲାତର ସର ଉଇଲିୟମ କର୍ଜନ ୱାଇଲି ସାହେବଙ୍କ ହତ୍ୟାକାଣ୍ଡ ଉଲ୍ଲେଖ କରି ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ମାନ୍ୟବର ମଧୁସୂଦନ ଦାସ ପ୍ରକାଶ କଲେ ପ୍ରାୟ ଦୁଇବର୍ଷ ତଳେ ସେ ବିଲାତରେ ସାହେବ ପ୍ରଶଂସିତଙ୍କୁ ଦେଖିଥିଲେ । ସେ ଯେମନ୍ତ ସଦାଶୟ ପ୍ରକୃତିର ଲୋକ ସେମନ୍ତ ବିଦେଶୀୟ ଲୋକଙ୍କ ସହିତ ବନ୍ଧୁତ୍ୱ ସ୍ଥଳରେ ବ୍ୟବହାର କରୁଥିଲେ । ଏମନ୍ତ ଲୋକଙ୍କୁ ହତ୍ୟା କରିବା ନିତାନ୍ତ ଘୃଣିତ କାର୍ଯ୍ୟ । ଡାକ୍ତର ଲାଲକାକା ଏପରି ନିର୍ଦ୍ଦୋଷ ଏବଂ ବହୁମୂଲ୍ୟ ଜୀବନ ରକ୍ଷା କରିବାକୁ ଯାଇ ଉଦାରତାର ପରିଚୟ ଦେଇଅଛନ୍ତି । ସୁତରାଂ ୱାଇଲି ସାହେବ ଓ ଡାକ୍ତର ଲାଲକାକାଙ୍କ ପତ୍ନୀଙ୍କ ଦୁଃଖରେ ସହାନୁଭୂତି ପ୍ରକାଶ କରିବା କର୍ତ୍ତବ୍ୟ । ଏହା କହି ସେ ପ୍ରକାଶ କଲେ ଯେ ଅରାଜକ କାଣ୍ଡ ବାହାରେ ଦମନ ହେଉ ନାହିଁ । ବର୍ତ୍ତମାନ ଦେଶର ନେତାମାନେ ବଦ୍ଧପରିକର ହୋଇ

Digitized by srujanika@gmail.com

NOTICE

…d an English knowing account-
sa'‥ry of Rs 20 per mensem
of .e. . Preference will be
o : who has sufficient know-
fficial business, mostly in
natters. Applications will
by the 20th August next.

Raja and Feudatory Chief
of Pal Lahara

NOTICE.

ed a Head Clerk on
per mensem for the Murhi
visional office and a Clerk
20 per mensem for this
None need apply who
passed the Entrance
nation of the Calcutta
sity and has no experience
ice work.
plications will be received
the undersigned up to the
instant.

aj office } S. C. Bose
enkanal }
—7—09 } Dewan

# …କଳ ଦୀପିକା ।

## …ODEL VICE-CHAIRMAN.

We draw the attention of rich Zamindars and other gentlemen of independent means to the commendable manner in which Samanta Radha Charan Das has done his duties as the Vice-Chairman of the District Board of Balasore. The duties attached to the office of a Vice-Chairman of a District Board demand much attention to the details of the actual work done by the Board. Non-official supervision to be effective should be undertaken by gentlemen who have not to work for their daily bread. One whose profession or other means of livelihood take up the greater and the better portion of the day cannot do justice to the responsibilities of the office. The success of Local Self-Government which is, we believe, in the near future to be granted in a larger measure to the country, will depend more on the time which those who are appointed to these offices are able to give them on their educational qualifications. Time is at the disposal of the rich, the man who has to work for his daily bread cannot afford to spare much of it. Time is of more value than literary qualifications to insure success.

We take this opportunity to correct an impression which prevails in certain quarters that Samant Radha Charan Das's tour in the interior of the District was unique in the history District Boards. We are glad that this has been appreciated by the Chairman—the District Magistrate of Balasore. But it was not "a departure from the traditions of the work of non-official Vice Chairman."

The first non-official Vice Chairman of the Cuttack District Board used to visit the schools, roads, buildings &c. in the interior. The touring was undertaken in the interests of District Board only without combining private work with it. We wish this practice had been kept up by his successors. We are not sure that the Chairman is not to some extent responsible for the contrary state of things.

The first non-official Vice-Chairman the Hon. Mr. M S. Das possessed all the powers of the Chairman. The Chairman had delegated them to him, so much so that the Chairman did not attend the meetings of the District Board for a long period till he was called upon to explain his absence from all meetings of the Board; and what was the Chairman's explanation? He said he had a Vice-chairman who toured in the District travelling at his own expense who worked very hard and the Chairman thought if it was the intention of Government to develope a self Government spirit it was but fair to a non-official Vice-chairman that his hands should be free and he should have the full share of the censure or credit for the results of the administration. We know an instance when the Vice-chairman's action was questioned by the Inspector of Schools and the Director of Public Instruction as being in excess of his powers. The Commissioner of the Division called upon the Vice-chairman to explain. The latter questioned the right of the Commissioner of the Division to demand an explanation and asked the Commissioner to refer the matter to Government for a decision on this preliminary point. The ultimate issue of this correspondence was that the Vice-Chairman was not required to submit an official explanation. We don't think the Chairman has reposed the same confidence in the subsequent incumbents of the office. If the Chairman wishes his Vice-Chairman to take an active interest in the work he should delegate his powers to the Vice-Chairman

Give a man a free hand and hold him responsible for the work. Let man realize that he can earn either censure or praise and he will work. The situation will develope a public spirit, a spirit of self-sacrifice and energy and activity worthy of commendable discharge of duties.

---

We understand that the Hon. M. S. Das has been served with a notice by the anarchists to repent and retract his utterances in the Bengal Council in connection with Sir Curzon Wyllie's death, on penalty of meeting with a similar end. The notice is in the hands of the Calcutta Police with a view to trace the author.

---

We are sorry that Mr. M. S. Das's object in giving the officers of the Education Department and some other gentlemen who are interested in education in Orissa an opportunity to meet Mr. H R. James the Director of Public Instruction, in a friendly manner, and utilize the opportunity in discussing in an informal manner the educational needs of Orissa has been misunderstood and misinterpreted by the Star of Utkal.

We are informed that the Editor of the Star of Utkal was not present there. Those who were present appreciated the spirit of the host and we are informed that some immediate educational needs of Orissa were talked over by the guests in an informal manner.

Mr. E. V. Levinge was present on the occasion We are not Englishmen and we learn English Language and adopt to a certain degree European manners as facilities for intercourse with the ruling race. We are no Judge of the proper form of invitation suitable for an occasion like this, but we fail to see where the humiliation comes in the language used. The expression "pleasure of company" is used in speaking of Mr. James as well of other guests. "To meet" is an expression used on occasions when *the guest* of the occasion is a Lt. Governor or Viceroy or some person whose official position is higher than all other guests. This was not suitable to the occasion.

There is no analogy between the form of invitation issued by the Maharanee of Mourbhanj and that issued by Mr. Das The objects were different. It is safe to judge a man by his intentions and objects than by the words he uses. Mr. Das's guests judged him by the former

---

ଗତ ତା ୧୭ ଋଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୬୯୩ ମୃତ୍ୟୁ ହୋଇଥିଲା । ଏହା ପୂର୍ବ ସପ୍ତାହରେ ୪୬୨ ଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ଅଟେ । ଏହି ବୃଦ୍ଧି ଯୁକ୍ତପ୍ରଦେଶ ବ୍ରହ୍ମ ମାନ୍ଦ୍ରାଜ ଏବଂ ପଞ୍ଜାବରେ ଘଟିଅଛି ।

---

ଗତ ତା ୧୭ ଋଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବ ବଙ୍ଗରେ ୩୨ ବଙ୍ଗରେ ୨୯୧୬୪ ଯୁକ୍ତପ୍ରଦେଶରେ ୧୯୦୮୯ ଏବଂ ବମ୍ବେଇରେ ୨୧୬ ମୋଟ ୪୮୪୯୧ ଜଣ ପୂର୍ବ ସପ୍ତାହର ଅଙ୍କ ଥିଲା ୫୪୦୫୨ ସୁତରାଂ ଊଣା ପଡ଼ିଅଛି ।

---

ରାଜଦ୍ରୋହ ସୂଚକ ପ୍ରବନ୍ଧ ହେତୁ ଏଠିସଙ୍ଗ ସୁରେନ୍ଦ୍ରନାଥ ଆର୍ଯ୍ୟ ଦୀର୍ଘଦଣ୍ଡ ପାଇଥିବା ବିଷୟ ପାଠକମାନଙ୍କ ଜଣା ଅଛି । ସେ ବର୍ତ୍ତମାନ ଆତ୍ମହତ୍ୟାର ଉଦ୍ୟୋଗ କରୁଥିବା ଅପରାଧରେ ବିଚାରାଧୀନ ଅଛନ୍ତି । ବିଚାର ସମୟରେ ସେ କହିଲେ ଯେ ଜେଲଖାନାର ଅତ୍ୟାଚାର ହେତୁ ସେ ଆତ୍ମହତ୍ୟାର ଉଦ୍ୟୋଗ କରୁଥିଲେ ।

---

ଗତ ତା ୨୨ ଋଖରେ ଶେଷ ହେବା ସପ୍ତାହରେ ଆରବସାଗରର ବର୍ଷାସ୍ରୋତ ବଡ଼ ପ୍ରବଳ ଥିଲା । ତେଣୁ ଭାରତର ଉତ୍ତରପଶ୍ଚି-

Digitized by srujanika@gmail.com

ମାଣ୍ଡଳରେ ବିଶେଷ ବର୍ଷା ହୋଇଥିଲା । ମାତ୍ର ଦକ୍ଷିଣ-ପୂର୍ବରେ ଅତ୍ୟନ୍ତ ବାତପାତ ହୋଇଥିଲା । ଡେରାଡୁନ, ମିରଟ, ବରେଲି ଓ ରାବଲପିଣ୍ଡିରେ ଏକ ଦିନ ୯ ଇଞ୍ଚ ଏବଂ ମାଉଣ୍ଟଆବୁରେ ଏକଦିନ ୨୨ ଇଞ୍ଚ ଜଳ ପଡ଼ିଥିଲା । କଲିକତାରେ ମଧ୍ୟ ଏକଦିନ ବିଶେଷ ବୃଷ୍ଟି ହୋଇଥିଲା ।

———

ଗତ ରବିବାର ଦିନ ଏଠା ଭୂମ୍ୟଧିକାରୀଙ୍କ ସଭାରେ ବିଲାତରେ ସର କର୍ଜନ ବାଇଲି ସାହେବ ଓ ଡାକ୍ତର କାଉସୁଜି ଲାଲକାକା ମହୋଦୟଙ୍କ ଜଘନ୍ୟ ହତ୍ୟାକାଣ୍ଡ ହେତୁ ଘୃଣା ପ୍ରକାଶ ସମ୍ବନ୍ଧୀୟ ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା । ଉତ୍କଳ ସଭାର ପ୍ରସ୍ତାବାନୁଯାୟୀ ଉତ୍କଳ ବାସିଙ୍କ ପକ୍ଷରୁ ଶ୍ରୀମତୀ ବାଇଲି ଓ ଡାକ୍ତର ଲାଲକାକାଙ୍କ ବିଧବାଙ୍କ ନିକଟ ଶୋକ ସହାନୁଭୂତି ସୂଚକତାର ବାର୍ତ୍ତା ପଠାଯାଇଥିବାରୁ ପୁନର୍ବାର ତାର ବାର୍ତ୍ତା ପଠାଇବା ଅନାବଶ୍ୟକ ବୋଧେ ସେହିପରି କୌଣସି ପ୍ରସ୍ତାବ ଏ ସଭାରେ ହୋଇ ନାହିଁ ।

———

ହାକିମ ସେଖ ଉଥଦେବ ଉସ୍ତା ଲେଖିଅଛନ୍ତି ଯେ ତାଳଦଣ୍ଡା କେନାଲ ମା ୨୮ ଇଲ ଖଣ୍ଡଗଡ଼ ଘାଟରେ ଗୋଟିଏ କୂପ ରହିବାର କଥା ମାତ୍ର ଅନେକ ସମୟରେ ନ ଥାଏ ତେଣୁ ବିଶେଷ ଅସୁବିଧା ଘଟେ । ଗ୍ରାମବାସିମାନେ ଉପରସ୍ଥ ହାକିମଙ୍କୁ ଜଣାଇ ସୁଦ୍ଧା ଏପର୍ଯ୍ୟନ୍ତ କଷ୍ଟରୁ ରକ୍ଷା ପାଇ ନାହାନ୍ତି । ଆଶାକରୁ ସେ ଏଲାକାର ଏକଜିକ୍ୟୁଟିଭ ଇଞ୍ଜିନିୟର ଶୀଘ୍ର ଏ ସୁବିଧା କରିଦେବେ । ବିଳମ୍ବ ହେଲେ ଗ୍ରାମବାସିଙ୍କର ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନିୟର ଓ ଗବର୍ଣ୍ଣମେଣ୍ଟରେ ଆବେଦନ କରିବା ଉଚିତ ।

———

ଗତ ମାସ ତା ୧୪ ରିଖରେ କୋଇମ୍ବାଟୁର ଠାରେ ନିର୍ମିତ ହୋଇଥିବା କ୍ରିଶ୍ଚିଆନ କଲେଜ ଗୃହ ମାନ୍ଦ୍ରାଜର ଗବର୍ଣ୍ଣର ମହୋଦୟ ପ୍ରତିଷ୍ଠା କରିଥିବାର ସମ୍ବାଦ ବାହାରିଅଛି । ଗବର୍ଣ୍ଣର ମହୋଦୟ ଆପଣା ବକ୍ତୃତାରେ ଇଂରେଜ ଶାସନ ରାଜ୍ୟମାନଙ୍କ ପ୍ରତି ଅନୁକୂଳ ଥିବା ପ୍ରସଙ୍ଗରେ କହିଲେ ଯେ ସେମାନେ ଅନ୍ୟାୟ ମତାମତ ଦାୟରୁ ରକ୍ଷା, ପାଇ ସ୍ଥାୟୀ ଶାନ୍ତି, ଧର୍ମସମ୍ବନ୍ଧୀୟ ସ୍ୱାଧୀନତା, ନଗରବାସିର ଅଧିକାର ଏବଂ ନ୍ୟାୟ ବିଚାର ପାଉଅଛନ୍ତି । ସେମାନଙ୍କର ଆର୍ଥିକ ଅଭାବ ମଧ୍ୟ ସରକାରଙ୍କ ଦୃଷ୍ଟି ପଥରୁ ଅଗୋଚର ହୋଇ ନାହିଁ । ଉକ୍ତ କଲେଜ ଗୃହ ନିର୍ମାଣକାର୍ଯ୍ୟରେ ୮ ଲକ୍ଷ ଟଙ୍କା ବ୍ୟୟ ହୋଇଅଛି ।

———

ଜମିଦାରମାନେ ରୟତଠାରୁ ଜମି କବୁଲତି ନେଲେ ରେଜିଷ୍ଟ୍ରି ଲେଖଦେବା ମାଙ୍ଗ ଯୋଗ କଷ୍ଟ ନ ହେବାର ନିୟମ ବାହାରିଥିଲା । ବର୍ତ୍ତମାନ ସିକିମ ରୟତଙ୍କୁ ନଷ୍ଟ ହେବା ବିଷୟରେ ତର୍କ ଉଠିବାରୁ ହାଇକୋର୍ଟ ସିଦ୍ଧାନ୍ତ କରିଅଛନ୍ତି ଯେ ରୟତଠାରୁ ବିନା ପଟ୍ଟାରେ ସିକିମ ରୟତ ଜମି ଧରିଥିଲେ ଜମିଦାର ରୟତଠାରୁ ସେ ଯୋତ କିଣି ସିକିମ ରୟତଙ୍କୁ ଅନଧିକାର ପ୍ରବେଶକାରୀ ବୋଲି ଜଣାଇ ବେଦଖଲ କରି ନ ପାରନ୍ତି । ପ୍ରଧାନ ବିଚାରପତି ଓ ବିଚାରପତି ମୁଖର୍ଜୀଙ୍କ ଏ ରାୟ କଲିକତା ଉଇକଲି ନୋଟର ପୃ ୯୧୩ ପୃଷ୍ଠାରେ ମିଳିବ ।

— ❋ —

ଟାଟାଆଇରନ ଓ ଷ୍ଟିଲ କମ୍ପାନି ଲିମିଟେଡ଼ର କାରଖାନା ସକାଶେ ସେହି କମ୍ପାନି ବ୍ୟୟରେ ସରକାର ପ୍ରାୟ ୩୯୦୦ ଏକର ଜମି ଖରିଦ କରିବାର ବିଜ୍ଞାପନ ଗତ ତା ୧୪ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେହି ଜମି ସିଂହଭୂମ ଜିଲା ଧଲଭୂମ ପ୍ରଗଣାର ବେଲଡିହ, ସାକ୍ଚି, ସୁସନଗଡ଼ିଆ ଓ ଯୋଗସେଲାଇ ମୌଜାମାନଙ୍କରେ ଅବସ୍ଥିତ । ଏହି ଜମିର ନକ୍ସା ସିଂହଭୂମର ଡେପୁଟିକମିଶନରଙ୍କର ଏବଂ ଟାଟାକମ୍ପାନିର ସାକ୍ଚି ଅଫିସରେ ଯାହାର ଇଚ୍ଛା ସେ ଦେଖି ପାରିବେ । ଟାଟାକମ୍ପାନିର ଲୌହ ଓ ଇସ୍ପାତ ପ୍ରସ୍ତୁତ କାର୍ଯ୍ୟାରମ୍ଭରେ ଆଉ ବିଳମ୍ବ ନାହିଁ ।

———

ସନ ୧୯୦୮।୦୯ ମସୀହର ଇନକମ୍ ଟିକସ ସମ୍ବନ୍ଧରେ ବୋର୍ଡ଼ର ଯେଉଁ ନିର୍ଦ୍ଧାରଣୀ ବାହାରିଅଛି ତହିଁରୁ ଜଣାଯାଏ ଯେ ଟ ୫୪,୬୮,୪୦ ଟଙ୍କା ଆୟ ହୋଇଥିବାର ପ୍ରକାଶ । ତହିଁ ପୂର୍ବ ବର୍ଷର ଆୟ ଟ ୫୦,୩୧,୧୬୨ ଟଙ୍କା ଥିଲା । ଚାରି ଲକ୍ଷ ଟଙ୍କାର ବୃଦ୍ଧି ସନ୍ତୋଷଜନକ ଅଟେ । ଏହିପରି ଟଙ୍କାରୁ ଅଧିକ ଏବଂ ୮ ୨୫୦ ଟଙ୍କାରୁ ନ୍ୟୂନ ଯେଉଁମାନଙ୍କର ବାର୍ଷିକ ଆୟ ସେମାନଙ୍କ ୧୦୫୧୧ ଜଣ ଲୋକଙ୍କ ଉପରେ ବର୍ତ୍ତିତ ବର୍ଷରେ ଟିକସ ବସିଥିଲା ମାତ୍ର ତହିଁ ପୂର୍ବ ବର୍ଷ ଏ ଭଳି ଲୋକଙ୍କ ସଂଖ୍ୟା ୧୦୭୪୬ ଜଣ ଥିଲା । ବାଙ୍କୁଡ଼ା, ହୁଗଲୀ, ହାବଡ଼ା, ଯଶୋହର, ଗୟା, ସାରଣ, ପୁରୀ ଓ ପାଲାମୋଠାରେ ସମ୍ପୂର୍ଣ୍ଣ ଟିକସ ହୋଇଥିଲା । ଅନ୍ନ କଷ୍ଟ ବର୍ଷରେ ଇନକମ୍ ଟିକସ ବଢ଼ିବା ବିଚିତ୍ର ନୁହେ କି ?

———

ଅମ୍ଭେମାନେ ଆନନ୍ଦ ସହିତ ଜଣାଉଅଛୁଁ ଯେ କଟକ ନିବାସୀ ଖଣ୍ଡପଡ଼ାର ଡାକ୍ତର ମହମ୍ମଦ ଇଉସୁଫ ସାହେବ ଜାମୁଡ଼ା ଆରୋଗ୍ୟ ହେବାର ଅବ୍ୟର୍ଥ ମହୌଷଧ ଆବିଷ୍କାର କରି ଜନସାଧାରଣଙ୍କର ଉପକାରାର୍ଥେ ଅଳ୍ପ ମୂଲ୍ୟରେ ବିତରଣ କରୁଅଛନ୍ତି । ଉକ୍ତ ଔଷଧ ପ୍ରୟୋଗଦ୍ୱାରା ଅନେକ ରୋଗୀ ନିର୍ବିଘ୍ନରେ ଆରୋଗ୍ୟ ଲାଭ କରିବାର ଜଣା ଯାଉଅଛି । ଏହି ପ୍ରକାର ଆବିଷ୍କାରକ ମହାଶୟ ଆମ୍ଭ ଯେଉଁମାନେ ଔଷଧ ନେବେ କଟକ ବାଲୁବଜାର ଅରୁଣୋଦୟ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଓ ଅନ୍ୟମାନଙ୍କ ବଜାର ଭଣ୍ଡାରଙ୍କ ନିକଟରେ ଅନୁସନ୍ଧାନ କଲେ ପାଇ

———

କଲିକତା ଇମ୍ପିରିଆଲ ଲାଇବ୍ରେରୀ ପୁସ୍ତକାଳୟର ରକ୍ଷକ ବା ଲାଇବ୍ରେରିୟାନ ହରିନାଥ ଦେ ସମ୍ପ୍ରତି ସରକାରୀ ସମ୍ପୂର୍ଣ୍ଣ ସମ୍ମାନ ଉପାଧି ପରୀକ୍ଷାରେ ପ୍ରଥମ ଉତ୍ତୀର୍ଣ୍ଣ ହୋଇ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଠାରୁ ୫୦୦୦ ଟଙ୍କା ପୁରସ୍କାର ଲାଭ କରିଅଛନ୍ତି । ମହାଶୟ ଜଣେ ଅସାଧାରଣ ବିଦ୍ୱାନ୍, ବୟସ ୩୩ ବର୍ଷ ଏଥିମଧ୍ୟରେ ସେ ଗ୍ରୀକ, ପାଲି, ବୈଦିକ ଓ ସାହିତ୍ୟକ ସଂସ୍କୃତ ପାଶ୍ଚାତ୍ୟ ଭାଷାରେ ସର୍ବୋଚ୍ଚ ସମ୍ମାନ, ଓ ଉଚ୍ଚତର ଆରବ୍ୟରେ ଉପାଧି ଏବଂ ଜର ଫରାସୀ, ଜେନିସ ଓ ରୁଷୀୟ ଭାଷାରେ ସାଧ ଯୋଗ୍ୟତା ପରୀକ୍ଷାମାନଙ୍କରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥିଉପରେ ଇଂରାଜୀ ଅଛି । ମାତ୍ର ଛଅ ଟା ଏତାଦୃଶ ପରୀକ୍ଷାରେ ଯୋଗ୍ୟତା ଦେଖାଇବା ସାମାନ୍ୟ ପ୍ରଶଂସାର ବିଷୟ ନୁହେ ।

———

ଏ ଦେଶରେ ଯେପରି ବେଳେ ବେଳେ ସ୍ୱପ୍ନାଦେଶ କରି ଠାକୁର ଯୋଗ ସ୍ଥାନରୁ ବାହାରନ୍ତି ପାଶ୍ଚାତ୍ୟ ଖଣ୍ଡରେ ସେହିପରି ମାରୀ ଓ ସାଧୁର ପ୍ରତିମୂର୍ତ୍ତି ସ୍ୱପ୍ନାଦେଶକ୍ରମେ ବାହାର ହୁଏ । ଅଳ୍ପଦିନରେ ରୋମ ରାଜ୍ୟରେ ସ୍ୱପ୍ନାଦେଶ ହେତୁ ମାଟି ଖୋଳାଖୋଳି କରି ଗ୍ରାମ ଲୋକେ ଗୋଟିଏ ଯୀଶୁର ଓ ମାରୀର ପ୍ରତିମୂର୍ତ୍ତି ପାଇଲେ । ଅତଃପର ସାଧୁ ଆଣ୍ଟୋନି ବାହାରିବାର ସ୍ୱପ୍ନାଦେଶ ହେବାରୁ ଗ୍ରାମ ଲୋକେ ଆପଣାର ଦୁଃଖଧନ୍ଦା ଛାଡ଼ି ହୁଣ୍ଡି ତରରେ ଭଜନ କୀର୍ତ୍ତନ କରି ବାରାଖ ମାଟି ଖୋଳିଲେ । ମୂର୍ତ୍ତି ପାଇବାର ଫଳ ହେଉ ଅବା ନ ହେଉ ଅକାରଣ ଅର୍ଥନାଶ ଓ ପୁରୁଷାର୍ଥର ହାନି ହେଲା । ଅନ୍ଧ ବିଶ୍ୱାସରେ ମୂର୍ଖ ଲୋକେ ପ୍ରତାରିତ ହେବା ସ୍ୱାଭାବିକ ମାତ୍ର ଯେଉଁମାନେ ଜାଣି ଶୁଣି ଏପରି ଅପଧର୍ମର କଥାମାଳ ବିସ୍ତାର କରୁଅଛନ୍ତି ତାଙ୍କୁ ଧନ୍ୟ ବୋଲିବା ।

—⁂—

ଗତ ମାସ ତା ୨୦ ରିଖରେ ବିଲାତ ପାର୍ଲିଆମେଣ୍ଟର ମେମ୍ବର ମାକାର୍ଣ୍ଣେସ ସାହେବ ମହୋଦୟ ବଙ୍ଗଳାର ଅଶାନ୍ତିର ମୂଳ ହେତୁ ବଙ୍ଗ ବିଭାଗ ରହିତ କରିବାକାରଣ ପ୍ରଶ୍ନ ଆଗତ କରନ୍ତେ ପ୍ରଧାନ ମନ୍ତ୍ରୀ ମହୋଦୟ ଉତ୍ତର

Split by PDF Splitter
Digitized by srujanika@gmail.com

Split by PDF Splitter



ଦେଲେ ଯେ ଅଶାନ୍ତ ସହିତ ବଙ୍ଗ ବିଭାଗର କୌଣସି ସମ୍ପର୍କ ନାହିଁ ଏବଂ ବଙ୍ଗ ବିଭାଗ ଅନେକ ଗୁଡ଼ିଏ ଚକ୍ରାନ୍ତ କରାଯାଇଥିବା ସ୍ଥଳେ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ତାହା ପରିବର୍ତ୍ତିତ ହୋଇ ନ ପାରେ।—ଏଥିରୁ ପାଠକେ ଦେଖିବେ ଯେ ଦେଶ ଲୋକେ ଯେଉଁହେତୁ ଅଶାନ୍ତ ହେବାର ପୁନଃ ପୁନଃ କହୁଅଛନ୍ତି ବିଲାତରେ ମନ୍ତ୍ରୀବର ତାହା ଶୁଣିବାକୁ ଅନିଚ୍ଛୁକ। ଆଉ ତେବେ ସୁବିଚାର କରିବ କାହାଠାରେ ? ଗବର୍ଣ୍ଣମେଣ୍ଟଙ୍କ ଏରୂପ ମତ ଯେ ଦୁଷ୍ଟ ଲୋକଙ୍କ ଅଧିକରୂପେ ପ୍ରବର୍ତ୍ତିତ ଏମନ୍ତ ବିଶ୍ୱାସ କରିବା ଅସଙ୍ଗତ ନୁହେ। ମାତ୍ର ବଡ଼ ଲୋକଙ୍କୁ ଉତ୍ତର ନାହିଁ।

———

ଭାରତବର୍ଷ ଓ ବ୍ରହ୍ମଦେଶର ଶିକ୍ଷା କାର୍ଯ୍ୟରେ ବହୁତ ସାହାଯ୍ୟ କରିଥିବା ହେତୁ ବ୍ରହ୍ମଦେଶର ପ୍ରଧାନ ବ୍ୟବସାୟୀ ଅବଦୁଲ କରିମ ହାଜି ଅବଦୁଲ ସୁଚକ ନାମା ମହୋଦୟଙ୍କ ସମ୍ମାନ ପ୍ରଦର୍ଶନାର୍ଥ ଗୋଟିଏ ସାନ୍ଧ୍ୟ ସମ୍ମିଳନରେ ରୌପ୍ୟାଧାରରେ ଅଭିନନ୍ଦନପତ୍ର ପ୍ରଦତ୍ତ ହୋଇଥିଲା. ମୁସଲମାନ ଅନାଥାଶ୍ରମରେ ଏ ସମ୍ମିଳନୀ ହୋଇଥିବାରୁ ଅବଦୁଲ କରିମ ମହାଶୟ ତହିଁର ଗୃହ ନିର୍ମାଣ ବ୍ୟୟ ସକାଶେ ୫ ହଜାର ଟଙ୍କା ଦାନ କରିବାକୁ ପ୍ରତିଶ୍ରୁତ ହେଲେ। ଏହାକୁ ଧନର ସଦ୍‌ବ୍ୟୟ ବୋଲନ୍ତି ଏବଂ ଏତଦ୍ୱାରା ଧନ ଜନ୍ମ ସାର୍ଥକ ହୁଏ। ଦାତା ମହାଶୟ ଅଭିନନ୍ଦନପତ୍ର ପାଇ ଯେଉଁ ଉତ୍ତର ଦେଲେ ତହିଁରେ ମୁସଲମାନମାନଙ୍କୁ ବାଣିଜ୍ୟ ବ୍ୟବସାୟରେ ରତହେବା କାରଣ ବାରମ୍ବାର ଅନୁରୋଧ କଲେ ମୁସଲମାନମାନେ ଅନେକେ ବାଣିଜ୍ୟ ବ୍ୟବସାୟରେ ରତ ହୋଇ ନାନାପ୍ରକାର ଦେଶର କାର୍ଯ୍ୟ କରୁଅଛନ୍ତି ଏକା ମୁସଲମାନ ନୁହନ୍ତି ସମସ୍ତ ଜାତି ଓ ଶ୍ରେଣୀର ଲୋକ ବାଣିଜ୍ୟ ବ୍ୟବସାୟରେ ମାତିଲେ ମଙ୍ଗଳ।

———

ଗତ ତା ୨୩ ରିଖର ଗଞ୍ଜାମ ଗୁଣଦର୍ପଣରେ ଆନନ୍ଦ ସହିତ ପାଠ କଲୁଁ ଯେ ସୁରଙ୍ଗୀ ରାଜାଙ୍କର ଇଚ୍ଛାପୁରଠାରେ ପ୍ରତିଷ୍ଠିତ ଲୋୟର ସେକଣ୍ଡାରୀ ସ୍କୁଲ ଗୃହର ଉଦ୍‌ଘାଟନ କ୍ରିୟା ସମାରୋହ ସହିତ ସମ୍ପନ୍ନ ହୋଇଅଛି ( କାରଣ ଲେଖା ନାହିଁ ) ଏ ଉପଲକ୍ଷରେ ସ୍କୁଲଗୃହ ସମ୍ମୁଖରେ ଗୋଟିଏ ସଭାଗୃହ ନିର୍ମିତ ହୋଇଥିଲା ଏବଂ ଜିଲା କଲେକ୍ଟର ସଭାପତି ହୋଇଥିଲେ। ଛତ୍ରପୁର ଇଚ୍ଛାପୁର ବ୍ରହ୍ମପୁର ସୋମପେଟ ପ୍ରଭୃତିର ଅନେକ ଉତ୍କଳ ଅନାନ୍ୟ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ। ସୁରଙ୍ଗୀ ରାଜା ଇଂରାଜୀରେ ସଭାର ଉଦ୍ଦେଶ୍ୟ ବ୍ୟକ୍ତ ଏବଂ ୩୪ ଣ ଭଦ୍ରଲୋକ ବକ୍ତୃତା କଲା ଉତ୍ତାରୁ ସଭାପତି କଲେକ୍ଟର ସାହେବ ତାହାଙ୍କୁ ଧନ୍ୟବାଦ ଦେଇ ସ୍କୁଲର ଦ୍ୱାର ଉଦ୍‌ଘାଟନ କଲେ। ପରେ ଜଳଯୋଗାଦି ହେବାର ଉତ୍ତାରୁ ସଭା ଭଙ୍ଗ ହୋଇଥିଲା। ଏ ବିଦ୍ୟାଳୟରେ ବର୍ତ୍ତମାନ ୧୦୦ ଜଣ ଛାତ୍ର ଭରତି ହୋଇଅଛନ୍ତି। ଏବଂ ଆଠଜଣ ଶିକ୍ଷକ ନିଯୁକ୍ତ ହୋଇଅଛନ୍ତି। ଆମ୍ଭେମାନେ ଏହି ସ୍କୁଲ ସ୍ଥାପନ ସକାଶେ ସୁରଙ୍ଗୀ ରାଜାଙ୍କୁ ଧନ୍ୟବାଦ ଦେଇ ତହିଁର ଗୌରବ ଓ ଅନ୍ୟାନ୍ୟ ସ୍ଥାନରେ ତହିଁର ଅନୁକରଣ ହେବାର କାମନା କରୁଅଛୁଁ।

———

ଭାରତୀୟ ସରକାରେ ନଦକୁମାର ସବରେଜିଷ୍ଟ୍ରାର ଜେନେରଲ ସେକ୍ସ ବିଭାଗର ପ୍ରାଦେଶିକ କର୍ମଚାରୀ ଏବଂ ଉଚ୍ଚ ଅଧୀନ ବା ଅପର ସବଅର୍ଡିନେଟ କର୍ମଚାରୀ ନିଯୁକ୍ତ ଓ ବେତନ ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟଙ୍କର ନୂତନ ନିୟମାବଳୀ ପ୍ରଚାର କରିଅଛନ୍ତି। ପ୍ରତିନିଧିରୂପ ବା ପ୍ରାଦେଶିକ କର୍ମଚାରୀପଦ ନିମନ୍ତେ ବିଶେଷ ପରୀକ୍ଷାଦ୍ୱାରା ଅଥବା ବି, ଏ, ଉପାଧି ବା ରୁଡ଼କି କଲେଜର ଇଞ୍ଜିନିୟରିଂ ସାର୍ଟିଫିକେଟ ପ୍ରାପ୍ତବ୍ୟକ୍ତିଙ୍କ ମଧ୍ୟରୁ ବଛା ହୋଇ ପ୍ରାର୍ଥୀ ମନୋନୀତ ହେବେ। ସେମାନେ ପ୍ରଥମେ ଯଥାକ୍ରମେ ମାସିକ ଟ ୧୦୦ ଙ୍କା ଓ ୨ ୩ ବର୍ଷରେ ମାସକୁ ଟ ୧୫୦ ଙ୍କା ବେତନ ପାଇବେ। ତହିଁ ଉତ୍ତାରୁ ଏକ୍ଷ୍ଟ୍ରା ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡ ହୋଇ ଟ ୨୫୦ ଙ୍କାରୁ କ୍ରମଶଃ ବୃଦ୍ଧିଦ୍ୱାରା ଟ ୬୦୦ ଙ୍କା ପର୍ଯ୍ୟନ୍ତ ପାଇବେ। ତହୁଁ ଏକାଏ ଡେପୁଟୀସୁପ୍ରିଣ୍ଡ ହୋଇ ଟ ୭୫୦ ଙ୍କାରୁ ଟ ୧୦୦୦ ଙ୍କା ପର୍ଯ୍ୟନ୍ତ ଉଠି ପାରିବେ। ଉଚ୍ଚ ସବଅର୍ଡିନେଟ ସରଭିସରୁ ନିମ୍ନ ସବଅର୍ଡିନେଟ ସରଭିସର ଯୋଗ୍ୟ କର୍ମଚାରୀମାନେ ଉଠିପାରିବେ ଏବଂ ଯେଉଁମାନେ ଟମସନ ସିଭିଲଇଞ୍ଜିନିୟରିଂ କଲେଜର ପ୍ରବେଶିକା ପରୀକ୍ଷା ଦେବାକୁ ଯୋଗ୍ୟ ଅଥବା ସେହିପରି ଅନ୍ୟପ୍ରକାରେ ଯୋଗ୍ୟ ସେମାନେ ମନୋନୀତ ହେବେ। ନୂତନ କର୍ମଚାରୀମାନେ ଦୁଇବର୍ଷ ଶିକ୍ଷାନବିଶରୂପେ ମାସକୁ ଟ ୫୦ ଙ୍କା ପାଇବେ। ତହିଁ ଉତ୍ତାରୁ ବାହାଲ ହୋଇ ଟ ୮୦ ଙ୍କା ପାଇବେ। ଯେଉଁମାନେ କାର୍ଯ୍ୟରେ ଅଛନ୍ତି ସେମାନେ ଉଚ୍ଚଶ୍ରେଣୀକୁ ଉଠିଲେ ଟ ୯୫ ଙ୍କା ଓ ତାହା ପୂର୍ବରୁ ପାଉଥିଲେ ଟ ୧୧୦ ଙ୍କାରୁ ଆରମ୍ଭ କରି କ୍ରମେ ଟ ୨୫୦ ଙ୍କା ପର୍ଯ୍ୟନ୍ତ ପାଇବେ। ଏଥିରୁ ଦେଖାଯାଏ ଯେ ସିଭିଲ ଇଞ୍ଜିନିୟରିଂ କଲେଜର ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ଏ ବିଭାଗରେ ନୂତନ ଲୋକ ଭରତି ହେବାର ସୁବିଧା ନାହିଁ।

—*—

ଗଡ଼ଜାତବାସିନୀ ଲେଖିଅଛନ୍ତି ଯେ ଅଞ୍ଚଳର ମୋହପଲର ଗ୍ରାମରେ କୃଷକ ପୁରୁଷ ଓ ସ୍ତ୍ରୀ ସମସ୍ତେ ହଳ ବାଉଁଶରେ ପଡ଼ି ପରିଶ୍ରମ କରୁଅଛନ୍ତି ଓ କେବଳ ଶୀତକାଳ ମଧ୍ୟରେ କେତେକ ଅଲସୁଆ ଯୁବକ ହଳ ବାଡ଼ ଅପଛନ୍ଦ ଭାଗ ନେଇ ପିଣ୍ଡା ଗାଁ ଗ୍ରାମ ଚୌପାଢ଼ିରେ ବସି ଗପସପରେ କାଳ କଟାନ୍ତି। ସହଯୋଗିଙ୍କର କଥାରୁ ବୋଧ ହୁଅଇ ଅଧିକାଂଶ ଓଡ଼ିଆ ଅଳସୁଆ ନୁହନ୍ତି ପରନ୍ତୁ ତାଲେ ଅନ୍ତଃପୁର ନାମକ ବଙ୍ଗଳା ମାସିକ ପତ୍ରିକାରେ ଜଣେ ବଙ୍ଗ ମହିଳା, ହେମଲତା ଓଡ଼ିଶା ସମ୍ବନ୍ଧୀୟ ଏକ ପ୍ରବନ୍ଧରେ ଲେଖିଅଛନ୍ତି ଯେ ଓଡ଼ିଶାର ଲୋକମାନେ ଅତ୍ୟନ୍ତ ଦରିଦ୍ର। ତହିଁର କାରଣ ଏହି ଯେ ଓଡ଼ିଆମାନେ ଅତ୍ୟନ୍ତ ଅଳସୁଆ ଏକବେଳର ମୁଠାଏ ଅନ୍ନର ସଂସ୍ଥାନ ଥିଲେ ସବୁ କୋଣରେ ପଡ଼ିରହନ୍ତି। ଆମ୍ଭେମାନେ ଶେଷୋକ୍ତ ମତରୁ ଅଧିକ ସେଜା କରୁଁ। ପାଗ ଯୋଗବେଳେ ବର୍ଷନ ସକାଶେ ନିଶ୍ଚିନ୍ତ ହେବା ଆଶାରେ ଦିନାକେତେ ପରିଶ୍ରମ କରିବା ଲୋକଙ୍କୁ ଯଥାର୍ଥ ପରିଶ୍ରମୀ ବୋଲିବାକୁ ଆମ୍ଭେମାନେ କୁଣ୍ଠିତ। ପୁଣି ଅଜ୍ଞାନ ଯେତେ ଲୋକ ହଳରେ ପରିଶ୍ରମ କରନ୍ତି ସେମାନେ ସମସ୍ତେ ମଧ୍ୟ ଯଥାର୍ଥ ପରିଶ୍ରମୀ ନୁହନ୍ତି। ପ୍ରତ୍ୟକ୍ଷ ଦେଖାଯାଇ ଅଛି ଯେ ଯେଉଁମାନେ ନିଜ ହଳରେ କାର୍ଯ୍ୟ କରନ୍ତି ସେମାନେ ମନ ପ୍ରାଣ ଦେଇ ପରିଶ୍ରମ କରନ୍ତି ମାତ୍ର ହୋଟିଆ ଓ ଠିକା ମୂଲିଆଙ୍କୁ ସେହିପରି ଜଗି ନ ରହିଲେ ଉପଯୁକ୍ତ କାର୍ଯ୍ୟ ପାଇବା ଦୁସ୍ତର। ସେମାନେ ଯେତେ ଅଳସପଣରେ ପାରନ୍ତି କାର୍ଯ୍ୟ କରନ୍ତି ଏବଂ ତାହା ଯେମନ୍ତ ଉପରଲୋକ ମନେ କରନ୍ତି। ଏଥିରୁ ଦେଖାଯାଏ ଯେ ପ୍ରକୃତ ପରିଶ୍ରମୀ ବ୍ୟକ୍ତି ଅଳ୍ପ ଏବଂ ଅଧିକାଂଶ ଅଳସୁଆ ଅଟନ୍ତି। ଅଳସୁଆ ବ୍ୟକ୍ତି ଲକ୍ଷ୍ମୀଛଡ଼ା ହୋଇ ଦରିଦ୍ର। ଏହି ଅଳସ୍ୟର ପ୍ରଧାନ କାରଣ ମୂର୍ଖତା ଏବଂ ଅହିଫେନ ସେବନ ପାନ ପ୍ରଭୃତିର ଅଭ୍ୟାସ ତହିଁର ସହାୟ ଅଟେ।

———

ଉତ୍କଳବାସୀ ଯେଉଁ ଛାତ୍ର ଛାତ୍ରୀମାନେ କଲିକତାର ନାନା କଲେଜ ଓ ବିଦ୍ୟାଳୟରେ ପାଠ କରୁଅଛନ୍ତି 'ଉତ୍କଳବାର୍ତ୍ତା', ସେମାନଙ୍କର ନାମ ବାସାର ଠିକଣା ଏବଂ ଯେ ଯେଉଁଠାରେ ପଢ଼ୁଅଛି ସେ ସମସ୍ତ ପ୍ରକାଶ କରିଅଛନ୍ତି। ତହିଁରୁ ଆମ୍ଭେ ଅବଗତ ହେଲୁଁ ଯେ ଛାତ୍ର ଛାତ୍ରୀ ସଂଖ୍ୟା ଜ ୫୦ ଣ। ଅର୍ଥାତ ଛାତ୍ର ୪୮ ଓ ଛାତ୍ରୀ ଜ ୨ଣ। ଦୁଇଜଣ ଛାତ୍ରୀ ଯଥା ମନୋରମା ନାୟକ ଓ ନର୍ମଦା କର ବେଥୁନ କଲେଜରେ ପଢ଼ୁଅଛନ୍ତି। ଛାତ୍ର ଜ ୪୮ ଣ ମଧ୍ୟରୁ ଜ ୧୬ ଣ ବି, ଏ, ଜ ୩ ଣ ଉକାଲତି ଜଣେ ଇଞ୍ଜିନିୟରିଂ ଜ ୨ ଣ ମେଡିକେଲ କଲେଜ ଜ ୨ ଣ ପଶୁ ବିଦ୍ୟାଳୟ ଜ ୨ ଣ ଆର୍ଟ ସ୍କୁଲ ଜ ୨ ଣ ସଂସ୍କୃତ କଲେଜ

Digitized by srujanika@gmail.com

Split by PDF Splitter



ଏବଂ ଅବଶିଷ୍ଟ ପ୍ରେସିଡେନ୍‌ସି ମହିଳ କଲେଜରେ ପଢ଼ୁଅଛନ୍ତି । ଅନେକ ବ୍ରାହ୍ମଣ ମଧ୍ୟରେ ସମ୍ପ୍ରତି କଲେଜରେ ଦୁଇଜଣ ମାତ୍ର କେବଳ ଅଧ୍ୟୟନ କରିବାର ପ୍ରକାଶ । ଅନେକ ଛାତ୍ର ଛାତ୍ରା ବିଦ୍ୟାଳୟ ସଲଗ୍ନ ଛାତ୍ରାବାସରେ ଓ କେତେକ ଅନ୍ୟାନ୍ୟ ସ୍ଥାନରେ ବାସ କରନ୍ତି । ସୁଖର ବିଷୟ ଯେ ଉତ୍କଳୀୟ ଛାତ୍ରଙ୍କ ସୁବିଧା ନିମନ୍ତେ ଗବର୍ଣ୍ଣମେଣ୍ଟ କଲିକତା ସର୍କୁଲାର ରୋଡ଼ ନିକଟରେ ଗୋଟିଏ ସୁନ୍ଦର ଦ୍ୱିତଳ କୋଠା ମାସକୁ ଟ ୭୦ଙ୍କାରେ ଭଡ଼ା ନେଇଅଛନ୍ତି ଓ କଲିକତା ମଦ୍ରସାର ଜଣେ ଶିକ୍ଷକ ସେହି ଛାତ୍ରାବାସର ତତ୍ତ୍ୱାବଧାରକ ନିଯୁକ୍ତ ହୋଇଅଛନ୍ତି । ସେ ସବୁ ସ୍ଥାନର ତାରତମ୍ୟାନୁସାରେ ଜଣପ୍ରତି ମାସ ଚାରି ଓ ଦୁଇ ଟଙ୍କା ଭଡ଼ା ଦେବାର ନିର୍ଦ୍ଧାରିତ ହୋଇଅଛି । ଛାତ୍ରମାନଙ୍କଠାରୁ ଆଦାୟ ହେବା ଟଙ୍କା ଉପରୁ ଅଧିକ ଯାହା ପଡ଼ିବ ତାହା ସରକାର ଦେବେ । ବର୍ତ୍ତମାନ ଜ ୧୧ ଣ ସେଠାରେ ରହି ଆଉ କଲେଜରେ ପଢ଼ୁଅଛନ୍ତି । ସହଯୋଗୀ ଲେଖିଅଛନ୍ତି କି ରେଭେନ୍‌ସା କଲେଜରେ ଶିକ୍ଷାର ସଙ୍କୀର୍ଣ୍ଣତା ହେତୁ ଅନ୍ତର ଅନେକ ଛାତ୍ର କଲିକତାକୁ ଆସିବାର ସମ୍ଭାବନା । ଉତ୍କଳୀୟ ଛାତ୍ରଙ୍କ ବସା ସକାଶେ ସରକାର ବିସ୍ତାରିତ ବ୍ୟବସ୍ଥା କଲେ ଉତ୍ତମ ହେବ ।

---

ମାଞ୍ଚେଷ୍ଟରର ତନ୍ତୁବାୟମାନଙ୍କର ବଡ଼ ଦୁଃସମୟ ଉପସ୍ଥିତ ହୋଇଅଛି । ବିଦେଶୀ ବଜାରରେ ଆଉ ପୂର୍ବପରି ସେମାନଙ୍କର ଲୁଗା ବିକ୍ରି ନାହିଁ । ବସ୍ତା ବସ୍ତା ଲୁଗା ଗୋଦାମରେ ନଷ୍ଟ ହେଉଅଛି । ସେଥିପାଇଁ ସେଠାକାର କଳମାନେ ଚଳିବାର ଓ ସେ ମହାର କଳ ବନ୍ଦ ରଖିବା ସ୍ଥିର କରିଥିଲେ । ତନ୍ତୁବାୟ ସମିତିର ସଭ୍ୟମାନେ ଗତ ତା ୮ ରଖ ଜୁନ ମାସରେ ସ୍ଥିର କରନ୍ତି ଯେ, ଗତ ଜୁଲାଇ ମାସ ତା ୧୦ ରଖଠାରୁ ଆସନ୍ତା ତା ୨୭ ରଖ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଶନି, ରବି ଓ ସୋମବାର କଳ ବନ୍ଦ ରହିବ । ସେହି ଅନୁସାରେ ଆଜିକାଲି ସେଠାର ଲୁଗା କଳମାନ ବନ୍ଦ ଅଛି । ଏଥିରେ ସେଠାର ମଜୁରିଆମାନଙ୍କ ମଧ୍ୟରେ ନିଶ୍ଚୟ ଅସନ୍ତୋଷ ଜନ୍ମିଅଛି । ପୁଣି ଘ ୮ ଘଣ୍ଟା କାର୍ଯ୍ୟ କରିବା ଆଇନ ଜାରି ହେବାଫଳରେ ମିଡ୍‌ଲେଣ୍ଡ ହୋଇଲା ଖଣିର ମଜୁରିଆମାନେ ଧର୍ମଘଟ କରିଅଛନ୍ତି । ଖାଲି ମଜୁରିଆମାନେ ଦଳ ବାନ୍ଧି ପଥ ଘାଟରେ ବୁଲି ବୁଲୁ ଅଛନ୍ତି ଆଉ ଲୋକମାନଙ୍କର ଜିନିଷ ପତ୍ର ଲୋଷ୍ଟ୍ରପାତ କରୁଅଛନ୍ତି । ପୁଲିସ ସହିତରେ ଏମାନଙ୍କର ଦଙ୍ଗା ମଧ୍ୟ ହୋଇ ଯାଉଅଛି । ଖଣିର ମାଲିକମାନେ ବିଜ୍ଞାପନ ଦେଇଅଛନ୍ତି ଯେ ଆଗାମୀ ତା ୨୬ ରଖ ଜୁଲାଇଠାରୁ ସେମାନେ ମଜୁରିଆମାନଙ୍କ ବେତନ ଶତକଡ଼ା ଟ ୧୨॥ ଙ୍କା ହିସାବରେ କମ କରି ଦେବେ । ଏଥିରେ ଅଶିକ୍ଷିତ ମଜୁରିଆଙ୍କର ଅସ୍ଥି କମ୍ପି ଯିବ । ଇଂଲଣ୍ଡରେ ଏହି ମଜୁରିଆମାନଙ୍କର ହଙ୍ଗାମା କ୍ରମଶଃ ବୃଦ୍ଧି ହେଉଅଛି । ଏହି ଶୁଣି ବିଦେଶୀ ପ୍ରିୟ ଭାଇମାନଙ୍କର ମନ ଫିକା ପଡ଼ିଯିବ ।

---

'ଦେଶ ସେବକ' ନାମକ ମରହଟ୍ଟି ସମ୍ବାଦ ପତ୍ରର ସମ୍ପାଦକ ଶ୍ରୀଯୁକ୍ତ ଅଚ୍ୟୁତ ରାଓ କୋଲହାଟକର ବି, ଏ, ଏଲ, ରାଜଦ୍ରୋହ ଅପରାଧରେ ମା ୧୫ ସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇ ନାଗପୁର ଜେଲରେ ତାହା ଭୋଗ କରୁଥିଲେ । ତାହାଙ୍କର ଅପରାଧ ଏହି ଯେ କଲିକତାର ବାବୁ ଅରବିନ୍ଦ ଘୋଷଙ୍କର ଗୋଟିଏ ଇଂରାଜୀ ବକ୍ତୃତା ଅନ୍ୟ ସମ୍ବାଦ ପତ୍ରରେ ଦେଖି ତହିଁର ଅନୁବାଦ 'ଦେଶ ସେବକ'ରେ ପ୍ରକାଶ କରିଥିଲେ । ସେହି ବକ୍ତୃତା ରାଜଦ୍ରୋହ ଯୁକ୍ତ ଥିବାର ନାଗପୁର ମାଜିଷ୍ଟ୍ରେଟ ସିଦ୍ଧାନ୍ତ କରି ଅଚ୍ୟୁତ ରାଓଙ୍କୁ ଉପରଲିଖିତ ଦଣ୍ଡ ଦେଲେ । ଏଣେ ଅରବିନ୍ଦ ବାବୁ ଅଲିପୁର ବୋମା ମୋକଦ୍ଦମାରେ ସେହି ବକ୍ତୃତା ନିମନ୍ତେ ରାଜଦ୍ରୋହୀ ବୋଲି ଜଣେ ଆସାମୀ ହୋଇଥିଲେ । ମାତ୍ର ଅଲିପୁରର ଦଉରା ଜଜ ଶ୍ରୀଯୁକ୍ତ ବିଚକ୍ରଫଟ ସାହେବ ସେ ବକ୍ତୃତା ରାଜଦ୍ରୋହଯୁକ୍ତ ନ ଥିବାର ସିଦ୍ଧାନ୍ତ କରି ତାହାଙ୍କୁ ମୁକ୍ତି ଦେଲେ । ଫଳତଃ ଯେଉଁ କଥା ରାଜଦ୍ରୋହ ନୁହେ ବୋଲି ବଙ୍ଗଳା ଦଣ୍ଡନୀୟ ହେଲା ନାହିଁ ତହିଁର ଅନୁବାଦ ପ୍ରକାଶ କରିବା ଦୋଷରେ ଆଉ ଜଣେ ଦଣ୍ଡ ଭୋଗ କରୁଅଛନ୍ତି । ଏଥିରୁ ବଳି ଅବିଚାର ଆଉ କଣ ହୋଇ ପାରେ କି ? ନ୍ୟାୟବାନ୍ ଇଂରାଜ ଶାସନରେ ଏପରି ବିଚାର ଦେଖି ଲୋକଙ୍କର ମନ ଅସ୍ଥିର ହେବ, ଏବଂ ଅଶାନ୍ତି ବଢ଼ିବା କଥା ବୋଲିଯିବ କି ? ଅନ୍ତତଃ ଅରବିନ୍ଦ ବାବୁ ଖଲାସ ପାଇବା ମାତ୍ରେ କୋଲହାଟକର ମହାଶୟଙ୍କୁ ଛାଡ଼ିଦେବା ଉଚିତ ଥିଲା । ଦୁଃଖର ବିଷୟ ଯେ ତାହାଙ୍କର ଦୟା ଏ ପର୍ଯ୍ୟନ୍ତ ପାଇ ପାରି ନାହିଁ । ସେ ଦିନ ତାହାଙ୍କୁ ନାଗପୁର ଜେଲଖାନାରୁ ଅକୋଲାକୁ ପୁଲିସ ନେଲାବେଳେ ତାଙ୍କର ପ୍ଲେଡରର ପ୍ରଭୃତି ଜ ୩ ଣ ଦେଖିଲେ ଯେ ସେ ନିତାନ୍ତ ଶୀର୍ଣ୍ଣ ରୋଗୀ ପ୍ରାୟ ଦିଶୁଅଛନ୍ତି ଓ ପାଦ ଦ୍ୱୟ ଫୁଲିଅଛି ଅଥଚ ବେଡ଼ି ପିନ୍ଧାଇ ନିଆଯାଉ ଅଛି । ଏ ପ୍ରକାର ଦେଖି ଚିଫ କମିଶନରଙ୍କୁ ଆବେଦନ ପତ୍ରଦ୍ୱାରା ଜଣାଇବାରେ ସେ ଉତ୍ତର ଦେଲେ ଯେ ତାଙ୍କ ଡାକ୍ତରଙ୍କ ଦେଖଉଅଛି । ବାସ୍ତବରେ ବଡ଼ ଲୋକଙ୍କ ଉତ୍ତର ନାହିଁ ।

---

ଯାଜପୁର ମିଉନିସିପାଲିଟିର ଟିକସଦାରୋଗା । ବାବୁ ଜଗନ୍ନାଥ ଘୋଷ ଅପ୍ରେଲ ମାସ ତା ୩୦ ରଖଠାରୁ ଜୁନ ତା ୧୨ ରଖ ପର୍ଯ୍ୟନ୍ତ ଆଦାୟ କରିଥିବା ଟ ୨୦୩୵୯ ଶେଷଲିଖିତ ତାରିଖରେ ଖଜଣାଖାନାକୁ ପଠାଇଥିଲେ । ବିଲମ୍ବ ହେଲୁ ସେ ଦିନ ଦାଖଲ ହୋଇ ନ ପାରି ସିଲ ମୋହର ହୋଇ ରହି ତା ୧୪ ରଖରେ ଦାଖଲ ହୋଇଥିଲା । ସେହି ତା ୧୨ ରଖରେ ସବ୍‌ଡିଭିଜନ ଅଫିସର ମିଉନିସିପାଲିଟିର ଚେଅରମାନ ସ୍ୱରୂପ ତାହାଙ୍କର ସିରସ୍ତା ତଦନ୍ତ କରି ଯଥା ସମୟରେ ଟଙ୍କା ଦାଖଲ ନ କରିବା ଦୋଷରେ ସସ୍‌ପେଣ୍ଡ କରି କଇଫିୟତ ତଲବ କରିଥିଲେ । ମିଉନିସିପାଲ କମିଟିରେ ତହିଁର ବିଚାର ହେବା କାଳରେ ମେମ୍ବରମାନେ ଦେଖିଲେ ଯେ ପ୍ରତିଦିନ ଯେତେ ଟିକସ ଇତ୍ୟାଦି ଟଙ୍କା ଆଦାୟ ହେବ ସେହି ଦିନ ଅଥବା ତହିଁ ପରଦିନ ଦରୋଗା ଟ୍ରେଜରୀରେ ଦାଖଲ କରିବାର ଦୃଢ଼ ନିୟମ ଥିବା ସ୍ଥଳେ ତାହା ନ କରିବା ଦାରୋଗାର ଗୁରୁତ୍ତ୍ୱ ଦୋଷ ଏବଂ ଏତେବେଳେ ଦେଢ଼ମାସର ତହବିଲ ହାତରେ ରଖିବାର କୌଣସି କାରଣ ହୋଇ ନ ପାରେ । ଅତଏବ ତାହାର କଇଫିୟତକୁ ମେମ୍ବରମାନେ ସନ୍ତୋଷଜନକ ନ ଥିବାର ସ୍ଥିର କଲେ । ମାତ୍ର ଦାରୋଗା ଏଥିପୂର୍ବେ କୌଣସି ଦୋଷ କରି ନ ଥିବା ଏବଂ ସିରସ୍ତା ତଦନ୍ତ ପୂର୍ବେ ସମସ୍ତ ଟଙ୍କା ଟ୍ରେଜରୀକୁ ପଠାଇ ଦେଇଥିବା ବିବେଚନାରେ କଠିନତର ଶାସ୍ତି ନ ଦେଇ ଟ ୫୦୧ ଙ୍କା ଜରିମାନା କରି ତାହାଙ୍କୁ ଚାକିରିରେ ରଖିଅଛନ୍ତି । ବାସ୍ତବରେ ଏଥିରେ ଦାରୋଗାର ଦୁଷ୍ଟ ବା ଅସରଳ ଭାବ ପ୍ରକାଶ ପାଉ ନାହିଁ । ଅନ୍ୟ ଦିଗରେ ଚେଅରମାନ୍ ଓ ଭାଇସ୍ ଚେଅରମାନ୍‌ଙ୍କର ତତ୍ତ୍ୱାବଧାନର ବିଶେଷ ଶିଥିଳତା ପ୍ରକାଶ ପାଉଅଛି ଏବଂ ତାହା ଦାରୋଗାଙ୍କର ଶିଥିଳତା ବୃଦ୍ଧି କରିବା ଅସମ୍ଭବ ନୁହେ । ଏ ସମସ୍ତ ବିବେଚନାରେ କମିଟିର ବିଚାର ଅଯଥା ଦୟାଦ୍ରଗଲୁ ଭିଜିଥିବାର ବୋଲାଯାଇ ନ ପାରେ । ଆଶା କରୁଅଛୁ ଏ ଘଟଣା ଉପରୁ ସମସ୍ତେ ଜାଗ୍ରତ ହୋଇ ଯଥା ନିୟମରେ ସ୍ୱ ସ୍ୱ କାର୍ଯ୍ୟ କରିବେ ଓ କର୍ତ୍ତୃପକ୍ଷମାନେ ନିୟମାନୁସାରେ ସ୍ୱ ସ୍ୱ କର୍ତ୍ତବ୍ୟ ପାଳନ କଲେ ଅଧୀନସ୍ଥ କର୍ମଚାରୀମାନେ କାର୍ଯ୍ୟରେ ହେଳା କରିବେ ନାହିଁ ।

---

Digitized by srujanika@gmail.com

Split by PDF Splitter



## ଓଡ଼ିଶା ଓ କଲିକତାର ବାଣିଜ୍ୟ ।

ସନ ୧୯୦୮ ସାଲ ଅପ୍ରେଲ ମାସ ଓ ସନ ୧୯୦୯ ସାଲ ମାର୍ଚ୍ଚ ମାସ ମଧ୍ୟରେ ଓଡ଼ିଶାର ନାନା ଜିଲ୍ଲାରୁ କଲିକତାକୁ ରେଲ ସଡ଼କ ନାଲ ନଦୀ ଓ ସମୁଦ୍ର ବାଟେ ଯେ ସମସ୍ତ ପ୍ରଧାନ ଦ୍ରବ୍ୟ ଯେତେ ମହଣ ଯାଇଥିଲା ତହିଁର ପରିମାଣ ଯଥା:—

| | ଚାଉଳ | ଧାନ | ରବି | ଝୋଟ |
|---|---|---|---|---|
| କଟକ | ୯୬୪୩୦ | ୧୧୨୦ | ୧୩୪୯୫ | ୯୮୫୬ |
| ବାଲେଶ୍ୱର | ୨୮୧୫୩୮ | ୬୧୦୨୮ | ୩୩୯୧ | ୧୦୭୭ |
| ପୁରୀ | ୬୮୧୯୨ | ୦ | ୦ | ୦ |
| ସମ୍ବଲପୁର | ୧୧୬୦୩୪ | ୧୩ | ୧୪୩୬ | ୩୮ |
| ମୟୂରଭଞ୍ଜ | ୫୬୧୬୭ | ୧୫୨୧ | ୦ | ୩୭ |

ଏଥିରୁ ଦେଖାଯାଏ ଯେ ସମସ୍ତ ଓଡ଼ିଶାରୁ ଉପରଲିଖିତ ବର୍ଷରେ ୬ଲକ୍ଷ ୨୯ହଜାର ମହଣ ଚାଉଳ ପ୍ରାୟ ୬୪ ହଜାର ମହଣ ଧାନ ଏବଂ ଏକଲକ୍ଷ ୯୦ ହଜାର ମହଣ ଝୋଟ କଲିକତାକୁ ଯାଇଥିଲା । ରବି ସଙ୍ଗେ ଅନ୍ୟାନ୍ୟ ଖାଦ୍ୟ ଦେୟ ମିଶିଅଛି ଏବଂ ସେ ସମସ୍ତର ପରିମାଣ ୧୮ ହଜାର ମହଣରୁ ଅଧିକ ନୁହେ ।

ଉପର ଲିଖିତ ବର୍ଷରେ କଲିକତାରୁ ଓଡ଼ିଶାର ନାନା ଜିଲ୍ଲାକୁ ଯେ ସମସ୍ତ ପ୍ରଧାନ ବାଣିଜ୍ୟ ଦ୍ରବ୍ୟ ଆସିଥିଲା ତହିଁର ମୂଲ୍ୟ ଯଥା:—

| | କପା ଲୁଗା ବିଲାତି | କପା ଲୁଗା ଦେଶୀ | କପା ସୂତା ଦେଶୀ |
|---|---|---|---|
| କଟକ | ୯୮୬୨୯୪ | ୩୯୯୫୯ | ୨୫୪୮୫ |
| ବାଲେଶ୍ୱର | ୫,୫୯,୮୫୮ | ୮୪୬୧ | ୨୯୧୬୭ |
| ପୁରୀ | ୧୯୩୧୪୫ | ୨୮୬୧ | ୩୮୫୬ |
| ସମ୍ବଲପୁର | ୩୦୫୨୦୯ | ୩୧୨୫ | ୬୪୬ |
| ମୟୂରଭଞ୍ଜ | ୧୨୧୩୬୦ | ୧୫୦୪ | ୨୮୩ |

ଏଥିରୁ ପ୍ରକାଶ ଯେ ଏକା କଲିକତାରୁ ଏବର୍ଷ ୨୧୫ ଲକ୍ଷ ଟଙ୍କା ଉକ୍ତ ମୂଲ୍ୟର ବିଲାତି ଲୁଗା ଓ କେବଳ ୫୫ ଲକ୍ଷ ଟଙ୍କାର ଦେଶୀ ଲୁଗା ଓଡ଼ିଶାକୁ ଆସିଥିଲା । ଏହା ଛଡ଼ା ୩ଲକ୍ଷ ଟଙ୍କାର ଲୁଣ ଏବଂ ୧୫ହଜାର ଟଙ୍କାର କେରୋସିନ ତେଲ ବାଲେଶ୍ୱରକୁ ଆମଦାନୀ ହୋଇଥିଲା । ମୟୂରଭଞ୍ଜକୁ ମଧ୍ୟ ୩୫ ହଜାର ଟଙ୍କାର ଲୁଣ ଆସିଥିଲା । ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ବିଲାତିଲୁଣ ଖରଚ ହୁଏ ନାହିଁ ବୋଲି ଅଧିକ ଆମଦାନୀ ହୋଇ ନ ଥିଲା । ଅନ୍ୟାନ୍ୟ ସ୍ଥାନ ସଙ୍ଗେ ଓଡ଼ିଶାର ବାଣିଜ୍ୟ ଏ ତାଲିକାଭୁକ୍ତ ହୋଇ ନାହିଁ । ଧାନ ଚାଉଳ ଅନ୍ୟାନ୍ୟ ସ୍ଥାନକୁ ଯିବାର ଜଣା ଅଛି । ମାତ୍ର ବିଲାତି ଲୁଗା ଏକା କଲିକତାରୁ ଆସିବାର ପ୍ରାୟ ସମସ୍ତେ ଜାଣନ୍ତି ଏବଂ ବର୍ଣ୍ଣିତ ବର୍ଷରେ ଦୁରବସ୍ଥା ହୋଇଥିବାର ଜଣା ନାହିଁ । ଏପରି ବର୍ଷରେ ୬ଲକ୍ଷ ମହଣ ଚାଉଳ ବାହାର ଯିବା ଅଥଚ ୨୧ ଲକ୍ଷ ଟଙ୍କାର ବିଲାତି ଲୁଗା ଖରଚ ହେବା ଦୁଃଖ ନୁହେ କି ? ୬୨ ଲକ୍ଷ ଚାଉଳର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ । ସୁତରାଂ ଓଡ଼ିଶାବାସୀମାନେ ପେଟ କାଟି ଯାହା କଲେ ଏକା ବିଦେଶୀ ଲୁଗା କିଣାରେ ତାହା ଖରଚ ହୋଇଗଲା । ମାଣ୍ଡିଆ ଜାଉ ଖାଇ ନିଜ ପଡ଼ିଶା ଗରିବ ତନ୍ତିମାନଙ୍କୁ ଗଡ଼ାଇ ମାରି ବିଦେଶୀ ଧନୀ ତନ୍ତିକୁଳ ପୋଷିବା କେମନ୍ତ ଧର୍ମ ଓ ବିଚାର ପାଠକମାନେ ଚିନ୍ତା କଲେ ବୁଝି ପାରିବେ । ସେ ଦେଶର ଲୋକଙ୍କର ଏପରି ଅବସ୍ଥା ସେଠାରେ ଦରିଦ୍ରତା ବାସ କରିବା ବିଚିତ୍ର ନୁହେ । ସ୍ୱଦେଶର ମଙ୍ଗଳାକାଂକ୍ଷୀଗଣଙ୍କୁ ଏ ବିଷୟ ବିଶେଷରୂପେ ଆଲୋଚନା କରିବା କାରଣ ଆମ୍ଭେମାନେ ବିନୟ ସହିତ ଅନୁରୋଧ କରୁଁ ।

—*—

## ଜାପାନର ଶିଳ୍ପ ଓ ବାଣିଜ୍ୟ ।

ଜାପାନ ରୁଷିଆ ସହିତ ଯୁଦ୍ଧରେ ମାତିବାରୁ ତାହାର ବିସ୍ତର ଆର୍ଥିକ ଦୁରବସ୍ଥା ଘଟିଅଛି ଏବଂ ସେଥିସକାଶେ ତାହାକୁ ସାର୍ଦ୍ଧ ସତର କୋଟି ପାଉଣ୍ଡ ଋଣ କରିବାକୁ ବାଧ୍ୟ ହୋଇଅଛି । ଯଥାସାଧ୍ୟ ଶୀଘ୍ର ଏ ଋଣ ପରିଶୋଧ କରିବା କାରଣ ଯେମନ୍ତ ଗବର୍ଣ୍ଣମେଣ୍ଟ ତେମନ୍ତ ଦେଶବାସୀ ବ୍ୟସ୍ତ ଅଛନ୍ତି । ଏଣୋଗୁଁ ଦେଶରେ ଲୋକଙ୍କ ଉପରେ ଯେ ଟିକସ ବୃଦ୍ଧି ହୋଇଅଛି ତାହା ସେମାନେ ସନ୍ତୋଷରେ ଆଦାୟ ଦେବା ସଙ୍ଗେ ସଙ୍ଗେ ସାଧାରଣ ଲୋକ ବ୍ୟୟ ବାହୁଲ୍ୟ କାର୍ଯ୍ୟ ଏକାବେଳକେ ଛାଡ଼ିଦେଇଅଛନ୍ତି । ବିଲାତ ଦେଶରେ କୈାଦର ଯେ ଉନ୍ନତି ହୋଇଅଛି ଆପଣା ଦେଶର ବହୁଦର୍ଶିତ ଦ୍ୱାରା ତାହା ଶିକ୍ଷିବାକୁ ସକ୍ଷମ ହେବାର ଦେଖି ସେମାନେ ଯେଉଁ ଯେଉଁ ଦେଶରେ ଯେଉଁ ଯେଉଁ ଶିଳ୍ପ ଓ ବାଣିଜ୍ୟର ବିଶେଷ ଉନ୍ନତି ହୋଇଅଛି ସେଠାକୁ ଲୋକ ପଠାଇ ତାହା ଶିଖିନେବା କାରଣ ପ୍ରଗାଢ଼ ଅଧ୍ୟବସାୟ ପ୍ରକାଶ କରିବା ବିଷୟ ସମସ୍ତଙ୍କୁ ଗୋଚର । ସେମାନେ ଯୁଦ୍ଧସମୟରେ ଆପଣା ପର ଦିବାମନଙ୍କ ଅମଳର ସୁଖଚନ ଅସ୍ୱାଦ ଏକାବେଳକେ ପରିତ୍ୟାଗ କରି ପୃଥିବୀର ସଭ୍ୟଦେଶମାନଙ୍କରେ ବ୍ୟବହୃତ ହେଉଥିବା ନୂତନ ବୈଜ୍ଞାନିକ ପ୍ରଣାଳୀରେ ଶିଳ୍ପ ଅନୁମାନ ବ୍ୟବହାର କଲେ ଏବଂ ଫଳରେ ଜାପାନରେ ସେସବୁ ଉନ୍ନତି ହେବା ସଙ୍ଗେ ସଙ୍ଗେ ବାଣିଜ୍ୟର ବିସ୍ତର ଉନ୍ନତି ସାଧିତ ହୋଇଅଛି । ବିଂଶତିବର୍ଷ ପୂର୍ବେ ଜାପାନର ବାଣିଜ୍ୟର ଯେ ଅବସ୍ଥା ଥିଲା ତାହା ସଙ୍ଗେ ଗତ ୧୯୦୮ ମସୀହର ଅଙ୍କ ମିଳାଇଲେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେବେ । ୧୮୮୮ ମସୀହାଠାରୁ ଜାପାନବାସିମାନେ ଆପଣାର ଶିଳ୍ପର ଏତାଦୃଶ ଉନ୍ନତି ସାଧନ କଲେ ଯେ ସେବର୍ଷ ଜାପାନର ଦ୍ରବ୍ୟ ୬୫,୭୦,୦୦୦ ପାଉଣ୍ଡ ରପ୍ତାନୀ ହୋଇଥିବା ସ୍ଥଳେ ଗତବର୍ଷ ରପ୍ତାନୀଦ୍ରବ୍ୟର ମୂଲ୍ୟ ୩,୬୮,୨୪,୦୦୦ ହୋଇଥିଲା । ସୁତରାଂ ଜଣପିଛା ହେସାବ କଲେ ପ୍ରତ୍ୟେକ ଜାପାନବାସୀ ପ୍ରାୟ ପାଞ୍ଚଗୁଣ ଅଧିକ ଲାଭ କରିଅଛନ୍ତି । ଆମଦାନୀ ମଧ୍ୟ ୧୮୮୮ ମସୀହରେ ୬୫,୪୫,୦୦୦ ପାଉଣ୍ଡରୁ ଗତବର୍ଷ ୪,୩୬,୨୫,୦୦୦ ପାଉଣ୍ଡ ହୋଇଥିଲା ଏବଂ ଏଥିମଧ୍ୟରେ କଳ ଇତ୍ୟାଦିର ମୂଲ୍ୟ ଅଧିକ ଅଟେ । ୧୯୦୭ ମସୀହରେ ଜାପାନଦେଶରେ ଖଣିଜ ଦ୍ରବ୍ୟ ଯାହା ଉତ୍ପନ୍ନ ହୋଇଅଛି ତାହା ୧୮୯୮ ମସୀହର ଉତ୍ପନ୍ନ ସଙ୍ଗେ ମିଳାଇ ଦେଖିଲେ ପାଠକେ ଆଶ୍ଚର୍ଯ୍ୟାନ୍ୱିତ ହେବେ । ନିମ୍ନରେ ତହିଁର ତାଲିକା ଦିଆଗଲା, ଯଥା—

| | ୧୯୦୭ ପାଉଣ୍ଡ | ୧୮୯୮ ପାଉଣ୍ଡ |
|---|---|---|
| ସୁନା | ୩୯୧୬୦୦ | ୧୫୩୮୦୦ |
| ରୂପା | ୧୨୨୩୦୦ | ୨୨୪୬୦୦ |
| ତମ୍ବା | ୩୩୬୯୦୦୦ | ୯୯୬୦୦ |
| ଲୁହା | ୨୬୩୪୦୦ | ୮୩୨୦୦ |
| କୋଇଲା | ୫୯୯୬୦୦୦ | ୨୬୧୩୦୦୦ |
| ଖଣିଜତେଲ | ୫୨୧୮୦୦ | ୨୪୯୨୦ |

ଜାପାନର କାରଖାନାମାନଙ୍କରେ ୧୮୯୮ ମସୀହରେ ୪୧୬୦୦୦ ଜଣ ଲୋକ କାର୍ଯ୍ୟ କରୁଥିଲେ ୧୯୦୭ ମସୀହରେ କାର୍ଯ୍ୟ କରୁଥିବା ଲୋକଙ୍କର ସଂଖ୍ୟା ୬୪୩୦୦୦ ହୋଇଥିଲା ଏବଂ ଏଥିମଧ୍ୟରୁ ଲୁଗାବୁଣା କାର୍ଯ୍ୟରେ ଲାଗିଥିବା ଲୋକଙ୍କର ସଂଖ୍ୟା ୩,୫୪,୦୦୦ ଥିଲା । ସେହି ସମୟ ମଧ୍ୟରେ ରେଶମରେ ପ୍ରସ୍ତୁତ ହେଉଥିବା ଦ୍ରବ୍ୟର ମୂଲ୍ୟ ୬୩୧୪୦୦୦ରୁ ୯୬୨୦୦୦୦ ପାଉଣ୍ଡକୁ ବଢ଼ିଥିଲା । ସେହିପରି ସୂତାରେ ପ୍ରସ୍ତୁତ ହୋଇଥିବା ଦ୍ରବ୍ୟର ମୂଲ୍ୟ ୪୮୧୩୦୦୦ରୁ ୧୦୨୯୬୦୦୦ ଦିଆସିଲି ୬୪୪୦୦୦ରୁ ୧୫୬୦୦୦ ଏବଂ ଚିନାମାଟି ବାସନ ୪୯୬୦୦୦ରୁ ୧୨୯୪୦୦୦ ପାଉଣ୍ଡକୁ ବର୍ଦ୍ଧିତ ହୋଇଥିଲା । ୧୯୦୦ ମସୀହରେ ଜାପାନରେ କେବଳ ଗୋ ୨୧ଟି କମ୍ପାନି ( Co-operative society ) ଥିବାସ୍ଥଳେ ୧୯୦୮ ମସୀହାରେ ତହିଁର ସଂଖ୍ୟା ୪୩୬୦ ହୋଇଥିଲା । ଏଥିରୁ ପାଠକମାନେ ଦେଖିବେ ଯେ ବୁଦ୍ଧି ଓ ଏକତା ଥିଲେ କେମନ୍ତ ଅଧ୍ୟବସାୟ ବଳରେ ଜାତୀୟ ଉନ୍ନତି ସାଧିତ ହୋଇପାରେ । ଶିଳ୍ପ ଓ ବାଣିଜ୍ୟ ଦେଶର ପ୍ରଧାନ ଧନାଗମର ଉପାୟ ଏବଂ ମନୁଷ୍ୟ ହେଲେ ବୃଥା ବ୍ୟୟ ଜନକ କାର୍ଯ୍ୟ ଏବଂ କୁଅଭ୍ୟାସମାନ ଦୂର କରି ସଭ୍ୟତାର ନିମ୍ନତମ ସ୍ଥାନରୁ ଉଚ୍ଚ ସ୍ଥାନ ଅଧିକାର କରିବାକୁ ସମର୍ଥ ହୁଅନ୍ତି । ଜାପାନ ଏଥିର ଜ୍ୱଳନ୍ତ

Digitized by srujanika@gmail.com

Split by PDF Splitter



ଉଦାହରଣ ଏବଂ ଦେଶ ଲୋକଙ୍କ, ଅମ୍ଭେମାନେ ତାହା ସର୍ବଥା ଅନୁକରଣ କରିବାକୁ ପରାମର୍ଶ ଦେଉଅଛୁଁ ।

— ✻ —

## ସୁରାପାନ ନିବାରଣୀ ସଭା ।

ଏଠାରେ ସୁରାପାନ ନିବାରଣୀ ସଭାର ଉଦ୍ୟମରେ ଗତ ବୃହସ୍ପତିବାର ଟାଉନ ଲାଇବ୍ରେରୀ ହଲରେ ସନ୍ଧ୍ୟା ସମୟରେ ଏକ ସଭା ହୋଇଥିଲା । କଲିକତାର ସୁବିଖ୍ୟାତ ପରଲୋକଗତ ବାବୁ କୃଷ୍ଣ ମୋହନ ବାନାର୍ଜ୍ଜୀଙ୍କ କନ୍ୟା ଶ୍ରୀମତୀ ମନମୋହିନୀ ହୁଇଲର ସୁରାପାନ ନିବାରଣ ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରିବା ସଭାର ଉଦ୍ଦେଶ୍ୟ ଥିଲା । ସନ୍ଧ୍ୟା ୬ ଘଟିକା ସମୟରେ ସଭାର କାର୍ଯ୍ୟାରମ୍ଭ ହେବା କଥା ଥାଇଥିଲେହେଁ ତହିଁର ଅର୍ଦ୍ଧଘଣ୍ଟା ପୂର୍ବରୁ ବିଦ୍ୟାଳୟର ବାଳକବୃନ୍ଦ ଓ ଭଦ୍ରଲୋକମାନେ ସଭାସ୍ଥଳକୁ ଆସିବାକୁ ଆରମ୍ଭ କଲେ ଏବଂ ନିର୍ଦ୍ଦିଷ୍ଟ ସମୟକୁ ହଲଟି ପୂର୍ଣ୍ଣ ହୋଇଗଲା ଏବଂ ଅନେକେ ବାଧ୍ୟହୋଇ ବାହାରେ ଠିଆହୋଇ ବକ୍ତୃତା ଶୁଣିଲେ । ବକ୍ତୃତା ମଧ୍ୟ ଅତୀବ ରମଣୀୟ ଏବଂ ତେଜସ୍କର ହୋଇଥିଲା । ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ ବକ୍ତ୍ରୀଙ୍କି ପରିଚୟ କରାଇଦେଲା ଉତ୍ତାରୁ ଶ୍ରୀମତୀ ହୁଇଲର ମହୋଦୟା ବଙ୍ଗଳା ପ୍ରଭୃତି ନାନାସ୍ଥାନର ଉଦାହରଣ ଦେଖାଇ ସୁରାପାନର ବିଷମୟ ଫଳ ପ୍ରତିପନ୍ନ କଲେ । ଭାରତବର୍ଷର ଦକ୍ଷିଣାଞ୍ଚଳର ଏକ ଅସଭ୍ୟ ଜାତିର ଲୋକମାନଙ୍କ ସମ୍ବନ୍ଧେ କହିଲେ ଯେ ସେମାନେ ମଦ୍ୟପାନର ଅପକାରିତା ଦେଖି ତାଙ୍କ ଜାତିର ଲୋକେ ମଦ୍ୟପାନ କଲେ ପ୍ରଥମେ ବିଶେଷ ଅର୍ଥଦଣ୍ଡ ଓ ପରେ ଜାତିଚ୍ୟୁତର ବିଧାନ କରିବାରୁ ତାଙ୍କର ଜାତିର ଲୋକ ସୁରାପାନରୁ ଏକାବେଳକେ ବିରତ ହେଲେ । ସୁତରାଂ ମଦ୍ୟ ବିକ୍ରେତାର ଦୋକାନ ପଡ଼ିଆ ପଡ଼ିବାରୁ ସେ ହାକିମଙ୍କ ନିକଟରେ ତାହା ଦେଇ ଜାଣିଲେ କେବଳମାତ୍ର ବିକ୍ରୟ ସୁତରାଂ ଲାଭ ହେଉ ନ ଥିବାର ଗୁହାରି କଲା । ଏଥିରୁ ହାକିମ ତାହାଙ୍କୁ ଉତ୍ତର ଦେଲେ ଯେ ଲୋକଙ୍କ ମନ୍ଦକରି ଉପାର୍ଜ୍ଜନ କରିବା ବ୍ୟବସାୟଠାରୁ ଅନ୍ୟ ଭଲକାର୍ଯ୍ୟ କରିବା ଉଚିତ । ଅସଭ୍ୟ ଜାତି ଏହା କରିପାରିଥିବା ସ୍ଥଳେ ସଭ୍ୟଜାତି ଅବଶ୍ୟ ତାହା କରିପାରିବେ, ପିଲାମାନେ ଅନେକାଳ ବନ୍ଦେମାତରଂ ଉଚ୍ଚାରଣ କରି, ସଙ୍ଗେ ସଙ୍ଗେ ଅସଙ୍ଗତ ବ୍ୟାକାଣ୍ଡମାନ କରୁଥିବା, ଅତ୍ୟନ୍ତ ଦୁଃଖର ବିଷୟ । 'ବନ୍ଦେମାତରଂ' ଅର୍ଥାତ୍ ମାତାଙ୍କୁ ପ୍ରଣାମ ବା ଅଭିବାଦନ ଅତ୍ୟନ୍ତ ଉତ୍ତମ କଥା ମାତ୍ର ତହିଁସଙ୍ଗେ ଅସଙ୍ଗତ କାଣ୍ଡ ସମ୍ମିଶ୍ରିତ କରିବା ନିତାନ୍ତ ଅନୁଚିତ । ତାହା ନ କରି ପିଲାମାନେ ତହିଁର ଉଚ୍ଚାରଣ ସଙ୍ଗେ ଭଲକାର୍ଯ୍ୟ କରି ଆପଣାର ମନୁଷ୍ୟତା ବୃଦ୍ଧି କରିବା ଉଚିତ ଏବଂ ତାହା କରିବାକୁ ହେଲେ ଶରୀର ଓ ମନର ପବିତ୍ରତା ରକ୍ଷା କରିବା ସର୍ବାଗ୍ରେ କର୍ତ୍ତବ୍ୟ । ସେ ପବିତ୍ରତା ସଂରକ୍ଷଣ ନିମିତ୍ତ କୌଣସି ମାଦକ ଦ୍ରବ୍ୟ ସେବନ କରିବ ନାହିଁ । ଇଂଲଣ୍ଡପରି ଶୀତପ୍ରଧାନ ଦେଶରେ ମଧ୍ୟ ମଦ୍ୟପାନ ବିନା ଲୋକେ ରହିପାରନ୍ତି ମାତ୍ର ଭାରତପରି ଉଷ୍ଣ ପ୍ରଧାନ ଦେଶରେ ସୁରାପାନର କିଛି ମାତ୍ର ପ୍ରୟୋଜନ ନାହିଁ । ବକ୍ତ୍ରୀ ମହୋଦୟା କଲିକତାର ସୁରାପାନ ନିବାରିଣୀ ସମ୍ବନ୍ଧୀୟ ସ୍ତ୍ରୀ ସଭାରୁ ଏଠାକୁ ପ୍ରେରିତ ହୋଇ ଆସିଅଛନ୍ତି ଏବଂ ଯେଉଁମାନେ ସୁରା ଏବଂ ଅହିଫେନ ସେବନ ନ କରିବାକୁ ପ୍ରତିଜ୍ଞାବଦ୍ଧ ହେବାକୁ ଇଚ୍ଛୁକ ଅଛନ୍ତି ସେମାନେ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିବେ । ଏହାଙ୍କ ବକ୍ତବ୍ୟ ଶେଷହେଲାରୁ ସଭାପତି ମହାଶୟ ବକ୍ତ୍ରୀଙ୍କି ଧନ୍ୟବାଦ ଦେଇ ପ୍ରକାଶ କଲେ ଯେ ଅନେକ ଔଷଧରେ ସୁରା ମିଶ୍ରିତ ହେଉଥିବାରୁ ଆଜିକାଲି ସମ୍ପୂର୍ଣ୍ଣରୂପେ ସୁରାପାନରୁ ବିରତ ହେବା କଷ୍ଟକର ବ୍ୟାପାର ଏବଂ ୟୁରୋପୀୟ ଭଦ୍ରଲୋକଙ୍କର ସତ୍କାର କରିବାକୁ ହେଲେ ଅନ୍ତତଃ ତାଙ୍କୁ ସୁରା ଦେଇ ସମ୍ମାନ କରାଇବାକୁ ହେବ । ଏଥିରୁ ପାଦ୍ରୀ ଉଇଲକକ୍ସ ମହୋଦୟ କହିଲେ ଯେ ଔଷଧ ନିମିତ୍ତ ଡାକ୍ତରଙ୍କ ନିର୍ଦ୍ଦେଶ ମତେ ସୁରା ମିଶ୍ରିତ ଔଷଧ ସେବନ ଦୂଷଣୀୟ ନୁହେ । ନିଶା ଲାଗିବା ଅଭିପ୍ରାୟରେ ସୁରା ସେବନରେ ହିଁ ଦୋଷ ଜନ୍ମେ ଏବଂ ଚେଷ୍ଟା କଲେ ସମ୍ପୂର୍ଣ୍ଣରୂପେ ସୁରା ପାନରୁ ବିରତ ହେବାର ହୋଇପାରିବ । ଅଳ୍ପଦିନ ହେଲେ ଶଙ୍କମଠାରେ ଦେଶୀୟ ଲୋକମାନେ ସେଠା କଲେକ୍ଟରଙ୍କ ବିଦାୟ ହେବା କାରଣ ଏକ ସମ୍ମିଳନୀ କରିଥିଲେ । କାର୍ଯ୍ୟ ଶେଷରେ କେହି ୟୁରୋପୀୟ ମଦ୍ୟ ଲୋଡ଼ିଲେନ୍ତି ଉତ୍ତର ମିଳିଲା ଯେ ଦେଶୀୟ ଲୋକେ ମଦ୍ୟ ସେବନ କରୁ ନ ଥିବା ହେତୁ ସେଠାରେ ମଦ୍ୟର ବ୍ୟବସ୍ଥା ହୋଇ ନାହିଁ । ଏହା ଶୁଣି ସେ ବଡ଼ ଅନାଦର ହେଲେ ! ଯେ ମଦ୍ୟ ସେବନ ନ କରନ୍ତି ତାଙ୍କ ଘରକୁ କେହି ଗଲେ ସେ ମଦ୍ୟ ଦେବାର ଆଶା କରି ଯାଇ ନ ପାରେ । ସୁତରାଂ ସେ ଆପଣା ଘରେ ମଦ୍ୟ ନ ରଖିବା ହିଁ ଉଚିତ । ଅତଃପର ପାଇକ ସାହେବ ମହୋଦୟ କିଛି ବକ୍ତବ୍ୟ ପ୍ରକାଶ କଲା ପରେ ଅନେକ ଭଦ୍ର ଲୋକ ଓ ବାଳକବୃନ୍ଦ ମଦ୍ୟ ଓ ଅହିଫେନ ସେବନ ନ କରିବା କାରଣ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିଦେଲେ । ଏ ସଭାର କାର୍ଯ୍ୟାବଳି ଦେଖି ଅମ୍ଭମାନଙ୍କର ବିଶେଷ ଆନନ୍ଦ ଲାଭ ହୋଇଅଛି । ବର୍ତ୍ତମାନ ବିଦ୍ୟାଳୟର ଯୁବକ ଓ ଭଦ୍ରମଣ୍ଡଳୀ ମଧ୍ୟରେ ସୁରାପାନ ହ୍ରାସ ହୋଇ ଆସୁଥିଲେହେଁ ସମୟେ ସମୟେ ଏପରି ସଭା ହୋଇ ତହିଁର ଚର୍ଚ୍ଚା ହେବା ଉଚିତ । ଅମ୍ଭମାନଙ୍କର ଜାତିର ସମସ୍ତ ସମ୍ପ୍ରଦାୟର ଧର୍ମଶାସ୍ତ୍ରରେ ମାଦକ ଦ୍ରବ୍ୟର ସେବନ ନିଷିଦ୍ଧ ଏବଂ ବେଦରେ ମାଦକ ଦ୍ରବ୍ୟ ସେବନ କରିବାର ଏକାବେଳକେ ମନା ଅଛି । ନାନା ପ୍ରକାର ଘଟନା ଚକ୍ରରେ ପଡ଼ି ଭାରତରେ ତାନ୍ତ୍ରିକ ମତର ପ୍ରାଧାନ୍ୟ ଯୋଗେ ଧର୍ମ ସଙ୍ଗେ ସୁରା ପାନ ସଂଶ୍ଲିଷ୍ଟ ହେବାରୁ ଯବନ ସମାଜ ମଧ୍ୟରେ ସୁରା ପ୍ରବେଶ କରିଥିଲା ତଥାପି ତାହା କ୍ରମେ କ୍ରମେ ନିବାରିତ ହେଉଅଛି ମାତ୍ର ମାଦକ ଦ୍ରବ୍ୟର ବିକ୍ରୟଦ୍ୱାରା ଯେତେ କାଳ ଗବର୍ଣ୍ଣମେଣ୍ଟଙ୍କର ଆୟ ବୃଦ୍ଧିର ଚେଷ୍ଟା ଥିବ ସେତେକାଳ ମାଦକ ଦ୍ରବ୍ୟ ନିବାରଣୀ ସଭାର ଚେଷ୍ଟା ସଫଳ ହେବା ସହଜ ନୁହେ । ଲୋକେ ଖୋଜନ୍ତି ବୋଲି ମାଦକ ଦ୍ରବ୍ୟର ଦୋକାନ ବଢ଼ାଇବାର କେତେ ସରକାରୀ କର୍ମଚାରୀ କହନ୍ତି ଓ ତାହା ନ କଲେ ଚୋରା ମାଦକ ଦ୍ରବ୍ୟ ଅଧିକ ବିକ୍ରୟଦ୍ୱାରା ଅନିଷ୍ଟ ବଢ଼ିବାର ଯୁକ୍ତି ଦେଖାନ୍ତି । ମାତ୍ର ପରିଣାମ ନ ଜାଣି ଲୋକେ ବିଷ ଲୋଡ଼ିଲେ ତହିଁର ସୁବିଧା କରିଦେବା ଉଚିତ କି ? ସରକାରର ବଳ ଅସୀମ ଦୃଢ଼ ପ୍ରତିଜ୍ଞ ହୋଇ କାର୍ଯ୍ୟ କଲେ ଚୋରା କାରବାର ନିବାରଣ ହେବା କଠିନ ନୁହେ । ବିକ୍ରିର ସୁବିଧାଦ୍ୱାରା ବରଂ ଚୋରା ବଢ଼ିବାର ସମ୍ଭାବନା କାରଣ ପାନ ଶକ୍ତି ଯେତେ ବଢ଼ିବ ଲୋକଦ୍ୱାରା ତାହା ସୁଲଭରେ ପ୍ରାପ୍ତ ହେବାର ପ୍ରବୃତ୍ତି ମଧ୍ୟ ସେତେ ହେବ । ପ୍ରବୃତ୍ତିରେ ବାଧା ଦେବା ସଦୁପାୟ ଅଟେ ।

———

## ଜାତୀୟ ଚିକିତ୍ସା କଲେଜ ।

କଲିକତାଠାରେ ପ୍ରତିଷ୍ଠିତ ଥିବା ଜାତୀୟ ଚିକିତ୍ସା କଲେଜ ଗ୍ରୀଷ୍ମାବକାଶ ପରେ ଖୋଲିବା ଉପଲକ୍ଷରେ ବିଦ୍ୟାଳୟ ଗୃହରେ ଏକ ସଭା ଗଠିତ ହୋଇ ତହିଁରେ ଦ୍ୱାରବଙ୍ଗର ମହାରାଜାଙ୍କୁ ଅଭିନନ୍ଦନ ପତ୍ର ଦିଆଯାଇଥିବା ବିଷୟ ଆନନ୍ଦ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ସଭାସ୍ଥଳରେ ଚବିଶ ପ୍ରଗନାର କଲେକ୍ଟର ହୋମ୍ଫ୍ରୀସ ସାହେବ ଏବଂ ଅନେକ ଦେଶୀୟ ମାନ୍ୟଗଣ୍ୟ ଲୋକେ ଉପସ୍ଥିତ ଥିଲେ । ଦ୍ୱାରବଙ୍ଗର ମହାରାଜା ପୂର୍ବ ଏବଂ ପଶ୍ଚିମ ଖଣ୍ଡର ଧର୍ମସମନ୍ୱୟ କରିବା କାରଣ ଭାରତ ଧର୍ମ ମହାମଣ୍ଡଳ ନାମରେ ଯେଉଁ ମହାଧର୍ମ ସଭା ଗଠିତ କରି ତହିଁର ସଭାପତି ହୋଇ ଚଳାଉଅଛନ୍ତି ସେହିପରି ବିଲାତି ଏବଂ ଦେଶୀ ଚିକିତ୍ସାର ସମନ୍ୱୟ କରିବା କାରଣ ଯତ୍ନବାନ ଥିବା ଓ ସେହି କଲେଜରେ ବିଲାତି ଚିକିତ୍ସାର ଶିକ୍ଷା ସଙ୍ଗେ ଆୟୁର୍ବେଦୀୟ ଚିକିତ୍ସା ଶିକ୍ଷା କାରଣ

Digitized by srujanika@gmail.com

Split by PDF Splitter



ଶ୍ରେଣୀ ପ୍ରତିଷ୍ଠା ହୋଇଥିବା ଏବଂ ସ୍ୱଦେଶର ରାଜନୈତିକ ସାମାଜିକ ଓ ଧର୍ମ ସମ୍ବନ୍ଧୀୟ ସମସ୍ତ ବିଷୟର ଉନ୍ନତିରେ ମହାରାଜା ସମୟ ଓ ସାମର୍ଥ୍ୟ ବ୍ୟୟ କରିବାରେ କୁଣ୍ଠିତ ନ ଥିବା ବିଷୟ ଅଭିନନ୍ଦନ ପତ୍ରରେ ଉଲ୍ଲିଖିତ ହୋଇଥିଲା । ମହାରାଜା ମହୋଦୟ ତହିଁର ଉତ୍ତରରେ ବିଦ୍ୟାଳୟର ମେମ୍ବରମାନଙ୍କୁ ଅଭିନନ୍ଦନ ପତ୍ର ନିମିତ୍ତ ଧନ୍ୟବାଦ ପ୍ରଦାନ କରି ବ୍ୟକ୍ତ କଲେ ଯେ ଭାରତ ଧର୍ମ ମହାମଣ୍ଡଳ ଭାରତରେ ଗୋଟାଏ ପ୍ରଧାନ ଧର୍ମ ସମ୍ବନ୍ଧୀୟ ଅନୁଷ୍ଠାନ ତହିଁରୁ ଭବିଷ୍ୟତ ଆଶାସ୍ଥଳ ବାଳକ ଓ ଯୁବକବୃନ୍ଦ ପ୍ରକୃତ ସଦାଚାର ସମ୍ପନ୍ନ ଧର୍ମଶାସ୍ତ୍ର ଗ୍ରହଣ ପୂର୍ବକ ଆପଣା ଚରିତ୍ରଗଠନ କରିବାରେ ମନୋଯୋଗୀ ହେଲେ ସେ ବିଶେଷ ଆନନ୍ଦିତ ହେବେ । ଯେଉଁ ବ୍ୟବସାୟଦ୍ୱାରା ମନୁଷ୍ୟ ଜାତିର କ୍ଳେଶ ନିବାରିତ ହୋଇ ସେମାନେ ଆରୋଗ୍ୟ ଲାଭ କରନ୍ତି ତାହାଠାରୁ ଅଧିକତର ଉଦାର ବ୍ୟବସାୟ ନାହିଁ । ଅସ୍ମମାନଙ୍କ ଦେଶରେ ଚିକିତ୍ସକର ନିତାନ୍ତ ଅଭାବ ଏବଂ ଲୋକସଂଖ୍ୟା ଦୃଷ୍ଟିରେ ପ୍ରତି ଏଗାର ହଜାର ଲୋକରେ ଜଣେ ମାତ୍ର ଚିକିତ୍ସକ ଅଛନ୍ତି । କଲିକତାରେ ଯେଉଁ ସରକାରୀ ଚିକିତ୍ସା କଲେଜ ଅଛି ତାହା ଚିକିତ୍ସା ଶାସ୍ତ୍ରର ଶିକ୍ଷାର୍ଥି ଯଥାସାଧ୍ୟ ଚେଷ୍ଟା କରୁଥିଲେହେଁ ଗତ ବର୍ଷ ସ୍ଥାନାଭାବ ହେତୁ ନ ୬୦୦ ଜଣ ଛାତ୍ରଙ୍କୁ ଫେରାଇ ଦେଲେ । ସୁତରାଂ ଅଧିକାଂଶ ଚିକିତ୍ସକ ସଂଗଠନ କରିବା କାରଣ ଜାତୀୟ ଚିକିତ୍ସା କଲେଜ ଯନ୍ତ୍ର ଅନୁଷ୍ଠାନମାନଙ୍କ ଉପରେ ଅସ୍ମମାନଙ୍କର ନିର୍ଭର ରହିବ । ଏହି ବିଦ୍ୟାଳୟରେ ଯେ ଆୟୁର୍ବେଦୀୟ ଚିକିତ୍ସା ଶିକ୍ଷା ପ୍ରଦାନ କରିବାର ଉଦ୍ୟମ ହୋଇଅଛି ତାହା ଅସ୍ମର ବିଶେଷ ଦୃଷ୍ଟି ଆକର୍ଷଣ କରିଅଛି । ଆୟୁର୍ବେଦୀୟ ଔଷଧମାନ ଯଥାର୍ଥରୂପେ ତିଆରି ପ୍ରସ୍ତୁତ କରିବା ଅତ୍ୟନ୍ତ ଅବଶ୍ୟକୀୟ ଅଟେ ଏବଂ ଅତଏବ ବିଲାତି ଓ ଦେଶୀୟ ଚିକିତ୍ସା ସମ୍ମିଳିତ ହୋଇ ଯେ ଲୋକୋପକାର ବିଧାନରେ ପ୍ରଚଳିତ ହେବ ଏଥିରେ ସନ୍ଦେହ ନାହିଁ । ଆୟୁର୍ବେଦୀୟ ଚିକିତ୍ସା ଯୁରୋପ ଏବଂ ଆମେରିକାରେ ବିଶେଷ ଫଳପ୍ରଦ ହୋଇଅଛି । ଦେଶରେ ଚିକିତ୍ସକର ବିଶେଷ ଅଭାବ ଥିବାରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ଶିକ୍ଷା ଲାଭ କରିବା କାରଣ ସମର୍ଥନ ଆଗ୍ରହାନ୍ୱିତ ହୋଇ ବିଦ୍ୟାଳୟ ତାହାରେ ସଦାଚରଣ ସଂରକ୍ଷଣ କରିବା କାରଣ ମନୋଯୋଗୀ ହୋଇ ମନୁଷ୍ୟତା ଲାଭ କରିବା ସକାଶେ ଛାତ୍ରମାନଙ୍କୁ ଉପଦେଶ ଦେଇ ଆପଣାର କର୍ତ୍ତବ୍ୟ ଶେଷ କଲେ ! -- ମହାରାଜା ମହୋଦୟଙ୍କ କଥା ଗୁଡିକ ଯେ ବହୁମୂଲ୍ୟ ଏଥିରେ ସନ୍ଦେହ ନାହିଁ ।

ଅସ୍ମମାନଙ୍କ ଦେଶରେ ଅଦ୍ୟାପି ଅନେକ ଲୋକେ ଅଛନ୍ତି । ଯେଉଁମାନେ ବିଲାତି ଔଷଧ ଛୁଇଁବାକୁ ନିତାନ୍ତ ଅନିଚ୍ଛୁକ । ଅସ୍ମେମାନେ ଦେଖିଅଛୁଁ ପୂର୍ବେ ମୁସଲମାନମାନଙ୍କୁ ଛୁଇଁଲେ ଲୋକେ ଲୁଗା ବଦଳାଉଥିଲେ । ଏବେ ସେ ଭାବ ଶିକ୍ଷା ସ୍ରୋତରେ ଅନେକ ପରିମାଣରେ ଭସା ହୋଇ ଯାଇଅଛି । ବିଲାତି ଔଷଧ ପୂର୍ବେ ଯେଉଁମାନେ ଛୁଇଁବାକୁ ନାରାଜ ଥିଲେ ଏବେ ସେମାନଙ୍କ ମଧ୍ୟରୁ ଅନେକେ ସେ ଭାବ ତ୍ୟାଗ କରିଅଛନ୍ତି । ତଥାପି ଏବେ ଯେତେ ଲୋକ ବିଲାତି ଔଷଧ ବ୍ୟବହାର କରିବାକୁ ଅନିଚ୍ଛୁକ ସେମାନଙ୍କ ସଂଖ୍ୟା ନିତାନ୍ତ କମ ନୁହେ । ମାତ୍ର ଏ ଭାବ ମନରୁ ଛାଡ଼ିଦେବା ନିତାନ୍ତ କର୍ତ୍ତବ୍ୟ । ଯେଉଁ ମୂର୍ଖମାନେ ଦୁଇପଇସା ଉପାର୍ଜନ କରିବାକୁ ନିତାନ୍ତ ବ୍ୟସ୍ତ ସେହି ସ୍ୱାର୍ଥପର ଲୋକମାନେ ଲୋକଙ୍କୁ ବୁଝାଇ ଦେଇଥିଲେ ଯେ ବିଲାତି ଔଷଧରେ ମଦ ମିଶା ହୋଇଅଛି ସୁତରାଂ ତାହା ସେବନୀୟ ନୁହେ । ବିଲାତି ଔଷଧରେ ମଦରା ମିଶିଥିବା କଥା ମିଥ୍ୟା ଏବଂ ତାହା ସତ୍ୟ ହେଲେ ସୁଦ୍ଧା ଅସ୍ମମାନଙ୍କ ଶାସ୍ତ୍ରରେ ଔଷଧାର୍ଥ ସୁରାପାନର ବିଧି ଥିବା ସ୍ଥଳେ ତାହା ବ୍ୟବହାର କରିବାରେ କୌଣସି ଆପତ୍ତି ହୋଇ ନ ପାରେ । ଆଉ ଗୋଟିଏ କଥା ଅଛି । ଚିକିତ୍ସା ଶାସ୍ତ୍ର ଅସ୍ମମାନଙ୍କ ଦେଶର ମହାଧନ ଅଟେ । ପାଶ୍ଚାତ୍ୟ ଚିକିତ୍ସା ଶାସ୍ତ୍ର ଅସ୍ମମାନଙ୍କଠାରୁ ଦୂରରେ ନ ଥାଇ ବରଂ ଅସ୍ମମାନଙ୍କ ଶାସ୍ତ୍ରରୁ ନିଆଯାଇଅଛି । ଅସ୍ମମାନଙ୍କର ମୁନି ଋଷିମାନଙ୍କ ନିର୍ଦ୍ଦିଷ୍ଟ ଔଷଧମାନ ବୈଜ୍ଞାନିକ ପ୍ରକ୍ରିୟାରେ ପରିଶୋଧିତ କରି ପାଶ୍ଚାତ୍ୟ ବା ବିଲାତି ଔଷଧ ପ୍ରସ୍ତୁତ ହୁଏ । ମାନ୍ଦ୍ରାଜର ଭୂତପୂର୍ବ ଗବର୍ଣ୍ଣର ଲର୍ଡ ଏମ୍ପଥିଲ ମହୋଦୟ ଏ କଥା କେତେକ ବର୍ଷ ପୂର୍ବେ ପ୍ରକାଶ କରିଥିଲେ । ସୁତରାଂ ଅସ୍ମେମାନେ ଆପଣା ଅଜ୍ଞତା ଦୋଷରୁ ପ୍ରତାରକମାନଙ୍କ କଥାରେ ପଡ଼ି ବିଲାତି ଔଷଧରୁ ଭିନ୍ନ ହୋଇ ସ୍ୱେଚ୍ଛାପୂର୍ବକ ହାନି ହେଉ କ୍ଳେଶ ସହ୍ୟ କରୁଅଛୁଁ । ଦେଶୀୟ ଆୟୁର୍ବେଦୀୟ ଚିକିତ୍ସା ଯେ ସମଧିକ ଫଳପ୍ରଦ ଏଥିରେ ସନ୍ଦେହ ହୋଇ ନ ପାରେ । ମାତ୍ର ତାହା ଶିଖିଥିବା ଲୋକ ଏବଂ ଶିକ୍ଷା ବିଧାନର ଏକାନ୍ତ ଅଭାବ ହେବାରୁ ଉତ୍ତମ ଔଷଧ ପ୍ରସ୍ତୁତ ହୋଇ ପାରୁ ନାହିଁ ଏବଂ ସେହି କାରଣରୁ ଲୋକେ କ୍ରମଶଃ ବିଲାତି ଔଷଧ ବ୍ୟବହାର କରିବାକୁ ଅଗ୍ରସର ହେଉଅଛନ୍ତି । ଯଥାର୍ଥ ରୀତି ଔଷଧ ପ୍ରସ୍ତୁତ କରିବା ଏବଂ ରୋଗ ରୀତି ଔଷଧର ବ୍ୟବସ୍ଥା କରିବା ଚିକିତ୍ସକର ପ୍ରଧାନ କାର୍ଯ୍ୟ । ଅସ୍ମମାନଙ୍କ ଦେଶ ପ୍ରଚଳିତ ବୈଦ୍ୟ ଶାସ୍ତ୍ରରେ ତହିଁର ଯଥେଷ୍ଟ ବିଧି ଥିଲେହେଁ ଶିକ୍ଷାର ବ୍ୟବସ୍ଥା ନ ଥିଲା । କଲିକତାର ଜାତୀୟ କଲେଜ ତହିଁର ବନ୍ଦୋବସ୍ତ କରିଥିବା ଅତ୍ୟନ୍ତ ଆନନ୍ଦର ବିଷୟ । ଅସ୍ମେମାନେ ଭରସା କରୁଁ ଅସ୍ମ ଦେଶର ଲୋକମାନେ ତହିଁରେ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରିବା ଏବଂ ଧନୀ ରାଜା ଜମିଦାର ମହାଜନ ପ୍ରଭୃତି ତହିଁରେ ଶିକ୍ଷା ଲାଭ କରିବା କାରଣ ଦେଶର ପିଲାଙ୍କୁ ପଠାଇବାକୁ ଏକାନ୍ତ ଯତ୍ନବାନ୍ ହେବେ । ଯାହାବି ବୃଥା ଆମୋଦ ଓ ବିବାହାଦିର ଆଡ଼ମ୍ବରରେ ଯେ ଅକାରଣ ବ୍ୟୟ ହେଉଅଛି ତାହା ଲୋକ ହିତକାରକ ଏବଂଭୂତ ଉଦ୍ଦେଶ୍ୟରେ ବ୍ୟୟିତ ହେଲେ ଦେଶର ପ୍ରକୃତ ଉପକାର ହେବ ।


## NOTICE.

**URGENTLY WANTED**

A General Assistant for the Utkal Tannery Co Limited.

Duties—

To keep stores, accounts & correspondence.

Will have to furnish security of Rs 1000 of any kind.

Pay Rs 100 to an experienced and competent man.

Apply with copies of testimonials to the undersigned.

M. S. DAS
Managing Director
30—7—09  Cuttack


## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ବାବୁ କାର୍ତ୍ତିକଚନ୍ଦ୍ର ଘଟକ, ୮ ମ ଗ୍ରେଡ଼ର ଡେ: ମା: ଓ ଡେ: କଲେକ୍ଟର ନିଯୁକ୍ତ ହୋଇ କଟକ ସଦର ମହକୁମାରେ ଅବସ୍ଥାପିତ ହେଲେ ଓ ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ଯାଜପୁରର ଅଫିସିଏଟିଂ ସବରେଜିଷ୍ଟ୍ରାର ବାବୁ ବିନୋଦବିହାରୀ ଦେ ସନ ୧୯୦୯ ମସିହା । ଜୁନମାସ ତା ୨୯ ରିଖରୁ ଏକମାସ ଛୁଟି ପାଇଲେ ।

ବାବୁ ଲଳିତମୋହନ ମୁଖର୍ଜ୍ଜୀ, କଟକର ସହାୟ ଯାଜପୁରର ସବ୍‌ରେଜିଷ୍ଟ୍ରାର ହେଲେ ।

କଟକର ସବ୍-ଡେ: ମାଜିଷ୍ଟ୍ରେଟ ବାବୁ ତ୍ରିଗୁଣାମଣି ଅଗ୍ରୱାଲ ଫୌଜଦାରୀ ମୋକଦ୍ଦମାରେ ସଂକ୍ଷେପରେ ସାକ୍ଷ୍ୟ ନେବାର ଅଧିକାର ପାଇଲେ ।

ମହାଶୟଙ୍କ ସ୍କୁଲ ସବ୍‌ଇନସ୍ପେକ୍ଟର ସୈୟଦ ଅବଦୁଲ ଜଲିଲ କଟକର ସ୍କୁଲ ସବଇନସ୍ପେକ୍ଟରର କାର୍ଯ୍ୟ କରିବେ ।

କଟକ ଟ୍ରେନିଂସ୍କୁଲର ସହକାରୀ ଶିକ୍ଷକ ବାବୁ ଗୋପାଳ ପ୍ରସାଦ ଘୋଷ ସେହି ସ୍କୁଲର ହେଡମାଷ୍ଟର ଓ ବାବୁ ... ପ୍ରଥମ ସହକାରୀ ଶିକ୍ଷକର କାର୍ଯ୍ୟ କରିବେ ।

ବାବୁ କାଳୀଚରଣ ଦାସ କଟକ ରେଭେନ୍ସା କଲେଜିଏଟ ସ୍କୁଲର ସହକାରୀ ଶିକ୍ଷକ ହେଲେ ।

ବାବୁ ଅନନ୍ତ ମିଶ୍ର ପାରଗ୍ରାମ ସବଇନସ୍ପେକ୍ଟର ପଦରେ ବହାଲ ହେଲେ ।

ନିମ୍ନଲିଖିତ ବ୍ୟକ୍ତିମାନେ ବାଲେଶ୍ୱର ମ୍ୟୁନିସିପାଲିଟିର କମିଶନର ନିଯୁକ୍ତ ହେଲେ । ଯଥା —

ସିଭିଲ ସର୍ଜନ
ସ୍କୁଲ ସବଡେପୁଟିଇନସ୍ପେକ୍ଟର
ବାଲେଶ୍ୱର ଜିଲ୍ଲା ଏକଜିକ୍ୟୁଟିଭ ଇଞ୍ଜିନିୟର

Digitized by srujanika@gmail.com

ବାବୁ ସୁଧାଚରଣ ଦାସ
" ମନ୍ମଥନାଥ ଦେ
ମୁନ୍ସୀ ଅବଦୁଲ ସୋଭନ ଖାଁ

ସୁବର୍ଣ୍ଣପୁରର ମାଜିଷ୍ଟ୍ରେଟ ସୁବର୍ଣ୍ଣପୁର ବୋର୍ଡ଼ର ମେମ୍ବର ମାନ ହେଲେ ।

କଟକନଗର ମାଜିଷ୍ଟ୍ରେଟ କଟକନଗର ବୋର୍ଡ଼ର ମେମ୍ବରମାନ ହେଲେ ।

ଗତ ତା ୨୭ ରଖ ଶେଷହେବା ସପ୍ତାହରେ ଓଡ଼ିଶାର ଅନ୍ୟ ସ୍ଥଳରେ ଶୁଷ୍କଳର ଦର ହ୍ରାସ ଥିଲା ।

ଗତ ତା ୨୭ ରଖରେ ଶେଷହେବା ସପ୍ତାହରେ ବାଲେଶ୍ୱର ଓ ମେଦିନୀପୁରରେ ୩ ଇଞ୍ଚ ଏବଂ ଅନଗୁଳ ଓ ସୁମ୍ବଲେ ୧୨ ଇଞ୍ଚରୁ ଅଧିକ ଓ କଟକରେ ୧୨ ଇଞ୍ଚରୁ ଉର୍ଦ୍ଧ୍ୱ ଭଲ ବର୍ଷା ହୋଇଥିଲା । ସମସ୍ତ ଗଡ଼ଜାତରେ ବିଶେଷ ବୃଷ୍ଟି ହୋଇଥିଲା ଯେ ଢେଙ୍କାନାଳରେ ସର୍ବାଧିକ ୧୨ ଇଞ୍ଚ ଖଣ୍ଡପଡ଼ା ଓ ତାଳଚେରରେ ୨ ଓ କେନ୍ଦୁଝରରେ ୮ ଇଞ୍ଚ ଓ ବଣାଇରେ ସର୍ବନିମ୍ନ ୨୩ ଇଞ୍ଚ ଥିଲା ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରଚୁର ବର୍ଷା ଓ କେତେକ ଦିନ ବର୍ଷା ହୋଇଥିଲା । ଗତ ବୁଧବାର ରାତ୍ରି ବଜ୍ରପାତ ସହିତ ଏକ ଘଣ୍ଟା ସଙ୍ଗେ ଝାଳ ବୃଷ୍ଟି ଓ ତହିଁ ପରଦିନ ମଧ୍ୟ ସେହିପରି ବର୍ଷା ହୋଇଥିଲା ।

ଏ ସପ୍ତାହରେ କାଠଯୋଡ଼ୀ ନଦୀ ଫୁଟ ୨୦୯ ବଢ଼ିଥିଲା । କେତେକ ଯୋଗ୍ୟ ଅଞ୍ଚଳରେ ନଦୀ ଜଳ ମାଡ଼ି ଥିଲେହେଁ ଶୀଘ୍ର ଛାଡ଼ି ଯିବାରୁ କୌଣସି କ୍ଷତି କରି ନାହିଁ ।

ଏ ସପ୍ତାହରେ ଏଠାରେ ମୋଟ ମଫସଲ କଟକ ସେ ୮ ଟଙ୍କା ସେ ୧ ଟଙ୍କା ଉଠିଅଛି ।

ଏଠାର ସାଧାରଣ ସ୍ୱାସ୍ଥ୍ୟ ଭଲ ।

ଓଲାଉଠାରେ ଜ ୨ ଣ ମାତ୍ର ମରିବାର ପ୍ରକାଶ ।

ଏଠା ହାଇସ୍କୁଲର ବାବୁ କାର୍ତ୍ତିକଚନ୍ଦ୍ର ସତ୍ପଥୀଙ୍କର ଶେଷ ସାଲରେ ଗତ ମଙ୍ଗଳବାର ସନ୍ଧ୍ୟାରେ ହେଡ଼ମେଷ୍ଟର ପ୍ରିଞ୍ଚିପାଲ ମହାଶୟ ଓ କେତେକ ବିଶେଷ ମେମ୍ବର କରି ନେଇଅଛନ୍ତି ।

ଜଗତସିଂହପୁର ଥାନା ଗୋବରଧନ ଓଡ଼ିଶାର ଜ ୩ ଣ ଲୋକ ସେଠା ଅଧିକ ରାତିରେ ଗୋଟିଏ ଘୋଡ଼ା ନେଇ କରି ମାରି ଖାଇ ଯାଇଥିବା ଅପରାଧରେ ଅଭିଯୁକ୍ତ ହୋଇଅଛନ୍ତି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ, ମୌ। ଚଉଦ୍ୱାରର ଚାଉଳ ପ୍ରଭୃତି ଶସ୍ୟ ଦରଦାମ ସେ ସ୍ଥାନରେ ଟ ୧୪ ରେ ସମ୍ପୂର୍ଣ୍ଣ ଉଲାଇ ହୋଇ ବର୍ତ୍ତମାନ ବିକ୍ରି ହୋଇଥିବାରୁ ଲୋକେ ଅତି କଷ୍ଟରେ ଅଛନ୍ତି । ଗରିବମାନେ ପାଇଥିଲେ ସମସ୍ତ ଏଠାରେ ଜଣେ କାହାକୁ ମିଳିନାହିଁ ଅତଏବ, ସରକାର ସ୍ୱାସ୍ଥ୍ୟ ସାହେବ ନାମ ସମସ୍ତ ଡାକ୍ତରଙ୍କ ସୋଉରେ ଘୋଷଣା କରିବା ଆବଶ୍ୟକ ।

ସମ୍ବଲପୁରର ଗତ ଦଉରାରେ ଗୋଟିଏ ଖୁନ ଏବଂ ଗୋଟିଏ ଡକାୟତି ଥିଲା । ଖୁନର ଅସାମୀ ଖଲାସ ପାଇଲା ଡକାଇତିରେ ଜ ୨ ଣ ମଧ୍ୟରୁ ଜଣେ ସାକ୍ଷୀ ହୋଇ କ୍ଷମା ଓ ଅନ୍ୟ ଜ ୭ ଣ ସପରିଶ୍ରମ ଲେଖାଏଁ କଏଦଦଣ୍ଡ ପାଇଲେ ।

ବାଲେଶ୍ୱରର ଗତ ଦଉରାରେ ୩ଟା ଖୁନ ମକଦ୍ଦମାର ସମସ୍ତ ଅସାମୀ ଖଲାସ ପାଇଲେ । ଗୋଟାଏ ରହଜାନି ଅପରାଧରେ ଜୀବନଦଣ୍ଡ ବୋଲ ୮ ବର୍ଷ ଏବଂ ଏହିପରି ପଦଭ୍ୟାସ ଅପରାଧରେ ମଣ୍ଡେ ଜଣଙ୍କୁ ବ ୪ ର୍ଷ କଏଦ ଦଣ୍ଡ ଦେଇଅଛି ।

ଶ୍ରୀ ଯଶୋବନ୍ତ ସ୍ୱାଇଁ ଅବେଶ ମତେ ଗତ ତା ୨୨ ରଖରେ ସେହି ସାମୟିକରେ ଗୋଟିଏ ସଭା ହୋଇଥିଲା । ହେତୁ ମାତ୍ର ବାବୁ ଗୋପବନ୍ଧୁ ଦାସ ସଭାପତିର କାର୍ଯ୍ୟ କରିଥିଲେ ଏବଂ ଶତାଧିକ ଲୋକ ଉପସ୍ଥିତ ଥିଲେ । ସ୍ୱର୍ଗୀୟ ଶରଚ୍ଚନ୍ଦ୍ରଙ୍କର ଗୁଣମାନ ସ୍ମରଣ କରି ତାହାଙ୍କର ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ଏବଂ ଶରତ୍ଚନ୍ଦ୍ର ପୁତ୍ରଙ୍କ ନିକଟକୁ ସାନ୍ତ୍ୱନା ଓ ସହାନୁଭୂତି ଟେଲିଗ୍ରାମ ପଠାଇବାର ଧାର୍ଯ୍ୟ ହୋଇଥିଲା ।

## ସାଧାରଣ ସମ୍ବାଦ

ଭାରତବର୍ଷର ବଜେଟ ଆଗାମୀ ମାସ ତା ୫ ରଖରେ ବିଲାତ ପାର୍ଲିଆମେଣ୍ଟ ମହାସଭାରେ ଉପସ୍ଥିତ ହେବାର ଧାର୍ଯ୍ୟ ହୋଇଅଛି ମାତ୍ର ପ୍ରଧାନ ମନ୍ତ୍ରୀ ସେକ୍ରେଟାରୀ ଲର୍ଡ ମର୍ଲି ନିମିତ୍ତ ଗୋଟିଏ ଦିନରୁ ଅଧିକ ଦେବାକୁ ଅସମର୍ଥ ଥିବାର ପ୍ରକାଶ କରିଅଛନ୍ତି ।

ଆଗାମୀ ନବେମ୍ବର ମାସରେ ଆମ୍ଭମାନଙ୍କର ବଡ଼ଲାଟ ମହୋଦୟ ଶିମଲାରୁ ଯାତ୍ରା କରି ବୋମ୍ବାଇ ଓ ମାନ୍ଦ୍ରାଜ ପରିଦର୍ଶନ ପୂର୍ବକ ଡିସେମ୍ବର ମାସରେ କଲିକତାକୁ ଆସିବାର ସ୍ଥିର ହୋଇଅଛି ।

ଗତମାସ ତା ୨୩ ରଖ ପ୍ରାତଃକାଳରେ ଶିମଲାଠାରେ ସାମାନ୍ୟ ଭୂମିକମ୍ପ ହୋଇ ଥିବାର ସମ୍ବାଦ ମିଳଇ ।

ବର୍ଲିନ ନଗରରେ ଦୁଇ ଦେଖ ବୈଦ୍ୟୁତିକ ଗାଡ଼ି ଦୌଡ଼ ହେଉଥିବା ସମୟରେ ଗୋଟାଏ ଗାଡ଼ିର କଳ ଫାଟି ଯାଇ ଗାଡ଼ି ଶତିକ ଉଡ଼ାଇ ନେଇ ଅଗ୍ନି ବୃଷ୍ଟି କରତ ମନୁଷ୍ୟଙ୍କ ଭିଡ଼ ମଧ୍ୟରେ ପକାଇଦେଲା । ଏଥିରେ ଜ ୭ ଣ ହତ ଏବଂ ଜ ୩୦ ଣ ଆହତ ହୋଇ ଥିବାର ଜଣାଯାଏ ।

ଅଶାନ୍ତି ଜନକ ଅପରାଧ ହେତୁ ବଙ୍ଗଳାରେ ଦ୍ୱୀପାନ୍ତର ଦଣ୍ଡ ପାଇଥିବା କେତେକ ମଧ୍ୟରୁ ଜଣେ ୧ ୪ ଣ ଏବଂ ଜ ୨ ଣ ୧ ୪ ଣ ଦ୍ୱୀପାନ୍ତର ରହି ବାସସ୍ଥାନରେ ଥିବାଯାଏ ନ ଖାଇବାର ପ୍ରତିଜ୍ଞା କରନ୍ତେ କର୍ତ୍ତୃପକ୍ଷ ବାଧ୍ୟ ହୋଇ ତାଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି । ଧନ୍ୟ ଏହାଙ୍କ ପ୍ରତିଜ୍ଞା ।

ନବାବସ୍ଥିତ ବ୍ୟୋମଯାନବାସ ଲେଥାମ ସାହେବ କାଲେ ଠାରୁ ବାହାରି ଇଂଲିସ ସାଗର ଅତିକ୍ରମ ପୂର୍ବକ ଡୋବର ଠାରେ ପହଞ୍ଚିବା କାରଣ ଗତମାସ ତା ୧୯ ରଖରେ ବାହାରିଥିଲେ । ବକ୍ରନ ଫିଟ ଉଚ୍ଚରେ ଆକାଶମାର୍ଗରେ ଗତ ବମ୍ବାର କରି ୮। ମାଇଲ ବାଟ ଅତିକ୍ରମ କଲା ପରେ କଳ ବିଗିଡ଼ି ଯିବାରୁ ସମୁଦ୍ରରେ ପଡ଼ିଗଲେ । ଅନ୍ୟ ଏକ ଜାହାଜ ତାଙ୍କୁ ଯେଉଁ ଅଛିବ । ସେ କହନ୍ତି ଯେ ଅଧିକ ପରିମାଣ ଜଳ ବାୟୁରେ ଥିବା ହେତୁ କଳ ବିଗିଡ଼ି ଗଲା । ଆକାଶମାର୍ଗରେ ବିଚରଣ କରିବା ବେଲୁନରେ ବାଧା ବହୁ ଅଛି ।

ଗତମାସ ତ ୧୯ ରଖ ସକାଳ ହେବା ପୂର୍ବେ ବାଗ୍ନାନ ଷ୍ଟେସନ ନିକଟରେ ମାନ୍ଦ୍ରାଜ ଡାକ ରେଲଗାଡ଼ିକୁ ଲକ୍ଷ୍ୟ କରି ଜଣେ ବ୍ୟକ୍ତି ଗୁଳିଚାଳି ଥିଲା ଯେ ତାହା ଗାଡ଼ିର ଦେହରେ ନ ବାଜି ରେଲର ଗାର୍ଡଙ୍କ ନିକଟ ଦେଇ ବାହାରିଗଲା । ସେହି ଗାଡ଼ିର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଅନେକ ସାହେବ ଥିଲେ । ଅନ୍ଧାର ଥିବାରୁ ଅସାମିମାନେ ପଳାଇଗଲେ । ପୁଲିସ ଅଦ୍ୟ ତାଙ୍କର ସନ୍ଧାନ ପାଇ ନାହାନ୍ତି ।

ମାସକୁ ଟ ୩୦ ଟାର ଅଧିକ ବେତନ ପାଉ ନ ଥିବା ସରକାରୀ କର୍ମଚାରୀଙ୍କ ଗତମାସ ଅପେକ୍ଷାରୁ ମା ୩ ସ ମୁଦ୍ରତ କରିବା ବନ୍ଦୋବସ୍ତ ସରକାର ମଞ୍ଜୁର କରିଅଛନ୍ତି ।

ପୂର୍ବବଙ୍ଗର ଜ ୬ ଣ ଦେଶୀ ବାଲକ ସରକାରୀ ବିଶେଷ ବୃତ୍ତି ପାଇଅଛନ୍ତି । ସେମାନେ ଏହି ବୃତ୍ତି ଦୁଇବର୍ଷ ପାଇବେ ଓ କଲିକତାର ବେଥୁନ କଲେଜରେ ପଢ଼ିବେ ।

କାର୍ମ୍ମାଇକଲ ପ୍ରଧାନ ଡାକ୍ତର ବା ଡଫ ମେଡ଼ିକଲ ଅଫିସର ଡାକ୍ତର ଏ, ମିନ ସେଠା ଷ୍ଟେଟ ହାଉଜଲ ବା ଧଇବାଇଡ ଜଣେ କେମ୍ବ ହେଉଅଛନ୍ତି । ଏ ହେଲେସ୍ ବ ୨୪ ର୍ଷ ଡାକ୍ତର କରି ଲର୍ଡ କର୍ଜନ୍ ପ୍ରଭୃତିଙ୍କଠାରୁ ସୁଖ୍ୟାତ ଲାଭ କରିଅଛନ୍ତି ।

ଜଣେ ଦୁଇଥର ଯେ ଏକ ବ୍ୟକ୍ତି ଅପଣାର ନାମ ଗୋପନ କରି ସମସ୍ତଙ୍କ ନବାବଙ୍କ ଦ୍ୱାରା ଅଲଗ କରିଲେ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହିଦାତାଙ୍କୁ ଧନ୍ୟ ଏବଂ ଏପରି ଦାତାଙ୍କ ସଂଖ୍ୟା ବଢ଼ିଲେ ଭାରତର ଶିକ୍ଷାର ଅଭାବ ଅଧିକ ଦିନ ରହିବ ନାହିଁ ।

ହାବଡ଼ା କର୍ମଯୋଗ ଛାପାଖାନାର କଚେରି ଜମିଦାର ଶ୍ରୀ ଓ ଶ୍ୟାମଲାଲ ଦାସ ଗାବଲଭା ଓ ବାବୁ ଓ ଗୁରୁଦ୍ୱାର ନାମକ ଦୁଇଖଣ୍ଡ ଅଶ୍ଳୀଳ ପୁସ୍ତକ ଛାପା କରିଥିବା ହେତୁ ପୁଲିସ ବର୍ଜ୍ଜିତ ଗଣ୍ୟ ହୋଇଥିଲେ । ମାଜିଷ୍ଟ୍ରେଟ ଅସାମୀମାନଙ୍କୁ ଦୋଷୀ ସାବ୍ୟସ୍ତ ପୂର୍ବକ ଅର୍ଥଦଣ୍ଡ କରି ଛପା ହୋଇଥିବା ପୁସ୍ତକମାନ ଜୋତ କଲେ । ବମ୍ବାଇନ୍ତ ଅସାମୀପକ୍ଷର ଓକିଲ ଅଶ୍ଳୀଳାଂଶ ପରିତ୍ୟାଗ ପୂର୍ବକ ପୁନର୍ବାର ଉକ୍ତ ପୁସ୍ତକମାନ ଛପା କରିବା ସକାଶେ ଅନୁମତି ପ୍ରାର୍ଥନା କରିଥିଲେ ମାତ୍ର ମାଜିଷ୍ଟ୍ରେଟ ତତ୍ସମ୍ବନ୍ଧେ କୌଣସି ଉତ୍ତର ପ୍ରଦାନ କଲେ ନାହିଁ ।

ନାଦଚାନ୍ଦଲ ଧଳପଡ଼ା ନାମରେ ଏ ଗଡ଼ରେ ସର ରତ ଲଘୁମ ବର୍ଜନ ବାଲିର ମହୋଦୟଙ୍କ ହତ୍ୟା ହେତୁ ମୋକଦ୍ଦମାର ବିଚାର ଆରମ୍ଭ ହୋଇଅଛି । ଅସାମୀ ଗତ ଜାନୁଆରୀ ମାସରୁ ବନ୍ଧୁକ ଧରି ତାହା ଚଳାଇବାର ଶିକ୍ଷା କରୁଥିବା ବିଷୟରେ ମୁଚ୍ଲେକା ପକ୍ଷରୁ ପ୍ରମାଣ ଦିଆଯାଇଅଛି । ହତ୍ୟା ( Murder ) ଶବ୍ଦ ଦ୍ୱାରା ଅସାମୀ ଅସତ୍ତ୍ୱ କରି ଦେଶହିତୈଷୀ ଥାଇ ଆପେ ସେଥିପାଇଁ ଏମିତି କାର୍ଯ୍ୟ କରିଥିବାର ପ୍ରକାଶ କଲା ଏବଂ କହିଲା ଯେ ମୃତବ୍ୟକ୍ତିର ହତ୍ୟା ସମ୍ପୂର୍ଣ୍ଣରୂପେ ଯୁକ୍ତିସଙ୍ଗତ ଅଟଇ କାରଣ ଜର୍ମାନମାନେ ଇଂଲଣ୍ଡକୁ ଆସିଲେ ଇଂରେଜମାନେ ଠିକ ଏହିପରି କରିଥାନ୍ତେ ।

ଉତ୍କଳବାସିମାନେ ବହୁସଙ୍ଖ୍ୟରେ ଚିଫ୍‌କୋର୍ଟ ପରିବର୍ତ୍ତେ ହାଇକୋର୍ଟ ସ୍ଥାପନ କରିବା କାରଣ ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟାରୀଙ୍କ ନିକଟ ଆବେଦନ କରିଅଛନ୍ତି । ହାଇକୋର୍ଟର ଜଜ ସମ୍ରାଟଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି ମାତ୍ର ଚିଫ୍‌କୋର୍ଟର ଜଜ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରନ୍ତି । ସୁତରାଂ ହାଇକୋର୍ଟର କ୍ଷମତା ଏବଂ ସ୍ୱାଧୀନତା ଅବଶ୍ୟ ଚିଫ୍‌କୋର୍ଟଠାରୁ ଅଧିକ ଜମି ସମ୍ବନ୍ଧୀୟ କଲଡ଼ ଦ୍ୱାରା ଗବର୍ଣ୍ଣମେଣ୍ଟ ଦେବାର ଅଧିକ । ତାର କ୍ଷମତା ଖର୍ବ କରିବାକୁ ଚେଷ୍ଟିତ ଥିବା ହେତୁ ଏ ପରିବର୍ତ୍ତନ ଅଧିକ ପ୍ରୟୋଜନୀୟ ଅଟେ ମଧ୍ୟ ବର୍ତ୍ତମାନ ଚିଫ୍‌କୋର୍ଟରେ ୧୪ ଲକ୍ଷ ଟଙ୍କା ଆୟ ହୋଇ ଖର୍ଚ୍ଚ ବାଦ ୬ ଲକ୍ଷ ଟଙ୍କା ଉଦ୍‌ବୃତ୍ତ ହେଉଅଛି । ଏହି ଟଙ୍କାରେ ଅତିରିକ୍ତ ଜଜ ନିଯୁକ୍ତ କରିବାର ବାକି ପଡ଼ିଥିବା କାର୍ଯ୍ୟମାନ ନିଷ୍ପତ୍ତି ପାଇ ପାରିଲେହେଁ । ଅପେକ୍ଷା ହାଇକୋର୍ଟ ସ୍ଥାପିତ ହେବା ସର୍ବତୋଭାବେ ବାଞ୍ଛନୀୟ । ଉତ୍କଳବାସିଙ୍କ ବାସନା ସଫଳ ହେଉ ଆମ୍ଭେମାନେ ଏହେ କାମନା କରୁଅଛୁଁ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ନନ୍ଦନ ସିଂହ | ନରସିଂହପୁର | ଟ ୨ଙ୍କା |
| " ଜଗନ୍ନାଥ ରାଓ | କୋଠ | ଟ ୲ |
| " ସନାତନ ଦାସ | ପଟାମୁଣ୍ଡାଇ | ଟ ୲ |
| " ଅୟୋଧ୍ୟା ବ୍ରଜବନ୍ଧୁ ଦାସ | ସରୁପଦା | ଟ ୲ |
| ମୁନ୍ସି ଖାଜଲମହମ୍ମଦ ବୁଦ୍ଧିଗିର | | ଟ ୲ |
| ବାବୁ ଶ୍ରୀ ପ୍ରେମାନନ୍ଦ ଅଣନା | ପାନପୋଷ | ଟ ୲ |
| " ସାଧୁଚରଣ ସାହୁ | ସଙ୍ଗନ | ଟ ୲ |
| " ହେମ ସାହୁ | କଟକ | ଟ ୨ |
| " ଗଦାଧର ନାୟକ | ଶୋଚୟା | ଟ ୨ |
| " ଦଶହିଲଦାର ଜଜଗେଧ | କଟକ | ଟ ୲ |
| " ବ୍ରହ୍ମମୋହନ ପଣ୍ଡା | ଜଗତସିଂହପୁର | ଟ ୨ |

Digitized by srujanika@gmail.com
Split by PDF Splitter

Split by PDF Splitter



### ପତ୍ରପ୍ରେରକଙ୍କ ପ୍ରତି ।

କେହି—ନାମ ଧାମ ପତ୍ରରେ ଲେଖା ନ ଥିବା ବ୍ୟକ୍ତିର ପତ୍ର ମୁଦ୍ରିତ ହୁଏ ନାହିଁ ।

ଶ୍ରୀ ଶ୍ୟାମସୁନ୍ଦର ମହାନ୍ତି—ଅମରେ ଅନ୍ୟାନ୍ୟ ସମ୍ବାଦପତ୍ରରେ ପ୍ରକାଶିତ ବିଷୟର ପୁନର୍ମୁଦ୍ରଣ ଉଚିତ ମନେ କରୁ ନାହିଁ । ଆପଣଙ୍କ ପତ୍ର ପାଇଲେ ପ୍ରକାଶ କରି ପାରୁ ।

ଦାଶମ ମେଖ ଓ ଆଉ ଜଣେ—ପ୍ରଶ୍ନ ଦୋଷ ଏକ ପ୍ରକାର ହେବାରୁ ଉପେକ୍ଷିତ ହେଲା ।

ଶ୍ରୀ ଶଙ୍କର ମିଶ୍ର—ଆପଣ ପାଠରେ ଯଥା ବାଧ୍ୟ ଅନ୍ୟର ଦୋଷ ଧରି ସାହିତ୍ୟ ଓ ସଙ୍ଗୀତ ବ୍ୟବସାୟ ପ୍ରାଚୀନ ସାହିତ୍ୟର ଚର୍ଚ୍ଚା ହେବାର ପ୍ରମାଣ ନାହିଁ ବୋଲି ଲେଖିଅଛନ୍ତି । କିନ୍ତୁ ବର୍ତ୍ତମାନ ସଭା ଗୁଡ଼ିକ ସମ୍ପର୍କରେ ପ୍ରାଚୀନ ହେଲେ ମଧ୍ୟ ପ୍ରାଚୀନ ହୋଇ ନାହିଁ । ଏଥି ଲେଖକ ବନ୍ଧୁ କରି ଲୁହି ପାରନ୍ତି । ପୂର୍ବେ ସାହିତ୍ୟ ଓ ସଙ୍ଗୀତଜ୍ଞ ବ୍ୟକ୍ତିମାନେ ସାଧାରଣଙ୍କ ଗାରିମା ହୋଇଥିଲେ । ଏହି କଥାର ବିଶ୍ୱାସ ନ ?

### ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

TO THE EDITOR OF UTKAL DIPIKA.

Sir,

I beg to state that since the last April the grants of the most of M. E. and M. V. Schools are in abeyance pending their fresh renewal. I think though nearly four months have elapsed still the papers are not yet ready to be placed on the table of the District Board for approval. Highly paid officers will deem it a great hardship to have their pay stopped for a month and now fancy the condition of the poor ill-paid teachers. Some of whom are paid less than the remuneration granted to a sweeper or a mail runner and whose prospects are gloomy than that of a village Chaukidar and less lucrative than a village carpenter or a brick layer. These are the persons on whom we have entrusted the life of the coming generation and I cannot understand how sincerely they are working all the while under such starved condition. I most humbly and respectfully beg to draw the kind and prompt attention of the authorities (both educational and of the District Board) to the matter.

Further I am very sorry to say that authorities suspend and deduct the grants of the aided schools for slightest causes and trifle irregularities even without hearing any thing in defence and also their dealings with these institutions are very unsympathetic. Frequent suspensions of grants of the aided schools, instead of doingany good strikes heavily on their very stability and retard their progress and I earnestly pray that such suspensions and deductions ought to be discontinued. They are very dangerous weapons and they ought not to be used so often and so hastily by the authorities. Government pouring money like waters on the wretched thatchings of the U. P. and L. P. Schools (of course I do not grudge that) but unfortunately they have closed their purse strings very tightty for these much deserving institutions. M. E. and M. V. Schools are of much value to the cause of education especially in the backward Orissa as H. E. Schools in engal and so they must not be roughly handled in every matter. They richly deserve a sympathetic and courteous treatment from the hands of the authorities.

I trust my humble appeal will evoke due and sympathetic response from the quarters concerned.

Yours truly
Gopal Prosad Singh
Rambag Jajpore S. Dn.
27—7—09.

ମହାଶୟ,

ଝଙ୍କଡ଼ ପ୍ରଗନ୍ନା ଅନ୍ତର୍ଗତ ଉତ୍କୋଳ ଗ୍ରାମବାସୀ ସମ୍ଭ୍ରାନ୍ତ ବ୍ୟକ୍ତିଗଣ ବହୁଦିନରୁ ଗୋଟିଏ ଅପର ପ୍ରାଇମେରୀ ସ୍କୁଲ ସ୍ଥାପନ କରିବାର ଉଦ୍ୟୋଗୀ ହୋଇ କୃତକାର୍ଯ୍ୟ ହୋଇ ନ ଥିଲେ ଶ୍ରୀ ବୃନ୍ଦାବନ ମହାନ୍ତି ଶିକ୍ଷକ ଗ୍ରାମବାସିଙ୍କ ସାହାଯ୍ୟରେ ଛାତ୍ରମାନଙ୍କ ପ୍ରେରଣାରେ ଗୋଟିଏ ନିମ୍ନ ପ୍ରାଇମେରୀ ସ୍କୁଲ ସ୍ଥାପନ କରି, ଦୁଇବର୍ଷ ମଧ୍ୟରେ ନିମ୍ନ ପ୍ରାଇମେରୀ ବୃତ୍ତି ପରୀକ୍ଷାକୁ ଛାତ୍ର ଯୋଗାଇଥିଲେ; ପରୀକ୍ଷାର୍ଥୀ ଛାତ୍ର ଶ୍ରୀ ଯଦୁପତି ମହାପାତ୍ର ଗତ ଜାନୁଆରୀ ମାସଠାରୁ ମାସିକ ୮ ୵ ୧ ଙ୍କା ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

ଗଣ୍ଡାବ ଶିକ୍ଷକ ସେହି ନିମ୍ନପ୍ରାଇମେରୀ ସ୍କୁଲଟିକୁ ଗତ ଜାନୁଆରୀ ମାସଠାରୁ ଅପରପ୍ରାଇମେରୀ ସ୍କୁଲରେ ପରିଣତ କରି ଗ୍ରାମବାସୀ ଓ ସ୍ୱଗ୍ରାମସ୍ଥ ସମ୍ଭ୍ରାନ୍ତ ଜଣଙ୍କର ଆଂଶିକ ସାହାଯ୍ୟରେ ନିଜ ଅର୍ଥବ୍ୟୟ ଓ ବହୁକଷ୍ଟରେ ଗୋଟିଏ ନୂତନ ଗୃହ ନିର୍ମାଣ କରି, ସ୍କୁଲ ସ୍ଥାପନ କରିଅଛନ୍ତି ଏବଂ ଗତ ଏପ୍ରିଲ ମାସଠାରୁ ଜିଲ୍ଲା ବୋର୍ଡ଼ ଏହି ସ୍କୁଲକୁ ମାସିକ ୮ ୨ ୧ ଙ୍କା ସାହାଯ୍ୟ ପ୍ରଦାନ କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

ଶିକ୍ଷକଙ୍କର କ୍ଲେଶପ୍ରତି ଈଶ୍ୱରଙ୍କ କୃପାରେ ଜିଲ୍ଲା ଡେପୁଟି ଇନସ୍ପେକ୍ଟର ମହୋଦୟ ଓ ଜିଲ୍ଲା ବୋର୍ଡ଼ ଯେ ଧନସ୍ତବ ପ୍ରଦାନ କରୁଅଛନ୍ତି ତଦନୁସାରେ ଶିକ୍ଷକ ମହାଶୟ ଗ୍ରାମବାସିମାନଙ୍କ ଅନୁରୋଧ କରନ୍ତି ଯେ ସ୍କୁଲର ସ୍ଥାୟୀତ୍ୱ ପକ୍ଷେ ଯତ୍ନବାନ୍ ହେଲେ ତାହା ବହୁଦିବସ ଚଳିବ ଓ ବିଦ୍ୟାଳୟ ପ୍ରତି ଉତ୍ସାହ ଦେଲେ ବାଳକମାନଙ୍କର ମୂର୍ଖତା ଦୂର ହେବ ।

ବଶମ୍ବଦ

ତା ୨୧।୭।୦୯ } ଶ୍ରୀ ମାୟାଧର ମହାପାତ୍ର
ଉତ୍କୋଳ } ଉତ୍କୋଳ ଉଃ ପ୍ରାଃ ସ୍କୁଲ
ମେମ୍ବର ।

ମହାଶୟ !

୧ମ । ଇତିପୂର୍ବେ ସାନ୍ଥ କ୍ଷେପଣ ଅଦାଲତରେ ଖାତକ ନାମରେ ଯେ ନାଲିଶ ଅର୍ଜି ଦାଏର କରୁଥିଲେ ତାହା କେବଳ ମହାଜନ ଟୋଲ ଷ୍ଟାମ୍ପ ଲାଗୁଥିଲା । ମାତ୍ର ସମ୍ପ୍ରତି ଉକ୍ତ ନିୟମ ରହିତ ହୋଇ ସାନ୍ଥଙ୍କ ବଧ୍ୟମତ ଓକିଲଙ୍କ ନାମ ଓ ପତ୍ର ଦେବାକୁ ପଡ଼ୁଅଛି । ବାସ୍ତବ ଖର୍ଚ୍ଚ ଖାତକଠାରୁ ପାଇଲେହେଁ ସନ୍ଥଙ୍କ ଅର୍ଜି ଦାଏର କରିବା ଯେମନ୍ତ ବ୍ୟୟ ସାପେକ୍ଷ, ଖାତକଙ୍କୁ ଖର୍ଚ୍ଚାର ତେମନ୍ତ ଅସହ୍ୟ ହୋଇ ପଡ଼ୁଅଛି । ଦ୍ୱିତୀୟ ସ୍ଥଳରେ ଯଥାସାଧ୍ୟ ବ୍ୟୟରେ ଉକ୍ତ କାର୍ଯ୍ୟ ସମ୍ପନ୍ନ ହେଉଥିବା ସ୍ଥଳେ ସମ୍ପ୍ରତି ନବ ପ୍ରଚଳିତ ନିୟମ କେତେଦୂର ଯୁକ୍ତିଯୁକ୍ତ ତାହା ହାକିମଙ୍କୁ ଅବଗତ ନାହିଁ । କେବଳ ଓକିଲ ଗ୍ରାହକର ପୃଥିବୀର ମାତ୍ର ଯେଉଁ ଖାତକ ସୁଲକ୍ଷିତ ଦସ୍ତାବିଜର ସର୍ତ୍ତ, ଗାନରା ବଣରେ ପ୍ରତି ପାଳନ କରି ନ ପାରିବାରୁ ସାନ୍ଥ ତା ପ୍ରତି ବିରକ୍ତ ହୋଇ ଅଦାଲତ ଆଶ୍ରୟ ନେଲେ ସେହି ବ୍ୟକ୍ତି ଉପରେ ଖର୍ଚ୍ଚା ଉପରେ ଖର୍ଚ୍ଚା ଲଦିବା କେଉଁ ଉପରେ ଭଲଛାଦନ ଦେନା ? ଭରସା କରୁଁ କର୍ତ୍ତୃପକ୍ଷ ଏହାର ପୁନର୍ବିଚାର କରିବେ ।

୨ୟ । ଗବର୍ଣ୍ଣମେଣ୍ଟ କର୍ତ୍ତୃକ ଜାୟଗିର ପ୍ରାପ୍ତ ପଟ୍ଟାଧାରୀମାନେ ଇତିପୂର୍ବରୁ କାର୍ଯ୍ୟରତ ହୋଇ ଉକ୍ତ ଜାୟଗିର ଜମି ଉପରେ ଜମାବନ୍ଦ ହୋଇ ଯାଇଅଛି । ପୁରୁଷାନୁକ୍ରମେ କାର୍ଯ୍ୟକାରୀ ହୋଇ ଆସୁଥିବା ପଟ୍ଟାଧାରୀମାନଙ୍କୁ ଭୂତ ପୂର୍ବ କମିଶନର ମହୋଦୟ "ଭୂମ୍ୟାଦିଙ୍କ ( Maintenace of Records ) ମେଣ୍ଟେନେନସରେକର୍ଡ଼ର ପଦରେ ନିଯୁକ୍ତଙ୍କୁ ଗ୍ରହଣ କରାଯିବ" । ଅଥ ଦେଇଥିଲେ । ସମ୍ପ୍ରତି ଉକ୍ତ ରେକର୍ଡ଼ର କାର୍ଯ୍ୟ ଅଣ୍ଟା ଖାଲି ହେବାର ସମ୍ଭାବନା । ସୁତରାଂ ଏପରି ସ୍ଥଳେ ଏମାନଙ୍କ କାର୍ଯ୍ୟରେ ଗ୍ରହଣ କରାଯିବା ସଙ୍ଗତୋଚିତ ବାଞ୍ଛନୀୟ । ଶୁଣାଯାଏ ସୁପ୍ରସ୍ତୁ ଗବର୍ଣ୍ଣମେଣ୍ଟ ଏହି ଅଭିମତ ପ୍ରସ୍ତାବ କରିଥିଲେ ଯେ "ପ୍ରେସିଡେଣ୍ଟମାନଙ୍କ ନିକଟରେ ଚଳିତ ବନ୍ଦୋବସ୍ତର ସର୍ଭେ ଓ ସେଟଲମେଣ୍ଟ ଅଫିସରେ କାର୍ଯ୍ୟକରିଥିବା ବ୍ୟକ୍ତିମାନଙ୍କ ମୋହରର ସ୍ୱରୂପ ନିଯୁକ୍ତ କରାଯିବ" । ଅତଏବ ପ୍ରେସିଡେଣ୍ଟମାନେ ସ୍ୱ ଜୁରିସଡିକ୍ସନ ଅନ୍ତର୍ଗତ ଉଲ୍ଲିଖିତ ସୁଯୋଗ୍ୟ ବ୍ୟକ୍ତିମାନଙ୍କୁ ମନୋନୀତ କରି ଉପରସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବଡ଼ା ପ୍ରଜା ଉଭୟ କୂଳର ଓ ନୈସର୍ଗ୍ୟ ଜନିତ କାର୍ଯ୍ୟରତ ପଟ୍ଟାଧାରୀଙ୍କର ମଙ୍ଗଳ ହେବାର ଅନେକ ବଳରେ ଆଶା କରା ଯାଇପାରେ । ଇମଧ୍ୟତଂ ।

ତା ୧୮।୭।୦୯ } ଜନୈକ ପ୍ରଜାହିତୈଷୀ ଉଚ୍ଚପଦସ୍ଥ
ଜଗତସିଂହପୁର କଟକ

Digitized by srujanika@gmail.com

# ନୀଲାମୀଇସ୍ତାହାର

ନଂ ୪୯୩ ମକ ଓ ୫ ଜାନ ସନ ୧୯୦୯ ମସିହା କଟକ ମହାମ ୨ୟ ମୁନସଫି ଅଦାଲତ।

ବାଳକୃଷ୍ଣ ଷାହୁ । ସା । ଡାକୁପୁର । ପ୍ର । ସୁପଡ଼ା ଡିକ୍ରୀଦାର

( ବନାମ )

ବଦମାଲୀ ଭାଟ୍ଟଗୋଇ ଓଗେର । ସା । ଧର୍ମ୍ମଗଡ଼ପୁର । ପ୍ର । ସୁପଡ଼ା ଦେଣଦାରମାନେ

ଡିକ୍ରୀଦାରଙ୍କ ପାଉଣା ଜରଭଗ୍ନୀ ଓଗେର ଟ ୧୬୧୧୷୬ ଅଦାୟ ସକାଶେ ଦେଣଦାର ମାନଙ୍କର ଥିବା ଥାନା ସାଲେପୁର । ପ୍ର । ସୁପଡ଼ା । ମୌ । ଧର୍ମ୍ମଗଡ଼ପୁରରେ ଥିବା ଦେଣଦାର ମାନଙ୍କର ଯାହା ସ୍ୱତ୍ୱବାନ୍ ମା ୨.୧୯୷୬ ଲୁ ଏ ୨—୯୦୩ ଓ ୫ ଲୁ ଜମା ଟ ୧୨୧ କା ସନ ୧୯୦୯ ମସିହା ଅଗଷ୍ଟ ମାସ ତା ୧୬ ଋଖରେ ଏ ମୋକଦମାରେ ନିଲାମ ହେବ ଉକ୍ତ ସମ୍ପତ୍ତି ର ଅନୁମାନିକ ମୂଲ୍ୟ ଟ ୧୦୦୧ କା

ନଂ ୧୧୧୮ ମକ । ସା । ସନ ୧୯୦୬

ନଂ ୩୦୭୫ ମକ ସନ ୧୯୦୫

କଟକ । ମୁ । ପ୍ରଥମ ମୁନସଫଙ୍କ ଅଦାଲତ

୧ ଜୟନାରାୟଣ ପୁଥାଲ ଓ ୨ ମଣ୍ଡିନ୍ଦ୍ରନାରାୟଣ ପୁଥାଲ ଓ ୩ ସତ୍ୟେନ୍ଦ୍ରନାରାୟଣ ପୁଥାଲ ନାବାଳଗମାନଙ୍କର ଅବସ୍ଥାବକ ଗୁଣ୍ଡିଚା ଶରଣ ପୁଥାଲ ଓ ୪ ଶରଣ ପୁଥାଲ ଓ ୫ ଟାଙ୍ଗାଲି ପୁଥାଲ । ସା । ସାହାଜ ପଟଣା । ପ୍ର । ରେମୁଣା ଡିକ୍ରୀଦାର ।

ବନାମ

୧ ରାଧିକାନନ୍ଦ ମଲ୍ଲିକ ସାବାଳଗ ଓ ୨ ସଚ୍ଚିଦାନନ୍ଦ ମଲ୍ଲିକ ଓ ୩ ବ୍ରଜନନ୍ଦନ ମଲ୍ଲିକ ନାବାଳକମାନଙ୍କର ବଳାତ ଏ ଅବସ୍ଥାବକ ରାଧାନନ୍ଦ ମଲ୍ଲିକ ଓ ୪ ଗଗନଚନ୍ଦ୍ର ମଲ୍ଲିକ ନାବାଳଗର ଅଭିଭାବକ ବାବୁ ଜଗନ୍ନାଥବନ୍ଧୁର ସ୍ତ୍ରୀ ତାରକ ତାନର । ସା । ସାହାଜ ପଟଣ ପ୍ର । ରେମୁଣା ଦେଣଦାର।

ଏ ମୋକଦମାର ପାଉଣା ଟଙ୍କା ଅଦାୟ ସକାଶ ଦେଣଦାରମାନଙ୍କର ତଳଲିଖିତ ସମ୍ପତ୍ତି ସନ ୧୯୦୯ ମସିହା ଅଗଷ୍ଟ ମାସ ତା୧୬ ଋଖେ ନିଲାମ ହେବ ।

ତପସିଲ

ବାଲେଶ୍ୱର ଜିଲ୍ଲା କଲେକ୍ଟରୀ ଓ ସବରେଜିଷ୍ଟ୍ରୀର ଇଲାକାର । ପ୍ର । ମୂଲଗାଁ ନଂ ୨୧୩ ମକ ତଉଜିଭୁକ୍ତ । ଗା । ଧାଡ଼ା ଜମିଦାର ଏ ତହିଁର ସାବକ ସଦର ଜମା ଟ ୨୨୦/୯ ଓ ହାଲ ସଦର ଜମା ଟ ୧୦୨୨ କା ଅଟେ ତହିଁ ମଧ୍ୟରୁ । ୯ । ୧୦ । ମଧ୍ୟରୁ । ୨ । ୯୦ ୷ ଲୁ ମଧ୍ୟୋଟ ସାବକ ସଦର ଜମା ଟ ୯୦ ୧ ୨୷୬ ଓ ହାଲ ମଧ୍ୟୋଟ ସଦର ଜମା ଟ ୧୨୭୷୬ ହେଉଅଛି ଉକ୍ତ । ୨ । ଟ ୦ ୷ ଅଂଶ ଜମିଦାରୀ ମଧ୍ୟ ତହିଁର ଭାବଗୟ ସବୁ ସ୍ୱତ୍ୱ ସହିତ ବନ୍ଧକ ଅଛି ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୨୭୦ କା

—※—

ନଂ ୧୬୧ ମକ ଉଜାନାସୀ ସନ ୧୯୦୯ ମସିହା

କଟକ । ମୁ । ସବାର୍ଡ଼ିନେଟ ଜଜସାହେବଙ୍କ ଅଦାଲତ

୧. ଭୁଗତେ ଅପଡା ଓ ୨ ଭୁଗତେ ଗୋମତୀ, ସା । ହାଲ ଦେଓ୍ୱାନ ବଜାର କଟକ ଡିକ୍ରୀଦାର

ବନାମ

। ତ । ଯଦୁମଣି ଦାସ । ସା । ଭଙ୍ଗାରପୁର ପ୍ର । ହୋଠଦେଶ ଦେଣଦାର ଏ ମୋକଦମାର ପାଉଣା ଟଙ୍କା ଦେଣଦାରଙ୍କର ତଳଲିଖିତ ସମ୍ପତ୍ତି ସନ ୧୯୦୯ ମସିହା ଅଗଷ୍ଟ ମାସ ତା ୧୬ ଋଖେ ନିଲାମ ହେବ ।

ତପସିଲ ସମ୍ପତ୍ତି

କଟକ ଜିଲ୍ଲା ଜଗତସିଂହପୁର ସବରେଜିଷ୍ଟ୍ରୀର ଇଲାକାର । ପ୍ର । ସାଇବର ନଂ ୨୮୧୬ ମକ ତଉଜି । ବା । ଗା । ସାଠବର ଜମିଦାରୀ ଏ ତହିଁର ମୋଟ ସଦର ଜମା ଟ ୨୨୭୯୮ କା ମଧ୍ୟରୁ ଦେଣଦାରଙ୍କ ଅଂଶ ନୁମଲଗୁ । ୨ । ଟ ୦ ୧ ୭ ପାହିଲୁ ମଧ୍ୟୋଟ ସଦର ଜମା ଟ ୭୧୨୷ ରେ ହେଉଅଛି ଉକ୍ତ ।୨। ଜମିଦାରୀ ମଧ୍ୟ ତହିଁର ସର୍ବପ୍ରକାର ସ୍ୱତ୍ୱ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୦୦୦ କା ।

କଟକ । ମୁ । ପ୍ରଥମ । ମୁ । ଅଦାଲତ

ସନ ୧୯୦୯ ମସିହାର ନଂ ୬୫୫ ମକ ଓ ୫ ମୋକଦମା ।

ସାହୁଚରଣ ପଣ୍ଡା ଓଗେର । ସା । ଅଯୋଧ୍ୟାପୁର । ପ୍ର । ବାଲୁବିଶି ବାଦୀ ଓ ୫ ମାଦେ

( ବନାମ )

ଦାମୋଦର ବସୋଇ । ସା । ସାଠପୁରୁଷୀ । ପ୍ର । ପାଏକା ପ୍ରତିବାଦୀ ୫ ଦେ ୫

ମୋଟ ଜରଭରୀ ଟ ୨୫୷୩ କା ପାଉଣା ଅଦାୟ ସକାଶେ ନିମ୍ନଲିଖିତ ବନ୍ଧକୀ ସମ୍ପତ୍ତି ତା ୧୬।୮।୧୯୦୯ ଋଖେ ନିଲାମ ହେବ ।

୧ । ଥ : ପୁ : ସାଲେପୁର ଓ ସବରେଜିଷ୍ଟ୍ରୀର ସଦର କଟକ ଅନ୍ତର୍ଗତ । ପ୍ର । ପାଏକା । ଗା । ପଦ୍ମନାଭପୁର । ମୌ । ଇଶାଣୀ ବ୍ରହ୍ମପୁର ନଂ ୨୬୨୩ ମକ ତ : ଭୁକ୍ତ ନ '୬' ମକ ସେ : ବାବଦ ପ୍ରତିବାଦୀ ମଜଲୁରର ନିଜଦଖଲ ସ୍ୱତ୍ୱ ବାନ୍ ଥାନା ଏ ୦-୨୮ ଓ : ଲୁ ମା ୦।୧୯୭ ଦଶା ତହିଁର ସାଲିଆନା ଅଦାୟ ଜମା ଟ ୨।୷ ଅଟେ ଉକ୍ତ ଭୂମି ଏ ମୋକଦମା ଡିକ୍ରୀରେ ଅବନ୍ଧ ଅଛି ତହିଁର ଅ : ମୂ : ଟ ୪୦ କା ଅଟେ ନିଲାମ ହେବାର

ନଂ ୪୫୬ ମକ ଓ ୫ ସନ ୧୯୦୯ ମସିହା ।

କଟକ ମୁହାମ ୨ୟ ମୁନସଫଙ୍କ ଅଦାଲତ

ସୁନ୍ଦର ସେଠି । ସା । ଶରଗାଙ୍ଗ । ପ୍ର । ସୁଙ୍ଗଡ଼ା ଡି:

ଓଜାଲ୍ ବଳ ଓଗେର ଦେ:

ଡିକ୍ରୀଦାରର ପାଉଣା ଡିକ୍ରୀ ଓଗେର ଟଙ୍କା ଅଦାୟ ସକାଶେ ପ୍ରତିବାଦୀମାନଙ୍କର ନିମ୍ନଲିଖିତ ସମ୍ପତ୍ତି ସନ ୧୯୯୦ ମସିହା ଅଗଷ୍ଟମାସ ତା ୧୬ ଋଖେ ନିଲାମ ହେବ ।

। ଛ । କଟକ ଫୁଲ୍ଲସଙ୍କେଷନ ଓ ସବରେଜିଷ୍ଟ୍ରୀର ମୁହାମ ସାଲେପୁର । ପ୍ର । ଜଏପୁର ନଂ ୨୨୯୬ ମକ । ମୌ । ସାହାପୁର ଖାରଜ ଦାଖଲ । ମୌ । ମିର୍ଯ୍ୟାନଗର । ପ୍ର । ଅଲତି ନଂ ୮୪୩ ମକ ତଉଜି ନଂ ୨୫୪ ମକ ସିଭ୍ରମ ବାବଦ ଲଖରାଜବାସ୍ତୁ ଏ ୦-୧୭ ଲୁ ବାସ୍ତୁ ଜମା ଟ ୦୷୯ ଅଟେ ଆନୁମାନିକ ମୂଲ୍ୟ ଟ ୧୦୧ କା

ନୂତନ ଡିଟେକ୍ଟିଭ ଉପନ୍ୟାସ ! ନୂତନ ଡିଟେକ୍ଟିଭ ଉପନ୍ୟାସ !! ନୂତନ ଡିଟେକ୍ଟିଭ ଉପନ୍ୟାସ !!!

## ପୁଲୀଶ କୌଶଳ ।

ମୂଲ୍ୟ—ଟ ୦ ୷

ଡାକ ମାସୁଲ ସ୍ୱତନ୍ତ୍ର ।

ଷଣ୍ଡ୍ରେଏ ବହି ଓ ୫ ପଁ ୫ ସ୍ୱାସ୍ଥ୍ୟ ନେବା ଅପେକ୍ଷା ଟ ୦ ୷ ୭ ମୂଲ୍ୟର ଭାଲ୍ୟୁପେବଲ ପଠାଇବା ନେତାଙ୍କର ପକ୍ଷେ ସୁବିଧାଜନକ ।

ଶ୍ରୀ ଉପେନ୍ଦ୍ରକୁମାର ଗୁପ୍ତ ପ୍ରଣୀତ ।

ଭୀଷଣ ହତ୍ୟାକାଣ୍ଡ ! ଲୋମହର୍ଷଣ ବ୍ୟାପାର ! ତଳନ୍ତ ଗାଡ଼ୀ ଭିତରେ କପରି କୌଶଳରେ ଜଣେ ଦୁଷ୍ଟଲୋକ ଡିଙ୍କୁ ଖୁନ କରି ଟଙ୍କା କାଗଜପତ୍ରରେ ଲୁଟିନେଲା ଏବଂ ସେ ଦସ୍ୟୁକୁ ଗ୍ରେପ୍ତାର କରିବାପାଇଁ ଠଗ ପୁଲୀଶର ଡାଗେଗାମାନେ କରୂପେ ଅପଣା ଜୀବନକୁ ବିପଦ୍ଗ୍ରସ୍ତ କରି ଲୁଚିର ପରିଚୟ ଦେଇ ତାହାକୁ ଗ୍ରେପ୍ତାର କରିଥିଲେ, ସେ ସମସ୍ତ ଅତି କୌଶଳର ସହିତ ଲଖିତ ହୋଇଅଛି । ପୁସ୍ତକ ଖଣ୍ଡି ପଢ଼ିବାକୁ ଆରମ୍ଭ କଲେ ଶେଷ ନ ହେବା ପର୍ଯ୍ୟନ୍ତ ମନ ହେବରେ ଶାନ୍ତ ହେବ ନାହିଁ । ଘଟନା ଗୁଡ଼ିକ କି କ ଜାଣିବାପାଇଁ ମନ ଉତ୍କଣ୍ଠିତ ହେବ । ଇତି ।

ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନ ଓ କଟକର ଅନ୍ୟାନ୍ୟ ପୁସ୍ତକାଳୟ ଏବଂ ଗ୍ରନ୍ଥକାର—ଶ୍ରୀ ଉପେନ୍ଦ୍ରକୁମାର ଗୁପ୍ତ ଗଣେଶ ଘାଟ, ପୋଷ୍ଟ ଅ ୫ ଶୁକ୍ଳଗ୍ରୋବ କଟକ.

Split by PDF Splitter

Digitized by srujanika@gmail.com

Split by PDF Splitter



## NOTICE

Wanted an English knowing accountant on a salary of Rs 20 per mensem for this office. Preference will be given to one who has sufficient knowledge in official business, mostly in account matters. Applications will be received by the 20th August next.

Raj office Pal Lahara 28—7—09 } Raja and Feudatory Chief of Pal Lahara

---

In the Court of the District Judge of Cuttack.

Notice is hereby given, under Clause (2) Section 12 of the Provincial Insolvancy Act III of 1907 to all concerned that the petition filed by Uday Chand De of Barbati, Ph. Sunhat District Balasore, to be declared, insolved, has been admitted and registered as Miscellaneous Case No. 5 of 1909 and that the 30th day of August, 09 has been fixed for hearing thereof.

Persons desiring to be represented in the matter should attend in person or by duly instructed pleaders on that day. The particulars of date alleged in the petition to be due are as follows :—

| | | |
|---|---|---|
| 1. | Srimati Monmohini Dasi | Rs. 350 |
| 2. | Paramiswar Biswal | Rs. 250 |
| 3. | Raghunath Parida | Rs. 100 |
| 4. | Biswanath Parida | Rs. 300 |
| 5. | Bhagu Barik, | Rs. 200 |
| 6. | Tillottama Dibya | Rs. 250 |
| 7. | Chou Jajan Prosad Das | Rs. 100 |
| 8. | Srimati Rahasmoni Dasi | Rs. 400 |
| 9. | Jaganath Satpasti | Rs. 900 |
| 10. | Purastam Bardhan | Rs. 100 |

L. C. ADAMI.
District Judge.
2—8—09.

---

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଆ ଯାଉଅଛି ଯେ, ଅମ୍ଭେ ଅରୁଣୋଦୟ ପ୍ରେସର କମ୍ପୋଜିଟର କାର୍ଯ୍ୟ ଛାଡ଼ି "ଉତ୍କଳୋଦୟ" ନାମକ ଗୋଟିଏ ସ୍ୱୀୟ ପୁସ୍ତକାଳୟ ସ୍ଥାପନ କରିବାରୁ ଉକ୍ତ ପ୍ରେସର କର୍ତ୍ତୃପକ୍ଷ ସହିତ ଅମ୍ଭର ମନୋମାଳିନ୍ୟ ଉପସ୍ଥିତ ହୋଇଅଛି । ଉପସ୍ଥିତ ସମ୍ପ୍ରତି କାଳରେ ଅମ୍ଭ ପୁସ୍ତକାଳୟର ଅମ୍ଭର ସାଧାରଣ ନାମ " ହରେକୃଷ୍ଣ ବେଦେଶ " ଉଲ୍ଲେଖରେ ଗ୍ରାହକମାନଙ୍କ ନିକଟରୁ ଅସୁବିଧା ଚିଠିପତ୍ର ଇତ୍ୟାଦ ଉକ୍ତ ପ୍ରେସରେ "ହରେକୃଷ୍ଣ ବେଦେଶ" ନାମକ ଅନ୍ୟ ଏକଜଣ କମ୍ପୋଜିଟର ଥିବାରୁ ଉକ୍ତ ପ୍ରେସରେ ଗୃହୀତ ହୋଇ, ଅମ୍ଭର ବ୍ୟବସାୟ ପକ୍ଷେ ବାଧା ହେଉଅଛି । ଅମ୍ଭେ ଗୋପାଳ (ବୈଶ୍ୟ ଗୋପ) କୁଳୋଦ୍ଭବ ଥାଇ କୁଳ ପ୍ରଥା ଅନୁସାରେ ବୈଷ୍ଣବଧର୍ମାନୁଗତ ଥିବାରୁ ସାଧାରଣତଃ "ଦାସ" ସଙ୍କେତ ଅଟୁଁ (ଗୋପାଳ (ବୈଶ୍ୟ ଗୋପ) ମାନେ ବାବୁଲୁ ଥାଇ, ନଇ ଓ ଛଇ, ବଦଳ କରିବାକୁ ମଧ୍ୟ " ବେଦେଶ " ବୋଲି କହିବା ଶୁଣୁଅଛୁ । ମାଙ୍କ ଯଦୁନ ଗୋପାଳ (ଉତ୍ତ ବା ଶୁଦ୍ରଗୋପ ) ମାନେ ଆଉ ଦାର୍ଷ୍ୟ ନର "ବେଦେଶ" ବୋଲା ଯାନ୍ତି । ଏସ୍ତାଏବ, ଭଣ୍ଡା, ଅନ୍ୟ ଜାତିର ଲୋକମାନେ ଏଥି ବେଦେଶ ସଙ୍କେତ ଅଟନ୍ତି । ) ଅତଏବ ଅମୃତ ଉପଗେଲ୍ ଅସୁବିଧା ମୋଚନାର୍ଥ ଅମ୍ଭର ଦାସ " ହରେକୃଷ୍ଣ ଦାସ " ଉଲ୍ଲେଖେ, ଅମ୍ଭେ ଆମ୍ଭ ଗ୍ରାହକ ପତ୍ୟାଦଙ୍କ ସମ୍ବାଦ ଦେଉଅଛୁ । ଆଶା କରୁ ସର୍ବସାଧାରଣ ଅମ୍ଭଙ୍କ "ହରେକୃଷ୍ଣ ଦାସ" ଉଲ୍ଲେଖେ ଚିଠିପତ୍ରାଦ ଲେଖିବେ ଓ "ହରେକୃଷ୍ଣ ଦାସ" ବୋଲ ପରଚୟ ପାଇବେ । ଇତି ।

କଟକ
୨୯।୭।୦୯ } ଶ୍ରୀ ହରେକୃଷ୍ଣ ଦାସ
ଉତ୍କଳୋଦୟ ପୁସ୍ତକାଳୟ
ବାଲୁବଜାର, କଟକ

---


## ବିଜ୍ଞାପନ ।

ବୈଦ୍ୟୁତିକ ରକ୍ଷା ମାଦୁଳି ।

ଏହା ଧାରଣ କଲେ ପୁରୁଷତ୍ୱହାନି, ଧାତୁ-ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ଶ୍ୱାସ, ବାତ ପ୍ରଭୃତି ପୀଡ଼ା ନିର୍ଦ୍ଦୋଷ ହୋଇ ଆରୋଗ୍ୟ ହେବ । ସ୍ତ୍ରୀଲୋକଙ୍କର ବନ୍ଧ୍ୟାତ୍ୱ ଓ ଗର୍ଭାଶୟ ଜନିତ ପୀଡ଼ା ଆରୋଗ୍ୟ ହୁଏ । ସହସ୍ର ସହସ୍ର ପ୍ରଶଂସା ପତ୍ର ଅଛି, ପରୀକ୍ଷା ପ୍ରାର୍ଥନୀୟ ।

ମୂଲ୍ୟ ପ୍ରତି ମାଦୁଳି ଟ ୧।୵ ଯାହ

ଶ୍ରୀ ଭୁବନେଶ୍ୱର ଶର୍ମା
୨୪ ନଂ ନବୁ ଗୋସ୍ୱାମୀଙ୍କ ଲେନ
( କଲିକତା )


---

# ଉତ୍କଳଦୀପିକା !

## GLIMPSE OF A MOFFUSIL COURT.

Only the other day a Dy. Magistrate who was trying a case was examined as a witness, the case having been transferred for the purpose by the Honorable High court. We propose to touch on some aspects of the case which are of interest to the public and might interest the authorities responsible for the administration of justice in the Moffosil criminal courts. The following is a brief summary of the facts relevant to our purpose.

The magistrate received the petition of complaint and recorded the complainant's statement on oath on a Sunday at his private residence. After this statement had been signed and dated he made the following note :— "The complainant came and showed me some swellings on the back yesterday". This means that the complainant had paid a visit the day before. But the complainant, during the trial of the case, made the following statements :—I did not go to the Deputy Magistrate once before I gave my petition". At this stage of the case the accused applied for time for transfer of the case on the ground that the Dy. Magistrate was a witness in the case.

We are not concerned about the result of the case, but the Deputy Magistrate's action points to the existence of a practice which does not by any means inspire public confidence in the Criminal Judicial machinery of Orissa.

Laws of evidence and procedure are safeguards against the tendency of human mind to confound inferences with facts observed, to draw conclusions from insufficient data and to put too much trust on one's memory.

The trying Dy. Magistrate was examined as a witness. During his examination he was questioned as to whether he saw the swellings on the day he recorded the complainant's statement on oath, and if he saw them why he did not make a record of that fact instead of referring to what he had seen on the preceding day.

He did not give one straightforward reply. We quote all his replies leaving the public to form their opinion of the witness.

(a) "I do not remember if I saw the injuries on the second day, when I noted on the back of the complaint having seen them on the preceding day."

(b) I did not see and note the swellings on the back of complaint because I was quite irritated – I mean annoyed over the complainant disturbing me two consecutive days and secondly because I am not sure that I did not see the swellings then"

(c) "It is quite possible that I did see the injuries then but did not record that fact because I had noticed them on the preceding day."

(d) I do not remember if I saw the injuries on the second day ( This last statement was added after the witness had read his deposition )

We should ask the deponent to read his evidence and tell us how he would characterise it if it were the evidence of a witness before him. Would he not call it fencing ? He did not record the fact of having noticed the swellings on the second day because he was irritated. Did he not court the circumstances which irritated him ? He was not bound to accept the complaint in his bunglow on a Sunday and record the man's statement on oath. The case was not of a serious nature demanding prompt attention for he summoned the accused under sections triable summarily. We quote another portion of the Deputy Magistrate's deposition. I remember having seen the complainant on 30th Janury at 6-30 A.M. I heard his complaint but as he had no petition with him I told

Digitized by srujanika@gmail.com

Split by PDF Splitter



him to get one ready. Complaints can be verbal, but I can not accept them unless the complainant is very poor in which case I remit the court fee." When on the following day the man appeared with a petition what importance did the Magistrate attach to it? We shall let the Magistrate describe his action. I did not read nor have read over to me the petition of my complaint. There was no Amla of my Court when I received complaint and recorded the complaint on oath. I did not read it over to the complainant and I can't say if any body in my office read it over to him."

Young officers imagine that they can administer justice by disregarding the formalities of a judicial trial, but it is their duty to administer justice according to law. The Honourable Judges of the High Court would shrink from combining the function of the Legislature with administration of Justice. What would the English public say of a Magistrate who indulged in irregularities of the kind noted above? What would the public say if His Lordship the Chief Justice committed these irregularities in an original suit in the High Court. What would the Calcutta public say if the Presidency Magistrate had done all the Sub—Divisional Magistrate has done in this case?.

Should a Deputy Magistrate in charge of a Sub-Division be allowed a larger share of discretion in the matter of compliance with rules of evidence or law of procedure.

There has been a tendency of late among some Deputy Magistrates in Orissa to disregard the formalities which are calculated to impress the public with a solemnity which ought to be attached to the functions of a Court of Law. We have learnt on credible information that some of them smoke cigars and cigarettes while trying cases on the Bench. Some use unparliamentary language towards witnesses and parties to cases. We knew a District Magistrate who used habitually to smoke while listening to arguments and who never cared to have a coat on his back and preferred to have his shirt open and expose his white chest.

It is time that these things should be brought to the notice of the authorities with a view to a salutary check being exercised over the mofussil Courts. We propose to resume this subject in a future issue.

---

କୋଟଗାଁ ପଦାର୍ଥ ବିଷୟକ ସନ ୧୯୦୮ ସାଲର ୭ ଅଙ୍କ ସମସ୍ତ ଅନୁଗୁଳ ଜିଲାରେ ଏବଂ ଉମାଦ ବିଷୟକ ସନ ୧୯୦୮ ସାଲର ୯ ଅଙ୍କ ଅନୁଗୁଳ ଜିଲାର ସଦର ସବଡିଭିଜ-ନରେ ଜାରୀ ହେବାର ମାନ୍ୟବର ବଡଲାଟର ଆଦେଶ ପ୍ରଚାର କରିଅଛନ୍ତି ।

---

କଲିକତାରେ ପ୍ଲେଗ ରୋଗ ପ୍ରବଳ ହେବା ହେତୁ ସେଠାରୁ ଓଡିଶାର ବନ୍ଦର ସମୂହକୁ ଆସିବା ପୋତାଦି ପ୍ରତି ପ୍ଲେଗ ଦମନ ସମ୍ବନ୍ଧୀୟ ନିୟମାବଳୀ ପ୍ରଚଳିତ ହେବ ।

---

ଗତ ତା ୨୪ ଜୁଲାଇରେ ଶେଷ ହବା ସପ୍ତାହରେ ଭାରତରେ ପ୍ଲେଗରୋଗରେ ୭୨୩ ମୃତ୍ୟୁ ହୋଇଥିଲା ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୭୯୩ ଥିଲା । ବମ୍ବେଇ ଓ ମାନ୍ଦ୍ରାଜରେ ସାମାନ୍ୟ ବୃଦ୍ଧି ହୋଇଅଛି ।

—※—

ଗତ ତା ୨୪ ରଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୩୯ ବଙ୍ଗରେ ୨୭୦୯୯ ଯୁକ୍ତପ୍ରଦେଶରେ ୧୮୮୧୯ ଏବଂ ବମ୍ବେଇରେ ୯୩ ଗାଏ ୪୬୦୫୦ ଜଣ ପୂର୍ବ ସପ୍ତାହର ଅଙ୍କ ଥିଲା ୪୮୪୯୧ ।

—※—

ବଙ୍ଗଳାର ମାନ୍ୟବର ଲେପ୍ଟେନେଣ୍ଟ ଗବର୍ଣ୍ଣର ଆଗାମୀ ତା ୧୧ ରଖ ବୁଧବାର କଲିକତାରୁ ଯାତ୍ରା କରି ମଙ୍ଗେର, ଭାଗଲପୁର, ଅଜିମଗଞ୍ଜ, ମୁର୍ଶିଦାବାଦ, ବହରମପୁର ଓ ପଲାସି ପରିଭ୍ରମଣ ପରିଦର୍ଶନ କରି ତା ୨୧ ରଖ ସନ୍ଧ୍ୟାରେ କଲିକତାକୁ ପ୍ରତ୍ୟାଗମନ କରିବାର ବିଜ୍ଞାପନ ବାହାରିଅଛି ।

---

ବାଲେଶ୍ୱର ଜେଲାର ନ ୧୩ ନମ୍ବର ଶାଖା ଖାଲ ମା ୭ ଘର ବଢ଼ାଇବା ନିମନ୍ତେ ବରପଲ୍ଲା ଏବଂ ଭରଣ ପ୍ରଗନା କାଳପଦା କେଉଁମାଣ ପୁର, ମୁକୁନ୍ଦପୁର, ପଦୁଆ ପାରଡ଼ାସ୍ଥ ଲେବୁଲଙ୍ଗା ହୋଡାଡୋଃ ପ୍ରଭୃତି ମୌଜାରେ ପ୍ରାୟ ୩୪ ମାଣ ଜମି ସରକାର ଦଖଲ କରିବାର ବିଜ୍ଞାପନ କଲିକତା ଗେଜେଟରେ ବାହାରିଅଛି ।

---

ଗତ ତା ୨୯ ଜୁଲାଇରେ ଶେଷ ହେବା ସପ୍ତାହରେ ବର୍ମା, ଅଧିକାଂଶ ଉତ୍ତର ପଶ୍ଚିମ ଏବଂ ମାନ୍ଦ୍ରାଜ ପ୍ରଦେଶରେ କଥିତ ପରିମାଣରୁ ଅଧିକ ଏବଂ ଉତ୍ତର ପୂର୍ବ ଭାରତ ଓ ବେହାରରେ ଅଳ୍ପ ବୃଷ୍ଟି ହୋଇଥିଲା । ବଙ୍ଗ ଓ ଓଡିଶାରେ ସାମାନ୍ୟ ବୃଷ୍ଟି ହୋଇଥିଲା । ଜଳର ପରିମାଣ ତା ୨୯ ରଖରେ କଟକରେ ୨.୭୩ ଇଞ୍ଚ, ତା ୨୫ ରଖରେ ସମ୍ବଲପୁରରେ ୪.୨୭ ଇଞ୍ଚ ଥିଲା । ସର୍ବାପେକ୍ଷା ଏତଦିନରେ ଅଧିକଜଳ ବାଲେଶ୍ୱରରେ ୫.୪୩ ଓ ହୋସଙ୍ଗାବାଦରେ ୫.୪୫ ଇଞ୍ଚ ଥିଲା ।

—○—

ଓଡିଶା ବିଭାଗର ସରକାରୀ ଓ ସାହାଯ୍ୟପ୍ରାପ୍ତ ସ୍କୁଲରେ ଇଂରାଜୀ ଏବଂ ଓଡିଆ ଶିକ୍ଷକମାନଙ୍କର ଶିକ୍ଷା ଦେବାର ଯୋଗ୍ୟତା ପରୀକ୍ଷା ଆଗାମୀ ଏହିମାସର ତା ୨୩ ଓ ୨୪ ରଖରେ ଏ ନଗରର ମିଶନ ହାଇସ୍କୁଲ ଗୃହରେ ଗୃହୀତ ହେବ । ପରୀକ୍ଷାର୍ଥୀମାନେ ଆସନ୍ତା ତା ୧୦ ରଖ ମଧ୍ୟରେ ଓଡିଶା ବିଭାଗର ସ୍କୁଲ ଇନ୍‌ସ୍ପେକ୍ଟରଙ୍କ ନିକଟକୁ ଆବେଦନ ପତ୍ର ପଠାଇବେ ।

---

ଦାଜିଲିଙ୍ଗ ଧିଙ୍ଗଡ଼ା ହାତରେ ହତ ହୋଇଥିବା ମହାତ୍ମା କର୍ଜନ ଵାଇଲିଙ୍କର ଶୋକାକୁଳ ପତ୍ନୀଙ୍କର ଜୀବନ ନିମନ୍ତେ ବର୍ତ୍ତମାନ ଭାରତ ସରକାର ବାର୍ଷିକ ୫୦୦ ପାଉଣ୍ଡ (ଟ ୭୫୦୦ ଙ୍କା) ପେନସନ ଦେବାର ଆଦେଶ ଦେଇଅଛନ୍ତି । ମୃତ ମହାତ୍ମା ଆଜୀବନ ଭାରତରେ କାର୍ଯ୍ୟ କରିଥିଲେ ସୁତରାଂ ଭାରତୀୟ ରାଜକୋଷରୁ ତାହାଙ୍କର ବିଧବାଙ୍କୁ ବୃତ୍ତିଦେବା ନ୍ୟାୟସଙ୍ଗତ ହୋଇଅଛି ।

---

ରଟ୍ଟାମାଟି ଗୁରୁଟ୍ରେନିଂ ସ୍କୁଲର ହେଡ଼ପଣ୍ଡିତ ନୟାଗଡ଼ର ସୁପରେଣ୍ଟେଣ୍ଡେଣ୍ଟ ବାବୁ ଗୌରଶ୍ୟାମ ମହାନ୍ତିଙ୍କର ସ୍ଥାୟୀପଦ ଛାଡ଼ି ଏ ପଦପାଇ ଥିଲେ । ସେହି ପଦଟା ହେତୁ ତାହା ଉପେକ୍ଷିତ ହେଲା । ଗୌରଶ୍ୟାମବାବୁ ଜଣେ ସୁଯୋଗ୍ୟ କର୍ମଚାରୀ ଏହା ଜନସାଧାରଣରେ ଅବିଦିତ ନାହିଁ । ସେ ଯେମନ୍ତ ରାଜକାର୍ଯ୍ୟର ତେମନ୍ତ ସ୍ୱଧର୍ମ ପାଳନରେ ସର୍ବଦା ମନୋଯୋଗୀ । ଧର୍ମରେ ଯାହାର ମତି ଓ ଭକ୍ତି ଅଛି ସେ ଅପଣାର ଦାୟିତ୍ୱ ବୁଝି ଧର୍ମଭାବେ ଦୃଢ଼ରୂପେ କର୍ତ୍ତବ୍ୟ ପାଳନ କରିବ ଏହା ବୋଲିବା ବାହୁଲ୍ୟ ।

—※—

ଓଡିଶା ବିଭାଗର ପ୍ରତିଜିଲାର ସନ ୧୯୦୯ ସାଲ ମଇମାସର ଜନ୍ମ ମୃତ୍ୟୁ ବିବରଣ ଯଥାଃ—

| | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୩୫୭୨ | ୩୪୦୨ |
| ବାଲେଶ୍ୱର | ୩୦୫୮ | ୧୮୯୯ |
| ପୁରୀ | ୨୨୪୫ | ୧୭୮୭ |
| ସମ୍ବଲପୁର | ୨୧୭୭ | ୧୩୪୧ |

ସର୍ବତ୍ର ଅଧିକାଂଶ ମୃତ୍ୟୁ ଜ୍ୱର ରୋଗରେ ଘଟିଥିଲା ଓ ଅନ୍ୟାନ୍ୟ ଜିଲାପ୍ରତି ପୁରୀରେ ଓଲାଉଠା ଅଧିକ ଯଥା ୧୪୩ ଥିଲା । ସକଳ ଜିଲାରେ ଜନ୍ମ ପ୍ରତି ମୃତ୍ୟୁ ଊଣା ଶୁଣି ବୋଲିବାକୁ ହେବ, ଅନୁଗୁଳରେ ଜନ୍ମ ମୃତ୍ୟୁ ରେଜିଷ୍ଟ୍ରୀ ପ୍ରଚଳିତ ହୋଇ ନାହିଁ ।

---

Digitized by srujanika@gmail.com

ଫ୍ରାନ୍ସ ଦେଶର ଶ୍ରୀଯୁକ୍ତ ବ୍ଲେରିୟଟ ସାହେବ ଫ୍ରାନ୍ସ ଓ ଇଂଲଣ୍ଡର ମଧ୍ୟସ୍ଥିତ ଇଂଲିସଚେନାଲ ସାଗର ବ୍ୟୋମଯାନଦ୍ୱାରା ଆକାଶମାର୍ଗରେ ପାର ହୋଇ ଯିବାର ଦେଖି ୟୁରୋପରେ ହୁଲସ୍ଥୂଲ ବ୍ୟାପାର ଉପସ୍ଥିତ ହୋଇଅଛି । ଏ ମହାଶୟ ୩୦ ମାଇଲ ବାଟ ୩୫ ମିନିଟରେ ଅତିକ୍ରମ କରିଗଲେ । ବିଲାତର ଲାଥାମ ସାହେବ ଦୁଇ ଥର ଉକ୍ତ ସାଗର ପାରହେବାକୁ ଚେଷ୍ଟା କରି ଦୁଇଥରଯାକ ସମୁଦ୍ରରେ ପଡିଗଲେ । ସୁତରାଂ ବିଲାତର ଡେଲିମେଲ ନାମକ ସମ୍ବାଦପତ୍ର ଯେଉଁ ୧୦୦୦ ପାଉଣ୍ଡ ପୁରସ୍କାର ରଖିଥିଲେ ତାହା ଏହି ଫରାସିସ ପଣ୍ଡିତଙ୍କ ଭାଗ୍ୟରେ ପଡିଲା । ସାହେବ ମହୋଦୟଙ୍କର ବିଲାତରେ ଭାରି ଅଭ୍ୟର୍ଥନା ହେଉଅଛି ।

---

କଲିକତାର ଶ୍ରୀଯୁକ୍ତ ପି ମୁଖର୍ଯ୍ୟାଙ୍କ ର ୭ ବୟସ ପୁଅକୁ ଜଣେ ସାହେବଙ୍କର କୁକୁର କାମୁଡିବାରୁ ସେ ହାଇକୋର୍ଟରେ କ୍ଷତିପୂରଣ ଦାବିରେ ନାଲିସ କରିଥିଲେ । ବିଚାରପତି ଶ୍ରୀଯୁକ୍ତ ଫ୍ଲେଚର ମହୋଦୟ ବାଦିଙ୍କ ହକରେ ଏକସହସ୍ର ଟଙ୍କାର କ୍ଷତିପୂରଣ ଡିକ୍ରୀ ଦେଇଅଛନ୍ତି । ଆସାମୀ ଜବାବ ଦେଇଥିଲେ ଯେ କୁକୁର ଦେଖି ପିଲା ପାଟି କରି କାନ୍ଦିବାରୁ କୁକୁର ସଶଙ୍କିତ ହୋଇ କାମୁଡି ପକାଇଲା ତାଙ୍କର ଦୋଷ ନାହିଁ । ଏଥିରୁ ବିଚାରପତି ଯଥାର୍ଥ କହିଅଛନ୍ତି ଯେ ଏପରି କାମୁଡା କୁକୁର ପାଳି ଯେଉଁ ବ୍ୟକ୍ତି ବୁଲାଇ ରଖେ ପିଲାମାନେ ସ୍ୱଭାବତଃ ପାଟି କରି ଥାନ୍ତି ଥିବା ସ୍ଥଳେ ସେ କୁକୁର ପିଲାଙ୍କୁ କାମୁଡିଲେ ଯେବେ ଦୋଷ ହେବ ନାହିଁ ତେବେ ଭୟାନକ ଅନିଷ୍ଟର କଥା । ଭରସା କରୁଁ ଏଣିକି କୁକୁର ପାଳିବା ଲୋକେ ସାବଧାନ ହେବାକୁ ଶିକ୍ଷା କରିବେ ।

---

ସାଏନ୍ସ କଲେଜ ପ୍ରସ୍ତାବ ବିଷୟ ବିଚାରାର୍ଥ ଲାଟ ଭବନ ବେଲଭେଡ଼ିର ପ୍ରାସାଦରେ ଗତ ଶନିବାର ଗୋଟିଏ ବୈଠକ ହୋଇଥିଲା । ମାନ୍ୟବର ବଙ୍ଗେଶ୍ୱର ଏହି ବୈଠକର ଉଦ୍ଦେଶ୍ୟ ବୁଝାଇ ଦେଇ ପ୍ରସ୍ତାବ କରନ୍ତେ ବିଶ୍ୱବିଦ୍ୟାଳୟର ଭାଇସଚେନସେଲର ମାନ୍ୟବର ବିଚାରପତି ଆଶୁତୋଷ ମୁଖର୍ଯ୍ୟା ସଭାପତିର ଆସନ ଗ୍ରହଣ କଲେ । ସବୁ ସମ୍ମତିରେ ଧାର୍ଯ୍ୟ ହେଲା କି ସାଏନ୍ସ କଲେଜ ଗୃହ ନିର୍ମାଣାର୍ଥ ଯେତେ ଟଙ୍କା ପ୍ରୟୋଜନ ଗବର୍ଣ୍ଣମେଣ୍ଟଙ୍କ ହାତରେ ତେତେ ଟଙ୍କା ନ ଥିବା ହେତୁ ଏହି ପ୍ରସ୍ତାବ ଅନିର୍ଦ୍ଦିଷ୍ଟ ଭାବରେ ସ୍ଥଗିତ ରଖାଯାଉ । ସଂଗୃହୀତ ଟଙ୍କା ଅନ୍ୟାନ୍ୟ ଶିକ୍ଷାର କାର୍ଯ୍ୟରେ ଲଗାଇବା କାରଣ କେହି ପ୍ରସ୍ତାବ କରିଥିଲେ । ଏଥିରୁ ଦେଖାଗଲା ଯେ କେହି ଦାତା ସେପରି ବହୁ ଜଣାଇ ନାହାନ୍ତି । ଯଦ୍ୟପି କେହି ବେଦାଦାତା ସେପରି ଇଚ୍ଛା କରିବେ ତେବେ ତାହା ସେ ଅନାୟାସରେ କରି ପାରନ୍ତି ।

---

ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନ ବ୍ରତର ଯେଉଁ ବାର୍ଷିକ ପର୍ବ ଆଜି କଲିକତାରେ ହେବ ସେ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ଏକ ନିର୍ଦ୍ଧାରଣ ବାହାରିଅଛି । ତହିଁରେ ସମସ୍ତ କଲେଜ ଓ ସ୍କୁଲର ପ୍ରଧାନ କର୍ମଚାରୀମାନଙ୍କୁ ଏବଂ ଛାତ୍ରଗଣର ପିତା ଓ ଅଭିଭାବକ ବର୍ଗ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ସାବଧାନ କରି ଦିଆଯାଇ ଅଛି ଯେ ସେମାନେ କୌଣସି ସ୍କୁଲ ପିଲା ଓ ଅନ୍ୟ ଛାତ୍ରଙ୍କୁ ସେହି ପର୍ବ ସମ୍ବନ୍ଧୀୟ ଉତ୍ସବରେ ଯୋଗ ଦେବାକୁ ଛାଡିବେ ନାହିଁ । ରାଜନୈତିକ ଆନ୍ଦୋଳନ ଓ ତହିଁ ସଙ୍ଗେ ଜଡିତ ଉତ୍ତେଜନା ଓ ଗଣ୍ଡଗୋଳରେ ଅପକ୍ୱମତିଙ୍କର ଯୋଗ ବାଞ୍ଛନୀୟ ନୁହେ । ଅତଏବ ମାନ୍ୟବର ମହୋଦୟ ଆଶା କରନ୍ତି ସ୍କୁଲ ଛାତ୍ର ଓ ପାଠ୍ୟର୍ଥଙ୍କର ଶିକ୍ଷାଦାନରେ ଯେଉଁମାନେ ଦାୟୀ ସେମାନେ ଆପଣା ଆପଣା ଛାତ୍ରଙ୍କୁ କୌଣସି ପ୍ରକାର ରାଜନୈତିକ ପର୍ବାଦିରେ ଉପସ୍ଥିତ ହେବା ଅଥବା ଦର୍ଶନ କରିବାକୁ ନ ଦେବାପାଇଁ ଯଥାସାଧ୍ୟ ଯତ୍ନ କରିବେ ।

---

ନୂତନ ଶାସନ ସଂସ୍କାର ବିଷୟ ସମ୍ବନ୍ଧରେ ଜମିଦାରଙ୍କର ସ୍ୱାର୍ଥରକ୍ଷାର ଉପାୟ ନିର୍ଦ୍ଧାରଣ କାରଣ ଗତ ପୂର୍ବ ଶୁକ୍ରବାର କଲିକତାର ବଙ୍ଗୀୟ ବ୍ୟବସ୍ଥାପକ ସଭା ଗୃହରେ ଜମିଦାର ଗଣର ପ୍ରତିନିଧି ସ୍ୱରୂପ କେତେକ ପ୍ରଧାନ ଜମିଦାରଙ୍କର ଏକ ବୈଠକ ହୋଇଥିଲା । ବର୍ଦ୍ଧମାନର ମହାରାଜାଧିରାଜ ଦରଭଙ୍ଗାର ମହାରାଜା ବାହାଦୁର ପ୍ରଭୃତିଙ୍କ ସହିତ ଓଡିଶା ତରଫରୁ କନିକା ରାଜା ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁରମାନେ ଉପସ୍ଥିତ ଥିଲେ । ମାନ୍ୟବର ଭଉକ ସାହେବ ସଭାପତି ହୋଇଥିଲେ । ଧାର୍ଯ୍ୟ ହେଲା ଯେ ଏକପକ୍ଷର ଜମିଦାର ନିର୍ବାଚକ ଦଳ ମନୋନୀତ ହେବେ ଯେ ସେମାନଙ୍କର ଯୋଗ୍ୟତା ଓ ଅଧିକାର ଏ ପକ୍ଷରେ ନିର୍ଣ୍ଣିତ ହେବ । ନିର୍ବାଚନ ସକାଶେ ସମସ୍ତ ବଙ୍ଗପ୍ରଦେଶ ତିନିଭାଗରେ ବିଭକ୍ତ ହେବ ଯେ ପ୍ରେସିଡେନ୍ସି ଓ ବର୍ଦ୍ଧମାନ ବିଭାଗମାନଙ୍କର ଜମିଦାରମାନେ ଦୁଇଜଣ; ପାଟଣା, ତିର୍ହୁତ ଓ ଛୋଟ ନାଗପୁର ବିଭାଗମାନଙ୍କର ଜମିଦାରମାନେ ଦୁଇଜଣ ଏବଂ ଓଡିଶାର ଜମିଦାରମାନେ ଏକଜଣ ପ୍ରତିନିଧି ନିର୍ବାଚନ କରିବେ । ଜମିଦାର ଗଣର ପ୍ରତିନିଧି ଏକଜଣ ବଡଲାଟ ସଭାରେ ଆସନ ପାଇବାର ଯୋଗ୍ୟ ହେବେ

---

ଗତ ତା ୧୭ ରିଖ ଶନିବାରଦିନ ପୁରୀ ମିଉନିସିପାଲିଟିର ନୂତନ କମିଶନର ନିର୍ବାଚନ ହୋଇଅଛନ୍ତି । କେବଳ ୪ ର୍ଥ ୱାର୍ଡ୍ ଓଡିଆ ଓ ବଙ୍ଗାଳୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲା । ଏହି ୱାର୍ଡ଼ରେ ଅନେକ ବଙ୍ଗାଳୀ ବାସ କରନ୍ତି । ଭୋଟ ଦେବା ସମୟରେ ବଡ଼ ଗୋଳମାଳ ହୋଇଥିଲା । ପରିଶେଷରେ ଏକଜଣ ଓଡିଆ ଓ ଏକଜଣ ବଙ୍ଗାଳୀ ପ୍ରାର୍ଥୀ ଭୋଟାଧିକ୍ୟହେତୁ ନିର୍ବାଚିତ ହେଲେ । କଣ୍ଡିଡେଟ ଭୋଟରଙ୍କ ନିକଟକୁ ପାଲ୍କି, ଘୋଡ଼ାଗାଡି ପ୍ରଭୃତି ପଠାଇବା ଠକଣୀମାନେ ଭଡ଼ାଭଡ଼ି ଟଣାଟଣି ପର୍ଯ୍ୟନ୍ତ ବ୍ୟାପାର ଦୃଷ୍ଟ ହୋଇଥିଲା, କେହି ୨ କରଦାତା ଯାତ୍ରୀମାନଙ୍କୁ ପଣ୍ଡାମାନେ ବେଢ଼ିକ୍ଲାପ୍ରାୟ ଆପଣାଙ୍କୁ ସାକ୍ଷୀ କରି "ହାମାରେ ପଣ୍ଡା ବଡେ ବହିଦର" ବୋଲି ଉପହାସ କରିଥିଲେ । ନିର୍ବାଚିତ କମିଶନରମାନଙ୍କର ନାମ ଯଥା—

୧ ମ ୱାର୍ଡ ଶ୍ରୀଯୁକ୍ତ ଜଗନ୍ନାଥ ମହାପାତ୍ର
" " ବାବୁ ରାଧାକୃଷ୍ଣ ବାନୁଜେଲୋ
୨ ୟ " ହଜୁର ମାଲଦସ୍ତ ଶ୍ରୋତ୍ରିୟ
" " ବାସୁ ଆଢ୍ୟ
୩ ୟ " ଭଞାର ମିଶ୍ର
" " ହରିହର ଘୋଷ
୪ ର୍ଥ " ସୁରେନ୍ଦ୍ରନାଥ ମିତ୍ର
" " ରାଧାଶ୍ୟାମ ମହାନ୍ତି
୫ ମ " ନବକିଶୋର ଦାସ
" " ମହେନ୍ଦ୍ରନାଥ ଦତ୍ତ

—※—

କନ୍ୟାଶୁଲ୍କ ସମ୍ବନ୍ଧୀୟ ଗୋଟିଏ ମୋକଦ୍ଦମା ଅଳ୍ପଦିନତଳେ ମାନ୍ଦ୍ରାଜ ହାଇକୋର୍ଟରେ ଆଗତ ହୋଇ ବିଚାରପତି ମାନଙ୍କର ପୂର୍ଣ୍ଣ ଅଧିବେଶନରେ ନିଷ୍ପତ୍ତି ପାଇଅଛି । ଭାଇମାନଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ବିଭାଗ ହେବା ସମୟରେ ଉଚ୍ଚମାଲି ଧନରୁ ଅନ୍ୟ ଭାଇମାନେ ବିବାହ ହୋଇ ଥିବାରୁ ଯେଉଁ ଭଦ୍ରଲୋକମାନେ ତାଙ୍କର ସମ୍ପତ୍ତି ଭାଗ କରିଦେଲେ ସେମାନେ ନିଷ୍ପତ୍ତି କରିଥିଲେ ଯେ ଏକ ମୃତଦାର ଭାଇର ବିବାହରେ ଯେତେ ଟଙ୍କା ଖର୍ଚ୍ଚ ଏବଂ କନ୍ୟାଶୁଲ୍କ ଦେବାକୁ ପଡିବ ସେସବୁ ସେ ଅନ୍ୟ ଭାଇମାନଙ୍କଠାରୁ ପାଇବ । ଉକ୍ତ ଭାଇ ବିବାହ ହେବାରେ ତାହାକୁ କନ୍ୟାଶୁଲ୍କ ଦେବାକୁ ପଡିଲା ଏବଂ ବିବାହ ପରେ ସେ ଖର୍ଚ୍ଚ ଏବଂ କନ୍ୟାଶୁଲ୍କର ଅଂଶ ପାଇବା କାରଣ ଏକ ଭାଇ ନାମରେ

Split by PDF Splitter
Digitized by srujanika@gmail.com

Split by PDF Splitter



ମୋକଦ୍ଦମା ଅଗତ ହେଲା । ବିଗ୍ରହ ସମୟରେ ପ୍ରତିବାଦୀ ଜବାବ ଦେଲା ଯେ କନ୍ୟାଶୁଳ୍କ ନୀତି ବିରୁଦ୍ଧ; ଏଣୁ ତାହା ଦିଆ ଯାଇ ନ ପାରେ । ବିଚାରପତିମାନେ ଚୁକ୍ତି ଆଇନର ଧାରା ୨୩ ର ଅନୁଯାୟୀ ତାହା ଅନ୍ୟାୟ ଓ ସାଧାରଣ ନୀତିର ବିପରୀତ ଥିବା ହେତୁ ନାଲିଶ ଯାଇ ନ ପାରିବାର ଧାର୍ଯ୍ୟ କଲେ । ଯେମନ୍ତ କନ୍ୟାପଣ ସେମନ୍ତ ବରପଣ ନୀତିର ବିପରୀତ । ଆମ୍ଭେମାନେ ଭରସା କରୁଁ ଦେଶବାସୀ ଏ ଅନୁ ଏପରି ଦେଖା- ଇଲା ଏବଂ ଅନ୍ୟାୟ କାର୍ଯ୍ୟରେ ମତି ଦେବେ ନାହିଁ । ଏଥିରେ ସମାଜର ଅମଙ୍ଗଳ ବିନା କଦାପି ମଙ୍ଗଳ ନ ହେବାର ଲୋକେ ବୁଝିଲେ ହେଁ ଯେ ତହିଁରେ ଲାଗି ରହିଅଛନ୍ତି ଏଥିଁ ଅଧିକ ପରିତାପର ବିଷୟ କି ହୋଇପାରେ ? ପ୍ରକୃତରେ ଆମ୍ଭମାନଙ୍କର ମନୁଷ୍ୟତା ହେବାକୁ ଅନୁଶୀ ଅନେକ ବାକି ଅଛି ।

———

ଗତମାସ ତା ୧୭ ଦିନରେ ବିଲାତର ବନ୍ଦୀଗ- ୃହରେ ମଦନ ଲାଲ ଧିଙ୍ଗ୍ରା ପ୍ରାଣଦଣ୍ଡ ପାଇ ଅଛି । ବିଚାରପତି ପ୍ରାଣଦଣ୍ଡର ଆଜ୍ଞା ଦେଲାରୁ ଆସାମୀ ଉଚ୍ଚସ୍ୱରରେ ତାଙ୍କୁ ଧନ୍ୟବାଦ ଦେଇ ଦେଶ ହେତୁ ପ୍ରାଣ ଦେବାରେ ସେ ଖୁସି ହୋଇଥିବାର ପ୍ରକାଶ କଲା । ଗତ ମାସ ତା ୧୭ ଦିନରେ ତାହାର ଫାଶୀ ହେବ । ଇତି ମଧ୍ୟରେ ବିଲାତରେ ଯେ ତାର ପ୍ରାଣଦଣ୍ଡର ପରିବର୍ତ୍ତେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହେବାର ଆବେଦନ ହେବାପକ୍ଷେ ଚେଷ୍ଟା ଚଳାଇ ହୋଇଥିଲା । ସେମାନଙ୍କର କହିବା ଏହି ଯେ ସେ ବାଳକ ପାଗଳ ଓ ପାଗଳର ପ୍ରାଣଦଣ୍ଡ ଅପେକ୍ଷା ଯାବଜ୍ଜୀବନ କାରା- ବାସ ଉଚିତ ଦଣ୍ଡ । କେହି ତାହାର ମତ ଦେଲେ ସେ କାଳ୍ପନିକ ପାପ କର୍ମ୍ମରେ ଦୁଃଖିତ ହୁଅନ୍ତି ଏବଂ ତହିଁ ଯଦି ସେ ଦୀର୍ଘକାଳ ଅନୁ- ତାପ କରିବ । ଦଣ୍ଡ ପାଇବା ବେଳେ ସେ ଯେଉଁ କଥା କହିଲା ତହିଁରୁ ତାହାର ବାତୁଳତା ପ୍ରକାଶ ପାଉ- ଅଛି । ଅଭୂତ ବା କୌତୁକ ଦେଖିବା ସକାଶେ ଯେ ବ୍ୟକ୍ତି ଏଥିରେ ନିଆଁ ଲଗାଇ ଗ୍ରାମ ପୋଡି ଦଏ ତାହାକୁ ବାତୁଳ ବିନା ଆଉ କଣ କୁହାଯିବ ? କଳର ଏବଂ ଦେଶର ପରମ ବନ୍ଧୁ ଓ ଉପ- କାରୀଙ୍କ ହତ୍ୟାରେ ହତ୍ୟା କରିବା ସମ୍ପୂର୍ଣ୍ଣ ପାପ ନାହିଁ ପୁଣି ଏ କାର୍ଯ୍ୟଦ୍ୱାରା ସ୍ୱଦେଶର ମହା କଳଙ୍କ ଓ ଅନିଷ୍ଟ ଘଟାଇ ଯେ ଦେଶ ସକାଶେ ପ୍ରାଣ ଦେଲା ବୋଲି କହେ ତାହାର ପ୍ରକୃତ ନିଷ୍ଠା ନ ରହିବା ସହଜ କଥା । ପରନ୍ତୁ ଯେ ପ୍ରାଣଦଣ୍ଡ ପାଇବ ବୋଲି ଜାଣି ପ୍ରକାଶ୍ୟ ସ୍ଥାନରେ ହତ୍ୟା କରେ ସେ ଦଣ୍ଡ ତାହା ନିକଟରେ ଅଧିକ କଥା । ଅନ୍ୟ ଦେଶରେ ଏପରି ଅପରାଧ ନିମନ୍ତେ ସର୍ବୋଚ୍ଚ ଦଣ୍ଡ ଅନ୍ୟ ମାନ- ଙ୍କର ଶିକ୍ଷା ନିମନ୍ତେ ଆବଶ୍ୟକ ବୋଧ ହେଉଅଛି ଏଥିର ମୀମାଂସା କ ହେବ କ୍ରମେ ଜଣାଯିବ । ଅଳ୍ପକାଳ ହେଲା କେତେ ଜଣ ଶିକ୍ଷିତଯୁବାର ଯେପରି ମତିଭ୍ରମ ଘଟିଅଛି ତହିଁର ବିହିତ ପ୍ରତିକାର ଚିନ୍ତା କରିବା ଉଚିତ ହୋଇଅଛି । ପ୍ରାର୍ଥନା କରୁ ଭଦ୍ରସମାଜର ନିନ୍ଦା ଓ ଘୃଣା ଏବଂ ସମୁ- ଚିତ ରାଜଦଣ୍ଡଦ୍ୱାରା ଏମାନଙ୍କର ମିଥ୍ୟା ଓ ଅତ୍ୟନ୍ତ ଅନିଷ୍ଟକ ଅଭିମାନ ଶୀଘ୍ର ଘୁଞ୍ଚିଯିବ ।

———

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଗତ ଅଧିବେ- ଶନରେ ପୁରୀର ରଥଯାତ୍ରା ଉତ୍ସବ ସମୟରେ ଯାତ୍ରୀମାନଙ୍କୁ ମାଲଗାଡିରେ ପୂରାଇ ନେଇଯିବା ଇତ୍ୟାଦି ବିଷୟ ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ମାନ୍ୟ- ବର ଶ୍ରୀଯୁତ ମଧୁସୂଦନ ଦାସ ମହୋଦୟ ପ୍ରଶ୍ନ କରିଥିଲେ । ଗବର୍ଣ୍ଣମେଣ୍ଟ ବଙ୍ଗଳା ନାଗପୁର ରେଲୱେଠାରୁ ଉତ୍ତର ଆଣାଇ ଏହିରୂପେ ପ୍ରକାଶ କଲେ କି ଗତ ରଥଯାତ୍ରା ସମୟରେ ପୁରୀକୁ ପ୍ରାୟ ୯୦୦୦୦ ଯାତ୍ରୀ ରେଲରେ ଯାଇ- ଥିଲେ ଏବଂ ଷ୍ଟେସନଠାରେ ଯାତ୍ରୀମାନଙ୍କର ଭିଡ ଅଧିକ ହୋଇଥିଲା ନିୟମିତ ଛଡା ୨, ସ୍ପେଶାଲ ଟ୍ରେନ ଯାତାୟାତ କରିଥିଲା । ରେଲ କର୍ତ୍ତୃ- ପକ୍ଷମାନେ ଅନ୍ୟ ରେଲୱେମାନଙ୍କରୁ ଅନେକ ଚେଷ୍ଟା କଲେହେଁ କେବଳ ୮୦ ଟି ଗାଡି ପାଇଥିଲେ । ସୁତରାଂ ବାଧ୍ୟ ହୋଇ ମାଲଗାଡିରେ ଯାତ୍ରୀଙ୍କୁ ନିଆଯାଇଥିଲା । ନାନା ଷ୍ଟେସନରେ ଯାତ୍ରୀମାନଙ୍କୁ ପାଣି ଯୋଗାଇବା କାରଣ [illegible] ଜଣ ଅତିରିକ୍ତ ପରିଚାରକ ନିଯୁକ୍ତ ହୋଇଥିଲେ । [illegible] ରେଲରେ କ [illegible] ଜଣ ଏବଂ ଫେରନ୍ତା ରେଲରେ କ ୧୫ ଜଣ ମରିଥିଲେ । କୌଣସି ରୋଗୀ ଯାତ୍ରୀ ରେଲରେ ଯାତାୟାତ କରି ନ ପାରନ୍ତି ଏବଂ ରୋଗ ଦେଖାଗଲେ ତାହାଙ୍କୁ ରେଲରେ ଚଢିବାକୁ ଦିଆଯାଏ ନାହିଁ । ଷ୍ଟେସନମାନଙ୍କର ଡାକ୍ତର ରଖାଯାଇଥିଲେ ଯେ ରୋଗୀ ଷ୍ଟେସନରେ ପହଞ୍ଚିଲା ମାତ୍ରେ ଚିକିତ୍ସିତ ହୋଇଥିଲେ । ଲୁଗା କାଚିବା ସକାଶେ ଗାଡିରେ ଧୋବାର ବନ୍ଦୋବସ୍ତ କରିବା ଅସମ୍ଭବ ଥିବା- ହେତୁ ହୋଇ ପାରିନାହିଁ ।—ବର୍ଷେବର୍ଷେ ରଥ- ଯାତ୍ରା ଏବଂ ଅନ୍ୟ ଭିଡ ସମୟରେ ଯାତ୍ରୀମାନଙ୍କୁ ବରାବର ମାଲଗାଡିରେ ନେବାର ଦେଖାଯାଏ, ବର୍ତ୍ତମାନ ବ୍ୟବସ୍ଥାପକ ସଭାରେ ଏ ବିଷୟର ଅବତାରଣା ଦ୍ୱାରା ଆଶୁ କୌଣସି ଫଳ କି ହେଲେ ସୁଦ୍ଧା ଭବିଷ୍ୟତରେ ଯାତ୍ରୀଙ୍କ ସୁଖସ୍ୱଚ୍ଛ- ନ୍ଦତା ପ୍ରତି ରେଲକର୍ମ୍ମଚାରୀମାନେ ବିଶେଷ ଦୃଷ୍ଟି ରଖିବାର ଆଶା କରାଯାଏ । ମାଲଗାଡିରେ ମନୁଷ୍ୟଙ୍କୁ ନେବା କଦାପି ଅନୁମୋଦିତ ହୋଇ ନ ପାରେ ଏବଂ ପୂରା ମାସୁଲ ନେଇ ତାଙ୍କୁ ଏପରି କଷ୍ଟ ଦେବା ଅଧିକ ଅନ୍ୟାୟ ଅଟଇ । ଟିକଟ କିଣିବାର କଷ୍ଟ ପ୍ରଶ୍ନମଧ୍ୟରେ କ ଥିବାରୁ ସେ ସମ୍ବନ୍ଧୀୟ ଉତ୍ତରଟା ଜଣାପଡିଲା ନାହିଁ । ଟିକଟ କିଣିବା ଓ ଗାଡିରେ ଚଢିବା ଅତ୍ୟନ୍ତ କଷ୍ଟକର ଓ ପୀଡାଦାୟକ । କିନ୍ତୁ ଏ ସବୁ ଘୁଞ୍ଚିବ କେବେ ?

—※—

ଗଡ଼ଜାତ ଗଞ୍ଜେଇ ।

ଅବକାରୀ ଆଇନର ବିଷୟ ବଙ୍ଗୀୟ ବ୍ୟବ- ସ୍ଥାପକ ସଭାରେ ଗତ ସପ୍ତାହରେ ହେବାସମୟ- ରେ ଓଡିଶାର ପ୍ରତିନିଧି ମାନ୍ୟବର ମଧୁସୂଦନ ଦାସ ଗଡ଼ଜାତ ଗଞ୍ଜେଇ ସମ୍ବନ୍ଧରେ ଯାହା କହିଥିଲେ ତହିଁର ସାର ମର୍ମ ଏଠାରେ ପ୍ରକାଶ କଲୁଁ ଯଥା; ଗଡ଼ଜାତ ଗଞ୍ଜା ଏ ପ୍ରଦେଶକୁ ଆମଦାନୀ ହେବାରେ ଆଇନ ସଙ୍ଗତ କି ନା ତାହା ସେ କହି ନ ପାରନ୍ତି କାରଣ ସେ ଆଇନରେ ବ୍ୟବହାର୍ଯ୍ୟ ଅବକାରୀ ଦ୍ରବ୍ୟର ତାଲିକା ନାହିଁ । ପୁରୀର ସମ୍ଭ୍ରାନ୍ତ ଏବଂ ମଧ୍ୟଶ୍ରେ- ଣୀର ଲୋକମାନେ ଗଡ଼ଜାତ ଗଞ୍ଜା ସେବନ କରିବାକୁ ଭଲ ପାନ୍ତି ଏବଂ ସରକାର ରାଜସ୍ୱ ପାଇ ଗଞ୍ଜା ତଳେ ଗଡ଼ଜାତମାନଙ୍କରେ ଗଞ୍ଜାର ଚାଷ ନିଷେଧ କରିବାରୁ ଗଞ୍ଜାର ମୂଲ୍ୟ ବୃଦ୍ଧି ସଙ୍ଗେ ଲୋକେ ହରବରରେ ପଡିଲେ । ଲୋକେ ଆପଣା ରୁଚିମତ ମାଦକ ଦ୍ରବ୍ୟ ସେବନ କରିବା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃତ୍ୱ ବାଞ୍ଛନୀୟ ନୁହଇ । ଗବର୍ଣ୍ଣମେଣ୍ଟ କେ- ବଳ ମାଦକଦ୍ରବ୍ୟ ଶସ୍ତା ଏବଂ ଅହିତକର ନ ହେବା ପ୍ରତି ଦୃଷ୍ଟି ରଖି ପାରନ୍ତି । ଗଡ଼ଜାତ ଗଞ୍ଜାର ଆମଦାନୀ ରହିତ କରିବାରୁ ପୁରୀର ଲୋକେ ଯେ ଅନେକ ଟଙ୍କା ଖର୍ଚ୍ଚ କରି ସୁଦ୍ଧା ଗଡ଼ଜାତର ଚୋରା ଗଞ୍ଜା ଆଣି ଆପଣାର ତୃପ୍ତି ସାଧନ କରୁଅଛନ୍ତି ଏହା ସରକାରୀ କର୍ମ୍ମଚାରୀଙ୍କୁ ଜଣା ନ ଥାଇପାରେ । ଏହିରୂପେ ନୂତନ ଆଇନ ବା ନିୟମ କଲେ ଲୋକେ ତାହା ଲଙ୍ଘନ କରିବାର ଉପାୟ ଖୋଜିବେ ଏବଂ ଏ ସ୍ଥଳେ ତାହାହିଁ ହେଉ ଅଛି । ଉତ୍କଳର ସମ୍ବାଦ ପତ୍ରମାନଙ୍କରେ ଏଥିର ବିସ୍ତର ଆନ୍ଦୋଳନ ଲାଗିଅଛି ଏବଂ ସେ ଭରସା କରନ୍ତି ଆଇନ ଚଳାଇବାର ଭାରପ୍ରାପ୍ତ କର୍ମ୍ମଚାରୀ- ମାନେ ଲୋକଙ୍କର ଅଭିଳାଷ ପ୍ରତି ସମୁଚିତ ଦୃଷ୍ଟିପାତ କରିବେ । ଏହା ଶୁଣି ଉକ୍ତ ଆଇନର ଭାରପ୍ରାପ୍ତ ଶ୍ରୀଯୁତ ମାନ୍ୟବର [illegible] ସାହେବ ମହୋ- ଦୟ ଅବକାରୀ ମହକୁମାରୁ ଏ ବିଷୟପ୍ରତି ଉପ- ଯୁକ୍ତ ଦୃଷ୍ଟିପାତ ହେବାର ଭରସା ଦେଲେ । ଏଥିରୁ ପାଠକମାନେ ଦେଖିବେ ଯେ ଗଡ଼ଜାତ ଗଞ୍ଜେଇ ଓ ଏତଦ୍ବିଷୟରେ ଓଡ଼ିଶାର ବିଶେଷତଃ

Digitized by srujanika@gmail.com

ପ୍ରାକାଶିକର ସ୍ୱବାସ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ଓଡ଼ିଶାର ପ୍ରତିନିଧି ଯଥାସାଧ୍ୟ ଚେଷ୍ଟା କରି ତାହାଙ୍କୁ ଏବଂ ସେ ଗୁଡ଼ାକ ନ୍ୟାଯ୍ୟସଙ୍ଗତ ଥିବାର ଅକାଟ୍ୟ ଯୁକ୍ତିଦ୍ୱାରା ପ୍ରତିପନ୍ନ କରିଅଛନ୍ତି । ଗବର୍ଣ୍ଣମେଣ୍ଟ ପକ୍ଷରୁ ତହିଁର ପ୍ରତିବାଦ ନ ହୋଇ ଥିବାରୁ ଏ ବିଷୟରେ ବିସ୍ତର ହେବାର ଦେଖୁଅଛନ୍ତି ଏହା ଜାଣିବାର ବିଷୟ ଅଟେ । ଆଇନରେ ସେ ସମ୍ବନ୍ଧରେ କିଛି ବିଧାନ ହେବାର ନ ଥିଲା ଏହା ସମସ୍ତେ ଜାଣନ୍ତି । ମାତ୍ର ପ୍ରାଚୀନ ବିସ୍ତର କ୍ରମେ ଓଡ଼ିଶାର ପ୍ରତିନିଧି ବ୍ୟବସ୍ଥାପକ ସଭାରେ ସେ ବିଷୟ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଅଣି ସୁବିବେଚନାର କାର୍ଯ୍ୟ କରିଅଛନ୍ତି । ବଙ୍ଗୀୟ ଆଦେଶରେ ଗବର୍ଣ୍ଣମେଣ୍ଟ ଏଥିର ସୁବିଚାର କରିବେ ବୋଲି ସମ୍ପୂର୍ଣ୍ଣ ଆଶା ହେଉଅଛି । ଶୁଳ୍କ ଆଦାୟଦ୍ୱାରା ମାଦକ ଦ୍ରବ୍ୟର ବ୍ୟବହାର ସୀମାବଦ୍ଧ କରିବା ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ମାତ୍ର ଯେଉଁ ମାଦକଦ୍ରବ୍ୟ ଲୋକେ ସ୍ୱାସ୍ଥ୍ୟକର ମନେ କରନ୍ତି ତହିଁରୁ ସେମାନଙ୍କୁ ବଞ୍ଚିତ କରି ଅସ୍ୱାସ୍ଥ୍ୟକର ଦ୍ରବ୍ୟ ଯୋଗାଇବାର ବ୍ୟବସ୍ଥା କୌଣସି ମତେ ନ୍ୟାଯ୍ୟସଙ୍ଗତ ନୁହେ ଓ ଗଞ୍ଜାସାହି ଛାଡ଼ି ଓଡ଼ିଶାର ଲୋକଠାରୁ ସ୍ୱାସ୍ଥ୍ୟକର ଏବଂ ଏଠା ଲୋକଙ୍କର ତହିଁ ବିଷୟ ସ୍ଥିତ ଧାରଣା ଭୁଲ ଏହା ପ୍ରତିପନ୍ନ କରି ନ ପାରିଲେ ସରକାରଙ୍କର ହସ୍ତକ୍ଷେପ ଅନ୍ୟାଯ୍ୟ ବୋଲି କିଏ ନ କହିବ ?

---

### ରେଭେନ୍‌ସା କାଲେଜ ବିଦ୍ୟାଳୟ ।

ବହୁ ତର୍କ ବିତର୍କ ପରେ ଏବେ କଟକରେ ରେଭେନ୍‌ସା କାଲେଜ ବିଦ୍ୟାଳୟ ନୂଆ ଭିତ୍ତି ଉପରେ ଠିଆ ହେଲା । ଏଣିକି ପଡ଼ିଆରେ ଟ ୫୦୦୦ ଲେଖାଏଁ ସାହାଯ୍ୟ ମିଳିବ । ୨ ବର୍ଷ ପର୍ଯ୍ୟନ୍ତ ଚାନ୍ଦା-ସାହାଯ୍ୟରେ ସ୍କୁଲ କାର୍ଯ୍ୟ ଚଳି ଆସୁଥିଲା । ଗତ ଦେଢ଼ ବର୍ଷ ମଧ୍ୟରେ ଶ୍ରୀମାନ ଭୁମାସଦାସ ଟ ୧୮୦୦୦ ସ୍କୁଲ କମିଟି ଚାନ୍ଦା ସଂଗ୍ରହ କରିଅଛନ୍ତି । ଉକ୍ତ ଚାନ୍ଦା ସଂଗ୍ରହରେ ତାହାଙ୍କର ଯେପରି ଅଧ୍ୟବସାୟ, ସ୍କୁଲ ପ୍ରତି ପ୍ରଗାଢ଼ ମମତା ଏବଂ ନିଃସ୍ୱାର୍ଥ ଦେଶ ସେବାର ଉଜ୍ଜ୍ୱଳ ପ୍ରମାଣ ପ୍ରକାଶିତ ହୋଇଅଛି ସେହିପରି କଲିକତା ବଡ଼ ମଣ୍ଡଳଙ୍କ ହୃଦୟରୁ ଓଡ଼ିଶା ପ୍ରତି ଅନାଦର ଭାବ ଛୁଟି ଯାଉଥିବାର ଯଥେଷ୍ଟ ପ୍ରମାଣ ମିଳିଅଛି । କମିଟି ନିଯୁକ୍ତ ସମ୍ବନ୍ଧରେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ସହିତ ମତଭେଦ ହେବାରୁ ଅଲଗା ଏ ସରକାରଙ୍କ ମଞ୍ଜୁର ହେବା ମିଳି ନ ଥିଲା । ମାତ୍ର ଶ୍ରୀମାନ ମିସ୍‌ଦାସ ଏବଂ କଟକସ୍ଥ ଭଦ୍ରଲୋକ ଉପସ୍ଥିତ ସ୍କୁଲର ସମସ୍ତ ଭାର ନେବା ପାଇଁ ଡିରେକ୍ଟରଙ୍କ ପ୍ରତିଜ୍ଞା ପତ୍ର ଲେଖି ଦେବାରୁ ଉକ୍ତ ମହୋଦୟ ବିଦ୍ୟାଳୟର ଉନ୍ନତି ଅଭାବରେ ସମସ୍ତ ଭାର ଶ୍ରୀମାନ ମିସ୍ ଦାସଙ୍କ ଠାରେ ଅର୍ପଣ କରି ଅଧୁନା ଟ ୫୦୦୦ ଙ୍କା ମଞ୍ଜୁର କରିଅଛନ୍ତି । ମିସ୍ ଦାସଙ୍କ ଅନୁସାରେ କ୍ରମେ ୨୯ ଣ ମେମ୍ବର ହୋଇ ଗୋଟିଏ ଏକଟିଂ କମିଟି ନିଯୁକ୍ତ ହୋଇଅଛି । ଯେଉଁମାନେ ସ୍କୁଲର ଉନ୍ନତି ପାଇଁ ପରିଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାର କରିବେ ସେହିମାନେ ଏଥିରେ ମେମ୍ବର ହୋଇ ପାରିବେ । ଏତଦ ବ୍ୟତୀତ ସ୍କୁଲର ସର୍ବସାଧାରଣଙ୍କର ସହାନୁଭୂତି ପାଇଁ ଗୋଟିଏ ଜେନେରେଲ କମିଟି ନିଯୁକ୍ତ ହୋଇଅଛନ୍ତି । ଯେଉଁମାନେ ସହାନୁଭୂତି ପ୍ରକାଶ ଓ ମାସିକ ଅର୍ଥ ସାହାଯ୍ୟ କରିବେ ସେହିମାନେ ହିଁ ଉକ୍ତ କମିଟିର ମେମ୍ବର ହୋଇ ପାରିବେ । ଏତଦ୍ଭିନ୍ନ ଦଶଜଣ ମେମ୍ବର ହୋଇ ଗୋଟିଏ ମ୍ୟାନେଜିଂ କମିଟି ଗଠିତ ହୋଇଅଛି । ଉକ୍ତ ମେମ୍ବରମାନେ ଜେନେରେଲ କମିଟିଦ୍ୱାରା ନିଯୁକ୍ତ ହୋଇଅଛନ୍ତି ।

ସ୍କୁଲ ଇନ୍‌ସପେକ୍ଟରଙ୍କ ଡିରେକ୍ଟର ଗତମାସ ତା ୨୦ ରିଖରେ ବିଦ୍ୟାଳୟ ପରିଦର୍ଶନ କରି ଯେଉଁ ମନ୍ତବ୍ୟ ଲିପିବଦ୍ଧ କରିଅଛନ୍ତି ତହିଁ ପ୍ରତି ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ । ସେ ବିଦ୍ୟାଳୟର ପ୍ରଶଂସା କରି ଯାହା ଲେଖିଥିଲେ ତାହା ଏଠାରେ ପ୍ରକାଶ କରିବା ଅନାବଶ୍ୟକ । ସମସ୍ତ ଦେଖି ଶୁଣି ଏବଂ ଅନ୍ୟ ସ୍କୁଲ ଅପେକ୍ଷା ଏ ସ୍କୁଲର ଉଚ୍ଚ କ୍ଲାସରେ ଅଳ୍ପ ବାଳକ ଥିବା ସତ୍ତ୍ୱେ ଯେତେବେଳେ ଅନ୍ୟ ସ୍କୁଲର ସ୍ଥାନ ବଢ଼ କରି ଡିରେକ୍ଟର ଉକ୍ତ ସ୍କୁଲ ସକାଶେ ଟଙ୍କା ମଞ୍ଜୁର କରିଅଛନ୍ତି ତହିଁରୁ ସମସ୍ତ ସ୍ୱଦେଶରେ ଅନୁମିତ ହେବ । ସୁତରାଂ ଯେଉଁ ସବୁ ତ୍ରୁଟି ଦେଖାଇ ଅଛନ୍ତି ତାହା ସୁଧାରିବାକୁ ଯତ୍ନବାନ ହେବା ଜନସାଧାରଣଙ୍କ କର୍ତ୍ତବ୍ୟ । ଏଣୁ ତାହା ଏଠାରେ ଉଦ୍ଧୃତ କରୁଅଛୁଁ ।

"ସ୍କୁଲଗୃହ ବଢ଼ାଇବା ନିତାନ୍ତ ଆବଶ୍ୟକ ଅଟେ । ବର୍ତ୍ତମାନ ଯେଉଁଠାରେ ସ୍କୁଲ ଅଛି ସେଠାରେ ଆଉ ବଢ଼ାଇବାକୁ ସ୍ଥାନ ଅଛି କି ଏଥିରେ ଆମ୍ଭର ସନ୍ଦେହ । ୧୯୦୮ ଓ ୯ ମସୀହାର ରିପୋର୍ଟରେ କମିଟି ତାହାଙ୍କର ଯେଉଁ ଉଦ୍ଦେଶ୍ୟମାନ ବ୍ୟକ୍ତ କରିଅଛନ୍ତି ଯେବେ ସେହି ଉଦ୍ଦେଶ୍ୟମାନଙ୍କ ଦ୍ୱାରା ସେମାନେ ଚାଳିତ ହୁଅନ୍ତି ତାହାହେଲେ କି ଉପାୟରେ ଗୋଟିଏ ଉପଯୁକ୍ତ ଅଧିକତର ସ୍କୁଲ ଗୃହ ନିର୍ମିତ ହେବ ସେମାନେ ତହିଁର ବିଧାନ କରିବେ । ସେହି ଉଦ୍ଦେଶ୍ୟମାନ ସଙ୍ଗତ କି ଅସଙ୍ଗତ ତାହା ଆଲୋଚନା କରିବାର ସ୍ଥାନ ଏ ନୁହେ । ଯେବେ ଆମ୍ଭ ଡିରେକ୍ଟରମାନେ ଶିଶୁଶ୍ରେଣୀର ସଂଖ୍ୟା ସୀମାବଦ୍ଧ କରି ରକ୍ଷି ଉଚ୍ଚଶ୍ରେଣୀ ମାନଙ୍କର ଉନ୍ନତି ସାଧନ କରିବା ଉଚିତ ହେବ । କାରଣ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ଯେଉଁ ଚାନ୍ଦା ଦେଉଅଛନ୍ତି ତାହା କେବଳ ଉଚ୍ଚଶ୍ରେଣୀ ( ହାଇସ୍କୁଲ ) ହେତୁ ଦିଆଯାଉଅଛି । ରିପୋର୍ଟରେ ଉଲ୍ଲେଖ ଥିବା ତିନୋଟି ଉଦ୍ଦେଶ୍ୟ ସହିତ ଗୋଟିଏ ଚତୁର୍ଥ ଉଦ୍ଦେଶ୍ୟ ଯୋଗ କରାଯାଇଅଛି । ତାହା ହେଉଅଛି ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷାପ୍ରଣାଳୀ ଶିକ୍ଷା ଦେବା । ମିସ୍ ଦାସ ଏକାକୀ ଏ କାର୍ଯ୍ୟ ଯେପରି ମନପ୍ରାଣ ଦେଇ କରୁଅଛନ୍ତି ତାହା ସାଧାରଣତଃ ବିରଳ । ଯେବେ ସ୍କୁଲ ସମୟ ପୂର୍ବରୁ ଶିକ୍ଷୟିତ୍ରୀ ମାନଙ୍କ ଶିକ୍ଷା ଦେବାକୁ ପଡ଼ୁଅଛି । ସେ ଏହି ପରି ଭାବରେ ଅତିରିକ୍ତ ପରିଶ୍ରମ କରୁଥିବେ ନା ତାଙ୍କ ପର ଆଉ ଏକଜଣ ଉପଯୁକ୍ତ ଓ ଉପଯୁକ୍ତ ପ୍ରିନ୍ସିପାଲ ନିଯୁକ୍ତ କରାଯିବ ତାହା କମିଟି ବିଚାର କରିବେ । ବର୍ତ୍ତମାନ ଅବସ୍ଥାରେ ଭଲମନ୍ଦ ହିସାବ ଅଙ୍କ ଦେଖିବାକୁ ହେବ । ମୋଟ ଉପରେ ବିବେଚନା କଲେ ବର୍ତ୍ତମାନ ଦୃଷ୍ଟିରେ ସନ୍ତୋଷର ଅଭାବ ଅଟେ । ସ୍କୁଲ ସହିତ ଯେଉଁମାନେ ସଂସୃଷ୍ଟ ସେମାନେ ଉତ୍ସାହିତ ହୋଇ ନବ ବଳରେ ଚେଷ୍ଟା କରିବାର କାରଣ ଯଥେଷ୍ଟ ଅଛି । ସମାନ ଦାବୀ ଦେଇ କଟକରେ ଦୁଇଟି ସ୍କୁଲର ପ୍ରତିଦ୍ୱନ୍ଦିତା ହେଲୁ କୌଣସି ଗୋଟିଏ ସ୍କୁଲକୁ ଗବର୍ଣ୍ଣମେଣ୍ଟଙ୍କର ସମସ୍ତ ସାହାଯ୍ୟ ଦେବାର ସ୍ଥିର କରିବା ବଡ଼ ସହଜ କଥା ନୁହେ । ଦୁଇଟି ସ୍କୁଲକୁ ମିଳାଇ ଦେବାର ଚେଷ୍ଟା ବିଫଳ ହେଲା । ବର୍ତ୍ତମାନ ସମ୍ପ୍ରତିରେ ରେଭେନ୍‌ସା ସ୍କୁଲକୁ ସମସ୍ତ ସାହାଯ୍ୟ ଦିଆଗଲା । ବର୍ତ୍ତମାନ ଆମ୍ଭେ ନିଃସନ୍ଦେହରେ କହିପାରୁଁ ଯେ ବିଦ୍ୟାଳୟର ପୃଷ୍ଠପୋଷକମାନେ ଗବର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ସୁବିଧାର ସଦ୍ବ୍ୟବହାର କରି ତାହାଙ୍କ ବିଶ୍ୱାସର ଯାଥାର୍ଥ୍ୟ ପ୍ରତିପାଦନ କରିବେ । ଶିକ୍ଷା କାର୍ଯ୍ୟ ଦେଖିବାକୁ ଆମ୍ଭେ ଚେଷ୍ଟା କରି ନାହୁଁ । କିନ୍ତୁ ଆମ୍ଭେ ଯାହାସବୁ ଦେଖିଲୁଁ ତହିଁରେ ବଡ଼ ପ୍ରୀତ ହେଲୁ ଶୃଙ୍ଖଳା ଓ ସୁବ୍ୟବସ୍ଥା ଗୃହୀତ ହେଉଥିଲେ ଛାତ୍ରମାନ ହେଉଥିଲେ ।"

ଡିରେକ୍ଟର ମହୋଦୟ ସ୍କୁଲ ଗୃହ ବଢ଼ାଇବା ପାଇଁ ଯାହା ଲେଖିଅଛନ୍ତି ତାହା ଯଥାର୍ଥ । ମାତ୍ର ତାହା ବିଶେଷ ସମୟ ଓ ଅର୍ଥ ସାପେକ୍ଷ । ବିଦ୍ୟାଳୟଟି ଯେଉଁଠାରେ ଅଛି ତାହାର ନିକଟରେ ସରକାରଙ୍କର ସ୍ଥାନ ଅଛି । ଯଦି ସରକାର ତାହାପୁର ଉକ୍ତ ସ୍ଥାନ ଗୁଡ଼ିକ ସ୍କୁଲ ଗୃହ ନିମନ୍ତେ ପ୍ରଦାନ କରନ୍ତି ତାହାହେଲେ ଅଧିକନ ବଡ଼ ଇମାରତ ପକ୍ଷରେ ବିଶେଷ ସୁବିଧା ହେବ । ଯଦି ତାହା ନ ହୁଏ ତେବେ ଅନ୍ୟତ୍ର ଚେଷ୍ଟା କରାଯିବ । ଏହି କାର୍ଯ୍ୟ ନିମନ୍ତେ ପ୍ରାୟ ୫୦ । ୬୦ ହଜାର ଟଙ୍କା ଆବଶ୍ୟକ । ଏଥିରୁ ସରକାର ଯାହା ଦେବେ

Split by PDF Splitter
Digitized by srujanika@gmail.com

ଅବଶିଷ୍ଟ ଟଙ୍କା ସାଧାରଣ ଭଦ୍ରମଣ୍ଡଳୀଙ୍କଠାରୁ ମିଳିବାର ଆଶା ସମ୍ପୂର୍ଣ୍ଣ ଅଛି । ବର୍ତ୍ତମାନ ଯେତେଦିନ ପର୍ଯ୍ୟନ୍ତ ନୂତନ ସ୍କୁଲ ଗୃହ ନିର୍ମିତ ହେଉନାହିଁ ସେପର୍ଯ୍ୟନ୍ତ କାର୍ଯ୍ୟ ଚଳିବା ପାଇଁ ସ୍କୁଲ ହତା ମଧ୍ୟରେ ଯେ ସ୍ଥାନ ଅଛି ତହିଁରେ କେତୋଟି ଘର ତିଆର କରାଯିବ । ସେଥିରେ ଯାହା ଟଙ୍କା ଲାଗିବ ତହିଁରୁ ଡିରେକ୍ଟର ୪ । ୫ ହଜାର ଟଙ୍କା ଦେବାକୁ ଅଙ୍ଗୀକାର କରିଅଛନ୍ତି । ଅବଶିଷ୍ଟ ଟଙ୍କା ଲୁମାସ୍ଟି ଦାସ କମିଟି ସଙ୍ଗେ ପରାମର୍ଶ କରି ସ୍ଥିର କରିବେ ।

ଗତ ମାସ ୨୭ ତାରିଖରେ ମିଃ ଟେହ୍ ବ୍ରାଞ୍ଚ ପୂର୍ବାହ୍ନ ୧୧ ଟାଠାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସ୍କୁଲ ପରିଦର୍ଶନ କରି ପ୍ରୀତିଲାଭ କରିଥିବାର ପ୍ରକାଶ କରିଅଛନ୍ତି । ସେ କହିଅଛନ୍ତି ଯେ କଲିକତାରେ ଯେପରି ଗୋଟିଏ ଟ୍ରେନିଂ କ୍ଲାସ ଖୋଲାଅଛି ତହିଁରେ କେବଳ ହିନ୍ଦୁ ବିଧବାମାନେ ପଢ଼ୁଅଛନ୍ତି, ଶ୍ରୀମତୀ ସରଳାବାଲା ମିତ୍ର (ଯେ ମିସ୍ ଦାସଙ୍କ ସଙ୍ଗେ ବିଲାତ ଯାଇଥିଲେ) ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଅଛନ୍ତି ଏଠାରେ ମଧ୍ୟ ସେହିପରି ଗୋଟିଏ ଟ୍ରେନିଂ କ୍ଲାସ ଖୋଲାଯାଉ । କ୍ଷେତ୍ରୀ ବିଧବା ରମଣୀମାନେ ଏଥିରେ ପଢ଼ିବେ ସେମାନଙ୍କର ଅବରୋଧପ୍ରଥା ଅକ୍ଷୁର୍ଣ୍ଣ ରହିବ ଏବଂ ସେମାନେ ମାସିକ ଦଶଟଙ୍କା କରି ବୃତ୍ତି ପାଇବେ ।

—※—

ରାୟ ଅନନ୍ତଲାଲ ଦେବ ବାହାଦୂରଙ୍କ ଅଭ୍ୟର୍ଥନା ।

ଏଠାର ସୁପ୍ରସିଦ୍ଧ ଜମିଦାର ଅନନ୍ତଲାଲ ଦେବ ମହୋଦୟ ଗବର୍ଣ୍ଣମେଣ୍ଟ ଦ୍ୱାରା ରାୟ ବାହାଦୂର ପଦରେ ଭୂଷିତ ହୋଇଥିବାରୁ ତାଙ୍କୁ ଅଭ୍ୟର୍ଥନା କରିବା କାରଣ ଗତ ଶନିବାର ଏବଂ ରବିବାର ଦିନ ଏଠା ଟାଉନ କ୍ଲବ ଏବଂ ୟୁନିୟନ କ୍ଲବର ମେମ୍ବରମାନେ ଟାଉନ ଲାଇବ୍ରେରି ହଲ ଓ ୟୁନିୟନ କ୍ଲବ ଗୃହରେ ଯଥାକ୍ରମେ ସାନ୍ଧ୍ୟ ମିଳନ କରିଥିଲେ । ଉଭୟ ସ୍ଥଳରେ କେବଳ ଦେଶୀୟ ଲୋକ ଆମନ୍ତ୍ରିତ ହୋଇଥିବା ହେତୁ ଉଭୟେ ମିଶି ଏକତ୍ରରେ ଗଳ୍ପ କରିଥିଲେ ସୁନ୍ଦର ଦେଖାଯାନ୍ତା । ଯଦ୍ୟପି ଉକ୍ତ ରାୟ ବାହାଦୂର ମହାଶୟ ୟୁନିୟନ କ୍ଲବର ମେମ୍ବର ଥିବାରୁ ତହିଁର ମେମ୍ବରମାନେ ତାଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରିବା ସ୍ୱାଭାବିକ । ସେ ଯାହା ହେଉ ଉଭୟ ଦଳର କାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବିଘ୍ନରେ ପରିସମାପ୍ତ ହେବା ସୁଖର ବିଷୟ । ଶନିବାର ଦିନ ଅପରାହ୍ନରେ ବୃଷ୍ଟି ହୋଇ ନ ଥିବା ହେତୁ ୟୁନିୟନ କ୍ଲବଠାରେ ସମୁପସ୍ଥିତ ଭଦ୍ରଲୋକମାନେ କିଛିକାଳ କଥାବାର୍ତ୍ତା ପରେ ବାହାରେ ସମାସୀନ ହେଲାରୁ ଶ୍ରୀଯୁକ୍ତ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ମହୋଦୟ ସ୍ୱଭାଷାରେ ଅନନ୍ତ ବାବୁଙ୍କ ଅଧ୍ୟବସାୟ ଓ ଦୟାଶୀଳତାଦି ଗୁଣମାନଙ୍କର ବର୍ଣ୍ଣନା କରି ପ୍ରକାଶ କଲେ ଯେ ଗବର୍ଣ୍ଣମେଣ୍ଟ ଅନେକ ସମୟରେ ଯେଉଁ ପଦ ପ୍ରଦାନ କରନ୍ତି ନ ସବୁବେଳେ ତାହା ପ୍ରକୃତ ହେଲା ସେଥିର କାରଣ ଲୋକେ ଜାଣି ନ ପାରନ୍ତି ମାତ୍ର ଅନନ୍ତ ବାବୁଙ୍କ ସମ୍ମାନିତ କରିବାରେ ସମସ୍ତ ଲୋକ ଆନନ୍ଦ ଅଛନ୍ତି ଏବଂ ଯୋଗ୍ୟତା ଦୃଷ୍ଟିରେ ଅଯାଚିତ ଭାବରେ ସେ ସମ୍ମାନ ପଡ଼ିବା ଅତ୍ୟନ୍ତ ସୁଖର ବିଷୟ । ଏଥି ଉତ୍ତାରୁ ବାବୁ ଜାନକୀନାଥ ବସୁ ଅନନ୍ତ ବାବୁଙ୍କ ସମ୍ପୂର୍ଣ୍ଣ ନମ୍ରତାସ୍ୱ ଦେଶ ଗୌରବାନ୍ୱିତ ଏବଂ ସେ ପ୍ରୋଗ୍ରେସ କ୍ଲବର ମେମ୍ବର ଥିବାରୁ କ୍ଲବ ସମ୍ମାନିତ ହୋଇଥିବାର ପ୍ରକାଶ କଲେ ପରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ମୁନସୀ ସୟଦ ନୁରହକ ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଏ କାର୍ଯ୍ୟ ଦ୍ୱାରା ମୁସଲମାନ ସମ୍ପ୍ରଦାୟ ଆନନ୍ଦିତ ହୋଇଥିବା ଏବଂ ଉପଯୁକ୍ତ ପାତ୍ରରେ ସମ୍ମାନ ପ୍ରଦର୍ଶିତ ହୋଇଥିବାର ବ୍ୟକ୍ତ କଲେ । ଶେଷରେ ରାୟ ଅନନ୍ତଲାଲ ଦେବ ବାହାଦୂର ମହୋଦୟ ସାହ୍ଲାଦ ପୂର୍ବକ ଗବର୍ଣ୍ଣମେଣ୍ଟଙ୍କଠାରେ ଆପଣାର କୃତଜ୍ଞତା ପ୍ରକାଶ କରି ତାଙ୍କୁ ଅଭିବାଦନ କରିବା କାରଣ ଏମନ୍ତ ସୁନ୍ଦର ଆୟୋଜନ ହୋଇଥିବା ହେତୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କଲେ, ପରେ ମାନ୍ୟବର ଦାସ ମହାଶୟ ସୁରୁଚି ସମ୍ମତ ସୁନ୍ଦର ପୁଷ୍ପମାଳଟିଏ ସାଗ୍ରହ ଏବଂ ଉତ୍ତରୋତ୍ତର ସମ୍ମାନ ବୃଦ୍ଧିର କାମନା ସହିତ ନୂତନ ରାୟ ବାହାଦୂରଙ୍କ ଗଳଦେଶରେ ଲମ୍ବମାନ କଲେ ଏବଂ ସମବେତ ଭଦ୍ରଲୋକମାନେ ଯଥେଷ୍ଟ ପାନ ଭୋଜନ କରି ସ୍ୱ ସ୍ୱ ଆବାସକୁ ପ୍ରତ୍ୟାଗତ ହେଲେ । ସେହି ଦିନ ରାତ୍ରି ଦୁଇପହର ସମୟରୁ ବର୍ଷା ଆରମ୍ଭ ହୋଇ ପରଦିନ ପର୍ଯ୍ୟନ୍ତ ଯୋଗ ଥିବାରୁ ଟାଉନ ହଲଠାରେ ଆୟୋଜିତ ହୋଇଥିବା ସାନ୍ଧ୍ୟ ମିଳନ ଅକର୍ମଣ୍ୟ ହେବ ଭାବିବାର ଭୟ ସମସ୍ତଙ୍କ ମନରେ ଉଦୟ ହୋଇଥିଲା ମାତ୍ର ଭଗବାନ ରାୟ ବାହାଦୂର ଦେବଙ୍କ ସୁଭାଗ୍ୟ ଓ ଜନପ୍ରିୟତା ଏବଂ ସମସ୍ତଙ୍କଠାରେ ସଦ୍ଭାବ ରୂପେ ବନ୍ଧୁଭାବରେ ଜଡ଼ିତ ଥିବାରୁ ନିର୍ଦ୍ଦିଷ୍ଟ ସମୟରେ ଟାଉନ ହଲ ଭଦ୍ରମଣ୍ଡଳୀରେ ପୂର୍ଣ୍ଣ ହୋଇଗଲା । ହଲର ଚତୁର୍ଦ୍ଦିଗ ଏବଂ ପ୍ରବେଶଦ୍ୱାର ପର୍ଣ୍ଣ ପତାକାଦିରେ ବିଭୂଷିତ ହୋଇ ସ୍ୱାଭାବିକ ସୁନ୍ଦର ହଲ ଅପୂର୍ବ ଶ୍ରୀ ଧାରଣ କରିଥିଲା ଏବଂ ପାନ ଭୋଜନାର୍ଥେ ଗୋ ୨.୩ ଟି ଟେବୁଲ ତହିଁ ମଧ୍ୟରେ ପଡ଼ିଥିବା ହେତୁ ଦୃଶ୍ୟଟି କମନୀୟ ହୋଇଥିଲା । ସନ୍ଧ୍ୟା ପରେ ସମସ୍ତେ ହଲ ମଧ୍ୟରେ ଉପସ୍ଥିତ ହେଲାରୁ ଉଦ୍ବୋଧନ ଗୀତଟିଏ ଗାନ ହେଲା । ତହିଁ ଉତ୍ତାରୁ ବାବୁ ପ୍ରିୟନାଥ ଚାଟୁର୍ଯ୍ୟା ମହାଶୟ ଅନନ୍ତ ବାବୁଙ୍କର ଗୁଣ ବର୍ଣ୍ଣନ ପୂର୍ବକ ତାଙ୍କର ପଦକ ଲାଭ ହେବାରୁ ସମସ୍ତେ ସୁଖୀ ହେଉଥିବାର ପ୍ରକାଶ କରି ବ୍ରାହ୍ମଣୋଚିତ ଆଶୀର୍ବାଦ ସଙ୍ଗେ ୨ ଦିବ୍ୟ ଫୁଲମାଳ ପିନ୍ଧାଇ ଦେଲେ । ରାୟ ବାହାଦୂର ମହାଶୟ ସ୍ୱଭାବତଃ ନମ୍ରତାପୂର୍ଣ୍ଣ ବାକ୍ୟାବଳିଦ୍ୱାରା ଆପଣାର କୃତଜ୍ଞତା ଜ୍ଞାପନ ପୂର୍ବକ ସମବେତ ଭଦ୍ର ମହୋଦୟଙ୍କୁ ଧନ୍ୟବାଦ ପ୍ରଦାନ କଲେ । ଅନନ୍ତର ଉପସ୍ଥିତ ଭଦ୍ରଲୋକମାନେ ଯଥେଷ୍ଟ ଜଳଯୋଗ କରି ଗଳ୍ପ ପ୍ରାୟ ଅର୍ଦ୍ଧଘଣ୍ଟା ସମୟରେ ସ୍ୱ ୨ ଆବାସକୁ ବାହୁଡ଼ିଲେ । ଅନନ୍ତବାବୁ ଏ ଦେଶୀୟ ବଙ୍ଗାଳି ଏବଂ ଅନେକ ଦିନ ଏଠାରେ ଥାଇ ଆପଣାର ସଦ୍ଗୁଣରେ ସମସ୍ତଙ୍କର ପ୍ରିୟପାତ୍ର ହୋଇଅଛନ୍ତି । ଏହା କହିବାରେ ଶେଷ ଯେ ସିଭିଲିୟନ ଏବଂ ବଡ଼ ୨ ଜାତିର ସାହେବମାନେ ଦେଖି ସ୍ୱୀକାର କରି ଯାଇଅଛନ୍ତି । ଏରୂପ ଲୋକ ଯେ ପଦ ପାଇବାର ଉପଯୁକ୍ତ ଏଥିରେ କାହାର ଦ୍ୱିଧା ହୋଇ ନ ପାରେ ଏବଂ ଗବର୍ଣ୍ଣମେଣ୍ଟ ଏ ପଦ ପ୍ରଦାନ ପୂର୍ବକ ଯୋଗ୍ୟତାର ଉପଯୁକ୍ତ ପୁରସ୍କାର ଉପଯୁକ୍ତ ପାତ୍ରରେ ପ୍ରଦାନ କରିଅଛନ୍ତି । ଏତଦ୍ୱାରା ଦେଶବାସୀଙ୍କର ନିଜ ଗୁଣଦ୍ୱାରା ଯଶୋଲାଭ କରିବା ପକ୍ଷେ ସ୍ୱତଃ ପ୍ରବୃତ୍ତି ଜନ୍ମିବ ଏବଂ ଏହା ଦେଖି ଆମ୍ଭେମାନେ ଅତିବ ସୁଖୀ ହେଉଁ । ଉକ୍ତ ସ୍ଥଳର ଅଭ୍ୟର୍ଥନାର ଆଶୀର୍ବାଦ ସହିତ ଆମ୍ଭେମାନେ ଯୋଗ ଦେଇ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ଅନନ୍ତ ବାବୁ ଦୀର୍ଘଜୀବୀ ହୋଇ ଉପାଧି ଭୋଗ ସଙ୍ଗେ ୨ ଲୋକଙ୍କର ସେବୋପଶମ ତଥା ସେମାନଙ୍କ ସେବା ମନ୍ତ୍ରିତ୍ୱ ଅନୁରୂପ ଗୁଣ ପ୍ରଦାନ କରିବା କାର୍ଯ୍ୟରେ ବ୍ରତୀ ହେଉନ୍ତୁ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ପ୍ରେସିଡେନ୍ସି ବିଭାଗର ସହକାରୀ ସ୍କୁଲ ଇନ୍ସପେକ୍ଟ୍ରେସ ମିସ ହଡସ୍ ବାଣ ବସୁ ପ୍ରେସିଡେନ୍ସି ବର୍ଦ୍ଧମାନ ଓ ଓଡ଼ିଶା ଡିଭିଜନର ସ୍କୁଲ ଇନ୍ସପେକ୍ଟ୍ରେସ ନିଯୁକ୍ତ ହେଲେ ।

ଡାଃ ସାନନ୍ଦ ଜ୍ୟୋତିର୍ ଓ ବାମନାଥ ସେନା ଓଡ଼ିଶା ଡିଭିଜନ ନେଟିଭ ଶିକ୍ଷୟିତ୍ରୀମାନଙ୍କର ଦବାର ସାର୍ଟିଫିକେଟ ଦେବାର ଓ ଜନ୍ମ ମୃତ୍ୟୁ ଜାଣିବା ଦେଖିବାର ଭାର ପାଇଲେ ।

ଡେଃ ମାଃ ଓ ଡେଃ କଲେକ୍ଟର ବାବୁ ଯଥାନାଥ କାମଦ ସନ ୧୯୦୮ ମସିହା ଅକ୍ଟୋବର ତା ୨୦ ରୁ ମା ୧ ସ ଛୁଟି ପାଇଲେ ।

ବାଲେଶ୍ୱରର ସବଡିଭିଜନାଲ ସବଇନ୍ସପେକ୍ଟର ମିଃ ଏଲ, ଏ, ଏସ, ବିଏ ସନ ୧୯୦୧ ସେପ୍ଟେମ୍ବର ତା ୬ ରୁ ମା ୧।୧୨ ଦିନ ଛୁଟି ପାଇଲେ ।

ପ୍ରେସିଡେନ୍ସି ବର୍ଦ୍ଧମାନ ଓ ଓଡ଼ିଶା ଡିଭିଜନମାନଙ୍କର ସ୍କୁଲ ଇନ୍ସପେକ୍ଟ୍ରେସ ମିସ୍ କିଲଫୁଲ ବୁଡ ସନ ୧୯୦୧ ସେପ୍ଟ ତା ୧ ରୁ ମା ୧ ସ ଛୁଟି ପାଇଲେ ।

କେନ୍ଦ୍ରାପଡ଼ାର ସବ୍‌ଡେପୁଟୀ ମୌଲବୀ ସୈୟଦ ମଜରୁଲ ଅଲ ବାଲେଶ୍ୱରର ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

ବାଲେଶ୍ୱରର ଏ। ସବ୍‌ଡେପୁଟୀ ବାବୁ ଭଜଗାଭୂଷଣ ରାୟ ଯାଜପୁରର ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

ଯାଜପୁରର ଏ। ସବ୍‌ଡେପୁଟୀ ବାବୁ ଚନ୍ଦ୍ରଶେଖର ଦାସ ଟ୍ରେନିଂରେ ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

କଟକର ଏ। ସବ୍‌ଡେପୁଟୀ ବାବୁ ଆନନ୍ଦଚନ୍ଦ୍ର ମହାନ୍ତି ଚିର୍ଯାଲର ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

ଚିର୍ଯାଲର ସବଡେପୁଟୀ ମୌଲବୀ ମସାହେଯଦ ଧାମନଗରର ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

ଧାମନଗରର ସବ୍‌ଡେପୁଟୀ ମୌଲବୀ ମାଜନର ମହମ୍ମଦ କେନ୍ଦ୍ରାପଡ଼ାର ସବ୍‌ଡେପୁଟୀ ନିଯୁକ୍ତ ହେଲେ ।

ବାବୁ ଚନ୍ଦ୍ରଚୂଡ଼ ରାୟ ଓ ବାବୁ ବିନୋଦବିହାରୀ ଘୋଷ ଟ୍ରେନିଂ ସରଣେ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ସ୍ୱଳନ୍ଦ୍ର ବିଚାର ସ ଜପୁର ସ୍ଥାୟୀ ଡେପୁଟୀ ସବ୍‌ଡେପୁଟୀ ହେଲେ ।

ତିଷାନଡିସ ସବ୍‌ଡେପୁଟୀ କଲେକ୍‌ଟର ବାବୁ ଚନ୍ଦ୍ରାମଣି ଅବଧି ଅନନ୍ତରେ ସଦର ମହକୁମାରୁ ବଦଳ ହେଲେ ।

ସବ୍ ଡେପୁଟୀ କଲେକ୍‌ଟର ବାବୁ ମୋହନମୋହନ ସେନାପତି ବିହାରର ବନ୍ଦୋବସ୍ତ କାର୍ଯ୍ୟରୁ ଫେରିଆସି ଓଡ଼ିଶା ବିଭାଗରେ ଅବସ୍ଥାପିତ ହେଲେ ଓ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ଡେପୁଟୀ କଲେକ୍‌ଟର ମୌଲବୀ ସୈୟଦ ମହମ୍ମଦ ଅନ୍ୟତ୍ର ଯାଜପୁର ସବ୍‌ଡିଭିଜନକୁ ବଦଳ ହେଲେ ।

କଟକର ବାବୁ ଶ୍ୟାମବିହାରୀ ରାୟ କଣଟେମ୍ପି ଡ୍ରୁଲ ସାତଙ୍କ ଅଧ୍ୟାପକ ପଦ ନିଯୁକ୍ତ ହେଲେ ।

ସମ୍ବଲପୁରର ସବ ଡେପୁଟୀ କଲେକ୍‌ଟର ଓ ତହସିଲଦାର ବାବୁ ଈଶ୍ୱରପ୍ରସାଦ ସିଂହ ସମ୍ବଲପୁର ଜାତୀୟ ବିଦ୍ୟାଳୟର ସଭ୍ୟ ନିଯୁକ୍ତ ହେଲେ ।

ନିମ୍ନଲିଖିତ ବ୍ୟକ୍ତିମାନେ କଟକ ଜଲାର ଲୋକାଲ ବୋର୍ଡମାନଙ୍କର ସଭ୍ୟ ନିଯୁକ୍ତ ହେଲେ । ଯଥା;—

କଟକ ଲୋକାଲ ବୋର୍ଡ ।

ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଡାକ୍ତର ଭେଟେରିନାରୀ ଡାକ୍ତର ଡେପୁଟୀ ଇନ୍‌ସ୍‌ପେକ୍‌ଟର ଅଫ୍ ସ୍କୁଲସ୍ କଟକ

| | |
|---|---|
| ବାବୁ ନରସିଂହଚରଣ ପ୍ରଧାନ | ବାବୁ ଜଗନ୍ନାଥବନ୍ଧୁ ଘୋଷ |
| ,, ଗୋପାଳାନନ୍ଦ ଚୌଧୁରୀ | ,, ମାଧବ ଦାସ |
| ,, ବାଳମୁକୁନ୍ଦ କାନୁନଗୋ, ବାବୁ ଭଗବାନଚନ୍ଦ୍ର ରାୟ ରା। | |
| ସୈୟଦ ଲେଭାର ଅଲୀ | ,, ଜାନକୀବଲ୍ଲଭ ପାଇନ |
| ବାବୁ ରମାରଞ୍ଜନ ମିତ୍ର | ,, ଯଦୁନାଥ ପାଇକରାୟ |
| ,, ଜଗମୋହନ ଲାଲ | ମୌଲବୀ ସେରଅଲୀ ମହମ୍ମଦ |

ସୈୟଦ ନଜ୍‌ଲ ହକ ।

ଯାଜପୁର ଲୋକାଲ ବୋର୍ଡ ।

ସବ୍‌ଡିଭିଜନାଲ ଅଫିସର, ପବ୍‌ଲିକ ଓ୍ୱାର୍କସ ଡିପାର୍ଟମେଣ୍ଟ

| | |
|---|---|
| ବାବୁ ହରବଲ୍ଲଭ ରାୟ | ବାବୁ ବାଳକୃଷ୍ଣ ଦାସ |
| ,, ଦୁର୍ଗାଚରଣ ଦାସ | ,, ନରନାରାୟଣ ଘୋଷ |
| ,, ଗୌରହରି ମହାନ୍ତି | ,, ମଧୁସୂଦନ ପଣ୍ଡା |
| ,, କୃଷ୍ଣଚନ୍ଦ୍ର କର | ,, ଗଙ୍ଗାଚରଣ ପାଲ |
| ,, ସାଧୁଚରଣ ଦାସ | ,, ନବଘନ ମହାପାତ୍ର |

ମଉଲବି ସେଖ ଗୋଲାମ ମୁସ୍ତାଫା ।

କେନ୍ଦ୍ରାପଡ଼ା ଲୋକାଲ ବୋର୍ଡ ।

ସବ୍‌ଡିଭିଜନାଲ ଅଫିସର, ପବ୍‌ଲିକ ଓ୍ୱାର୍କସ ଡିପାର୍ଟମେଣ୍ଟ

| | |
|---|---|
| ମି। ଜବଲର, ବି, ଏସ | ବାବୁ ଶଶିଭୂଷଣ ରାୟ |
| ବାବୁ ମନ୍ମଥନାଥ ଦାସ | ,, ମଧୁସୂଦନ ପାଣିଗ୍ରାହୀ |
| ,, ଅମ୍ବିକାଚରଣ ଘୋଷ | ,, ପଦ୍ମଚରଣ କାନୁନଗୋ |
| ,, ସୁରେନ୍ଦ୍ରନାଥ ଘୋଷ, ଡା। ମଦନମୋହନ ଦାସ | |
| ,, ହରିହରଚରଣ ମିଶ୍ର | ବାବୁ ରାମଚନ୍ଦ୍ର ଭଗତ |
| ,, ରମାନାଥ ମଲ୍ଲିକ । | |

ଗତ ତା ୨ ରିଖ ଶେଷ ହେବା ସପ୍ତାହରେ କଟକରେ ୧୨.୭୫, ବାଲେଶ୍ୱରରେ ୩.୬, ଅନୁଗୁଳରେ ୧.୯୩, ପୁରୀରେ ୦.୮୩, ଓ ସମ୍ବଲପୁରରେ ୨.୦୨ ଇଞ୍ଚ ବର୍ଷା ହୋଇଥିଲା ।

ଗତ ତା ୨ ରିଖ ଶେଷ ହେବା ସପ୍ତାହରେ ମୁନ୍‌ସଲ ଦର ସବୁ କଟକରେ ସେ ୧୦, ବାଲେଶ୍ୱରରେ ସେ ୧୧, ଅନୁଗୁଳରେ ସେ ୧୨।, ପୁରୀରେ ସେ ୧୮ ଓ ସମ୍ବଲପୁରରେ ସେ ୧୧.୮ ।

——

## ସ୍ଥାନୀୟ ସମ୍ବାଦ ।

ଗତ ଶନିବାର ମଫସଲରୁ ୬ ୪ ଣ ଲୋକ ନହରାବାଦ ଧାମଲେଶ୍ୱର ଅସୁସ୍ଥତା ସମ୍ପର୍କରେ ନଗର ଭିତରୁ ୬ ୨ ଣ ଲୋକ ମୃତ୍ୟୁ ହୋଇ ଅଛନ୍ତି ।

ଏଠା ମାଜିଷ୍ଟ୍ରେଟ ସାହେବ ଗତ ବୁଧବାର ଜଗତସିଂହପୁର ଲବଣ ଚଉକି ଯାଇଅଛନ୍ତି ।

ଗତ ସପ୍ତାହରେ ଯେଉଁ ବଜ୍ରପାତ ହୋଇଥିବା ଚିହ୍ନରେ କଟକ ଥାନା ଇଲାକା [ ପରମହଂସ ]ରେ ୬ ୧ ଣ ଓ ସାଲେ ପୁର ଥାନା ଇଲାକାରେ ୬ ୨ ଣ ଲୋକ ମାରା ପଡ଼ିଅଛନ୍ତି ।

ଏ ସପ୍ତାହରେ ଗ୍ରୀଷ୍ମ ଓ ଝାଞ୍ଜିଆ ସଙ୍ଗେ ପ୍ରାୟ ପ୍ରତ୍ୟହ ସହର ବର୍ଷା ହୋଇଥିଲା ନଦୀ ୨୦ ଫୁଟ ବଢ଼ିଥିଲା ।

ଜ୍ୱର ଓ ଆମାଶୟ ଆଦିର ରୋଗ ବୃଦ୍ଧି ହୋଇଅଛି ।

ଗତ ବୁଧବାର ଜାଠପୋଡ଼ାଠାରେ ହିନ୍ଦିଆଯାଉଥିବା ଖଣ୍ଡିଏ ନୌକା ଅତ୍ୟନ୍ତ ବୋଝାଇ ହେବାରୁ ମଝି ନଦୀରେ ଟଳମଳ ହୋଇ ଯା ନଇଁବାଟି ଲାଗିଲା ଦୈବଯୋଗେ ରକ୍ଷା ପାଇ କୂଳକୁ ଆସି ପାଇଅଛନ୍ତି । ଏଥିର ଚଳନ୍ତି ଅବଶ୍ୟକ ।

କଟକ ସ୍ୱଳାଙ୍କର ବେଲେଇ ଗୋଲଙ୍କ ନାମରେ ଯେଉଁ ମୋକଦ୍ଦମା କେନ୍ଦ୍ରାପଡ଼ାରେ ଦାଏର ହୋଇ ହାଇକୋର୍ଟର ଅଦେଶମତେ ଏଠାକୁ ଉଠିଆସିଥିଲା ତହିଁ ମାଃ ଇଣ୍ଡିକ୍ସ ବି, ଏନ ଦାସଙ୍କ ବିଚାରରେ ଆସାମିମାନେ ଗତ ବୁଧବାର ଖଲାସ ପାଇଅଛନ୍ତି ।

କେନ୍ଦ୍ରାପଡ଼ା ଲବଣ ଚଂପୁର ଜମିଦାର ଗୋବର୍ଦ୍ଧନ କାନନଗୋ ଓ ତାଙ୍କ ଭାଇ ୬ ୪ ଣ ଦଙ୍ଗା ହଙ୍ଗାମା କରିଥିବା ଅପରାଧରେ ଗତ ବୁଧବାର ଡେ। ମାଃ ବିଲାସବିହାରୀ ଦାସଙ୍କ ଦ୍ୱାରା ପ୍ରତ୍ୟେକ ମା ୨ ୪ ଟି ବେତ ଦଣ୍ଡ ଓ ଗୋବିନ୍ଦକୁ ଟ ୧୦୦ ଟା ଜରିମାନା ଦଣ୍ଡ ହୋଇଅଛି ।

ତାଳଚେର ଗଡ଼ରେ ମିଉନିସିପାଲଟି ନାମ ହୋଇ ନାହିଁ ମାତ୍ର ସେଠି ସରକାର ରାସ୍ତାଘାଟ ପ୍ରସ୍ତୁତ ଓ ମରାମତି କାର୍ଯ୍ୟ ଯୋଗାଇବାପାଇଁ ଗତମାସ ତା ୧୪ ରିଖରୁ ନାନାସ୍ଥାନରେ ସ୍ତମ୍ଭମାନ ପୋତି ଅଲୁଅ ଦେଖିବାର ବ୍ୟବସ୍ଥା କରିଅଛନ୍ତି । ଏଥିରେ ସେଠାରେ ଗମନାଗମନର ସୁବିଧା ଓ ଚୋର ଉତ୍ପାତର ଉପାୟ ହୋଇଅଛି ।—ଗ। ବା।

ଗଡ଼ଜାତର ପୋଲିଟିକଲ ଏଜେଣ୍ଟ ଢେଙ୍କାନାଳର ଗ୍ରାମାଦି ଏକବର୍ଷ ବେଠି କରିବା ଗଳ ଦେଖାର ଶୁଣାଯାଏ ।—ଗ। ବା।

ପୋଲିଟିକଲ ଏଜେଣ୍ଟ ମହାଶୟ ଏହି ବର୍ଷାକାଳର ବାଟ ଓ ନଦୀ ନାଳ ବନ୍ଧନ ଦେଖି ଗଡ଼ଜାତମାନ ଭ୍ରମଣ କରୁଅଛନ୍ତି ପ୍ରଶଂସାର ବିଷୟ । ସମ୍ଭବତଃ ସେ ତୁରନ୍ତ ବିଦାୟ ଆସିବେ ।—ଗ। ବା।

## ପୁରୀ ସମ୍ବାଦ ।

ଗତ ଜୁଲାଇ ମାସର ମଧ୍ୟଭାଗରେ ଏଠାରେ ଓଲାଉଠାର ପ୍ରାଦୁର୍ଭାବ ହୋଇଥିଲା । ଡ଼ାକ୍ତର ସାହେବ ଜଣେକ ପ୍ରସିଦ୍ଧ ପଣ୍ଡା ହରିହର ଦାସ ମହାପାତ୍ର ଏହି ରୋଗରେ ମାରାପଡ଼ିଅଛନ୍ତି । ବର୍ତ୍ତମାନ ଶାନ୍ତ ଅଛି ।

ପୂର୍ବ ଥାନା ଏହା ସୁବେଦାର ଓ ଭଗ୍ନ ହୋଇଥିବାରେ ନୂତନ ପୁର ନିର୍ମାଣ ପର୍ଯ୍ୟନ୍ତ ପଟ୍ଟେଲଙ୍କର ସଙ୍ଗ ହରିହର ଘୋଷଙ୍କ ଘାଟ ନିବାସକୁ ଉଠିଯାଇଅଛି ।

କଟକର ପଥଦଣ୍ଡ ସାହା ଝୋଆଁ ଦୁର୍ଗାରୁ ନୋଳାଥ ଘୋଷଙ୍କ ସୁଶୀଳା ମାତା ଗତ ରଥଯାତ୍ରା ସମୟରେ ଦର୍ଶନାର୍ଥ ଆସି ମନ୍ଦିର ମଧ୍ୟରେ ପ୍ରବେଶ କରିବାରୁ ଗୋଟିଏ ଅନେକ ଷଡ଼ ଦେଇଅଛନ୍ତି ।

ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍‌ଟର ମି। ମାକଫର୍ସନ ସାହେବ ଏ। ଇନ୍‌ସ୍ପେକ୍‌ଟରଙ୍କ ସହିତ ଗତ ତା ୨୩ ରେ ଏଠାରେ ପହଞ୍ଚି ସ୍କୁଲମାନ ପରିଦର୍ଶନ କରିତା ୨୮ ରେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କଲେ ।

ଏ ସପ୍ତାହରେ ବର୍ଷା ନାହିଁ । ନଦୀ ମଧ୍ୟ ଶୁଖିଯାଇଅଛି ।

## ମାଧ୍ୟଭାରତ ସମ୍ବାଦ ।

ବମ୍ବାଇର ଗୁଜୁରାଟ ଅଞ୍ଚଳ ମାଡ ଷେଲ ୬, ୧ ଦୂରଦର୍ଶୀ ପୂର୍ବ କରିବା ବଙ୍ଗଳ ସମିତିର ସାହାଯ୍ୟରେ ବମ୍ବାଇର. ଜି ଉପାଧି ଶିକ୍ଷା ଦମନେ ବିଦେଶ ଯାଇଥିବେ ସେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ପାସକରି ବି, ଏସ, ସି ଉପାଧି ପାଇଅଛନ୍ତି । ଅଗ୍ନି ଅଡ଼ାବରେ ମାସ ର ୫.୦ ପରେ ଫେରି ଆସିବେ ।

ପାରସ୍ୟର ଶାହ ପଦଚ୍ୟୁତ ହୋଇଥିବା ଦେଶ ପାଠକମାନଙ୍କ ଜଣାଅଛି । ବାର୍ଷିକ ୫୦୦୦ ପାଉଣ୍ଡ ପେନ୍‌ସନ ଦେଇ ପାରସ୍ୟ ଶାହଙ୍କ କର୍ମଚାରୀଙ୍କ ତାଙ୍କପ୍ରତି ବ୍ୟବହାର ହୋଇଅଛି ।

ଗତମାସ ତା ୨୭ ରିଖ ଅପରାହ୍ନ ୫ ୪ ଘ। ସମୟରେ ସିମଲାଠାରେ ସାମାନ୍ୟ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳଇ ।

ଅର୍ଯ୍ୟାବର୍ତ୍ତ ଅନ୍ତର୍ଗତ ମେହିଦପୁରର ସ୍ଥଳ ସେନା ସହିତ ଅବଜ୍ଞା ମରଦଙ୍କ ଭଳି ପୁଷ୍ଟ ଲାଗିଅଛି ଏବଂ ଷ୍ଟେଶନର ଇଂରେଜ ସେନାପତି ଓ ଅନେକ ସେନା ହତ ହୋଇଅଛନ୍ତି । ଏ ପୁଷ୍କର ନେପଥ୍ୟ ଦଳ ବାଷ୍ପିଲୋଠାରେ ମାତ ହୁଅନ୍ତ ବଙ୍ଗା ଅରମ୍ଭ କରିବାରୁ ଅନେକଙ୍କ ହତ ଓ ଆହତ ହୋଇଅଛନ୍ତି । ବଙ୍ଗାହଙ୍ଗାମା ହେତୁ ସମସ୍ତ ଷ୍ଟେଶନ ଅଞ୍ଚଳରେ ସାମରିକ ଆଇନ ଜାରି ହୋଇଅଛି ।

ଏଲାହାବାଦ ହାଇକୋଟର ଜଜ ବାବୁ ପ୍ରମଦାଚରଣ ବାନାର୍ଜି ବାବୁ ମିଶ୍ରୀଲାଲ ନାମକ ଜଣେକର ତାହାର ପୁଅ ଘୋଡ଼ ମାମଲା ଡିସମିସ କରିବାରୁ ତେଣୁ ହାକିମଙ୍କ ଉପରେ ନେଇଥିବା ତାହାର ପରବର୍ତ୍ତୀ ଯୋଗ ଗୋଟିଏ ମୁଣ୍ଡରେ ପ୍ରହାର କରନ୍ତେ ତାଙ୍କ ମୁଣ୍ଡରୁ ରକ୍ତ ବାହାରି ପଡ଼ିଲା । ଉପରେ ତାହାର ଅପରାଧ କରିବାକୁ ଦଣ୍ଡ ପାଇ ଆସାମି ତାହାଙ୍କ ମଧ୍ୟ ଚୋରା ଗୁଳି ଛଳ । ବର୍ତ୍ତମାନ ସେ ଧୃତ ହୋଇ ବନ୍ଦୀଥିଲ ।

ଦୂରବଙ୍ଗ ଷ୍ଟେସନର ଏପରିବର ଡେ। ମାଜିଷ୍ଟ୍ରେଟ ବାବୁ ମୋହନମୋହନ ଚକ୍ରବର୍ତ୍ତୀ ୫୦ ହଜାର ଟଙ୍କା ମୂଳଧନରେ ଗୋଟିଏ ବସ୍ତ୍ରବୁନା କାରଖାନା ସ୍ଥାପନ କରିଥିଲେ । ବିଦେଶ ଆମଦାନୀର ଉଣ୍ଡି ଭଳି କର ସମସ୍ତ ତାହାକୁ ପୋଥିକମ୍ପାନୀ କ୍ଷମା କରିଅଛନ୍ତି ଓ ମୂଳଧନ ଦେଢ଼ଲକ୍ଷ ଟଙ୍କା ହୋଇଅଛି । ଦେଶର ଆଶା ଶଣ୍ଢ ନାହିଁ ।

ଗତ ତା ୧୮ ରିଖରେ ବସିରହାଟ ନିକଟ ଏକ ଗ୍ରାମରେ ରଘୁନାଥର ଘରେ ସତରେ ୬ ୨ ଣ ଡକାୟତ ପଶି ରଘୁନାଥ ଓ ତାହାଙ୍କ ସ୍ତ୍ରୀକୁ ଅନେକ ଯନ୍ତ୍ରଣା ଦେଇ ସର୍ବାଙ୍ଗ ନେଇ ଅନେକ ଟଙ୍କା ଜଗଦ ଓ ମଲ ନେଇଯାଇ ଅଛନ୍ତି । କେହି ଧରାପଡ଼ି ନାହିଁ । ରଘୁନାଥ ଓ ତାହାର ସ୍ତ୍ରୀ ହସ୍ପିଟାଲରେ ଅଛନ୍ତି ।

କଲିକତାର ବାବୁ ନନ୍ଦକୁମାର ଚୌଧୁରୀ ୮୧ ବର୍ଷ ବୟସରେ ପରଲୋକ ପ୍ରାପ୍ତ ହୋଇଅଛନ୍ତି । ସେ ସନ ୧୮୭୦ ସାଲରେ ପେନସନ ନେଇଥିଲେ ସୁଦ୍ଧା ୬ ୩ ୨ ବର୍ଷ ପେନ୍‌ସନ ଭୋଗ କରିଅଛନ୍ତି । ପରେ ଏକ ଧର୍ମଚର୍ଚ୍ଚାରେ ସେ ଏଥେ ଜୀବନ କ୍ଷେପଣ କରିଥିଲେ । ତାହାଙ୍କର ୪ପୁତ୍ର ୬କନ୍ୟା ୨୧ ନାତି ୩୦ ନାତୁଣୀ ୧୪ ପ୍ରପୌତ୍ର ଓ ୧୬ ପ୍ରପୌତ୍ରୀ ବର୍ତ୍ତମାନ ଏପରି ସୁଖୀ ଜୀବନ ଧନ୍ୟ ।

Split by PDF Splitter
Digitized by srujanika@gmail.com

ହାଇକୋର୍ଟ ସେମାନଙ୍କ ପଦଯଥାର୍ଥ ଓ ଏଣିକି ଯେ ସବୁ ନୂତନ ଉକିଲମାନେ ଗୋଟିଏ ପରୀକ୍ଷା ଦେଇପାରିଲେ ହାଇକୋର୍ଟରେ ଓକିଲ ହୋଇପାରିବେ । ପରୀକ୍ଷା ହାଇକୋର୍ଟ ଗ୍ରହଣ କରିବେ ।

ଆସିଲୁ ଖବର ମିଳିଲା ଯେ ବ ବର୍ତ୍ତମାନ ବଙ୍ଗଦେଶ ଜଗମୋହନ ବାବୁଙ୍କ ସ୍ୱାମୀ ଯେ ଏକଟିଂ ବଙ୍ଗଦେଶ ହୋଇ ରହିଲେ ସେ ହାଇକୋର୍ଟର ୧୪ ଶ ଡିଗ୍ରୀ ପରେ ଦେବ- ବୋଲି ପ୍ରକାଶ ହୋଇଅଛି ।

ସରକାରରେ ଦେଇଅଛନ୍ତି ଜାତର ସମ୍ବାଦ ହୋଇ ଅଛି ତାହା ସବ ଉପନ୍ୟାସ ବର୍ଣ୍ଣନ ସହର ସାହେବଙ୍କ ହଜାରେ ଟଙ୍କା ହୋଇଅଛି ଓ ତାହା ପାର୍ଲିଆମେଣ୍ଟର ମେମ୍ବର କେୟାର ହାର୍ଡି ମହୋଦୟଙ୍କ ବକ୍ତୃତା ଉଦ୍ଧୃତ କରିବା ବିଷୟ ବଙ୍ଗରେ କେବଳ ସାହେବ ଅବନାର ବକ୍ତୃତାରେ ପ୍ରକାଶ କରିବାରୁ କେୟାର ହାର୍ଡି ମହୋଦୟ ତାଙ୍କ ନାମରେ ଦଣ୍ଡବିଧାନ ମୋକଦ୍ଦମା ଅଣାଇ କରିବାର ଉଦ୍ୟୋଗ କରୁଅଛନ୍ତି । ଯାହା ସବାଙ୍କୁ ଏଥର ନିସ୍ତାର ଜନସାଧାରଣଙ୍କ ଗୋଚରରେ ଆସିବ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ହରମ ଦଳ ଘରନ ପୁର ସେନାପତି—ଆପଣଙ୍କ ପ୍ରେରିତ ସମ୍ବାଦମାନ ପ୍ରକାଶନୀୟ ବିବେଚିତ ନ ହେବା ହେତୁ ଉପେକ୍ଷିତ ହେଲା ।

---

## ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହୋଦୟ ମହାଶୟ ସମୀପେଷୁ ।

ମହାଶୟ !

ଇତିପୂର୍ବେ ଆମ୍ଭେ ଆପଣଙ୍କର ପତ୍ରିକା ସାହାଯ୍ୟରେ ଉତ୍କଳର ସମସ୍ତ ବ୍ରାହ୍ମଣ ପଣ୍ଡିତମାନଙ୍କ, ଗୋରକ୍ତ ବ୍ୟବସାୟୀ କଂସାରି ମୁସଲମାନମାନଙ୍କ ଅର୍ଥ ସାହାଯ୍ୟଦାନ କରିବା ମାରବାଡ଼ିମାନେ ଏବଂ ପ୍ରକାଶ୍ୟରେ ଗୋରକ୍ତ ବ୍ୟବସାୟରେ ଲିପ୍ତଥିବା ଗଉଡ଼ାଙ୍କର ଗରୀବମାନେ ପତିତ ଏବଂ ପ୍ରାୟଶ୍ଚିତ୍ତ ଯୋଗ୍ୟ ହେବା ବିଷୟରେ ବ୍ୟବସ୍ଥା ସ୍ଥାନୀୟ ପଣ୍ଡିତମାନଙ୍କଠାରୁ ପ୍ରକାଶ କରିବାର ଅନୁରୋଧ କରିଥିଲୁଁ । କିନ୍ତୁ ଦୁଃଖର ବିଷୟ ଅଦ୍ୟାପି ତହିଁର କୌଣସି ବ୍ୟବସ୍ଥା ଉତ୍କଳର କୌଣସି ପଣ୍ଡିତରେ ଦୃଷ୍ଟ ହେଲା ନାହିଁ; ସୁତରାଂ ଆମ୍ଭେ ପୁନରାୟ ସେମାନଙ୍କ ନିକଟରେ କୃତାଞ୍ଜଳିପୁଟରେ ବିନୀତ ପ୍ରାର୍ଥନା କରୁଅଛୁଁ ଯେ ମହୋଦୟଗଣ କେବଳ ମାତୃସ୍ଥାନୀୟ ସର୍ବମୋକ୍ଷଦାୟିନୀ ଗୋମାତାଙ୍କର ରକ୍ଷା ନିମନ୍ତେ ଧର୍ମଶାସ୍ତ୍ର ଅନୁମୋଦିତ ଏକ ବ୍ୟବସ୍ଥା ପ୍ରଦାନ କରିବାକୁ ଶୀଘ୍ର ଚେଷ୍ଟା କରନ୍ତୁ । ଏଥିରେ ଶିଥିଳତା ପ୍ରକାଶ କଲେ ସେମାନେ ଧର୍ମତଃ ନିଶ୍ଚୟ ଏ ପାପରେ ଲିପ୍ତ ହେବେ ଏବଂ ଆମ୍ଭେ ସେମାନଙ୍କୁ ଗୋରକ୍ତ ବ୍ୟବସାୟୀ କଂସାରି ଶ୍ରେଣୀଭୁକ୍ତ କରିବାକୁ ନିଶ୍ଚୟ ବାଧ୍ୟ ହେବୁଁ ।

ପୂର୍ବକାଳରେ ଆମ୍ଭେ ଯେତେଦୂର ହିନ୍ଦୁମାନଙ୍କ ନିକଟରୁ ଅବଗତ ହୋଇଅଛୁ ବ୍ରାହ୍ମଣମାନେ ସମସ୍ତ କାର୍ଯ୍ୟର ନେତା ଥିଲେ, କିନ୍ତୁ ସେମାନେ ଯେଉଁ ଦିନରୁ ବେଦଶାସ୍ତ୍ର ଆଲୋଚନା ଛାଡ଼ି ଭିକ୍ଷାବୃତ୍ତି ଅବଲମ୍ବନ କଲେଣି ସେହି ଦିନରୁ ହିନ୍ଦୁଙ୍କର କ୍ରମେ ଅଧୋଗତି ହେଉଅଛି । ଉକ୍ତ ମତ ସତ୍ୟ ହେବାରୁ ଓ ବର୍ତ୍ତମାନ ସାମାନ୍ୟ ପଇସା ଲୋଭରେ ବ୍ରାହ୍ମଣମାନେ ସମସ୍ତ ଘରେ ଶ୍ରାଦ୍ଧ କାର୍ଯ୍ୟରେ ଭୋଜନ କରୁଅଛନ୍ତି ଗୋରକ୍ତ ବ୍ୟବସାୟୀଙ୍କ, ସାହାଯ୍ୟଦାତା ଖାଞ୍ଜି ମାରୁ ଆଡ଼ି ଗଉଡ଼ମାନଙ୍କ ଘରେ ଏବଂ ସଜାମାନଙ୍କ ଘରେ ସେମାନଙ୍କୁ ସ୍ମୃତି କାର୍ଯ୍ୟରେ ବୃତ ହେବାର ଜାଣି ଶୁଣି ମଧ୍ୟ ଶ୍ରାଦ୍ଧାଦିରେ ସେମାନଙ୍କ ଘରେ ବ୍ରାହ୍ମଣମାନେ ଭୋଜନାଦି କରିବାକୁ କୁଣ୍ଠିତ ହେଉ ନାହାନ୍ତି । ସେମାନେ ଯେବେ ଏ ବିଷୟରେ ଦୃଢ଼ ପ୍ରତିବାଦ କରନ୍ତେ ସେମାନଙ୍କ ହସ୍ତରୁ ଜଳ ଗ୍ରହଣ ନ କରନ୍ତେ ଏବଂ ଅନ୍ୟାନ୍ୟ ହିନ୍ଦୁମାନଙ୍କୁ ସେମାନଙ୍କ ସହ ସମ୍ପର୍କ ନ ରଖିବାକୁ ବାରଣ କରନ୍ତେ ନିଶ୍ଚୟ ଏଥିର ଗୋଟିଏ ବିହିତ ପ୍ରତିକାର ହୋଇ ପାରନ୍ତା ଏବଂ ଗୋମାତା ରକ୍ଷା ହେବାଦ୍ୱାରା ଦେଶର ପ୍ରଭୂତ ଉପକାର ହୁଅନ୍ତା । ଅହେ ହିନ୍ଦୁ ଭାଇମାନେ ! ଏ ବିଷୟରେ ଟିକିଏ ମନୋଯୋଗୀ ହେବେ କି ? ଏହାହିଁ ସାନୁନୟ ପ୍ରାର୍ଥନା । ଇତି

| | |
|---|---|
| କଟକ<br>ସାହେବଯାଦାବଜାର<br>୨୬।୭।୦୯ | ବଶମ୍ବଦ<br>ହରମ ସେଠ ଓ-<br>କେତୁଆ ସେନାପତି-<br>ଗଏ |

---

ମହାଶୟ

ବେଙ୍ଗଲ ନାଗପୁର ରେଲୱେ ଓଡ଼ିଶାଲାଇନ ବୋଲି ସାଧାରଣରେ ପ୍ରକାଶ । କମ୍ପାନୀ ମହାଶୟ ସାଧାରଣ ଯାତ୍ରୀଙ୍କ ନିମନ୍ତେ ନାନା ପ୍ରକାର ସୁବନ୍ଦୋବସ୍ତ କଲେ ଗୋଟିଏ ସାମାନ୍ୟ ଅଭାବରେ ଯାତ୍ରୀମାନେ ଅଧିକ ଅସୁବିଧା ବୋଧ କରିବାଦ୍ୱାରା ନାନା ପ୍ରକାର ବିପଦ ଓ କ୍ଷତିଗ୍ରସ୍ତ ହେଉଅଛନ୍ତି । ଓଡ଼ିଆ ଯାତ୍ରୀମାନେ ସାଧାରଣତଃ ଇଂରେଜୀ ଓ ହିନ୍ଦୀ ଭାଷା ଜାଣନ୍ତି ନାହିଁ । ଏପରିସ୍ଥଳେ କମ୍ପାନୀ ମହାଶୟଙ୍କ ରେଲ ଟିକଟରେ କେବଳ ଇଂରେଜୀ ଓ ହିନ୍ଦୀ ଭାଷାରେ ମୂଲ୍ୟ ଓ ଷ୍ଟେସନର ନାମ ଉଲ୍ଲେଖ ହୋଇଅଛି । ଯାହା କି ସାଧାରଣ ଓଡ଼ିଆ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଅଗମ୍ୟ ଭାଷା — ଯାତ୍ରୀମାନେ ଟିକଟ କିଣିବା ସମୟରେ ଷ୍ଟେସନର କର୍ମଚାରୀମାନଙ୍କୁ ଟିକଟର ଦାମ ଦେଲେ ପରିବାରୁ ଜାଣିଥାଆନ୍ତି ସେମାନେ ଏହି ସୁବିଧାରେ ଏକଟଙ୍କା ସ୍ଥଳେ ଅଠର ଅଣା ଚଉଦ ପଇସା ନେଇ ଟିକଟ ଦେଇ ଦିଅନ୍ତି । ସେଥିରେ ଲେଖାଥିବା ମୂଲ୍ୟ ପଢ଼ି ନ ପାରି କର୍ମଚାରୀଙ୍କ ପ୍ରତାରଣା ବୁଝି ନ ପାରି ବରଂ ସେମାନଙ୍କ ଠାରେ ଉପକାର ସ୍ୱୀକାର କରି ଆସନ୍ତି, ଏହି ପରି କଲିକତା ହାବଡ଼ା ଷ୍ଟେସନରେ କେତେ ଗୁଡ଼ିଏ ଇଉରୋପିୟନ ରମଣୀ ଟିକଟ ବିକ୍ରି କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଉତ୍କଳୀୟ ଯାତ୍ରୀମାନେ ଟିକଟ କ୍ରୟ କରିବାବେଳେ ତାଙ୍କ ରମଣୀମାନଙ୍କ କଥା ବୁଝି ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ବାଧ୍ୟ ହୋଇଥାଆନ୍ତି । ଅତଏବ କମ୍ପାନୀ ମହାଶୟ ସାଧାରଣଙ୍କ ସୁବିଧା ନିମନ୍ତେ ରେଲ ଟିକଟରେ ଓଡ଼ିଆ ଭାଷାରେ ଷ୍ଟେସନର ନାମ ଓ ଟିକଟର ମୂଲ୍ୟ ଉଲ୍ଲେଖ କରି ସାଧାରଣ ଯାତ୍ରୀମାନଙ୍କ ଧନ୍ୟବାଦଭାଜନ ହେଉନ୍ତୁ ।

| | |
|---|---|
| ହାଇକୋର୍ଟ<br>ନ୍ୟୁଡିଗ୍ରୀ ଲାଇଡିପାର୍ଟମେଣ୍ଟ | ବଶମ୍ବଦ<br>ଶ୍ରୀବୈକୁଣ୍ଠନାଥ ଦାସ |

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ମହେଶ୍ୱର ଦାସ ପୋଷ୍ଟ | ଚେମ୍ପାର | ୫ |
| " ଚନ୍ଦ୍ରଶେଖର ପଣ୍ଡା | ସତ୍ୟଭାମାପୁର | ୫ |
| " ବାଣେଶ୍ୱର ସ୍ୱାଇଁ | ବରମୋ | ୫ |
| " ଗୋପାଳଚରଣସିଂହ ବଡ଼ହାଟ ନିଶ୍ଚିନ୍ତପୁର | | ୫ |
| " ଶ୍ରୀଜୀବନ ବନ୍ଦ୍ୟୋପାଧ୍ୟାୟ ଦେବ | ବାମଣ୍ଡା | ୫ |
| " ଗଙ୍ଗାଧର ଦାସ | ପୁରୀ | ୫ |
| ସବ । ଜ । ପୁରୀ | | ୫ |
| ବାବୁ ଶ୍ରୀ କୃଷ୍ଣ ଚନ୍ଦ୍ର ନନ୍ଦ | କଟକ | ୫ |
| " ବାସୁଦେବ ସିଂହ ଗୋସ୍ୱାମୀ ଲକ୍ଷ୍ମୀପଡ଼ା | | ୫ |
| " ଭଗବାନ ମହାପାତ୍ର | କଡ଼ାମ୍ବା | ୫ |
| ଶ୍ରୀମତୀ ବସନ୍ତ କୁମାରୀ ଦାସ | କେନ୍ଦ୍ରାପଡ଼ା | ୫ |
| ବାବୁ ଶ୍ରୀ ଗଙ୍ଗାଧର ନନ୍ଦ | ବାଲେଶ୍ୱର | ୫ |
| " ଚୌଧୁରୀ ଶ୍ରୀ ପଦ୍ମନାଭ ଦାସ | ଜଗନ୍ନାଥପୁର | ୫ |
| " ଚୌଧୁରୀ ଜଗନ୍ନାଥ ଦାସ | ଗଣେଶପୁର | ୫ |
| " ବାଲକୃଷ୍ଣ ଧଳ | କଟକ | ୫ |
| " କେଶବ ଚନ୍ଦ୍ର ମହାପାତ୍ର | ଖଣ୍ଡଘୋଡ଼ା | ୫ |

---

## ନିଲାମ ଇସ୍ତାହାର ।

କଟକ ଜିଲ୍ଲା ଯାଜପୁର । ମୁ । ମୁନସଫି ଅଦାଲତରେ ଉକ୍ତ ମହକୁମାର ଡାକବଙ୍ଗଳା ସନ ୧୯୦୯ ମସିହା ଅଗଷ୍ଟ ମାସ ତା ୧୬ ରିଖ ଦିବା ଘ ୧୧ ଘା ସମୟରେ ନିମ୍ନଲିଖିତ ସମ୍ପତ୍ତି ନିଲାମ ହୋଇବ ।

ନ ୪୬୧ ମକ ସନ ୧୯୦୯ ମସିହା

ଧାଲଭ ଦାସୁଡ । ସା । ମହାକାଳପଡ଼ା । ପ୍ର । ବାରଙ୍ଗା — ଡିଃ

ମଣି ଖାମଲ । ସା । ଗୋପପୁର । ପ୍ର । ବାରଙ୍ଗା — ଦେଃ

Split by PDF Splitter

Digitized by srujanika@gmail.com

## 'WARNING'

I will not hold myself responsible for any debts from 1–8–09 incurred by Mrs. M. G. Ridsdale now living at Cuttack as she is allowed an allowance monthly.

A. S. B. RIDSDALE.

---

Wanted an Uriya-knowing Sub-Inspector of Schools for the District of Singhbhum, on a salary of Rs 50 a month, besides travelling allowance at the rates admissible under the Civil Service Regulations. Though preference will be given to graduates, nevertheless, Uriya candidates, who have passed the F. A Examination, are eligible for the appointment.

Applications with testimonials will be received by the undersigned up to the 20th August 1909.

Purulia, } John Arthur Cunningham
Inspector of Schools.
1-8-09 } Chota Nagpur Division.

---

Wanted a Sub-overseer for this District Board on a salary of rupees thirty (30) plus Rs. 15 Horse allowance. No one need apply who is not qualified under Government Rules and have no experience in Roads and Buildings works for at least three years.

Applications will be received from qualified candidates up to 10th September 1909. The candidates will have to join positively on 30th September 1909.

Cuttack District Engineer's Office, 12–8–1909
Narendra Nath Mitra
District Engineer,
Cuttack.

---

In the Court of the District Judge of Cuttack.

Notice is hereby given, under Clause (2) Section 12 of the Provincial Insolvency Act III of 1907 to all concerned that the petition filed by Uday Chand [illegible] of B[illegible], Ph. Sunhat District Balasore, to be declared, insolvent, has been admitted and registered as Miscellaneous Case No. 5 of 1909 and that the 30th day of August, 1909 has been fixed for hearing thereof.

Persons desiring to be represented in the matter should attend in person or by duly instructed pleaders on that day. The particulars of debt alleged in the petition to be due are as follows :—

1. Srimati Monmohini Dasi Rs. 300
2. Parmeswar Biswal Rs. 250
3. Raghunath Parida Rs. 100
4. Biswanath Parida Rs. 300
5. Bhagu Barik, Rs. 200
6. Tillottama [illegible] Rs. 250
7. Chou Jain Prosad Das Rs. 100
8. Srimati Radhamoni Dasi Rs. 400
9. Jaganath Satpasti Rs. 900
10. Purastam Bardhan Rs. 100

L. C. ADAMI.
District Judge.
2–8–09.

---

## ବିଜ୍ଞାପନ !

ଅଷ୍ଟାଦଶ ପୁରାଣ ମଧ୍ୟରେ ନାରଦ ପଞ୍ଚମ ଷୋଡ଼ଶ ପ୍ରଧାନ ପୁରାଣ । ଏଥିରେ ଶ୍ରୀ ମହାଦେବ ପରମ ଭକ୍ତ ଦେବର୍ଷି ନାରଦଙ୍କୁ ପଞ୍ଚମ ତତ୍ତ୍ୱଜ୍ଞାନ ଓ ଭକ୍ତିରହସ୍ୟ ଦେଇଅଛନ୍ତି । ହନୁମାନଙ୍କର ପୂଜା, ଜପଅବର ବଧ; [illegible] ଶାସ୍ତ୍ର, [illegible] ଓ [illegible] ସହସ୍ରନାମ, [illegible] ତାହା ଏଥିରେ ସନ୍ନିବେଶିତ ଅଛି । ଆମ୍ଭେ ବହୁ ଅଧ୍ୟୟନ ଓ [illegible] ବ୍ୟୟରେ [illegible] ସର୍ବସାଧାରଣଙ୍କ ବୋଧଗମ୍ୟ ସରଳ ପଦ୍ୟରେ ଅନୁବାଦ କରି ଏହା [illegible] ମୂଲ୍ୟରେ ପ୍ରକାଶ କଲୁଁ । ଉକ୍ତ [illegible] ପୃ [illegible] ଖଣ୍ଡରେ ସମ୍ପୂର୍ଣ୍ଣ ହୋଇଅଛି । ମୂଲ୍ୟ ଟ ୧॥ ଙ୍କା ମାତ୍ର ।

ଏ ଗ୍ରନ୍ଥ ଓଡ଼ିଶା ପ୍ରେସ୍ ରେ, ପ୍ରିଣ୍ଟିଂ [illegible] ଓ ଅନ୍ୟାନ୍ୟ ପୁସ୍ତକ ବିକ୍ରେତାମାନଙ୍କ ନିକଟରେ ପ୍ରାପ୍ତବ୍ୟ ।

କଟକ } ଶ୍ରୀ କୃତ୍ତିବାସ ଦାସ, ଜମ୍ବୁ [illegible],
[illegible] } 
୬।୮।୦୯ [illegible] ।

---

## [illegible] !

---

### RAI MADHU SUDAN RAO BAHADOOR

On Saturday last, the Town Library Hall was the scene of an enjoyable and edifying social function. The friends and admirers of Rai Madhu Sudan Rao Bahadoor met to congratulate him on his retirement on pension after a successful official career. The Chairman of the Cuttack Municipality and the Vice-Chairman of the Cuttack District Board acted as hosts on the occasion.

The Rai Bahadoor and his services are well known in Orissa. We share in the felicitous and complimentary sentiments which found expression in the speeches of the hosts who represented the general public on the occasion, and we appreciate highly the reply of the guest of the evening. We commend his reply to the attention, if not, the serious study of the student community. It was marked with that humility which is begotten of a serious study of one's self. The natural result of such study is a consciousness of one's weakness and frailties, of hopes in noble causes frustrated, of noble ambition thwarted and of ground lost in the battle of life. We cannot too strongly recommend to the rising generation, in whose education the Rai Bahadoor has spent the best portion of his life, the tone of his reply. His weighty word suggest the following advice:—"Think of the ground before you, and not of what you have travelled over. Think of the battles lost; not of the medals won. Let your failings and failures engage your attention and the public will never with-hold the reward of your merits."

It was suggested that a *"welcome to the non-official world"* would have been a more appropriate form of giving expression to public feelings regarding the guest of the evening. The non-official sphere of action, with its thousand drawbacks, has its attractions to one who works for his country. The atmosphere around is clear, there is nothing to obstruct one's vision. The hand works under the guidance of conscience, the tongue speaks as the heart dictates. There is no tight bandage of red tape to obstruct the communication between these.

Non-official Orissa is very much in need of the services of men like the Rai Bahadoor.

---

The congratulatory gathering of Saturday last was preceded by two similar functions in connection with the official recognition of Rai Anand Lal Bose Bahadoor's eminent services in the interests of suffering humanity. These are indications of the growth of an appreciative merit which promises well for the future of Orissa. Public opinion should not be a spur in the race of life. It is the owner's pat on the neck of the winner after the goal is reached. It renovates the exhausted nerves, the overworked muscles and strengthens them for future action. The man who works for his country is the servant of the public. He is not a *"public servant"* which is defined in Legislative enactments and which has reference to public funds from which his services are paid for, or of which he is a custodian. The man who works for his country accepts his countrymen as his masters. The approval of one's master is always of value to the servant.

---

Both the Rai Bahadoors who were the guests at the recent social functions belong to the domiciled community of Orissa. It is gratifying to contemplate that these functions had the cordial support of all classes. Bengalees, Uriyas domiciled or otherwise, not only heartily joined but worked to make the occasions enjoyable and successful. Those who labour under a false impression that there is race feeling among us and it is growing in recent times ought to find here reasons to change their opinion. Facts speak in unequivocal language. We are apt sometimes to mistake individual differences for race or class animosity.

Split by PDF Splitter

Digitized by srujanika@gmail.com

Such mistakes are traceable to hasty general conclusions from individual cases. Such hasty conclusions are innocuous when they die in the individual mind where they were born; but to give them a currency under the hall-mark of public opinion is really creating race feelings where none exists. "Blessed are the peace makers for they shall be called the children of God."

## GLIMPSES OF A MOFFUSSIL COURT

Our object in discussing the evidence of the Dy. Magistrate last week and in resuming the subject now is not to bring into discredit the work of any particular official. We have kept the personal element out of sight. We have used the concrete to point out the evils of a practice common in the muffosil, at least in Orissa.

The complainant in his deposition stated that he went only once to the bunglow of the Dy. Magistrate, that is, on the day he presented his petition of complaint and his statement on oath was recorded. The complainant further said that he did not show any marks of injury to the Dy. Magistrate.

Rules of procedure and evidence are the accumulated result of the experience of ages—the experience of men of erudition, of careful observation and of the highest integrity. This experience has subsequently been codified under legislative authority. Legislative sanction means approval by the Sovereign.

Laws and rules are safeguards against the tendency of the human mind to draw conclusions from insufficient data, to attach undue importance to the results of careless observation, to mistake inferences and impressions for facts observed and to trust one's memory too much.

An officer entrusted with administration of justice represents His Majesty the King Emperor. It is no insignificant part of his duty to maintain in the eyes of the illiterate millions the majesty the dignity and the integrity of His Majesty.

The principle which ought to regulate the conduct of judicial officers is laid down by an eminent Judge in the following extract:—

"The Law has regard not so much perhaps to the motives which might be supposed to bias the Judge as to the susceptibilities of the litigant parties. One important object, at all events, is to clear away every thing, which engender suspicion and distrust of the tribunal, and so to promote the feeling of confidence in the administration of justice so essential to social order and security".

In the light of the above remarks how would the susceptibilities of the accused be affected in the case we have referred to ? The accused knew there was no assault and consequently no marks of injury, but the magistrate improved the complainant's case by a note that he had seen marks of injury. Were not these sufficient to distrust the tribunal ?

We quote a portion of the Court's finding on the conflicting evidence of the complainant and the magistrate, witness:—'The struggle between certainty and uncertainty of his (Dy Magistrate's) having noticed the marks on the 31st, as gathered from five passages in his deposition, and the oath of the complainant against his ( Dy Magistrate's ) being shown the injuries on the 30th—all leads to the probability of a failing memory. In coming to this conclusion I can not overlook the fact that a large number of people come to his bunglow, on Sundays and holidays particularly, and lodge complaints or represent their greivances ( he says in his explanation to the Magistrate "I see one or two every day") and so it is probable that on the 30th he saw some other man with swellings on his back"

Such mistakes would be impossible if magistrates follow the law of Procedure and do their judicial work in open Court.

We have heard complaints of Sub-Divisional Officers being overburdened with work. But a good portion of the work is of an executive nature; such work may be done at home. His Lordship the Chief Justice has to attend to very important work of an executive and quasi-judicial nature, but his Lordship would never for a moment think of doing judicial work at home We have learnt on credible information that it was the practice of a Sub-Divisional Officer in Orissa to come to Court at or after 4 P. M. and do his judicial work till a late hour in the evening. There can be no reasonable excuse for this practice. The executive work concerns the officer and his superiors, but in the judicial work the public are concerned. The people of Orissa are poor and uneducated, hence they do not bring these irregularities to the notice of the higher authorities.

Just at the present moment the authorities are anxious to put a stop to a spirit of lawlessness which is growing in the country. Nothing is more calculated to foster a spirit of lawlessness than a disregard for law by those who have to administer law.

A Judge's mind is meant to be a well of justice undefiled. Its outlets are numerous and wide, but the channel which feeds it is narrow on account of its being provided with a filter to guard against the inflow of matters injurious to the public. That filter is an open Court and the rules of procedure and rules for recording evidence. No other feeder-channel is safe, as it is likely to admit germs injurious to third persons. Extra judicial information is a dangerous germ when it finds access to the judge's mind. It is more dangerous than the cholera or plague microbe. Both work insidiously, but while the disease germ first injures the man and then the public by infection; the poisonous germ of extrajudicial knowledge first injures the public and then by a kind of reflex action brings about a moral degradation of the recipient of the germ.

The records of this case have brought to light certain other facts regarding the practice in muffosil Courts. We hope to refer to this case again in a future issue.

---

ଗତ ତା ୩୧ ଜୁଲାଇରେ ଶେଷ ହେବା ସପ୍ତାହରେ ସମଗ୍ର ଭାରତରେ ପ୍ଲେଗରୋଗରେ ୨୦୯ ମୃତ୍ୟୁ ହୋଇଥିଲା । ତନ୍ମଧ୍ୟରେ ବମ୍ବେରେ ୧୧୯, ମାନ୍ଦ୍ରାଜରେ ୦, ମଧ୍ୟପ୍ରଦେଶରେ ୧୬ ବର୍ମାରେ ୩୩ ଓ ମହୀଶୂର ୨୫ ସର୍ବ୍ବୋଚ୍ଚ ଅଟେ । ଗତ ସପ୍ତାହରେ ରୋଗର ହ୍ରାସ ବୃଦ୍ଧିବାର ଦେଖାଯାଏ ।

---

ଗତ ତା ୩୧ ଜୁଲାଇରେ ଶେଷ ହେବା ସପ୍ତାହରେ ଭାରତ ସାମ୍ରାଜ୍ୟ ସମଗ୍ର ପୂର୍ବବଙ୍ଗରେ ୧୨, ବଙ୍ଗରେ ୨୨୦୯୧, ଯୁକ୍ତପ୍ରଦେଶରେ ୧୮୬୫୪ ଏବଂ ବମ୍ବେରେ ୯୩ ହାଜ ୪୦୮୫୦ ଜଣ । ପୂର୍ବ ସପ୍ତାହର ଅଙ୍କ ଥିଲା ୪୭୦୫୦ । ତାହାର ସାହାଯ୍ୟ ଉଠିଯାଉ ଏଣିକି ଲୋକଙ୍କ କଷ୍ଟ କମିଯାଉଅଛି । ଏଥିରୁ ଦେଶର ଅବସ୍ଥା ସନ୍ତୋଷ ଅନୁକୂଳ ଜଣାଯାଏ ।

---

କଲିକତା ବିଶ୍ୱବିଦ୍ୟାଳୟର ଗତ କୁଲାଇ ମାସରେ ଯେଉଁ ବି, ଏଲ, ପରୀକ୍ଷା ହୋଇଥିଲା ତାହାର ଫଳ ବାହାରିଅଛି । ପ୍ରଥମ ଶ୍ରେଣୀରେ ଏକା ଉତ୍କଳ ଲୋକଙ୍କର ସୌଭାଗ୍ୟ ମୃତ୍ୟୁଞ୍ଜୟ ଓ ୨ୟ ଶ୍ରେଣୀରେ ୩୭ ଗାଏ ଜ ୩୮ ଣ ପାସ କରିଥିଲେ । ଏହି ୨ୟ ଶ୍ରେଣୀରେ ଏ ଜଣଙ୍କ ପଞ୍ଚାଶ ମଧ୍ୟରୁ ଯୁବାଗଣ ପ୍ରଥମସ୍ଥାନ ଏବଂ ଉତ୍କଳର ଛାତ୍ର ଭଲ ୨ୟ ସ୍ଥାନ ପାଇବାର ଦେଖି ବଡ଼ ଆନନ୍ଦ ହେଲୁ ।

---

ଗତ ତା ୭ ଅଗଷ୍ଟରେ ଶେଷହେବା ସପ୍ତାହରେ ଗୋଟିଏ ବୃଦ୍ଧ ଭଗ୍ନୋପାସାଗରରୁ ଉଠି ଅର୍ଦ୍ଧ ତା ୩୧ ଜୁଲାଇରେ ବାଲେଶ୍ୱରରେ ପ୍ରବେଶ କରି ସ୍ଥିତିର ପଶ୍ଚିମ ଦକ୍ଷିଣରେ ବାହାରିଯାଇ ତା ୩ ର-

Split by PDF Splitter

Digitized by srujanika@gmail.com

ଣରେ ସଜପୁରାନାରେ ଭାଗିଗଲା । ଏହାଦ୍ୱାରା ଓଡ଼ିଶା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ, ଗୁଜରାଟ ଓ ରାଜପୁତାନାରେ ସାଧାରଣ ଅପେକ୍ଷା ବହୁ ଅଧିକ ବୃଷ୍ଟି ହୋଇଥିଲା । ବରମାର କେତେ ସ୍ଥାନରେ ମଧ୍ୟ ଭାରି ବୃଷ୍ଟି ହୋଇଥିଲା । ଗତ ଅପ୍ରେଲ ମାସ ତା ୩୦ ଋଣଠାରୁ ଏପର୍ଯ୍ୟନ୍ତ ଭାରତର ସକଳ ପ୍ରଦେଶରେ ଶତକଡ଼ା ୬୦ ଅଧିକ ବୃଷ୍ଟି ହୋଇଅଛି । କେବଳ ଛୋଟ ନାଗପୁର ଏବଂ ବେଲୁଚ ସ୍ଥାନରେ ଶତକଡ଼ା ୨୦ ଊଣା ଅଛି ।

---

ସ୍କୁଲପାଠ୍ୟ, ପୁରସ୍କାର ଏବଂ ପୁସ୍ତକାଳୟର ଉପଯୋଗୀ ସମସ୍ତ ପୁସ୍ତକ ସମୂହର ଗୋଟିଏ ତାଲିକା ଗବର୍ଣ୍ଣମେଣ୍ଟ ଗତ ତା ୪ ରଖର କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି । ତହିଁରେ ନିମ୍ନ ଲିଖିତ ଓଡ଼ିଆ ପୁସ୍ତକମାନ ସ୍ଥାନ ପାଇଅଛି ଯଥାଃ—ପଦ୍ମଚରଣ ପଟ୍ଟନାୟକଙ୍କର ଜୟଦ୍ରଥବଧ କାବ୍ୟ; ସମ୍ପାଦ ଅବଧୂତ ଜଗନ୍ନାଥର ପାଲେସ ଉପନ୍ୟାସ, ହରିହର ରଥଙ୍କ ଶକୁନ୍ତଳା ନାଟକ, ବେଣୀସଂହାର ନାଟକ ଓ ରାମଜନ୍ମ ନାଟକ, ମହାଶୟ ଫକୀରମୋହନ ସେନାପତିଙ୍କର ଅଭିଜ୍ଞାନ ଶକୁନ୍ତଳା ନାଟକ ଓ କବିତାବଳୀ, ମଣିଭରଣ ମହାପାତ୍ରର ବ୍ରଜକେଳି, ବସନ୍ତ, ମୃତ୍ୟୁଞ୍ଜୟ ରଥର ମୂଳବୋଧିନୀ ଓ ଗୀତ ଜଗନ୍ନାଥପୁର ସ୍କୁଲର କ୍ୟାମିଭ ୧୨ ଏ ସମସ୍ତ କେବଳ ପୁରସ୍କାର ଓ ପୁସ୍ତକାଗାରର ଯୋଗ୍ୟ ।

---

ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନର ଚତୁର୍ଥ ବାର୍ଷିକ ଗତ ଶନିବାର କଲିକତାରେ ଓ ବଙ୍ଗଳାର ଅନ୍ୟାନ୍ୟ ଅନେକ ସ୍ଥାନରେ ଯଥାକ୍ରମରେ ପ୍ରତିପାଳିତ ହୋଇଥିଲା । କଲିକତାରେ ୯ ଗୋଟି ସ୍କୁଲର ସଙ୍କୀର୍ତ୍ତନଦଳମାନ କଲେଜ ସ୍କୋୟାରକୁ ଅପରାହ୍ନ ଘ ୩ ଘଣ୍ଟା ବେଳେ ବାହାର ହୋଇ ସାଢେ ଘ ୪ ଘଣ୍ଟା ବେଳେ ପଶୁପତି ବାବୁଙ୍କ ଉଦ୍ୟାନରେ ସମ୍ମିଳିତ ହେଲେ । ମଧ୍ୟେ ବୃଷ୍ଟି ଏବଂ ଝଡ଼ର ବିଶେଷ ହେତୁ ସଂକୀର୍ତ୍ତନଦଳମାନ ଯେତେ ପୁଷ୍ଟ ହେଇ ନ ଥିଲ । ମାତ୍ର ସବୁସ୍ଥାନର ୫୨ ହଜାର ଲୋକ ଏକତ୍ରିତ ହୋଇଥିଲେ । ବାବୁ ଭୂପେନ୍ଦ୍ରନାଥ ବୋଷ ସଭାପତି ହୋଇଥିଲେ । ହୋଇ ସ୍ୱଦେଶ ବଳୁ ଭାରେ ବୃହତ ଉଦ୍ଦେଶ୍ୟ ସେନ୍ତ୍ରୀଙ୍କର ବ୍ୟକ୍ତ ହେଇଥିଲେ ଯେ ଦୁଇଟି ଦେଶ ଦେଖାଇବ ଷଡ଼ଯନ୍ତ୍ରରେ ଲିପ୍ତ ହୋଇଥିଲା । ଏତେ ଲୋକ ଏକତ୍ରିତ ହୋଇ ଏକାନ୍ତ ଶାନ୍ତ ଓ ଶୃଙ୍ଖଳା ଦେଖାଇବା ବଡ଼ ସନ୍ତୋଷ ବିଷୟ । ସୁମଜ୍ଜିତ ପୁଲିସଦଳ ଉପସ୍ଥିତ ଥିଲେ ମାତ୍ର ସେମାନଙ୍କର ଲୋଡ଼ା ହୋଇ ନାହିଁ । ପୁଲିସ ଅଦୌ ନ ଥିଲେ ଏମନ୍ତ କୁହେ ମାତ୍ର ସେ ଦଳ କରାନ୍ତ ଊଣା ଥିଲା । ଯାହାସ୍ଥାନରୁ ହିନ୍ଦୁମାନଙ୍କ ଏକାବେଳେ ଅନ୍ତର ରକ୍ଷିବା ତାହାର ସାଧ କି?

—o—

ଏ ଜଲ୍ଲା କଟକପୁର ଗଣ୍ଡବାର ସଙ୍ଗୀବସ୍ଥାରୁ କଲିକତା କଲେଜ ସ୍କୋୟାରରେ ବାବୁ ଉପେନ୍ଦ୍ରନାଥ ମିତ୍ରଙ୍କ ବଗିଚାରେ ମାନ କାମ କରୁଥିଲା ସେ ଦରମା କମନ୍ତେ ଜମାର ଉଠବାରେ ବାବୁ ଓ ତାହାଙ୍କ ଭାଇ ଓ ଭଣଜା ଯୋଗରେ ଏମନ୍ତ ପ୍ରହାର କଲେ ଯେ ତତ୍‌କ୍ଷଣାତ ତାହାର ମୃତ୍ୟୁ ହେଲା । ଶିଆଳଦହର ଡେପୁଟି ମାଜିଷ୍ଟ୍ରେଟ ବାବୁ ରଣ୍ଡିଦାସ ଘୋଷଙ୍କ ବିଚାରରେ ଉପେନ୍ଦ୍ରନାଥ ଉପରେ ୫୦ ଟଙ୍କା ଜରିମାନା ଓ ତହିଁ ମଧ୍ୟରୁ ୮୦ ଟଙ୍କା ପତ୍ନୀଙ୍କୁ କ୍ଷତିପୂରଣ ଦେଇ ଯିବାର ଆଦେଶ ହେଲା ଓ ଅନ୍ୟ ଦୁଇ ଆସାମୀ ଖଲାସ ପାଇଲେ । କଲିକତାର 'ଉତ୍କଳବାର୍ତ୍ତା' ଏ ବିଷୟରେ ଅସନ୍ତୁଷ୍ଟ ହୋଇ ଲେଖିଅଛନ୍ତି ଓଡ଼ିଆକୁ ବଙ୍ଗାଳୀ ଯୋଗାଯୋଗ ବଧ କଲେ ଅର୍ଥଦଣ୍ଡରେ ଅବ୍ୟାହତି ପାଇବ । ଗୋଟିଏ ମୋକଦ୍ଦମାର ବିଚାର ଭିତ୍ତି ଉପରେ ଏପରି ଜାତୀୟ ବିଦ୍ୱେଷ ଘଟିବା ଆମ୍ଭେମାନେ କଦାପି ଅନୁମୋଦନ କରୁ ନାହୁଁ । ଏକସ୍ଥଳରେ ବିଚାର କ୍ରୁଟି ଘଟିବା ବିଚିତ୍ର କୁହେ ମାତ୍ର ତାହା ଦେଖାଇବା ସଙ୍ଗେ ଅନ୍ୟପକ୍ଷର ଉକିଲ ଓ ତହିଁର ପ୍ରଧାନ ଯୁକ୍ତିମାନ ପ୍ରକାଶ କରିବା ଉଚିତ । ଯୋଗଙ୍କର ଉକ୍ତ ଯୁକ୍ତି ଓ ତାହା କରିବାକୁ ଆମ୍ଭେମାନେ ସହଯୋଗୀଙ୍କୁ ଅନୁରୋଧ କରୁଅଛୁଁ ।

—※—

ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ବିଲାତରୁ ପ୍ରତ୍ୟାଗତ ହୋଇ ଗତ ତା ୬ ରଖ ପ୍ରାତଃକାଳରେ ବୋମ୍ବାଇରେ ପହଞ୍ଚିଲେ । ତାଙ୍କ ଅଭ୍ୟର୍ଥନା କରିବା ପାଇଁ ବୋମ୍ବାଇର ପ୍ରଧାନ ଲୋକେ ବନ୍ଦରଠାରେ ସମବେତ ହୋଇଥିଲେ ଏବଂ ଜନତାର ସୀମା ନ ଥିଲା । ଶାନ୍ତି ରକ୍ଷା କରଣାର୍ଥେ ପ୍ରଚୁର ପୁଲିସ ବନ୍ଦୋବସ୍ତ ହୋଇ ଥିଲା । ସେହିଦିନ ସେଠାରେ ସ୍ୱଦେଶୀ ଭଣ୍ଡାର ଗୃହ ଏ ମହୋଦୟଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା । ଏତଦୁପଲକ୍ଷେ ସେ ବ୍ୟକ୍ତ କଲେ ଯେ କଲିକତାରେ ବର୍ତ୍ତମାନ ବର୍ଷ ଅପ୍ରେଲ ମାସରେ ଏ ଦେଶର ଅନ୍ୟୁନ ୫୦ ଣ ପ୍ରତିନିଧି ଯାଇ କଂଗ୍ରେସ କଲେ ଅସୀମ ଫଳ ଫଳିବ ଏବଂ ତହିଁରେ ଲକ୍ଷେ ଟଙ୍କା ଖର୍ଚ୍ଚ ହେବ । ସେଥି ସହାୟେ ବଙ୍ଗଳା ୮୩୦୦୦୦ ଟଙ୍କା ଦେବାକୁ ପ୍ରସ୍ତୁତ ହୋଇ ପାରନ୍ତି ଏବଂ ବୋମ୍ବାଇ କେତେ ଟଙ୍କା ଦେବାର ସେ ଆଶା କରନ୍ତି । ସେ ଅଧିକ କହିଲେ ଯେ ବିଦେଶୀ ବର୍ଜ୍ଜନ ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧାଚରଣ ନୁହେ । କେବଳ ବଙ୍ଗ ବିଭାଗ ଜନିତ ବଙ୍ଗଳାର ମତ ଅଗ୍ରାହ୍ୟ ହେବାରେ ତହିଁ ପ୍ରତି ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ବିଶେଷରୂପେ ଆକର୍ଷଣ କରିବା କାରଣ ଏହା ଅବଲମ୍ବିତ ହୋଇଅଛି । ଗତ ମଙ୍ଗଳବାର ସେ ବାଗ୍ମୀ ମହୋଦୟ କଲିକତାରେ ପ୍ରବେଶ କଲେ । ତାଙ୍କ ଅଭ୍ୟର୍ଥନା କରିବା କାରଣ ହାବଡ଼ା ଷ୍ଟେସନ ଠାରେ ଭାରି ଭିଡ଼ ହୋଇଥିଲା ଏବଂ ଶାନ୍ତିରକ୍ଷା କାରଣ ଗୋରା ପୁଲିସ ମଧ୍ୟ ଉପସ୍ଥିତ ହୋଇଥିଲେ । ଏ ସମ୍ମାନ ସମୁଚିତ ହୋଇଅଛି ।

---

ଗତ ପୂର୍ବ ବୁଧବାର ଅପରାହ୍ନ କାଳରେ ଉତ୍କଳ ସଭାର ଏକ ଅଧିବେଶନରେ ବାବୁ ସଦାଶିବ କାନୁନଗୋଙ୍କ କନ୍ୟା କୁମାରୀ କମଳାବାଳା ଦାସୀଙ୍କ ଛାତ୍ରବୃତ୍ତି ପ୍ରାର୍ଥନାର ଆବେଦନପତ୍ର ଆଗତ ହୋଇଥିଲା । କଲିକତା ବିଶ୍ୱବିଦ୍ୟାଳୟର ଗତ ଇଣ୍ଟରମିଡିଏଟ ପରୀକ୍ଷାରେ ଏ ଛାତ୍ରୀ ଉତ୍ତୀର୍ଣ୍ଣା ହୋଇ ବିଏ ପଢ଼ିବାକୁ ଅଭିଳାଷିଣୀ ଥିଲେହେଁ ଅର୍ଥାଭାବ ଯୋଗେ କଲିକତାକୁ ଯାଇ ଅଧ୍ୟୟନ କରିବାକୁ ଅକ୍ଷମ ଥିବା ହେତୁ ତାଙ୍କ ଜଣକ ଗବର୍ଣ୍ଣମେଣ୍ଟକୁ ଗୋଟିଏ ବୃତ୍ତି ଦେବାର ପ୍ରାର୍ଥନା କରିଥିଲେ । ଏ ବିଷୟର ବିଚାର ହେବା ସମୟରେ ବାବୁ ବିଶ୍ୱନାଥ ଦାସ ଏଠା ରେଭେନସା କାଲେଜ ବିଦ୍ୟାଳୟକୁ କ୍ରମଶଃ ଉନ୍ନତ କରିବାର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଗବର୍ଣ୍ଣମେଣ୍ଟକୁ ଅନ୍ତତଃ ଓଡ଼ିଆ ଛାତ୍ରୀଙ୍କ ସକାଶେ ଗୋଟିଏ ଇଣ୍ଟରମିଡିଏଟ ଏବଂ ଗୋଟିଏ ବିଏ ପଢ଼ିବା ଏରୂପ ଦୋ ୨ଟି ବୃତ୍ତି ଦେବା କାରଣ ଆବେଦନ କରିବାର ପ୍ରସ୍ତାବ କଲେ ଏବଂ ସବ ସମ୍ମତି କ୍ରମେ ତାହା ଗୃହୀତ ହେଲା । ପୂର୍ବ ବଙ୍ଗଳା ଓ ବେହାରର ସ୍ତ୍ରୀ ଶିକ୍ଷାର ଉନ୍ନତି ସକାଶେ ଗବର୍ଣ୍ଣମେଣ୍ଟ ଅକାତରରେ ବୃତ୍ତି ଦେଉଛନ୍ତି । ଓଡ଼ିଶାରେ ଶିକ୍ଷାର ନିତାନ୍ତ ଅନୁନ୍ନତ ଅବସ୍ଥା ଅଟେ । ଅମ୍ଭେମାନେ ଏକାନ୍ତ ଆଶା କରୁ ଯେ ଉତ୍କଳୀୟ ଛାତ୍ରୀଙ୍କ ନିକଟରେ ଗବର୍ଣ୍ଣମେଣ୍ଟ ସେହିପରି ଉଦାର ଭାବରେ ବୃତ୍ତି ଦେବାକୁ କୁଣ୍ଠିତ ହେବେ ନାହିଁ । ଏ ସ୍ଥଳେ ଅଧିକ ବକ୍ତବ୍ୟ ଯେ ଏ ବୃତ୍ତି ଦେବା ବେଳେ ଗବର୍ଣ୍ଣମେଣ୍ଟ ଦୟା ପୂର୍ବକ ଓଡ଼ିଆ ଏବଂ ପ୍ରବାସୀ ବଙ୍ଗାଳୀଙ୍କ ମଧ୍ୟରେ ପାର୍ଥକ୍ୟ ନ ରଖିବେ ।

---

ଅତ୍ୟନ୍ତ ଦୁଃଖରେ ଜଣାଉଅଛୁଁ କି ଏଠା ରାଭେନସା କଲେଜ ହେଡ଼୍‌କ୍ଲର୍କ ଓ ଇଂରସ୍ତାଦାର ବାବୁ ଜନ ଷାମସେଲ ସାଉଥ ହୃଦରୋଗ ଜ୍ୱରରେ ଗତ ବୁଧବାର ରାତ୍ର ସାଢ଼େ ନଅଟାରେ ମର୍ତ୍ତ୍ୟଧାମରୁ ଚିରବିଦାୟ ନେଲେ । ବାବୁ ମହାଶୟ ଉତ୍କଳୀୟ ଖ୍ରୀଷ୍ଟୀୟାନ ସମାଜ ମଧ୍ୟରେ ଜଣେ ପ୍ରଧାନ ବ୍ୟକ୍ତି ଥିଲେ ଏବଂ ତାହାଙ୍କର ନାନା ସଦ୍‌ଗୁଣ

ହେତୁ ଅନ୍ୟାନ୍ୟ ସମାଜର ବ୍ୟକ୍ତିମାନେ ତାଙ୍କୁ ଶ୍ରଦ୍ଧା ଓ ଆଦର କରୁଥିଲେ । ସେ ଏଠା ହାଇ ସ୍କୁଲରେ ଶିକ୍ଷା ଲାଭକରି ୧୮୭୧ ମସିହାରେ ଏଫ ଏ, ପାସ କରି ସନ ୧୮୭୩ ସାଲରେ ଜଏଣ୍ଟ ମାଜିଷ୍ଟ୍ରେଟ ଅଫିସରେ ବର୍ଷାଧିକ ପରେ କମିଶ୍ନର ଅଫିସରେ ୮୦ ଙ୍କା ବେତନରେ କିରାଣୀ ହୋଇ ବି, ଏ, ପରୀକ୍ଷା ଦେଇଥିଲେ ମାତ୍ର ସଫଳ ହେଲେ । ତେବେ ଉକ୍ତ ସନ ୧୮୮୪ ସାଲରେ ହେଡ଼ କିରାଣୀ ଓ ସିରସ୍ତାଦାର ହୋଇ ନିଯୁକ୍ତିକାଳରେ ସର୍ବୋଚ୍ଚ ବେତନ ୨୦୦ ପାଇବାରୁ ସନ୍ତୁଷ୍ଟ ହେଉଥିଲେ ଓ ତାଙ୍କର ବୟସ ୫୨ ବର୍ଷ ହୋଇଥିଲା ତଥାପି ସବଳ ଥିଲେ ଓ ତାଙ୍କ କାର୍ଯ୍ୟରେ ସମସ୍ତ ହାକିମ ସନ୍ତୁଷ୍ଟ ଥିଲେ । ତାଙ୍କ ପରି ଜଣେ ସରଦାର କିରାଣୀ ଅଭାବ ହେଲା ଓ ତାଙ୍କ ପରିବାର ତାଙ୍କର ସଙ୍ଗୀ କର୍ମଚାରୀମାନେ ବଡ଼ ଦୁଃଖିତ ହୋଇଅଛନ୍ତି ଓ କମିଶନର ସାହେବ ମହୋଦୟ ସେମାନଙ୍କ ଦୁଃଖରେ ଦୁଃଖିତ ହୋଇ ସେମାନଙ୍କୁ ଗତ ଶୁକ୍ରବାର ଛୁଟି ପ୍ରଦାନ କରିଥିଲେ । ସାମସେନ ବାବୁ ଅତ୍ୟନ୍ତ ଶାନ୍ତ କର୍ତ୍ତବ୍ୟ ପରାୟଣ ଓ କାର୍ଯ୍ୟପଟୁ ଥିଲେ । ସେ ସରକାରୀ କାର୍ଯ୍ୟ ଛଡ଼ା ସ୍ୱାୟତ୍ତ ଶାସନ ଆରମ୍ଭରୁ ମିଉନିସିପାଲ କମିଟିର କାର୍ଯ୍ୟ କରି ଆସୁଥିଲେ ଏବଂ ତହିଁରେ ବିଶେଷ ଯୋଗ୍ୟତା ଦେଖାଇଥିଲେ । ତାଙ୍କର ସାତ ପୁତ୍ର ଓ ଦୁଇ କନ୍ୟା ଅଛନ୍ତି । ସମସ୍ତ ଅବିବାହିତ ମାତ୍ର ପୁତ୍ରମାନେ ଯୋଗ୍ୟ ହୋଇ ଜଣେ ପୁଲିସ ଇନ୍‌ସ୍‌ପେକ୍ଟର ଜଣେ କୃଷି ଇନ୍‌ସ୍‌ପେକ୍ଟର ହୋଇଅଛନ୍ତି । ଜଣେ ଉଚ୍ଚ ଶିକ୍ଷାର୍ଥ ସର୍ବକାରଙ୍କ ବୃତ୍ତିରେ ବିଲାତ ପ୍ରେରିତ ହୋଇଅଛନ୍ତି ଓ ଚତୁର୍ଥ ଏମ୍ ଏ ଅଧ୍ୟୟନ କରୁଅଛନ୍ତି । ତାଙ୍କର ପରିବାରବର୍ଗଙ୍କ ସାନ୍ତ୍ୱନା ଓ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା ।

---

ଧର୍ମକୋଟ ଅଧୀଶ୍ୱରଙ୍କ ସାହାଯ୍ୟରେ ଏଠାର କେଶରୀପ୍ରେସରେ ପ୍ରକାଶିତ ହୋଇଥିବା 'ଜ୍ଞାନଦର୍ପଣ' ନାମକ ସଚିତ୍ର ମାସିକପତ୍ର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଶ୍ରୀ ଚନ୍ଦ୍ରମଣି ମହାନ୍ତି ଏହାର ସମ୍ପାଦକ । ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ବିଷୟ ଲେଖା ଅଛି ଏବଂ ପଢ଼ିବାକୁ ସୁଖପାଠ୍ୟ ହୋଇଅଛି । ଉତ୍କଳରେ ସମୟେ ସମୟେ ଅନେକ ମାସିକପତ୍ର ବାହାରି କେତେକ ଦିନ ଚଳିଲା ପରେ ଅନ୍ତର୍ହିତ ହେବାର ଦେଖାଯାଏ । ଏଥିର ପ୍ରଧାନ କାରଣ ସୁଲେଖକଙ୍କ ଅଭାବ । ପ୍ରୟୋଜନୀୟ ବିଷୟମାନ ଆଲୋଚନା ପ୍ରତି ଆମୋଦ ଏବଂ ଲୋକଙ୍କର ପାଠରେ ଅନୁରାଗ । ଉତ୍କଳରେ ପାଶ୍ଚାତ୍ୟ ସଭ୍ୟତାର ଶିକ୍ଷା ବର୍ତ୍ତମାନ ଏକପ୍ରକାର ନବୀନ ବୋଲାଯାଇ ପାରେ । ଏମନ୍ତ ଅବସ୍ଥାରେ ଅଳ୍ପ ପଢ଼ି ଅଥବା ଦୁଇଟା ଗୋଟାଏ ପାସ ଅଥବା ଫେଲ କରି ଉପାର୍ଜ୍ଜନ କରିବାକୁ ସକ୍ଷମ ହେଲାରୁ ଯୁବକମାନେ ଆପଣାର ଜଣେ ମହୋଦର ମାତୃଭାଷାର ଉନ୍ନତି କରିବା ନାହିଁ କି ପ୍ରବନ୍ଧ ଲେଖିବା ପରିତ୍ୟାଗ କରନ୍ତି, ବରଂ କେତେଲୋକ ମାତୃଭାଷାରେ ପ୍ରବନ୍ଧ ଲେଖିବାକୁ ଘୃଣା କରନ୍ତି । ଯଦି ବିଦେଶୀ ଭାଷା ଅଧ୍ୟୟନପୂର୍ବକ ତହିଁରେ ଲେଖିବାର ଯୋଗ୍ୟତା ଥାଏ ତାହାହେଲେ ମାତୃଭାଷାରେ ନ ଲେଖିବା ଦୋଷ କ୍ଷମଣୀୟ ହୋଇପାରେ ମାତ୍ର ସେତକ ନ ଥାଇ ଓଡ଼ିଆରେ ଦୁଇପଦ ଲେଖିବାକୁ ନ ପାରିବା ବା ଚେଷ୍ଟା ନ କରିବା ନିନ୍ଦନୀୟ । ପୁଣି ଯେଉଁମାନେ ଲେଖିବାକୁ ଚେଷ୍ଟା କରନ୍ତି ସେମାନେ କେଉଁ କଥା ଲେଖିଲେ ଲୋକଙ୍କ ମନକୁ ଧରିବ ସେଥିରେ ଏବଂ ସେମାନଙ୍କ ଉନ୍ନତିର ଦ୍ୱାର ମୁକ୍ତ କରିବ ତହିଁ ଦୃଷ୍ଟି ନ ଦେଇ ଆପଣାର ପାଣ୍ଡିତ୍ୟ ବା ବାହାଦୁରୀ ଦେଖାଇବାକୁ ଯାନ୍ତି । କେତେକ କାଗଜର ସମ୍ପାଦକମାନେ ସୁଦ୍ଧା ସେଥିକି ଦୃଷ୍ଟି ନ ରଖି ଯେନତେନ ପ୍ରକାରେଣ ଦୁଇପର୍ଣ୍ଣା ପୂରଣ କରିବାକୁ ଯାଇଁ ଆପଣାର ଜୀବନକୁ ଅନିଷ୍ଟ କରନ୍ତି । ବଙ୍ଗପ୍ରଦେଶ ଦେଶବାସିଙ୍କର ଆଳସ୍ୟରୁ ପାଠରେ ଏହାନ୍ତ ବିରାଗ । ଇଂରାଜମାନେ ସ୍କୁଲ ଛାଡ଼ିଲେ ପାଠ ଆରମ୍ଭ ହେବାର ମଣି ଜୀବନଯାକ ପାଠରେ ଅତିବାହିତ ପ୍ରବୃତ୍ତ ମନୁଷ୍ୟ ହେବାକୁ ଚେଷ୍ଟା କରନ୍ତି ମାତ୍ର ଆମ୍ଭେମାନେ ବିଦ୍ୟାଳୟ ଛାଡ଼ିଲେ ପାଠରେ ଡୋର ଦେଇ କୌଣସିମତେ ଦୁଇ ପଇସା ଅର୍ଜନରେ ଖୁବ ପ୍ରସନ୍ନ ହୁଅନ୍ତି । ସୁତରାଂ ପାଠରେ ଆଦର ନ ହେବାରୁ ଯେ ଲେଖିବ ତାହାର ଲେଖା ପଢ଼ିବାକୁ ଲୋକର ଅଭାବ । ନୀତିକଥାରେ ଅଛି 'କିଂ କରିଷ୍ୟନ୍ତି ବକ୍ତାରଃ ଶ୍ରୋତା ଯତ୍ର ନ ବିଦ୍ୟତେ ।' ଦେଶର ନାନା ସ୍ଥାନରେ ନାନାପ୍ରକାର ମାସିକପତ୍ର ବାହାରିବାର ଦେଖି ଏବଂ ଉପାୟ ଅଛି ମାତ୍ର ଉପରୋକ୍ତ କାରଣ ହେତୁ କୌଣସି ଏକପ୍ରକାରର ପତ୍ରିକା ଦୀର୍ଘକାଳ ରହି ପାରୁ ନାହିଁ । ଆମ୍ଭେମାନେ ଜ୍ଞାନଦର୍ପଣରେ ପ୍ରକାଶିତ ହୋଇଥିବା ଅନେକଗୁଡ଼ିଏ ସମୟୋପଯୋଗୀ କୃଷି ଶିଳ୍ପ ବିଷୟୀୟ ପ୍ରବନ୍ଧ ପାଠ କରି ଆନନ୍ଦିତ ହୋଇ ତହିଁର ଦୀର୍ଘଜୀବନ କାମନା କରୁଅଛୁ ଏବଂ ତାହା ପଢ଼ିବା କାରଣ ସାଧାରଣଙ୍କୁ ଅନୁରୋଧ କରୁଅଛୁ । ଏଥିର ବାର୍ଷିକ ମୂଲ୍ୟ ଏକଟଙ୍କା ଅତ୍ୟନ୍ତ ସୁଲଭ ଅଟେ ।

—o—

ବି, ଏଲ, ପଢ଼ିବା ବୃତ୍ତି ।

ଏଠା ରେଭେନ୍‌ସା କଲେଜରେ ଘୋଷଣା ହେବା ଯେ ୬ ଟା ଛାତ୍ର ବୃତ୍ତି ମଧ୍ୟରୁ ୪ ଟା ଏକ ଓଡ଼ିଆମାନଙ୍କ ସକାଶେ ରହି ବାକି ୨ ଟା ଓଡ଼ିଆ ଓ ବଙ୍ଗାଳୀ ଛାତ୍ରଙ୍କ ପ୍ରତିଯୋଗିତାରେ ଦ... ଯିବାର ଗବର୍ଣ୍ଣମେଣ୍ଟ ବ୍ୟବସ୍ଥା କରିଅଛନ୍ତି ସେହି ଆଦେଶ ପ୍ରଚାରିତ ହେଉଅଛି ମା... ଏଥର ଗୋଟିଏ ବଙ୍ଗାଳୀ ଛାତ୍ର ଭାଗ୍ୟରେ ... ପଡ଼ିବାରୁ ସହଜରେ ବେଶ ଯାଇ ପରେ ... ଯେଉଁ ୬ ଜଣ ବୃତ୍ତି ପାଇଲେ ସେମାନଙ୍କ ସମତୁଲ୍ୟ ଅଥବା ସେମାନଙ୍କ ମଧ୍ୟରେ କାହାରିଠାରୁ ସରସ ହେଲେ ବଙ୍ଗାଳୀ ନ ଥିଲେ । ଅବଶ୍ୟ ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷାର ଫଳାଫଳରେ ଉଚ୍ଚସ୍ଥାନ ପାଇଥିବା ଛାତ୍ରମାନେ ବୃତ୍ତି ପାଇଥିବାର ଅନୁମାନ ହୁଏ ମାତ୍ର ଓଡ଼ିଆ ଜବ ସମ୍ପାଦକ ଲେଖାରୁ ଜଣାଯାଏ ଯେ ବୃତ୍ତି ସକାଶେ ଛାତ୍ର ନିର୍ବାଚନରେ ଗୋଟିଏ ଗୁରୁତର ଦୃଷ୍ଟି ଦେଇ ଏହି ଶ୍ରେଣୀର ଛାତ୍ର ଏକାବେଳେ ନିରାଶ ହୋଇଅଛନ୍ତି । ଉକ୍ତ ସମ୍ବାଦ ଏହି ... ପ୍ରଥମେ ଗୃହଜଣ ଓଡ଼ିଆ ଛାତ୍ରଙ୍କୁ ବୃ... ନିମନ୍ତେ ମନୋନୀତ ହୋଇ ଜଣାଇବାକୁ ପଠାଯାଇଥିଲା । ପରେ ବଙ୍ଗାଳୀଛାତ୍ରଙ୍କ ସହିତ ପ୍ରତିଯୋଗିତାର ଆଦେଶ ଆସନ୍ତେ ସେହି ... ଜଣ ମଧ୍ୟରୁ ଉଚିତଭାବେ ୨ ଜଣ ସଙ୍ଗେ ବଙ୍ଗା... ଛାତ୍ରର ଯୋଗ୍ୟତା । ଭୂଲ ବଙ୍ଗାଳୀ କାଉସ ... ବାରେ ପରାଜୟ ହେଲେ ଏବଂ ଅବଶିଷ୍ଟ ଦୁଇ ବୃତ୍ତି ଓଡ଼ିଆଙ୍କ ଦଖଲ । ଏହା ଯେବେ ସତ୍ୟ ହୁଏ ତେବେ ବୃତ୍ତି ବାଛିବା କର୍ମଚାରୀଙ୍କ କାର୍ଯ୍ୟ ଭ୍ରମାତ୍ମକ ବୋଲିବାକୁ ହେବ ଓ ବୋ... ହୁଏ ସେ ଯେମନ୍ତ ବୁଝିଅଛନ୍ତି ଯେ ପାସ ... କାରେ ବଙ୍ଗାଳୀ ଛାତ୍ର ସର୍ବୋଚ୍ଚ ସ୍ଥାନ ନ ପାଇଲେ ବୃତ୍ତି ପାଇବାର ଆଶା ନାହିଁ । ମାତ୍ର ଗବର୍ଣ୍ଣମେଣ୍ଟଙ୍କ ଆଦେଶ ସେପରି ନୁହେଁ । ମାତ୍ର କର୍ତ୍ତ... ଣରଙ୍କର ଅଭିପ୍ରାୟ ଏହି ଜଣାଯାଏ ଯେ ଅନ୍ୟ... ନ ୪ ଜଣ ଓଡ଼ିଆ ଛାତ୍ର ବୃତ୍ତି ପାଇବେ ପରେ ଦୁଇ ବୃତ୍ତି ଓଡ଼ିଆ ଓ ବଙ୍ଗାଳୀ ପ୍ରତିଯୋଗିତାରେ ଦଖଲ ହେବ । ସହଜ କଥାରେ ଗେଜେଟ୍‌ଙ୍କ ଅଭିପ୍ରାୟ ଏହିପରି ବୁଝାଯାଉଅଛି ଯେ ୬ଟା ବୃତ୍ତି ମଧ୍ୟରୁ ଓଡ଼ିଆମାନେ ୪ଟା ଅବଶ୍ୟ ପାଇବେ ଓ ବଙ୍ଗାଳୀମାନେ ପରୀକ୍ଷା ଫଳାଫଳରେ ଯେତେ ସରସ ହେଲେ ମଧ୍ୟ ୨ଟାରୁ ଅଧିକ ପାଇବେ ନାହିଁ ଏବଂ ନ'ଜଣ ଓଡ଼ିଆର ଜଣେ ରହିଲେ ଏକାବେଳେ ନିରାଶ ହେବେ । ପ୍ରାର୍ଥିମଧ୍ୟରେ ସର୍ବୋଚ୍ଚସ୍ଥାନ ପାଇଲେ କେହି ବଙ୍ଗାଳୀ ବୃତ୍ତି ପାଇବ ନାହିଁ । ଗବର୍ଣ୍ଣମେଣ୍ଟ ଆଦେଶର ଏପରି ଅର୍ଥ କରିବା ଅଯୌକ୍ତିକ ଏବଂ ଅପ୍ରକୃତ ଅଟେ । ଗବର୍ଣ୍ଣମେଣ୍ଟ ବୃତ୍ତି ବଣ୍ଟନରେ ଏହି ଦେଶର ଏକ ଅବସ୍ଥାପନ୍ନ ଉନ୍ନତି ... ମଧ୍ୟରେ ରେଖ ରଖି ଯଦ୍ୟପି ନ ସମ୍ପୂର୍ଣ୍ଣ ଉଦାର ନୀତି ଭିତ୍ତି କରି ପାରି ନାହାନ୍ତି ସତ...

Digitized by srujanika@gmail.com

Split by PDF Splitter



ମାତ୍ର ତାହାଙ୍କର ଆଦେଶ ପାଳନର ଭାର ଯାହାଙ୍କ ହାତରେ ନ୍ୟସ୍ତ ସେମାନେ ଅତ୍ୟନ୍ତ ସଙ୍କୀର୍ଣ୍ଣ ହୃଦୟତା ଦେଖାଉଅଛନ୍ତି ଏବଂ ତଦ୍ୱାରା ଭିନ୍ନ ସମାଜମଧ୍ୟରେ ଭେଦ ଜ୍ଞାନ ବଢ଼ାଇବାର ସହାୟତା କରୁଅଛନ୍ତି । ଏ ପ୍ରକାର ବ୍ୟବହାର ଦେଖି ଯେବେ ବଙ୍ଗାଳୀଗଣମାନେ ମନେ କରନ୍ତି ଯେ ସେମାନଙ୍କ, ସରକାର ଅନାଦର ଓ ଅଯତ୍ନ କରନ୍ତି ତେବେ ତାହାର ଅନ୍ୟଥା ବୁଝାଇବା ସହଜ ନୁହେ । ମାତ୍ର ଆମ୍ଭେମାନେ ମନେକରୁଁ ଯେ ଗବର୍ଣ୍ଣମେଣ୍ଟର ଇଚ୍ଛା ତାହା ନୁହେ । କେବଳ ଉକ୍ତ ସଙ୍ଖ୍ୟାର ଅନୁପାତ ଧରି ୨ଟା ବୃତ୍ତିରେ ବଙ୍ଗାଳିଙ୍କର ଭାଗ ରଖିଅଛନ୍ତି ଏବଂ ମୁସଲମାନ, କରିଣୀ(?), ଖଟ୍ଟିମା(?), ମରହଟ୍ଟା ପ୍ରଭୃତିଙ୍କୁ ଓଡ଼ିଆ ମଧ୍ୟରେ ଗଣ୍ୟ କରି ବଙ୍ଗାଳୀଙ୍କ ପ୍ରତି ଯଥୋଚିତ ଦୟା କରୁଅଛନ୍ତି । ବରଂ କେବଳ ପ୍ରତିଯୋଗିତା ଉପରେ ବଙ୍ଗାଳୀଙ୍କର ଦାବୀ ସ୍ଥାପନ କରି ଅଧିକ ଦୟା ପ୍ରକାଶ କରୁଅଛନ୍ତି । ଏତଦ୍ୱାରା ବଙ୍ଗାଳୀମାନେ ଉଚ୍ଚ ଶିକ୍ଷାରେ ସମଧିକ ଚେଷ୍ଟା ଓ ଯତ୍ନ କରିବେ ଓ ତହିଁର ଭବିଷ୍ୟତ ଫଳ ଅଧିକ ମଙ୍ଗଳକର ହେବ ।

---

## ଅବକାରୀ ଆଇନ ।

ବଙ୍ଗୀୟ ଅବକାରୀ ଆଇନ ସଂଶୋଧନାର୍ଥ ଯେଉଁ ପାଣ୍ଡୁଲିପି ପ୍ରସ୍ତୁତ ହୋଇ ଗତବର୍ଷ(?) ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଆନୀତ ହୋଇଥିଲା ତାହା ସେ ଦିନ ବୁଧବାର ଦିନ ବିଧିବଦ୍ଧ ହୋଇଗଲା । ଏହି ଆଇନ ସମ୍ବନ୍ଧରେ ବେସରକାରୀ ସଦସ୍ୟମାନେ ନାନା ପ୍ରକାର ସଂଶୋଧନର ପ୍ରସ୍ତାବ କରିଥିଲେ ମାତ୍ର କେତେଗୁଡ଼ିଏ(?) ସାମାନ୍ୟ କଥା(?) ଛଡ଼ା ସେ ସବୁ ଅଗ୍ରାହ୍ୟ ହୋଇଅଛି । ପୂର୍ବେ ମିଉନିସିପାଲିଟି ହିଁ(?) ଅବକାରୀ ଦୋକାନର ସ୍ଥାନ ନିର୍ଣ୍ଣୟ କରିବା କାରଣ ଯେଉଁ ଭାର ଥିଲା ତାହା ସ୍ୱଳ୍ପ ଥିବା(?) ନୂତନ ଆଇନରୁ ଉଠାଯାଇଅଛି(?) ହୋଇଥିବାରୁ ହେବେର୍ଟ ମେମ୍ବର ସେପରି କ୍ଷମତା ରଖିବା(?) ପ୍ରସ୍ତାବ କରିଥିଲେ ମାତ୍ର ଓଡ଼ିଶାର ସଦସ୍ୟ ମାନ୍ୟବର ମଧୁସୂଦନ ଦାସ ମିଉନିସିପାଲିଟିମାନ ଅବଶ୍ୟ ସେ ଭାର ଚଳାଇବାକୁ ଅସମର୍ଥ ଥିବାର ଜ୍ଞାପନ କଲେ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ତହିଁରେ ଐକ୍ୟ ହେବାରୁ ସେ ପ୍ରସ୍ତାବ ଅଗ୍ରାହ୍ୟ ହେଲା । ଅବକାରୀ କମିଶନର ଆପଣାର ଆୟ ପ୍ରତି ଦୃଷ୍ଟି ରଖି ଦୋକାନମାନ ଯଥା ତଥା ସ୍ଥାପନ କରିବାର ଦେଖାଯାଏ ଏବଂ ଜନ ସାଧାରଣ ପ୍ରତି ଦୋକାନ ବସାଇବାର ସ୍ଥାନ ନିରୂପଣ କରିବାର ଭାର ହେଲେ ଆୟ ଅବଶ୍ୟ ଊଣା ହୋଇଯିବ । ଏ ଅବସ୍ଥା ସ୍ୱାଭାବିକ ଏବଂ ଗବର୍ଣ୍ଣମେଣ୍ଟ ଆପଣା ହାତରେ ଦୋକାନମାନ ରଖିବାରୁ ଏହା ନ କହିବ ଯେ ସରକାରଙ୍କର ଅବକାରୀ ଆୟ ବୃଦ୍ଧି ଉପରେ ଯଥେଷ୍ଟ ଦୃଷ୍ଟି ଅଛି ? ବେଣୁ(?) ଲୋକଙ୍କର ନିଶା ଖାଇବାର ପ୍ରବୃତ୍ତି ପ୍ରତି ଗବର୍ଣ୍ଣମେଣ୍ଟ ବାଧା ଦେବାର କିରୂପେ ବୋଲାଯିବ ? ଦାସ ମହାଶୟଙ୍କ ପରି ସୁଯୋଗ୍ୟ ବ୍ୟକ୍ତିମାନେ ମିଉନିସିପାଲ କମିଶନର ଥିବା ସ୍ଥଳେ ଯଦି ମିଉନିସିପାଲିଟି ଏ ଭାର ଚଳାଇବାକୁ ଅବଶ୍ୟ ଅକ୍ଷମ ତେବେ ସେଭଳି ମିଉନିସିପାଲିଟି ରଖିବାର(?) ଲାଭ ନାହିଁ । ଦାସ ମହାଶୟ କହିଲେ କାଳକ୍ରମେ ମିଉନିସିପାଲିଟି ତହିଁର ଯୋଗ୍ୟ ହେବେ ଏବଂ ଗବର୍ଣ୍ଣମେଣ୍ଟ ତହିଁରେ ଐକ୍ୟ ହୋଇ ସେତେବେଳେ ସୁବିଧା ହେବାର ଭରସା ଦେଇଅଛନ୍ତି । ଲୋକମାନେ ସାଧାରଣ କାର୍ଯ୍ୟ କ୍ରମକ୍ରମେ(?) ଆଶାନୁରୂପ ଯୋଗ୍ୟ ହେବାକୁ ବିଳମ୍ବ ଅଛି ସତ୍ୟ ମିଉନିସିପାଲିଟିର ସାଧାରଣ ସୁବିଧା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେ ସମସ୍ତ କ୍ଷମତା ଦିଆଯାଇଅଛି ଓ ଯାହା ମିଉନିସିପାଲ କମିଶନରମାନେ ଉତ୍ତରୋତ୍ତର ଭଲରୂପେ ଚଳାଇ ଆସୁଥିବାର ଗବର୍ଣ୍ଣମେଣ୍ଟ ସ୍ୱୀକାର କରୁଅଛନ୍ତି ଅବକାରୀ ଦୋକାନର ସ୍ଥାନ ନିର୍ଣ୍ଣୟ କିମ୍ବା ବନ୍ଦ ଇତ୍ୟାଦିରେ ଦୃଷ୍ଟି ରଖିବା ତଦପେକ୍ଷା ଅଧିକ ନୁହେ ଏବଂ ସୁନୀତି ସଙ୍ଗେ ସ୍ୱାସ୍ଥ୍ୟର ଘନିଷ୍ଠ ସମ୍ବନ୍ଧ ହେତୁ ମିଉନିସିପାଲିଟିର କାର୍ଯ୍ୟ ମଧ୍ୟରେ ସେ ସମସ୍ତ ପଡ଼ିବା ଅସଙ୍ଗତ ନୁହେ । ଲୋକଙ୍କୁ ସ୍ୱାୟତ୍ତଶାସନ ଶିକ୍ଷା ଦେବା ଯେ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ସେ ସ୍ଥଳେ ଭାର ନ ଦେଲେ ଶିକ୍ଷା କିପରି ହେବ ? ଏହା ମିଉନିସିପାଲିଟି ତାହିଁ ବା ଅନ୍ୟ କୌଣସି ସମିତି ଉପରେ ସରକାର ଏ ଭାର ଦେବାକୁ କୁଣ୍ଠିତ । ଏଥିରୁ ବୋଧ ହୁଅଇ ରାଜସ୍ୱ(?) ଆଶାରେ ଅବକାରୀ ଦୋକାନ ହାତରୁ ଛାଡ଼ି ଦେବାକୁ ରାଜି ନାହାନ୍ତି । ସ୍ତ୍ରୀ ଓ ବାଳକମାନଙ୍କୁ ଦୋକାନମାନେ ମଦ ବିକିବାର ନିଷେଧ ହେବାର ପ୍ରସ୍ତାବ ହୋଇଥିଲା । ସ୍ତ୍ରୀଙ୍କ କଥା ଏହାବେଳେ ସେତେ ହେଲା ନାହିଁ ଓ ବାଳକଙ୍କ ସମ୍ବନ୍ଧରେ ବିଲାତର ଆଇନରେ ୧୪ ବର୍ଷ ବୟସ ଧାର୍ଯ୍ୟ ଅଛି ବୋଲି ତାହାର ରହିଲା ବୟସର ଊର୍ଦ୍ଧ୍ୱ ସୀମା ବା ୧୬ ବର୍ଷ କରିବାର ପ୍ରସ୍ତାବ ମଧ୍ୟ ଅଗ୍ରାହ୍ୟ ହେଲା । ବିଲାତର ନଜିର ସବୁ ସ୍ଥଳେ ସରକାର ଭାରତରେ ଖଟାନ୍ତି(?) କି? ତାହା ହେଉଥିଲେ ଭାରତର ଦୁଃଖ ରହନ୍ତା ନାହିଁ । ଫଳତଃ ଯେପରି ଭାବରେ ଜନସାଧାରଣଙ୍କ ପକ୍ଷର ଆଗତ ହୋଇଥିବା ଆପତ୍ତିମାନ ଛାଡ଼ି ଦେଇ ସରକାର ଏହି ଆଇନ ବ୍ୟବସ୍ଥାପକ ସଭାରେ ପାସ କରାଇନେଲେ ତାହା ବଡ଼ ଅସନ୍ତୋଷ ଜନକ । ଭବିଷ୍ୟତ ପ୍ରତି ହତାଶ ଜନକ ବୋଧ ହେଉଅଛି ।

---

## ବିଧବା ବିବାହର ପୋଷକତା ।

ବିଧବା ବିବାହ ଯେଉଁ କଲିକତାରେ କାୟସ୍ଥ ମାନଙ୍କମଧ୍ୟରେ ଚଳାଚଳ ହୋଇଥିବା ପ୍ରତ୍ୟେକେ କଲିକତାର କେତେକ ପ୍ରଧାନ ମାନ୍ୟଗଣ୍ୟ କାୟସ୍ଥମାନେ ଗୋଟିଏ ବିଧବା ବିବାହରେ ଯୋଗଦାନ ପୂର୍ବକ ତାହା ସୁସ୍ପଷ୍ଟରୂପେ ସମ୍ପନ୍ନ କରିଥିବା ପ୍ରସଙ୍ଗ ପାଠକମାନଙ୍କୁ ଏଥି ପୂର୍ବେ ଜଣାଇଅଛୁଁ । ତହିଁ ଉପଲକ୍ଷରେ ବ୍ରହ୍ମା ଦେଶସ୍ଥ ରଙ୍ଗୁନ ନଗରରେ ପ୍ରତିଷ୍ଠିତ "ନବରତ୍ନ" ନାମ୍ନୀ ସଭାର ଗୋଟିଏ ବିଶେଷ ଅଧିବେଶନ ନିକଟରେ ହୋଇଥିଲା ସେଥିରେ ସର୍ବସମ୍ମତି କ୍ରମେ ଧାର୍ଯ୍ୟ ହେଲା ଯେ ହିନ୍ଦୁ ବିଧବା ବିବାହର ପୋଷଣକାରୀ ବଙ୍ଗୀୟ କାୟସ୍ଥ ସମାଜର କାର୍ଯ୍ୟକୁ ସର୍ବାନ୍ତଃକରଣେ ସମର୍ଥନ କରାଯାଉ ଏବଂ ଏପରି ଅତି ଆବଶ୍ୟକୀୟ ସାମାଜିକ ସଂସ୍କାରର ଉଦ୍ୟମକାରୀ ଓ ଉତ୍ସାହ ଦାତାମାନଙ୍କୁ ଜଣାଇ ଦିଆଯାଉ ଯେ ହିନ୍ଦୁ ବିଧବାମାନଙ୍କୁ ନିଷ୍ଠୁରତା ପୂର୍ବକ ଅକଥନୀୟ କଷ୍ଟ ଓ ଯନ୍ତ୍ରଣା ଦେବା ପ୍ରଚଳିତ ହିନ୍ଦୁ ଇତିହାସ ଓ ଶାସ୍ତ୍ରସଙ୍ଗତ ଥିବାର ଏ ସଭା ବିବେଚନା କରନ୍ତି । ଏଥିରୁ ପ୍ରକାଶ ଯେ ଏ ଦେଶୀୟ ବିଧବାଙ୍କ ପ୍ରତି ବିଦେଶୀୟ ଭଦ୍ରବ୍ୟକ୍ତିଙ୍କ ଚିତ୍ତରେ ଦୟା ଓ ସହାନୁଭୂତି ଜାତ ହେଉଅଛି ମାତ୍ର ଏ ଦେଶୀୟ ପୁରୁଷମାନଙ୍କ ମନରେ ଲେଶ ମାତ୍ର ଦୟାର ଉଦ୍ରେକ ହେଉ ନାହିଁ ଓ ସେମାନେ ଏପରି ନିଷ୍ଠୁର ହୋଇଅଛନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ । ସେମାନଙ୍କ ପ୍ରଧାନ ଆପତ୍ତି ଏହି ଯେ ପୂର୍ବରୁ ଯାହା ନାହିଁ ତାହା କିପରି ହେବ । ଏଥିରୁ କନ୍ୟା(?) ବିକ୍ରୟ ପୂର୍ବେ ନ ଥିଲା ଓ ତାହା ଘୃଣିତ ଓ ଶାସ୍ତ୍ର ବିରୁଦ୍ଧ ଅଟେ । ଶାସ୍ତ୍ରରେ ପ୍ରମାଣ ଅଛି କି କଣ(?) କନ୍ୟା ଉଦରରେ ଜନ୍ମିବା ପୁତ୍ର ପିଣ୍ଡାଧିକାରୀ ନୁହେ ଏବଂ କନ୍ୟା ବିକ୍ରେତା ଓ କ୍ରେତା ଉଭୟଙ୍କର ସପ୍ତ ପୁରୁଷ ନରକଗାମୀ ହୁଅନ୍ତି । ଏପରି ଘୃଣିତ କାର୍ଯ୍ୟ ଏବେ ଅନେକ ଜାତିରେ ବିଶେଷତଃ ବ୍ରାହ୍ମଣ ଜାତିରେ ଅଧିକ ପ୍ରଚଳ ହୋଇଅଛି । ଏଥିପ୍ରତି ସମାଜ ନେତାମାନଙ୍କର ଦୃଷ୍ଟି ପଡ଼ୁନାହିଁ କାହିଁକି ? ସେ ପାପିଷ୍ଠମାନେ ଅଟକ ଝଟକ ହେଉ ନାହାନ୍ତି କାହିଁକି ? ବିଧବା ବିବାହ ବେଳକୁ ପ୍ରାୟ ସମସ୍ତେ ଖଡ଼୍ଗ ହସ୍ତ ! । କେହି କହି ପାରନ୍ତି କନ୍ୟା ବିକା ଅନେକ ପ୍ରଚଳ ହୋଇ ଗଲାଣି । ଅନେକ କେଉଁ କିପରି ? ପ୍ରଥମେ ତ ଗୋଟିଏ ଦିଓଟି(?) ହୋଇଥିବ । ସେତେବେଳେ ଆପତ୍ତି ଅଟକ ଝଟକ ନ ହେଲା କାହିଁ କି ? ବୋଧହୁଏ ଲୋକେ ମନେ କଲେ କି ଅଳ୍ପ ସେ ହୁଅ ବଡ଼ ଲାଭ ହେଲ ହାଲି ମୁଁ କରିବ ଏହି ସ୍ୱାର୍ଥପରତା ଭାବ ହେତୁ ଆପତ୍ତି ହେଲା ନାହିଁ ପରା ! ଯେ କାରଣ ହେଉ କନ୍ୟା କ୍ରୟ ବିକ୍ରୟ ଗୋଟିଏ ହେଉ ଯେପରି ଅର୍ଥ ଅନେକ ହୋଇଗଲା ବାଲ୍ୟବିଧବା ବିବାହ ସେହିପରି ଶାସ୍ତ୍ରସଙ୍ଗତ ଅଟେ

Digitized by srujanika@gmail.com

ଗୋଟିଏ ୨ ଟେକ୍ସ ବାଇକନେ ପ୍ରଚଳ ହୋଇଥିବ । ସେତେବେଳେ ତାହାଁର ଉପକାରତା ଲୋକେ ବୁଝିପାରି ବର୍ତ୍ତମାନର ଉଦ୍ୟମକାରମାନଙ୍କୁ ଧନ୍ୟବାଦ ଦେବେ । ଏଥିର ଅନ୍ୟ କର୍ତ୍ତ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଅଟନ୍ତି ସେତ ଏହି ସମୟରୁ ଧନ୍ୟବାଦ ପାଉଛନ୍ତି--ସେ ପ୍ରଥମେ ଏ କାର୍ଯ୍ୟ କଲାବେଳେ ଅନେକ ଓ ଉପହାସ୍ୟର ପାତ୍ର ହୋଇଥିଲେ ଏତେବେଳେ ତାଙ୍କର ସବୁ ଗୁଣ ଓ କାର୍ଯ୍ୟମାନ ଦେଶ ତାଙ୍କ ମୃତ୍ୟୁ ଦିବସର ବାର୍ଷିକ କ୍ରିୟା ସଭା ସମ୍ଭିଚ୍ଛାଗ ଲୋକେ କରୁଅଛନ୍ତି । ତାଙ୍କ ମୃତ୍ୟୁର ଅଷ୍ଟାଦଶମ ବାର୍ଷିକ କ୍ରିୟାର ସଭା ଗତମାସ ତା ୨୯ ରଖରେ କଲିକତାରେ ରାଜା ବିନୟ କୃଷ୍ଣ ଦେବ ବାହାଦୁରଙ୍କ ସଭାପତିତ୍ୱରେ ହୋଇଥିଲା ।

---

### ରାୟ ମଧୁସୂଦନ ରାଓ ବାହାଦୁରଙ୍କ ସମ୍ବର୍ଦ୍ଧନା ।

ରାୟ ମଧୁସୂଦନ ରାଓ ବାହାଦୁର ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍ଟରୀ କାର୍ଯ୍ୟ କଲା ପରେ ଅବସର ଗ୍ରହଣ କରନ୍ତେ ତାଙ୍କର ସମ୍ବର୍ଦ୍ଧନା ନିମିତ୍ତ ଗତ ଶନିବାର ସନ୍ଧ୍ୟା ସମୟରେ ଏଠା ଟାଉନ ଲାଇବ୍ରେରୀ ହଲରେ କେତେକ ଭଦ୍ରଲୋକଙ୍କ ଯତ୍ନରେ ଗୋଟିଏ ସାନ୍ଧ୍ୟ ମିଳନ ହୋଇଥିଲା । ବାବୁ ଜାନକୀନାଥ ବସୁ ଓ ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କ ଆମନ୍ତ୍ରଣ ମତେ ଅନେକ ଦେଶୀୟ ମାନ୍ୟ ଗଣ୍ୟ ବ୍ୟକ୍ତି ତଥା ଏଠା କଲେଜର ପ୍ରିନ୍ସିପାଲ ରାୟଲ୍ଡ ସା ସାହେବ ପାଦ୍ରୀ ୟଙ୍ଗସାହେବ ସ୍କୁଲ ଆଃ ଇ: ହ୍ୱପଡ ସାହେବ ବମାନେ ମିଳନ ସ୍ଥଳରେ ସମାଗତ ହୋଇଥିଲେ । ବାଗ ଦଳ ଥିବାରୁ ମିଳନର ଆମୋଦ ପ୍ରମୋଦରେ କୌଣସି ବାଧା ଜାତ ହୋଇ ନ ଥିଲା ଏବଂ ଉପସ୍ଥିତ ଭଦ୍ର ମଣ୍ଡଳ ସ୍ନେହାମୃତ ବାହାରେ ଏବଂ ଭିତରେ ବିଚରଣପୂର୍ବକ ପରସ୍ପର ମଧ୍ୟରେ ସୁହୃଦ୍ଭାବ ବୃଦ୍ଧି କରିବାର ଦୃଶ୍ୟ ଦେଖିବାକୁ ଅତିବ ରମଣୀୟ ହୋଇଥିଲା । ସନ୍ଧ୍ୟାର କିଛି ପୂର୍ବରେ ସମସ୍ତେ ହଲ ମଧ୍ୟରେ ସମାସୀନ ହେଲାରୁ ବାବୁ ଜାନକୀନାଥ ବସୁ କହିଲେ ଯେ ରାୟ ମଧୁସୂଦନ ରାଓ ବାହାଦୁର ଆପଣାର ବିନୟ ଗୁଣରେ ସମସ୍ତଙ୍କର ପ୍ରିୟପାତ୍ର ଅଟନ୍ତି ଏବଂ ସେ ଦୀର୍ଘକାଳ ସରକାରୀ ଚାକିରୀ କରି ବର୍ତ୍ତମାନ ଅବସର ଗ୍ରହଣ କରୁଥିବାରୁ ସର୍ବ ସାଧାରଣ ସ୍ୱତଃ ପ୍ରବୃତ୍ତ ହୋଇ ତାଙ୍କର ସମ୍ବର୍ଦ୍ଧନା ନିମିତ୍ତ ଏ ଆୟୋଜନ କରିଅଛନ୍ତି । ସଭା ସ୍ଥଳରେ ସର୍ବ ଶ୍ରେଣୀର ଏବଂ ସର୍ବ ଜାତୀୟ ଲୋକେ ହୃଷ୍ଟ ଚିତ୍ତରେ ଉପସ୍ଥିତ ହେବା ତହିଁର ପରିଚାୟକ ଅଟେ । ସେ କହିଲେ ଯେ ମଧୁ ବାବୁ ଯେ ଏତା ଦକ୍ଷତା ସହିତ ସରକାରୀ ଚାକିରୀ ନିର୍ବାହ କରିଥିବା ଅଥବା ଶିକ୍ଷା ବିଭାଗରେ କାର୍ଯ୍ୟ କରିଥିବା ଦୀର୍ଘ ବହୁକାଳ କୃତକାର୍ଯ୍ୟତା ସହିତ ସାହିତ୍ୟ ସେବାରେ ରତ ହୋଇଥିବା ଅବା କୌଣସି ଧର୍ମରେ ରହି ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଦେଖାଇଥିବା ହେତୁ ଏ ସମ୍ମିଳନରେ ନାନାପ୍ରକାର ଲୋକେ ସମାଗତ ହୋଇଅଛନ୍ତି ତାହା ନୁହେ ତାଙ୍କର ଆଦର୍ଶ ସ୍ୱକୀୟ ପବିତ୍ର ସାଧୁ ଚରିତ୍ର ସମସ୍ତଙ୍କୁ ଟାଣି ଆଣିଅଛି । ମଧୁବାବୁଙ୍କ ଚରିତ୍ର ଉଦେଶ୍ୟ ଆଶାସ୍ଥଳ ଯୁବକମାନଙ୍କର ସର୍ବଥା ଅନୁକରଣୀୟ । ପରେ ଗୋଟିଏ ସଙ୍ଗୀତ ଏବଂ ଗୋଟିଏ ଉର୍ଦ୍ଦୁ କବିତା ପାଠ ହେଲାରୁ ବାବୁ ଗୋକୁଳାନନ୍ଦ ଚୌଧୁରୀ ମଙ୍ଗଳ କାମନାରେ ସମସ୍ତଙ୍କର ଶ୍ରଦ୍ଧାର ଉପହାରର ସ୍ୱରୂପ ପୁଷ୍ପମାଳା ରାୟ ବାହାଦୁରଙ୍କ ଗଳଦେଶରେ ଲମ୍ବମାନ କଲେ । ରାୟ ବାହାଦୁର ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ଦେଇ ବ୍ୟକ୍ତ କଲେ ଯେ ସେ ବ ୩୭ ବର୍ଷ ଗଭର୍ଣ୍ଣମେଣ୍ଟଙ୍କର ସେବା କରି ଅଥବା ସାହିତ୍ୟ ସେବା ଅବା ଅନ୍ୟ ରୂପେ ଦେଶର କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣରୂପେ ସଫଳ ହୋଇଥିବାର ଜ୍ଞାନ ନ କଲେ ସୁଦ୍ଧା ସର୍ବସାଧାରଣର ତାଙ୍କ ପ୍ରତି ଏବମ୍ଭୂତ ଶ୍ରଦ୍ଧା ହେତୁ ସେ ଆପଣାକୁ ଭାଗ୍ୟବାନ୍ ମଣି ଅଛନ୍ତି । ସାଧାରଣଙ୍କର ତାଙ୍କ ପ୍ରତି ଏ ଉଦାର ଭାବ ସେ ଜୀବନରେ ଭୁଲିବେ ନାହିଁ । ଅତଃପର ସମାଗତ ଭଦ୍ରଲୋକମାନେ ଉପସ୍ଥିତ ଥିବା ଜଳପାନରେ ଯୋଗ ଦେଇ ସାର୍ଦ୍ଧ ସାତ ଘଣ୍ଟା ସମୟରେ ଯେ ଯାହାର ଆବାସକୁ ପ୍ରତ୍ୟାବୃତ୍ତ ହେଲେ । ଏ ନଗର କାର୍ଯ୍ୟାବଳୀ ଦେଖି ଆମ୍ଭେମାନେ ପରମାହ୍ଲାଦିତ ହୋଇଅଛୁଁ । ଦେଶର ଗୌରବ ସ୍ଥଳୀୟ ଲୋକମାନଙ୍କର ସମ୍ବର୍ଦ୍ଧନାରେ ସେମାନଙ୍କ ସୁନ୍ଦର ଗୁଣମାନଙ୍କ ଚର୍ଚ୍ଚାଦ୍ୱାରା ଯେଉଁ ଫଳ ଲାଭ ହୁଏ ତାହା ସ୍ୱତଃସିଦ୍ଧ ଏବଂ ଯେଉଁମାନେ ତହିଁରେ ଯୋଗ ଦିଅନ୍ତି ସେମାନେ ପ୍ରକୃତରେ ମନୁଷ୍ୟତ୍ୱର ପରିଚୟ ଦିଅନ୍ତି । ମଧୁବାବୁ ଶିକ୍ଷାବିଭାଗରେ ଥାଇ ବାଳକବୃନ୍ଦଙ୍କ ସହିତ ବିଶେଷରୂପେ ପରିଚିତ ଏବଂ ସେ ବାଳକମାନଙ୍କ ନିକଟରେ ଯେମନ୍ତ ସମାଦୃତ ତେମନ୍ତ ସେମାନଙ୍କର ପ୍ରକୃତରେ ଆଦର୍ଶ ସ୍ଥଳୀୟ ଥିବାରୁ ଏ ସାନ୍ଧ୍ୟ ମିଳନରେ ବାଳକମାନଙ୍କୁ ଡକାଇ ସେମାନଙ୍କର ଆମୋଦ ପ୍ରମୋଦର ବ୍ୟବସ୍ଥା କରି ରାୟବାହାଦୁରଙ୍କ ସଚ୍ଚରିତ୍ର ଜୀବନ୍ତ ଉଦାହରଣ ତାଙ୍କୁ ଦେଖାଇ ଦେବାର ବ୍ୟବସ୍ଥା ହୋଇଥିଲେ ଆମ୍ଭେମାନେ ସମଧିକ ଆନନ୍ଦିତ ହୋଇଥାନ୍ତୁ । ତହିଁ ନ ପ୍ରଶସ୍ତ କୁଦଲ ପାର୍କରେ ଯଥେଷ୍ଟ ସ୍ଥାନ ଥିଲା ଏବଂ ତାହା ହୋଇଥିଲେ ଜାତୀୟବନ୍ଧ କଥାଗୁଡ଼ିକ ସାର୍ଥକ ହୋଇଥାନ୍ତା । ବନ୍ଧାଙ୍କ କାମନା ମତେ ଆମ୍ଭେମାନେ ସର୍ବାନ୍ତଃକରଣରେ ଈଶ୍ୱରଙ୍କଠାରେ ରାୟବାହାଦୁରଙ୍କ ବହୁମୂଲ୍ୟ ଏବଂ ପବିତ୍ର ଜୀବନ ଦୀର୍ଘ ହେବାର କାମନା କରୁଅଛୁଁ ।

---

### ତନ୍ତିଙ୍କର ଦୁରବସ୍ଥା ।

ଏହି ହିସେ ନାମରେ ଗୋଟିଏ ପ୍ରବନ୍ଧ ଗଡ଼ଜାତ ବାସିମାରେ ବାହାରିଅଛି । ତହିଁରେ ଲେଖାଅଛି ଯେ ଓଡ଼ିଶାର ମୋଗଲବନ୍ଦି ତଥା ଗଡ଼ଜାତର ତନ୍ତିମାନେ ନିଜ ବ୍ୟବସାୟ ବେଗରେ ରୁଗ୍ନଦେହ ସର୍ବସ୍ୱାନ୍ତ ହୋଇଅଛନ୍ତି । ଅନ୍ୟାନ୍ୟ ଜାତିର ବ୍ୟବସାୟ ଦୃଷ୍ଟିରେ ତନ୍ତିଙ୍କର ବିଶେଷ ଅବନତି ଦେଖାଯାଏ ଏବଂ ବିଦେଶୀ ଲୁଗାର ବହୁଳ ପ୍ରଚଳନ ଏ ଦେଶୀୟ ତନ୍ତିଙ୍କର ବ୍ୟବସାୟର ପଥ ରୋଧ କରିଅଛି । ଓଡ଼ିଶା ବାସିର ହୃଦୟରୁ ସ୍ୱଦେଶ ପ୍ରୀତି ଯେପରି ଭାବରେ ନିମ୍ନତମ ପ୍ରଦେଶକୁ ଗଳିଯାଇଅଛି ସେପରି ତନ୍ତିକୁଳ ମଧ୍ୟ ଉଚ୍ଛନ୍ନ ହେଉଅଛି । ସ୍ୱଦେଶୀ ଆଦର ବଢ଼ାଇ ରଖିବାକୁ ଗଲେ ବସ୍ତ୍ରବ୍ୟବସାୟୀଗଣ ଅତେ ନଜର ପଡ଼ିବା ଉଚିତ କାରଣ ବସ୍ତ୍ର ଲୋକମାନଙ୍କର ପ୍ରଧାନ ବ୍ୟବହାର୍ଯ୍ୟ ଓ ଆଦରର ଜିନିଷ । ବିଦେଶୀ ବସ୍ତ୍ର ପ୍ରଭାବରେ ଯନ୍ତ୍ରେ ସ୍ୱଦେଶୀ ବସ୍ତ୍ରର ଅନାଦର ହେଲା ତନ୍ତୁ ଅନ୍ୟାନ୍ୟ ସ୍ୱଦେଶୀ ଭାବ ଲୋପ ପାଇ ଦେଶର ଅବସ୍ଥା ମନ୍ଦ ଆଡ଼କୁ ଯାଉଅଛି । କେବଳ ଦେଶବାସିଙ୍କର ଅବହେଳା ତହିଁର କାରଣ ଅଟେ । ଏ ଦେଶର ତନ୍ତିଙ୍କର ଅବସ୍ଥା ଯେମନ୍ତ ଦଳ ନୁହେ ଯେ ବ୍ୟବସାୟର ଉନ୍ନତି ଦେଖାଇ ଲୋକଙ୍କର ସ୍ୱଦେଶୀ ଭାବକୁ ଆକର୍ଷଣ କରିବେ । ଅନ୍ୟାନ୍ୟ ଦେଶରେ କୌଣସି ଜାତି ବ୍ୟବସାୟର ଅଧୋଗତି ଦେଖିଲେ ସାଧାରଣ ପ୍ରାଣପଣେ ଚେଷ୍ଟା କରି ତାହାକୁ ଉଠାଇ ନେବାର ଯତ୍ନ କରନ୍ତି ଓଡ଼ିଶାରେ ସେ ଭାବ ଏ ପର୍ଯ୍ୟନ୍ତ ବିରଳ ଦେଖାଯାଉଅଛି । କ ଉପାୟରେ ଏମାନଙ୍କ ବ୍ୟବସାୟକୁ ପତନ ହସ୍ତରୁ ଉଦ୍ଧାର କରିବାକୁ ହେବ ଏ ବିଷୟର ଚିନ୍ତା କରିବା ଉଚିତ । ସହଯୋଗ ବିବେଚନାରେ ଗଡ଼ଜାତ ରାଜାମାନଙ୍କ ଦୃଢ଼ ଚେଷ୍ଟାରେ କୌଣସି କାର୍ଯ୍ୟ ସମାଧା ହୋଇ ନ ପାରେ । ରାଜାମାନେ ଉତ୍ସାହର ସହିତ ନିଜ ୨ ରାଜ୍ୟର ଗରିବ ତନ୍ତିମାନଙ୍କ ମଧ୍ୟରୁ ଦୁଇବର୍ଷ ୨।୪ ଜଣଙ୍କୁ ବୃତ୍ତି ଦେଇ ନୂତନ ବୟନ କାର୍ଯ୍ୟ ଶିକ୍ଷା କରିବାକୁ ଶ୍ରୀରାମପୁରକୁ ପଠାଇଲେ ବ ୨।୩ ବର୍ଷ ମଧ୍ୟରେ ଅନେକ ୨ ନୂତନ କାର୍ଯ୍ୟ ଶିଖି ତନ୍ତିମାନେ ବର୍ତ୍ତମାନ ରୁଚି ଅନୁସାରେ ଆପଣା ୨ ବ୍ୟବସାୟକୁ ଉନ୍ନତ କରି ଜନସାଧାରଣଙ୍କର ମନ ଆକର୍ଷଣ କରିବାକୁ ସମର୍ଥ ହେବେ ଏବଂ ସ୍ୱଦେଶ ପ୍ରେମର

ଫଳୋତ୍ପନ୍ନ ହୋଇ ଦେଶର କଲ୍ୟାଣ ହେବ । ଏ ପ୍ରସ୍ତାବଟି ଅତି ସହଜ ଏବଂ ରଜାମାନେ ଯେବେ ଏହା ଘୋଷଣା କରିବେ ତେବେ ଅଳ୍ପ ବୟସରେ ଅଳ୍ପ କାଳରେ ସ୍ୱଜାତୀୟ ଏକଶ୍ରେଣୀର ବୟନ ଶ୍ରମ-ଜୀବୀ ଓ ତନ୍ତୁସଙ୍ଗେ ଅତ୍ୟାଚ୍ୟ ଅନେକ ଦୁଃସ୍ଥ ପ୍ରକାର ଦୁରବସ୍ଥା ଦୂର ହେବେ । କଲିକତା ଜଜ୍ଜ ଲାଗମପୁରରେ ସରକାରୀ ବୟନ ବିଦ୍ୟାଳୟ ସ୍ଥାପିତ ହୋଇ ଲ୍ୟାରୁଣା ଇତ୍ୟାଦି ଶିକ୍ଷାର ବିଶେଷ ସୁବିଧା ହୋଇଅଛି । ସେଠାରେ ମାସକୁ ପ୍ରାୟ ୫ ୧୦ ଟଙ୍କା ବ୍ୟୟରେ ଜଣେ ଛାତ୍ର ଅନାୟାସରେ ଶାଳ ତିଆରି ଶିକ୍ଷା କରି ପାରନ୍ତି । ବାହାର ୮ ୨୫୦ ଟଙ୍କା ବ୍ୟୟରେ ଏହି ରଜା ଅନାୟାସରେ ପ୍ରତିବର୍ଷ ଦୁଇ ଜଣ ଛାତ୍ର ପ୍ରସ୍ତୁତ କରି ଆଣି ପାରିବେ । ଏହି ସାମାନ୍ୟ ବ୍ୟୟ କୌଣସି ରଜା ଅନାୟାସରେ କରିପାରନ୍ତି ଏବଂ ଏହା କଲେ ଗବର୍ଣ୍ମେଣ୍ଟଙ୍କର ଉଦ୍ଦେଶ୍ୟ ଏବଂ ହିତାନୁଷ୍ଠାନରେ ଯୋଗ ଦେବାଦ୍ୱାରା ପ୍ରଶଂସା-ଭାଜନ ହେବେ । ଗଡ଼ଜାତ ରଜାମାନେ ପୂର୍ବେ ଜନେ ଓ ଉଚ୍ଚ ପଦେ କେହେ ଦେଶୀ ଲୁଗା ବ୍ୟବହାର କରୁଥିଲେ ତେବେ ମାଣିଆବନ୍ଧ ଇତ୍ୟାଦିର ବ୍ୟବସାୟ ଭଲ ଚାଲୁଥିଲା । ଅଦ୍ୟାପି ମଧ୍ୟ ଅନେକ ସ୍ଥାନମାନଙ୍କରେ ଅଛି ମାତ୍ର ଖଦଡ଼ କାହାର ଓ ବାଳେ ଶରତ ନିମନ୍ତେ ଶସ୍ତା ବିଦେଶୀ ଲୁଗା ବିଶେଷ ଚଳିବାର ଦେଖାଯାଏ । ଏହା ଭଲ ନୁହେ । ସାମାନ୍ୟ ବ୍ୟୟ ଲାଘବ ସକାଶେ ସ୍ୱଦେଶର ତନ୍ତିକୁ ଛାଡ଼ି ମାରିବା ସଙ୍କୋଚର କାର୍ଯ୍ୟ କି ? ରଜାଦରବାରରେ ଦେଶୀ ଲୁଗାର ଆଦର ହେଲେ ପ୍ରଜାବର୍ଗ ତାହା ଶୀଘ୍ର ଅନୁକରଣ କରନ୍ତେ ଏବଂ ଦେଶୀ ଲୁଗାର ବ୍ୟବହାର ବଢ଼ିଲେ ତନ୍ତୀ ଶ୍ରେଣୀ ଓ ସୂତାକଟା ଇତ୍ୟାଦି ବ୍ୟବସାୟ ବୃଦ୍ଧି ହେବ । ଏହି ସୂତାକଟାରେ କେତେ ଅନାଥା ବିଧବା ଓ ଅନ୍ୟାନ୍ୟ ଗରୀବ ସ୍ତ୍ରୀ ପ୍ରତିପାଳିତ ହେଉଥିଲେ, ସେମାନଙ୍କର ଚିନ୍ତା ରଜାଙ୍କୁ ଲାଗେ ନାହିଁ କି ? ଅନ୍ୟ ବସ୍ତ୍ରର ପ୍ରତିକର ଆଶାରେ ଶସ୍ୟ ରପ୍ତାନୀ ପ୍ରତି ଦୃଷ୍ଟି ରଖିଲା ପରି ବିଦେଶୀ ଲୁଗା ଆମଦାନୀ ପ୍ରତି ଦୃଷ୍ଟି ରଖିଲେ ଏବଂ ବସ୍ତ୍ର ବିକ୍ରେତାଙ୍କୁ ଦେଶୀ ଲୁଗା ବିକିବାର ଉତ୍ସାହ ଦେଲେ ଅନେକ ଉପକାର ହେବ । ଲୋକମାନଙ୍କର ପୂର୍ବପରି ଦେଶୀ ଲୁଗା ବ୍ୟବହାର କରିବା ଉଚିତ । ଦ୍ରବ୍ୟର ଆଦର ହେଲେ ପ୍ରସ୍ତୁତ କରିବା ବ୍ୟକ୍ତିମାନଙ୍କର ଉତ୍ସାହ ବଢ଼ିବ ଓ ଭଲ ଲୁଗା ବଜାରକୁ ଆସିବ । ଉତ୍କଳର ହିତ ସମିତିରେ ଏଥିର ବହୁଳ ଚର୍ଚ୍ଚା ହେବା ଉଚିତ । ପିନ୍ଧିବା ଲୁଗା ନିମନ୍ତେ ଯେ ଦେଶବାସୀ ପରମୁଖାପେକ୍ଷୀ ସେ ଦେଶର ଉନ୍ନତି କଥା କେଉଁଠି ଥାଉ ବସ୍ତ୍ର ରହିବା କଷ୍ଟକର ।

## ପାର୍ଲିଆମେଣ୍ଟରେ ଭାରତୀୟ ବଜେଟ

ପୂର୍ବ ନିର୍ଦ୍ଦେଶମତେ ବିଲାତ ପାର୍ଲିଆମେଣ୍ଟ ମହାସଭାରେ ଗତ ମାସ ତା ୫ ରିଖ ଅପରାହ୍ନ କାଳରେ ଷ୍ଟେଟ ସେକ୍ରେଟରୀଙ୍କ ପକ୍ଷରୁ ଏଲବାଟର ମାଷ୍ଟର ଗତ ବର୍ଷର ଭାରତୀୟ ବଜେଟ ଅଗତ କରିବା ସମୟରେ ପ୍ରକାଶ କଲେ ଯେ ଗତ ବର୍ଷର ଆରମ୍ଭରୁ ଭାରତର ଅବସ୍ଥା ଉନ୍ନତ ଲାଭ କରିଅଛି । ମାତ୍ର ବର୍ଷ ଶେଷରେ ୨୩୦୦୦୦ ପାଉଣ୍ଡ ଉଦ୍ୱର୍ତ୍ତ ରହିବାର ଆଶା ଅନିଶ୍ଚିତ ହୋଇଅଛି ଅଧିକ ରାଜସ୍ୱ ଉଣା ପଡ଼ିବା ସମ୍ଭବ ଥିବାରୁ ତାହା ସଫଳପର ଜଣାଯାଉ ନାହିଁ । ସେନାପତି ଲର୍ଡ କିଚନର ସେନାବିଭାଗର ଯେଉଁ ନୂତନ ବ୍ୟବସ୍ଥା କରିଅଛନ୍ତି ତାହା ପ୍ରଶଂସନୀୟ ଅଟେ ଏବଂ ସାମରିକ ସାମଗ୍ରୀ ଯୋଗାଇବାର ନେମର ପଦ ଉଠିଯିବାରୁ ସେନାପତି ସ୍ୱୟଂ ଅଧିକ ଗସ୍ତ କରିବା ସୁବିଧା ହେଉଅଛି । ଭାରତ ଗବର୍ଣ୍ମେଣ୍ଟଙ୍କ ସ୍ୱାସ୍ଥ୍ୟ ବିଧାନ ଏବଂ ମନୁଷ୍ୟୋଚିତ କାର୍ଯ୍ୟ ଯୋଗେ ପ୍ଲେଗ ଏବଂ ଦୁର୍ଭିକ୍ଷର ଦାଉ ଉଣା ପଡ଼ିଅଛି । ରେଳରୋଡ଼ ଏବଂ ବାଣିଜ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ଯୋଗେ ଦେଶର ଧନ ବୃଦ୍ଧିଯିବା ହେତୁ ଭାରତର ଦାରିଦ୍ର୍ୟ ବଢ଼ୁଥିବାର ଯେଉଁ ଅଭିଯୋଗ ଅଗତ ହୋଇଅଛି ତାହା ଅଯଥାର୍ଥ । ସର ଜନ୍ମନଙ୍କ ହତ୍ୟା ହେତୁ ତାଙ୍କ ବିଧବାଙ୍କ ପ୍ରତି ପାର୍ଲିଆମେଣ୍ଟର ସହାନୁଭୂତି ଅଛି ଏବଂ ଡାକ୍ତର ଲାଲ କାକାଙ୍କ ସରହି ପାର୍ଲିଆମେଣ୍ଟ ଅନୁଭବ କରୁଅଛନ୍ତି । ତାଙ୍କର ହତ୍ୟାକାଣ୍ଡ ଏକ ପାଗଳର କାର୍ଯ୍ୟ ଅଟେ ଏବଂ ତାହା ସହିତ ଜମିଦାର ଷଡ଼ଯନ୍ତ୍ରର କୌଣସି ସମ୍ପର୍କ ନାହିଁ ମଧ୍ୟ ଅଳ୍ପ କେତେକ ଉଗ୍ରପ୍ରକୃତି ବିଦ୍ରୋହୀଙ୍କ ଲୋକ ଛଡ଼ା ଭାରତର ରାଜଭକ୍ତ ପ୍ରଜାପୁଞ୍ଜ ଏହାର ନିନ୍ଦା କରନ୍ତି । ଗବର୍ଣ୍ମେଣ୍ଟ ଅନୁଗତ ଏବଂ ଦମନ ମଧ୍ୟରେ ଇତସ୍ତତଃ ହେଉଥିବାର ଅଭିଯୋଗ ଅଗତ ହୋଇଅଛି ସତ୍ୟ ମାତ୍ର ଅସନ୍ତୋଷ ଏବଂ ବିଦ୍ରୋହାଚରଣ ଦମନ କରିବା ବିଷୟରେ ଗବର୍ଣ୍ମେଣ୍ଟ କେବେବେଳେ ପଛଘୁଞ୍ଚା ଦେବେ ନାହିଁ । ଶାନ୍ତିରକ୍ଷା ରାଜାଙ୍କର ଏକାନ୍ତ ଇଚ୍ଛା ଏବଂ ଭାରତ ଗବର୍ଣ୍ମେଣ୍ଟଙ୍କ ପ୍ରୟୋଜନ ହେଲେ ଅବଶ୍ୟକ ମତେ ଆନ୍ଦୋଳନକ ଶକ୍ତି ଉର୍ଦ୍ଧ୍ୱାନ୍ନତ କ୍ଷେତ୍ରରୁ ବହିଷ୍କୃତ କରାଯିବ । ୧୮୧୮ ମସିହାର ୩ ଆଇନ ଯେଉଁ ମାକାର୍ଣ୍ଣିସ ସାହେବ ମହୋଦୟ ଗବର୍ଣ୍ମେଣ୍ଟଙ୍କ ବିରୁଦ୍ଧରେ ଗୋଟିଏ ଅଭିଯୋଗ ଆଣିଅଛନ୍ତି ମାତ୍ର ଭାରତବର୍ଷର ସାଧାରଣ ଅଇନ ସେଦେଶରେ ନିୟମ ଓ ଶାନ୍ତିରକ୍ଷା କରିପାରୁ ନାହିଁ । ଯଦି ଲୋକେ ଭୟ ଅଥବା ଅଶ୍ରଦ୍ଧା ହେତୁ ଗବର୍ଣ୍ମେଣ୍ଟଙ୍କୁ ସାହାଯ୍ୟ କରିବାକୁ ଅନିଚ୍ଛୁକ ହେବେ ତେବେ ଗବର୍ଣ୍ମେଣ୍ଟ ଅବଶ୍ୟ ଅନ୍ୟ ଉପାୟ ଅବଲମ୍ବନ କରିବେ । ଭାରତସଚିବମାନେ ଆମ୍ଭମାନଙ୍କୁ ଶାସନ କାର୍ଯ୍ୟ ଶିଖିବାକୁ ବାଧ କରିବାର ବାଞ୍ଛା କରନ୍ତି ମାତ୍ର ଉକ୍ତ ଜ୍ଞାନକରେ ଭାଗ୍ୟକ୍ରମେ ଅନୁରୂପ ବିଧି ଅଛି । ଭାରତ ଗବର୍ଣ୍ମେଣ୍ଟ ଦୃଢ଼ଭାବେ ଶାନ୍ତିରକ୍ଷା କରୁଅଛନ୍ତି ଏହି ପରିବର୍ତ୍ତିତ ଶାସନ ପ୍ରଣାଳୀ ଉପଯୁକ୍ତ ଏବଂ ଲୋକଙ୍କର ନ୍ୟାଯ୍ୟ ଉଚ୍ଚାକାଂକ୍ଷା ପୂରଣ କରିବା ପ୍ରତି ଯଥେଷ୍ଟ ତାହା କାଳକ୍ରମେ ଜଣାଯିବ । ବର୍ତ୍ତମାନ ଉକ୍ତ ଶାସନପ୍ରଣାଳୀ ପ୍ରଚଳନ ଓ ପରିବର୍ତ୍ତିତ ବ୍ୟବସ୍ଥାପକ ସଭା ଗଠନ କରିବା କାର୍ଯ୍ୟ ଦ୍ରୁତଗତିରେ ଚାଲୁଅଛି । ଅତଃପର ଭୟରେ ଶାସନପ୍ରଣାଳୀ ପରିବର୍ତ୍ତନ କରାଯାଉ ନାହିଁ ମାତ୍ର ପରିବର୍ତ୍ତନ ନ କଲେ ଅସନ୍ତୋଷ ବଢ଼ି ରାଜଭକ୍ତ ପ୍ରଜାମାନେ ଭରମପନ୍ଥୀ ହୋଇଯିବେ । ଇଂରାଜ ଶାସନାଧୀନରେ ଲୋକଙ୍କର ବୁଦ୍ଧି ମତ୍ତ ଓ ସ୍ୱାଧୀନତା ଏବଂ ପାଶ୍ଚାତ୍ୟ ଭାବ ବଢ଼ିବା ସଙ୍ଗେ ଅଧିକାର ପୃଥକ୍ କରଣ (Decentralization) ର ଆବଶ୍ୟକ ହୋଇଅଛି । ଜାପାନର ଉନ୍ନତି ଏବଂ ରୁଷ ଓ ପାରଶ୍ୟର ଜାଗ୍ରତ ଭାରତବାସୀଙ୍କ ମନୋଭାବ ଜାଗ୍ରତ କରିଅଛି । ଆମ୍ଭେମାନେ ଭାରତୀୟ ବିଶ୍ୱବିଦ୍ୟାଳୟର ଶିକ୍ଷାସମ୍ବନ୍ଧୀୟ ସ୍ୱାଧୀନତା ଅବରୁଦ୍ଧ କରିବା ଉଦ୍ଦେଶ୍ୟରେ କିଛିହିଁ କରୁ ନାହୁଁ । ଆମ୍ଭେମାନେ ଭାରତବାସୀଙ୍କୁ ସ୍ୱାଧୀନ ଭାବରେ ପରପାଶ୍ଚାତ୍ୟ ସ୍ୱତନ୍ତ୍ରମାନ ସ୍ୱେଚ୍ଛାମତ ପଢ଼ିବାକୁ ଦେଉଅଛୁ ଏବଂ ସ୍ୱେଚ୍ଛାଚାର ଅଥବା ବୈଦେଶିକ ଶାସନ ପ୍ରତି ଘୃଣା ସ୍ୱଭାବରେ ଦେଉଅଛୁ ଦେ ସ୍ୱମତ ସ୍ୱାଧୀନଭାବରେ ଗଢ଼ିବା ପ୍ରତି ଆଶା ରଖି ନାହୁଁ ବିଲାତରେ ଭାରତୀୟ ଛାତ୍ରସଂଖ୍ୟା ଅଧିକ ହେବା ଓ ସେମାନେ ଯଥାତଥା ଅସନ୍ତୁଷ୍ଟ ଅଥବା ବନ୍ଧୁବିହୀନଭାବରେ ରହି କାଳ କଟାଇବା ବିଷୟରେ ଷ୍ଟେଟ ସେକ୍ରେଟରୀଙ୍କର ଦୃଷ୍ଟି ଆକର୍ଷିତ ହୋଇ ତଦନ୍ତ କେତେ କମିଟୀ ସଂଗଠିତ ହୋଇଅଛି । ଅବଶେଷରେ ଭାରତୀୟମାନେ ସେମାନଙ୍କ ଦେଶହିତୈଷିତା ଏବଂ ଅନୁସନ୍ଧାନ ବିରୁଦ୍ଧରେ କଥା ଶୁଣିଲେ ଉତ୍ତେଜିତ ହେବା ବିଷୟ ସମ୍ବାଦପତ୍ରର ସମ୍ପାଦକମାନେ ଜାଣି ରଖିବା ବିଷୟରେ ସାବଧାନ କରିଦେଇ ଭାରତବର୍ଷର ଉଚ୍ଚଲୋକମାନଙ୍କ ବିଲାତର ଉଚ୍ଚଲୋକମାନେ ନିର୍ଭୀକଭାବରେ ଶାସନ କରିବା କାର୍ଯ୍ୟରେ ଅଗ୍ରସର ହେବାର ବୁଝାଇ ଦେଇ ବକ୍ତବ୍ୟ ଶେଷ କଲାରୁ କେତେକ ତର୍କ ବିତର୍କ ପରେ ବଜେଟ ଧାର୍ଯ୍ୟ ହେଲା ଓ ଗୋଟାଏ ବାର୍ଷିକ ଧନ୍ଦା ଶେଷ ହେଲା । ନିର୍ବାସନ ଆଇନଟା ସନ ୧୮୧୮ ସାଲରେ ଜାରୀ ହୋଇ ନ ଥିଲେ

ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ବ ବିଷୟରେ ଏପରି ଜଣା ଗଲ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱର ଜଜ ବିଚାର ପର ଭାଗଲପୁର ଅସ୍ଥାୟୀ ଅତିରିକ୍ତ ଜଣାଯାଉଅଛି ଦରଖାସ୍ତ ହୋଇଗଲ ।

ବାବୁ ସଦାନନ୍ଦ ପଟ୍ଟନାୟକ ଦଶ ଦିନ ସକାଶେ ୪ର୍ଥ ଶ୍ରେଣୀର ସବ ଡେପୁଟୀ କଲେକ୍ଟର ନିଯୁକ୍ତ ହୋଇ ପୁରୀ ସଦର ସବଡିଭିଜନରେ ଅବସ୍ଥାପିତ ହେବେ ।

ଓଡ଼ିଶା ବିଭାଗର ସବ ଡେପୁଟି କଲେକ୍ଟର ବାବୁ ମୋହନମୋହନ ସେନାପତି ବାଲେଶ୍ୱର ସଦର ସବଡିଭିଜନରେ ଅବସ୍ଥାପିତ ହେଲେ ।

କଟକ ଟ୍ରେନିଂ ସ୍କୁଲ ସବ ଇନସ୍ପେକ୍ଟର ବାବୁ ଚୈତନ୍ୟଚରଣ ସେହି ନଗର ସ୍କୁଲ ସବଇନସ୍ପେକ୍ଟରର କାର୍ଯ୍ୟ କରିବେ ।

ବାବୁ ନନ୍ଦକିଶୋର ଦାସ ସନ ୧୮୦୯ ମସୀହା ସେପ୍ଟେମ୍ବର ମାସ ତା ୫ ରିଖରୁ କଟକ ନର୍ମାଲ ସ୍କୁଲ ସବଇନସ୍ପେକ୍ଟର ପଦରେ ବାହାଲ ହେଲେ ।

ମୌଲବୀ ସୈୟଦ ଅବଦୁଲ ଗଫୁର ବି, ଏ, କଟକ ଟ୍ରେନିଂ ସ୍କୁଲର ସହକାରୀ ଶିକ୍ଷକ ହେଲେ ।

ପଣ୍ଡିତ ଓ ଡେପୁଟି ମାଜିଷ୍ଟ୍ରେଟ ଏବଂ ସବ ଡେପୁଟି କଲେକ୍ଟରମାନଙ୍କର ବିଭାଗୀୟ ପରୀକ୍ଷା ଆଗାମୀ ସନ ୧୮୦୯ ମସୀହା ଅକ୍ଟୋବର ମାସ ତା ୪ ରିଖରେ କଟକ କମିଶନର ଅଫିସରେ ହେବାର ଧାର୍ଯ୍ୟ ହୋଇଅଛି ।

ଗତ ତା ୯ ରିଖ ଶେଷହେବା ସପ୍ତାହରେ କଟକରେ ୧.୮୨, ବାଲେଶ୍ୱରରେ ୨.୮୩ ଓ ହେମପୁରରେ ୨.୨୩ ଇଞ୍ଚ ଓ ଅନୁଗୁଳ ଓ ପୁରୀରେ ନାମମାତ୍ର ବର୍ଷା ହୋଇଅଛି ପଢ଼ାଯାଉଥିବା ଜାନୁଆରୀରୁ ୭୨.୮୫ ପର୍ଯ୍ୟନ୍ତ ହୋଇଅଛି ।

ଓଡ଼ିଶାର ଦକ୍ଷିଣ ଭାଗରେ ଗୁହାଳର ଦର ପୂର୍ବ ପ୍ରାୟ ଅଛି କେବଳ କଟକରେ ଦର ବଢ଼ି ସେରେ ।୵ ହୋଇଅଛି ।

---

### ସ୍ଥାନୀୟ ସମ୍ବାଦ

ଏ ସପ୍ତାହରେ ଏ ନଗରରେ ଏବେ ବୃଷ୍ଟି ନାହିଁ ଶୀତ ଓ ଗ୍ରୀଷ୍ମ ଦେଖା ଦେଉଅଛି ।

କୋର୍ଟରେ ମକଦ୍ଦମାରେ ଦରଖାସ୍ତଙ୍କୁ ଯାଉଅଛି ଅମ୍ବିକା ଘୋଷେ ନାଥ ରାୟ ଗତ ସୋମବାର କେଃ ମା; ବି, ଏଲ, ପରୀକ୍ଷାରେ ବ ୧ ମ ଶ୍ରେଣୀ ରେ ପାଇଅଛି ।

କଟକର ଉଦ୍ଧାର ମଠର ମହନ୍ତ ସେଠାର ସୁପ୍ରସିଦ୍ଧ ବ୍ରାହ୍ମଣୀ ପ୍ରତି ବଳାତ୍କାର ଅପରାଧରେ ୫୦୦ ଟଙ୍କା ଜାମିନରେ ଥାଇ ମକଦ୍ଦମା ଚଳୁଅଛି ।

ଉକ୍ତମଠର ଜଣେ ପରିଚାରକ ଲେଖିଅଛନ୍ତି ଯେ ଏକଜଣ ପ୍ରଧାନ ଧନୀ ବ୍ରାହ୍ମଣ ଏକାଦଶୀରେ ୬୮ ଜଣ ବ୍ରାହ୍ମଣ ଏବଂ ଏକଜଣ ମାଳୀ ଭୋଜନ କରି ଏକପଇସାଲେଖାଏଁ ଦକ୍ଷିଣା ପାଇଥିଲେ । ସାଧାରଣ ବାହ୍ମଣ ଭୋଜନ କରିବା ଯଥେଷ୍ଟ । ଏ ସ୍ଥାନରେ ତାହା ମଧ୍ୟ ପାଇବା ସହଜ ନୁହେ । ପୂର୍ବ ବ୍ରାହ୍ମଣ ଭୋଜନର ଅଭାବର କଥା ।

ବାଲେଶ୍ୱର ସଭା ଦେବେନ୍ଦ୍ରନାଥ ଦେ ବାହାଦୁରଙ୍କ ଭାଗିନେୟ ବାବୁ ମନ୍ମଥ ଚନ୍ଦ୍ରଙ୍କ ଏକ କନ୍ୟାର ଗତ ଶୁକ୍ରବାର ଜନ୍ମ ହୋଇଅଛି । ଈଶ୍ୱର ଏହି ନବଜାତ ଶିଶୁକୁ ଦୀର୍ଘଜୀବୀ କରନ୍ତୁ ।—ଓ ଓ ନ

ତାଳଚେର ରାଜ୍ୟରେ ୨୬୩୦ ମହର ପୋଖରୀ ଥିଲା ସେଥିମଧ୍ୟରୁ କେବଳ ଦୁଇଟି ପୋଖରୀ ଭଙ୍ଗି ଯାଇ ସମସ୍ତ ଉଠାଇ ଦେଇଅଛନ୍ତି । ଏଥିରେ ପ୍ରଜାଙ୍କର ଅବସ୍ଥା ସମସ୍ତ ନଷ୍ଟ ହେବ ମାତ୍ର ସାଧାରଣ ଉପକାର ନିମନ୍ତେ ସେ ଏ ପ୍ରକାର କ୍ଷତି ମଙ୍ଗଳ ବୋଲି ବିବେଚନା କରନ୍ତୁ । ସଃ ବାଃ

ଧାମା ଗୋପପୁର ପଡ଼ିଆ ସକାଶେ ସମ୍ବଲପୁର ଜିଲ୍ଲା ଧାମାଠାରୁ ବରଗଡ଼ ପାଞ୍ଚ ମୌଜାରେ ୭୧ ଏକର ଜମି ସରକାରୀ ଖାତାରେ ଜମା ହେବାର ବିଜ୍ଞାପନ ପ୍ରଚାର ହୋଇଅଛି ।

ଅସିତାନ ଏକ ସ୍ତ୍ରୀଲୋକ ଜମା କରିବାରୁ ଫେରିବା ବେଳେ ବାଟରେ ପାଖରେ କେତେଜଣ ଭଦ୍ରଲୋକ ସେ ଜମା ନୁହେଁ ଦାବି ତାହାର ଧନ ଦରିଦ୍ର ବିଧବା ସ୍ତ୍ରୀ ଓ କନ୍ୟା ଦେହର ଗହଣା ଟଙ୍କା ଅଳଙ୍କାର ନେଇ ଯାଇଅଛନ୍ତି । କେହି ଧର ପଡ଼ି ନାହିଁ । ତଦନ୍ତ ହେଉଅଛି ।—ସଃ ସୁଃ ଦଃ

ସହିଦଙ୍କୁ ଅନ୍ତର୍ଗତ୍ୟାର୍ଥିଙ୍କ ସ୍ୱର୍ଗୀୟ ଭୂଦେବ ମୁଖର୍ଜ୍ଜିଙ୍କ ଦେବଦତ୍ତ ଅକାଳମୃତ୍ୟୁରେ ଶୋକ ପ୍ରକାଶ ନିମନ୍ତେ ବଙ୍ଗଭାଷା ପତ୍ରିକା ଏବଂ ସ୍ଥାନୀୟ ସମ୍ବାଦପତ୍ର ହୋଇଥିବାର ଶୁଣିଅଛୁ ଶୁଣିବାରୁ ଅବଗତ ହେଲୁଁ । ବଙ୍ଗବାସୀ ପତ୍ରରେ ସେଠାରେ ସଭା ଯୋଗ ଦେଇଥିଲେ । ସୁନାବାନ୍ଧିଆ ଏପ୍ରକାର ସମ୍ମାନ ପ୍ରୀତିକର ଅଟେ ।

## ଖୋର୍ଦ୍ଧା ସମ୍ବାଦ ।

ଆମ୍ଭେମାନେ ଅତିବ ସନ୍ତୁଷ୍ଟ ଅବଗତ ହେଲୁଁ ଯେ ଆମ୍ଭମାନଙ୍କ ମାନନୀୟ ପୁରୀ ନଗର କଲେକ୍ଟର ସାହେବ ଏହି ପ୍ରସ୍ତାବ କରୁଅଛନ୍ତି ଯେ ଖୋର୍ଦ୍ଧା କଲ୍ଲାର ସରବରାହ ଉଭ, ଦଳଙ୍କର ଗଡ଼ ହୋଇ ଏପରି ନିୟମ କରିବ ଯେ ପ୍ରତ୍ୟେକର ମୂଲ୍ୟ ହୋଇବ ଦର୍ଶ୍ଚ ତାରରେ ପର୍ଯ୍ୟବେକ୍ଷିତ ହେବ । ଏବଂ କାଣେ ସରକାରୀ ସେଥିର ଗୋଟିକରୁ ବେଶି ପାଇ ପାରିବେ ନାହିଁ । ଏପରି ହେଲେ ତାହା ଖୋର୍ଦ୍ଧା ବସ୍ତୀବାସିଙ୍କ ପକ୍ଷ ଅତ୍ୟନ୍ତ ମଙ୍ଗଳକର ହେବ । ଏଥିରେ କୌଣସି ସନ୍ଦେହ ନାହିଁ ।

ଏଠାର ପ୍ରଜାମାନଙ୍କ ପକ୍ଷରୁ ଦରବାର ଅତ୍ୟାଗତ ଅନ୍ୟାୟ କ୍ଷତିକାର ବିଷୟ ଉକ୍ତ କଲେକ୍ଟର ସାହେବ ମହୋଦୟଙ୍କ ତାହାର ପ୍ରତିକାର ଉଦ୍ଦେଶ୍ୟରେ ଆବେଦନ ପତ୍ର ଗତ ଜୁନ ମାସ ତା ୩୦ ରିଖରେ ପ୍ରଦାନ କରି ପ୍ରତୀକ୍ଷା କରୁଅଛନ୍ତି । ଆଶା କରୁଁ ସାହେବ ମହୋଦୟ ଏ ବିଷୟରେ ଉଚିତ ବିଚାର କରିବେ ।

ଏଠାର ଭୂତପୂର୍ବ ପୋଷ୍ଟମାଷ୍ଟର ରେଞ୍ଜର ବାବୁ ମଦନମୋହନ ନନ୍ଦ, ଗଣପତି ବାବୁଙ୍କ ନାମକ ଜଣେ ପୋଷ୍ଟରର ପାଇବାରୁ ଫେରନ୍ତା ଖାତ ବରଦେବ ବୋଲି ୫୦ ଟଙ୍କା ତାହାଠାରୁ ଉଠାଇ ଗ୍ରହଣ କରି ତାହାକୁ ଫେରାଇ ଦେଇ ନ ଦେବାରୁ ସେ ଗଣପତି ବାବୁ ତାଙ୍କ ନାମରେ ନାଲିଶ କରିଅଛି । ବର୍ତ୍ତମାନ ଡିପାର୍ଟମେଣ୍ଟର ବିଚାର ହେଉଅଛି । ଫଳାଫଳ ପାଠକଙ୍କୁ ପ୍ରକାଶ କରିବୁଁ ।

## ସାକ୍ଷିଗୋପାଳ ସମ୍ବାଦ ।

ଗତ ସପ୍ତାହରେ ଦାରୁଣୀ ଓ ବୈତରଣୀ ଅତି ନଦୀମାନଙ୍କ ଅତ୍ୟନ୍ତ ବୃଦ୍ଧି ହୋଇଥିଲା ମାତ୍ର ଶୀଘ୍ର କମି ଯିବାରୁ ଧାନ୍ୟ କ୍ଷେତର ନଷ୍ଟ ନ ହୋଇ ପଟୁ ପଡ଼ି ଉପକାର ହୋଇଅଛି ।

ବଡ଼ଚଣା ଥାନାର ଉଦଙ୍ଗ ବଡ଼ ଗାଁର ନିବାସୀ ବଳରାମ ଓଝା ତାହାର ଘର ଭାଙ୍ଗି ଦେଇ ଏକପତ୍ନୀ ଚାଠ ଗାଡ଼ିରେ ବିଦ୍ୟୁତ୍ ଓ ସେ ସେହି ଅପରାଧରେ ମହାରାଜା ଅଭିଯୋଗରେ ଗିରଫ ନରେନ୍ଦ୍ର ନାଥ ବନ୍ଦ୍ୟୋପାଧ୍ୟାୟ ମାଜିଷ୍ଟ୍ରେଟଙ୍କର ସୋପର୍ଦ ହୋଇଅଛି ।

ଉପଯୁକ୍ତ ବାବୁ ଶଶିଭୂଷଣ ସତ୍ପଥୀ ଡେପୁଟି ମାଜିଷ୍ଟ୍ରେଟ ପ୍ରାୟ ଦେଢ଼ବର୍ଷ ଏ ସବଡିଭିଜନର ସେକେଣ୍ଡ ଅଫିସର କାର୍ଯ୍ୟ ସନ୍ତୋଷଜନକରୂପେ କରି ପୀଡ଼ିତ ହେବାରୁ ତେରମାସ ଛୁଟି ନେଇ ଯାଉଅଛନ୍ତି । ତାଙ୍କ ପରି ଜଣେ ନିରପେକ୍ଷ ବିଚାରକଙ୍କ ଚାଲିଯିବାରୁ ଏଠା ଅଧିବାସୀମାନେ ବିଶେଷ ଦୁଃଖିତ ଅଛନ୍ତି ।

ବାଲାମାଟିଆ ଗ୍ରାମର ଅଳିଆ ମୌଜାର ଉଦ୍ଧବ ଦାସ ନାମକ ଏକ ଗୋପାଳର ବ ୧୧।୧୨ ବର୍ଷ ବୟସ ପୁତ୍ର ବସ୍ତ୍ର ଦାସ ଦେହରେ ପ୍ରାୟ ୫ ୭ ଟଙ୍କା ମୂଲ୍ୟର ଅଳଙ୍କାର ଥିଲା । ରତ୍ନମଣି ଦେଓ୍ୟା ଭର୍ତ୍ତି ଅଣି ସେ ବାଳକକୁ ବୁଢ଼ା ଦେବବୋଲି ପରେ ଘରକୁ ଡାକ ନେଇ ମୁହିଁ ବୁଡ଼ି ଘର ତଳରେ ପୋତି ଦେଇ ଟାଣେନ୍ତେ ସେ ବାଳକ ଗଁ ଗଁ ହୋଇ ତଳେ ପଡ଼ିଗଲ । ଏହା ଶୁଣି ବାଟୋଇମାନେ ଏ ସ୍ଥାନରେ ଆସି ଦେଖିଲେ ଓ ତାକୁ ଜଳ ଦେଇ ହୋସ କରାଇ ତାହାଠାରୁ ସମସ୍ତ ଚୋରି ଦ୍ରବ୍ୟ ଫେରାଇ ଦେଲେ । ପୁଲିଶ ଇନସପେକ୍ଟର ଆସି ନରେନ୍ଦ୍ର ନାଥ ବନ୍ଦ୍ୟୋପାଧ୍ୟାୟ ମାଜିଷ୍ଟ୍ରେଟ ରତ୍ନମଣି ଦେଓ୍ୟାକୁ ଏକ ମାସ ଜେଲ ଦେଇଅଛନ୍ତି ।

ବାବୁ ବସନ୍ତ କୁମାର ଦାସ ଆସିଷ୍ଟାଣ୍ଟ ସବ ଆସିଷ୍ଟାଣ୍ଟ ସର୍ଜନ ଡିସପେନସାରୀ ଏବଂ ତାଙ୍କ ଡାକ୍ତରମାନଙ୍କ ପାଇଁ ୧୦୦ ଟଙ୍କା ମୋକଦ୍ଦମାମାନ ନିଷ୍ପତ୍ତି କରିବାରେ ନିଯୁକ୍ତ ହୋଇଅଛନ୍ତି । ସେମାନେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

ତତ୍ପୂର୍ବଗରେ ପ୍ରଥମ ଜଳ ବର୍ଷା ହୋଇଥିବାରୁ ବେଉଷଣ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେଉଅଛି ଓ ଖାଦ୍ୟ ଦ୍ରବ୍ୟର ଦାମ କମି ହେଉଅଛି । ମୋଟ ଚାଉଳ ଟଙ୍କାରେ ୯ ସେର ପରୁ ୭ ସେର ଓ ଧାନ ସେ ୨୧ ର ବିକ୍ରୟ ହେଉଅଛି ।

ବଳରାମପୁର ବସ୍ତୀରେ ଏବେ ପର୍ଯ୍ୟନ୍ତ ବ୍ୟାଧି ହ୍ରାସ ହୋଇ ନାହିଁ । ଏପରି ପାଞ୍ଚ ଶହ ଡାକମାନେ ଏ ମାସ ୨ ଘର ୮।୧୦ ଜଣ ସ୍ତ୍ରୀ ପୁରୁଷ ମିଳି ବନ ମଧ୍ୟରୁ କାଠ ସକାଶେ ଯାଇ ପୁଣି ବ୍ୟାଘ୍ର କବଳରୁ ରକ୍ଷା ପାଇ ବାହାରୁ ।

## ସାଧାରଣ ସମ୍ବାଦ

ଅଯୋଧ୍ୟାର ନାବାଳକ ମହାରାଜାଙ୍କ ଋଣ ପରିଶୋଧ । ଓ ଉଦ୍ବୃତ୍ତ ୨୪ ଲକ୍ଷ ଟଙ୍କା ଜମା ରହିଅଛନ୍ତି ।

ବାସୁଦେବ ବାବୁଙ୍କ ନାମରେ ପୁତ୍ର ଜଣେ ଏ, ବିଶାଳ ହରିହରପୁର ଗୁରୁଚରଣ ନିବାସୀ ନରେନ୍ଦ୍ର ଦାମୋଦର ଘୋଷ ଜମିଦାରଙ୍କ ଘରେ ଚୋରି ହେଲା ପ୍ରାୟ ୨ ହଜାର ଟଙ୍କାର ନୋଟ ନେଇ ପଳାଇ ଅଛି । ପୁଲିସ ତଦନ୍ତ ହେଉଅଛି । ନୋଟ ମଧ୍ୟରେ ଏକ ହଜାର ଟଙ୍କାର ଓ ଅନ୍ୟ ୫୦୦ ଟଙ୍କାର ଥିଲା । ଉଃ ଦୀଃ

ରଙ୍ଗପୁର ଜିଲ୍ଲା କାକିନାର ସ୍ୱର୍ଗୀୟ ରାଜା ମହିମାରଞ୍ଜନ ରାୟ ଚୌଧୁରୀଙ୍କର ପୁଣ୍ୟାର୍ଥେ ତାହାଙ୍କ ନାମରେ କାକିନାରେ ଯୋଗ ଏ ସଂସ୍କୃତ ଟୋଲ ଏକସ୍ଥାନର ସ୍ଥାପନ କରିଅଛନ୍ତି ଏବଂ ତାହା ଏହି ମାସରୁ ଖୋଲିଅଛି । ପୁତ୍ରର ଏପରି ପିତୃଭକ୍ତି ବଡ଼ ପ୍ରଶଂସନୀୟ ଏବଂ ଅନୁକରଣୀୟ ଅଟେ ।

ଫରିଦପୁରର ଜଣେ ଉଚ୍ଚ ନିବାସୀ ବାବୁ ରମେଶଚନ୍ଦ୍ର ରାୟ ନାମକ ୫ ୨୫୦୦୦ ଟଙ୍କା ମୂଲ୍ୟର ସମ୍ପତ୍ତି ଦାନ ମୁକ୍ତ ପ୍ରଦେଶର ଅର୍ଥ ଫଣ୍ଡରେ ଦେଉଅଛନ୍ତି । ଏଥିର ଉପସ୍ୱତ୍ୱ ଶିକ୍ଷା କାର୍ଯ୍ୟରେ ବ୍ୟୟ ହେବ ।

କଲିକତାରେ ଜଣେ ଓଡ଼ିଆ ବନ୍ଧୁ ପକେଟରେ କୋଚିନା ବିଶ୍ୱ କରିବା ଅପରାଧରେ ୫ ୧୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛି ଓ ତାହାର ସଙ୍ଗର ଉପରେ ମଧ୍ୟ ୫ ୨୫ ଟଙ୍କା ଜରିମାନା ହୋଇଅଛି । ଉଃ ଦୀଃ

Split by PDF Splitter

Digitized by srujanika@gmail.com

ଲେଜାଠାରେ ଜଣେ ସ୍ତ୍ରୀ ନଦୀଅରନ୍ତ ଘାଟରେ ସ୍ନାନ- କରିବା ସମୟରେ ଗୋଟିଏ କୁମ୍ଭୀର ତାହା ମୁଣ୍ଡରେ ଧରିବାରୁ ମୁଣ୍ଡ ଫାଟି ମରିଗଲା ।

ଖୋର ଡକାଏତି ମୋକଦ୍ଦମାରେ ଜଣେ ଅସାମୀ ମୋକ୍ତ- ଆରଙ୍କ ସାମାର୍ଥ୍ୟରୁ ମୁକ୍ତି ପାଇ ଘର ଗଲା ପରେ ଉକ୍ତ ମୋକ- ଦ୍ଦମାରେ ଅସତ୍ୟ ଦେଇଥିବାର ଅଭିଯୋଗରେ ପୁନଶ୍ଚ ଗିରିଫ ହୋଇଥିଲେ । ହାକିମଙ୍କ ଦୌରା ଅଦାଲତରେ ତା ୧୪ ରେ ତାଙ୍କ ମୋକଦ୍ଦମା ବିଚାର ହେବା ଦିନମାନେ ଅସାମୀ କଚେରୀ ଘରୁ ବାହାର କରାଇଲା ଜଳ ସାହେବ ମହୋଦୟ ତା ୧୨ ରିଖ ପ୍ରଧାନ କରିଥିଲେ । ମା ୧୧ ରେ ଦୁଇ ଅସାମୀ ବନ୍ଦୀଘରେ ଧୃତ ହୋଇ ପଦବନ୍ଧ ଚାଲା- ଣରେ ଅଛି ।

କଣ୍ଟକଠାରେ ଶ୍ରୀଯୁକ୍ତ ଦଣ୍ଡିନାଥ ପାଲ ସ୍ୱରାଜ ନାମକ ଯେଉଁ ପାକ୍ଷିକ ପତ୍ରିକା ପ୍ରକାଶ କରୁଅଛନ୍ତି ତାହା କୋମ୍ପା- ନୀରେ ପ୍ରସ୍ତୁତ ହେବା ହେତୁ ସରକାର ଅପଗ୍ରାହରେ ସରେଣ କଲକତ୍ତା ମୋକଦ୍ଦ ନାମକ ଏକ ନାମରେ କୋ- ମ୍ପାନୀର ପ୍ରଧାନ ପ୍ରେସିଡେନ୍ସି ମାଜିଷ୍ଟ୍ରେଟଙ୍କ ଅଦାଲତରେ ମୋକଦ୍ଦମା ଦାଖଲ ହୋଇ ବିଚାର ଚାଲିଅଛି । କଣ୍ଟକରେ ଯେଉଁ ପତ୍ରିକା ସରକାରଙ୍କ ବିରୁଦ୍ଧ ଥିଲା ହେତୁ ବନ୍ଦ ନ ହେଲା ତାହା ଖାଲି ପଣ୍ଡିତ ଲୋକଙ୍କ ପତ୍ରିକାକୁ ଦେବାରେ ଅପରାଧ ହେବା କେଉଁ ନ୍ୟାୟ ?

କାଶିକର ଧନପତି ମିଶ୍ର ବାଳକ ନାମକ ଜଣେ ବ୍ରାହ୍ମଣ ପୁଅ ଲେକ ଓ ଗରିବଲୋକଙ୍କ କନ୍ୟା ଶୁଦ୍ଧଜାତି ଉଭୟ ଗଣା କରିବାରୁ ରାଜଦ୍ରୋହ ସୂଚକ ଦଣ୍ଡବିଧି ଅନ ଯାୟୀ ୧୨୪ ଏ ଧାରା ଅନୁସାରେ ଧୃତ ହୋଇଅଛି ।

ମାର୍କିନ ସହର ମେକ୍ସିକୋଠାରେ ପ୍ରବଳ ଭୂମିକମ୍ପ ହୋଇ ଗୋଟି ନଗର ବିଧ୍ୱସ୍ତ ଏବଂ ଅନେକ ନଗରର ଅର୍ଦ୍ଧେକ ଧ୍ୱଂସ ହୋଇଅଛି । ଶତ ଲୋକ ମୃତ୍ୟୁମୁଖରେ ପଡ଼ି ଅଛନ୍ତି । ଯେଉଁମାନେ ବଞ୍ଚି ଅଛନ୍ତି ସେମାନେ ପଦେ ପଦେ ବିପଦ ଭୋଗ କରୁଅଛନ୍ତି ।

ପୁରିଦ୍ୱାର ସମୀପ ହରଦ୍ୱୀପ ମଠବାହାରରେ ଦଶାଦି ଅଧିକ ସେଠାରେ ସାଧୁ ସନ୍ଥମାନେ ଏକତ୍ର ହୋଇ ଉକ୍ତ ମାସ ତା ୫ ରିଖରେ ଏହିପରି ବାହାର ଯାଉଅଛନ୍ତି । ସମାଜମାନଙ୍କ ସହିତ ଦେଖା ସାକ୍ଷାତ କରିବେ ଏ ବିଷୟର ପରବର୍ତ୍ତୀ ବିଚାର ଶୁଣିବେ ଏବଂ ଏହା କୋଉ ବାତୁଳ ମାତ୍ର ।

କଣ୍ଟାବୀଠାରେ ଅନେକ ପୁରୁଷ ମହିଳା ଗଣା ଅଛି । ଉଭୟ ମଧ୍ୟରୁ ଗୋଟି ଇଂରେଜ ଗଣ୍ଠି ଶୁଦ୍ଧ ସ୍ୱାଧୀନ ଚରିତ୍ର- ଷ୍ଟିମାନେ ହସ୍ତକ୍ଷେପ କରିବାର ଚେଷ୍ଟା କରୁଅଛନ୍ତି । ଯେଉଁ ଗଣ୍ଠି ଏବଂ ଘଣ୍ଟାର ଭୂମି ଏମାନେ ଅଧିକାର କର- ବେ ତହିଁର ପରିମାଣ ୬୦୦ ଏକର ଅଟେ । ଏଠାରେ ବୋଲ ଦେଶୀୟ ଲୋକେ ସମସ୍ତ ଗଣ୍ଠି ଚଳାଉଥିଲେ । ଅତଏବ ଦେବାରୁ ବିନା କାରଣରେ ଲୋକେ ଏ ଅଧିକାର ଛଡ଼ାଇ ନେବାକୁ ବସିଅଛନ୍ତି ?

ସମ୍ପ୍ରେରକଙ୍କ ପ୍ରଶ୍ନ ।

ଶ୍ରୀ ଗଜପତିଙ୍କ ସାଟିଫି—କେତେ ପୋଡ଼ାଗ ହାକିମମାନେ ପୋଡ଼ାଙ୍କ ଉପଯୁକ୍ତ ଅଧିକ ନ ଦେଇ ହେଲା ପୋଡ଼ାମାନ ଗାଡ଼ିରେ ଲଗାଇ ଦିଆ ଯାଉ ଅଛନ୍ତି ପରାକ୍ରମ କରାଯିବ ଏବଂ ଏକ ଉପସ୍ଥିତ ଗାଡ଼ିବାନମାନଙ୍କ ଅତଏବ ବୋଝାଇ ବର ବିଷୟ ଦେଉଥିବାରୁ ପ୍ରଭାବ ସାଧାରଣଙ୍କ ଦେଖିଥିଲେ । ଏଥିରୁ ଏ ନଗରରେ ପଶୁ କ୍ଲେଶ ନିବାରିଣୀ ସଭାଙ୍କ ଦୃଷ୍ଟି ଏବଂ ପୁଲିସ ଯେତେବେଳେ ଦେଖି ଅବଶ୍ୟ ଦଣ୍ଡ ପାଇ- ବାବାରେ ବନ୍ଦୋବସ୍ତ କା ପୁଲିସରେ ସମ୍ବାଦ ଦେବେ କି ଦେବେ ନାହିଁ ଜାଣେ । ହଁ ?

ଶ୍ରୀ ଶ୍ୟାମଚରଣ ମିଶ୍ର ଜନିଦାର—ଗତ ତା ୩୧ ରିଖ ର ପତ୍ରିକାରେ ଯେଉଁ ପତ୍ର ଆପଣଙ୍କ ନାମରେ ଛପାଇ ଦିଆଯାଇ ହୋଇଅଛି ତାହା ଆପଣ ପଠାଇ ନ ଥିବାର ଲେଖିଅଛନ୍ତି । ଆପଣଙ୍କର ନାମ ସ୍ୱାକ୍ଷର କରି ଯେ ବ୍ୟକ୍ତି ସେ ପତ୍ର ପଠାଇ ଥିଲେ ଯେବେ ଲେଖା ଦେଖି ତାହାଙ୍କୁ ଧରିପାରନ୍ତି ଓ ତାହାଙ୍କ ନାମରେ ମୋକଦ୍ଦମା କରିବାର ଇଚ୍ଛା କରନ୍ତି ତେବେ ଆପଣ ଓ ବେଙ୍କଟ ମଣ୍ଡଳ ଉଭୟ ସ୍ୱୟଂ ଆସି ଯଦି ଦେଖା ପଠାଇଲେ ସେ ପତ୍ର ପଠାଇ ଦେଇପାରୁଁ ।

ଗୋପାଳଚନ୍ଦ୍ର ଦାସ—ଅସ୍ୱାକ୍ଷରିତ ପତ୍ରମାନ ପ୍ରାପ୍ତିମାତ୍ରେ ପଢ଼ା ନଯାଇ ନଷ୍ଟ କରାଯାଏ । ସୁତରାଂ ସେ ସମ୍ବନ୍ଧରେ ଆଉ କିଛି ହୋଇ ନ ପାରେ ।

ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମିତ୍ତ ଆମ୍ଭେ- ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

ଏଠା ଜଣ୍ଟ ମାଜିଷ୍ଟ୍ରେଟଙ୍କ ଗୃହରେ ଜୁନମାସ ତା ୨୧ ରିଖ ରାତିରେ ୧୧୦୦୦ (ଏଗାର ହଜାର) ଟଙ୍କା ମୂଲ୍ୟର ଉନ୍ନଖଚିତ ଗହଣାମାନ ଚୋରି ହୋଇଥିଲା । ଏଠାର ହୋଟେଲକୀପରଙ୍କ ବାବୁ ଶ୍ରୀ ଦାମୋଦର ରଥ ସୁକୌଶଳପୂର୍ଣ୍ଣ ଉଦ୍ଯୋଗ- ରେ ତେନ୍ତ କରି ସୋନପୁର ନିବାସୀ ଏକ ଜଣ, ପାଟଣା ବାସୀ ଏକଜଣ ଅନ୍ଗୁଳ ବାସୀ ଏକ ଜଣ ଆଉ ତିନିଜଣ ସମ୍ବଲପୁରବାସୀ ଏପରି ୬ ଜଣଙ୍କୁ ଧରାଇ ଦେଇଥିଲେ, ତିନିମାସ ପୂର୍ବ ତାହାଙ୍କର ସମସ୍ତ ପୂର୍ବବର୍ଷ ଲେଖାଏଁ ମିଆଦ ପାଇଲେ । ସମ୍ପ୍ରତି ପ୍ରାୟ ଅଠହଜାର ଟଙ୍କାର ମାଲ ବରାମଦ ହୋଇଅଛି । ବାକୀ ମାଲ ବିଷୟରେ ଚୋରମାନେ ପୁଲିସ ପୂର୍ବକୁ କହିଲେ । କାମାଲ ଉଦ୍ଧାରକରିବା ବିଷୟରେ ଚେଷ୍ଟା କରି ପୁଲିସବାଲାମାନେ ମାରପିଟ କର- ଥିବାର ଡେପୁଟି ମାଜିଷ୍ଟ୍ରେଟଙ୍କ ଆଗରେ କହି- ବାରୁ ତାହାଙ୍କ ଦାଲିଲ ଗ୍ରହଣ କରି ତାଙ୍କୁର- ମଙ୍କ ଜବତ କଲେ ଅସାମୀ ପ୍ରମାଣ ଗ୍ରହଣ କରି ମୋକଦ୍ଦମା ମିଥ୍ୟା ଥିବାର ପ୍ରକାଶ କରି ଶ୍ରେୟସ୍କଙ୍କ ଉପରେ ଦଣ୍ଡବିଧି ଆଇନର ୨୧୧ ଧାରା ମୋକଦ୍ଦମା ଚଳୁଅଛି ।

ଗତ ଦୌରା ଅଧିବେଶନରେ ଧୋବାଚନ୍ଦ୍ରାଭ ନାମକ ଜଣେ ଲୋକ ତାହାର ସ୍ତ୍ରୀକୁ ରକ୍ଷା କରିବା ସକାଶେ ଗୋଟିଏ ନରହତ୍ୟା ମୋକ- ଦ୍ଦମାରେ ମିଥ୍ୟା ସାକ୍ଷ୍ୟ ଦେଇଥିବାରୁ ତାହାଙ୍କ ନାମରେ ୧୯୩ ଧାରା ଅନୁସାରେ ମୋକଦ୍ଦମା ଚଳୁଅଛି ।

ଉପରୋକ୍ତ ଦୁଇ ମୋକଦ୍ଦମାରେ ମାନ୍ଦ୍ରାଜ ଉଚ୍ଚ- ଅଳ ଭକ୍ତ ଜଣ ଓକିଲ ଓ ସର୍କାରି ତରଫର କୋର୍ଟ ଇନସ୍ପେକ୍ଟର ମକଦ୍ଦମା ଚଳାଇଥିଲେ ଉପରୋକ୍ତ ମକଦ୍ଦମା ଦେଖିବା ପାଇଁ ବହୁ ସଂଖ୍ୟକ ଲୋକ ଅଦାଲତରେ ଉପସ୍ଥିତ ହେଉଥିଲେ ।

ଏଠା ହାଇ ସ୍କୁଲର ପ୍ରଧାନ ପଣ୍ଡିତ ଜଣ ଶିକ୍ଷକ ଉତ୍କଳର ପାସ କରିଥିବାରୁ ତାହାଙ୍କ ସ୍ଥାନରେ ୮୦ ଟଙ୍କା ବେତନରେ ଜଣେ ସଣାସାଟ ନାମୀ ନାୟକ ହୋଇ ଆସିଅଛନ୍ତି । ଆଉ ଜଣେ ମଧ୍ୟ ନିମ୍ନ ଶ୍ରେଣୀର ଶିକ୍ଷକ ବଙ୍ଗବାସୀ ଅଛନ୍ତି । ସେ ନିମ୍ନ ଶ୍ରେଣୀରେ ଉତ୍କଳ ସାହିତ୍ୟ ଶିକ୍ଷକ ଥାନ୍ତି । ଓଡ଼ିଆରେ କ ଉତ୍କଳ ସାହିତ୍ୟର ଉନ୍ନତି ହେବ ନାହାନ୍ତି ? ବୋଧହୁଏ ଦଉଶ୍ରୀ ଓଡ଼ିଆଙ୍କ କପାଳ ପୋଡ଼ା ।

କେବଳ ନାମକ ଜଣେ ମୁସଲମାନ ତାହାର ନୋଡ଼ି ବାପ ଘରୁ ବହୁତ ଜୌତୁକ ନ ଆଣିବାରୁ ତାକୁ ମାଡ଼ ମାରି ତାହାର ହାତ ହାଡ଼ ଭାଙ୍ଗି ଦେଇଥିବାରୁ ଶ୍ରୀ ବାବୁ ମନ୍ମଥନାଥ ସେନଙ୍କ ହସ୍ତରେ ତିନି ମାସ କାରାଦଣ୍ଡ ଓ ତିନିଶତ ଟଙ୍କା ଜୋରିମାନା ଦଣ୍ଡରେ ଅନାଦ ମାସ ତାହାର ଣରେ ଦଣ୍ଡିତ ହେଲେ ।

ଏଠାର ପ୍ରଧାନ ସେଠ ଓ ବେଞ୍ଚ ମାଜିଷ୍ଟ୍ରେଟ ବାବୁ ଚୁନିଲାଲ ମାରୱାଡ଼ି ଗୋଟିଏ ମ୍ୟୁନିସିପାଲ ପାଣିଅଳ୍ପ ଭାଙ୍ଗି ପ୍ରହାର କରିଥିବାର ଶ୍ରୀ ବାବୁ ବଙ୍କବିହାରୀ ସିଂହଙ୍କ ହସ୍ତରେ ୮୦ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ ହେଲେ ।

ଏଠାର ସୁଯୋଗ୍ୟ ଡାକ୍ତର ସାହେବ ବାରଗ- ଘରକୁ ବଦଳି ହୋଇ ଯାଉଥିବାରୁ ଏଠାର ସମସ୍ତ ଲୋକେ ଦୁଃଖିତ ! ସମ୍ବଲପୁର ତାପାଳରେ ଭଲ ଲୋକ ରହିବ ନାହିଁ ।

ଗତ ମାସ ଏକ ତାରିଖରେ ଏଠା ଫ୍ରେଜର କ୍ଲବରେ ଗୋଟିଏ ସଭା ହୋଇଥିଲା । ସହରର ମାନ୍ୟଗଣ୍ୟ ସମସ୍ତ ଭଦ୍ର ଲୋକ ଉପସ୍ଥିତ ଥିଲେ । ବାବୁ ବାସୁଦେବ ଗୁରୁ ସଭାପତିର ଆସନ ଗ୍ରହଣ କରିଥିଲେ । ଏ ଜିଲ୍ଲାରେ ପ୍ରଜାମାନେ ଉନ୍ନତ ଯୋଗାଡ଼ବାରେ ବିଶେଷ କଷ୍ଟ ସହ୍ୟ କରୁଥିବାରୁ ସେମାନଙ୍କ ଦୁଃଖର ପ୍ରତିକାର ପାଇଁ ସର୍କାରଙ୍କୁ ଦୁଃଖ ଜଣାଇବାର ସ୍ଥିର ହେଲା ।

ତା ୭।୮।୦୯ }                ବଶମ୍ବଦ
ସମ୍ବଲପୁର }                ଶ୍ରୀ —

☞ ସମ୍ବାଦ ପତ୍ରିକା ମତର ସମ୍ପାଦକ ସମୀପରେ ଯେଉଁ ଅବେଦନ ପତ୍ର ପଠାଯିବ ତହିଁର ପ୍ରତିଲିପି ଏଣିକି ଅନ୍ୟ- ମାନଙ୍କ ନିକଟକୁ ପଠାଇବା ସକାଶେ ପତ୍ରପ୍ରେରକଙ୍କୁ ଅନୁରୋଧ କରୁଅଛୁଁ । ସଂ